

ବକ୍ସ ଅଫିସ୍ ରେକର୍ଡ ନୁହେଁ,
ମନଛୁଆଁ କାହାଣୀ ଖୋଜନ୍ତି
ଶ୍ରଦ୍ଧା

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-130 ♦WEDNESDAY ♦4 NOVEMBER 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୧୩୦ ♦ବୁଧବାର ♦୪ ନଭେମ୍ବର ୨୦୨୬ ♦ପୃଷ୍ଠା-୧୨ ♦₹.୭.୦୦

TATA ଉତ୍ପାଦନ

TANISHQ
Adhyantara
ମହାଜାଗତିକ ଆଶ୍ଚର୍ଯ୍ୟ, ଆପଣଙ୍କ ପାଇଁ ସୃଜିତ

ଉଚ୍ଚ ₹301 ଛାଡ଼*
ପ୍ରତି ଗ୍ରାମ ସୁନା ଅଳଙ ୍କାର ଉପରେ

20% ପର୍ଯ୍ୟନ୍ତ ଛାଡ଼*
ଗୋଲ୍ଡ ଜ୍ୱେଲରୀର ଗଢା ମଜୁରୀ ଉପରେ ଓ
ଡାଇମଣ୍ଡ ମୂଲ୍ୟ ଉପରେ



ଆପଣଙ୍କ ପାଇଁ ଏକ ବିଜୟ।
ଭାରତ ପାଇଁ ଏକ ବିଜୟ।

સોનાનાં એક્સચેન્જની સૌથી પારદર્શક પ્રક્રિયા, જે તમને તમારા જૂનાં સોનાં માટે શ્રેષ્ઠ મૂલ્ય આપે છે અને ભારતને તેની આયાત ઘટાડવામાં મદદરૂપ થાય છે.

—WIN-WIN—
EXCHANGE

0%
ଫ୍ଲାଟ୍ 0% କଟାଣ*
ଯେକୌଣସି ଜ୍ୱେଲର୍ଙ୍କର
(18 କ୍ୟାରେଟ ଏବଂ ତା'ଠାରୁ ଅଧିକ)
ପୁରୁଣା ସୁନା ସକାଶେ।

- କୌଣସି ଲୁଚାଛପା କଟାଣ ନାହିଁ
- ବର୍ଷସାରା ବିନିମୟ
- ଏକ ବ୍ୟାପକ ସମ୍ଭାରର ନୂତନ ଏବଂ ସ୍ୱତନ୍ତ୍ର ଡିଜାଇନ୍ ସହିତ ନିଜକୁ ଅପଗ୍ରେଡ୍ କରନ୍ତୁ
- ବାହାଘର, ପର୍ବପର୍ବାଣୀ ଓ ବିଶେଷ ଅବସର ଲାଗି ବିନିମୟ କରନ୍ତୁ

ଗୋଲ୍ଡ ରେଟ୍ ପ୍ରୋଟେକଶନ୍ – ଅଗ୍ରୀମ ବୁକ୍ କରନ୍ତୁ ଏବଂ ବର୍ଦ୍ଧିତ ଗୋଲ୍ଡ ରେଟ୍ ବିପକ୍ଷରେ ସୁରକ୍ଷିତ ରୁହନ୍ତୁ*

UP TO ₹7,500 INSTANT DISCOUNT* SBI card
#Min. Trxn.: ₹1,00,000. Valid on one transaction per card.
Validity: 02 Nov - 08 Nov 2026. T&C Apply.

Talk to our jewellery expert to know more 1800 2966 677
Buy online at tanishq.co.in or Download our App *Conditions apply.

Scan for an immersive cosmic experience

Bhubaneswar : Chandrasekharpur - 7205050700 | Master Canteen Square - 9238307043 | Saheed Nagar - 0674-3545757
Amalapada, Lane - 2, Anugola - 9090066000, 8147485152 | Cantonment Road, Kataka - 9238307044

ବିଶେଷ ଟିପ୍ପଣୀ



ଦିଆ ମୀର୍ଜାଙ୍କ ଦୀପାବଳି ସଚେତନତା ଭିଡିଓ ହଟାଇ ବିଏମ୍‌ସି ଅପରାଧ କରିଛି । ଏଥିପାଇଁ ଶାସକ ଦଳ ବିଜେପି କ୍ଷମା ପ୍ରାର୍ଥନା କରିବା ଆବଶ୍ୟକ ।

-ସଚିନ୍ ସାୱନ୍ତ (ମହାରାଷ୍ଟ୍ର କଂଗ୍ରେସ ମୁଖପାତ୍ର)



ଦିଆ ମୀର୍ଜାଙ୍କ ଭିଡିଓ ହଟାଯିବା ଏକ ମାମୁଲି ପ୍ରସଙ୍ଗ । ଏହାକୁ ମୁଁ ଗୁରୁତ୍ୱ ଦିଏନାହିଁ । ଏହା ମୋ ସ୍ତରର ମାମଲା ନୁହେଁ ।

- ଦେବେନ୍ଦ୍ର ଫଡ଼ନାଭିସ (ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ)

ଜେନ୍ Z

ପର୍ବପର୍ବାଣୀ ସମୟରେ ବିଜେପିର ଦେଶବ୍ୟାପୀ ପଦଯାତ୍ରା ଯୋଗୁଁ ବ୍ୟବସାୟଗୁଡ଼ିକ କେତେ ହଜାର କୋଟି ଟଙ୍କା କ୍ଷତି ସହୁଛନ୍ତି? ଆଶା ଯେ ବ୍ୟବସାୟ ସଂଗଠନ ଏବଂ ଖବରଦାତା ମାନେ ହିସାବ କରି ତୁରନ୍ତ ଏହି ପରିମାଣ ଉପରେ ରିପୋର୍ଟ କରିବେ ।

-ଆଶୁତୋଷ @ashutosh83B

ଦିଆ ମିର୍ଜାଙ୍କ ଦୀପାବଳି ବିଜ୍ଞାପନ ନେଇ ବିବାଦ



■ ବିଏମ୍‌ସି କାର୍ଯ୍ୟ ଧର୍ମନିରପେକ୍ଷତା-ବିରୋଧୀ: ବମ୍ବେ ହାଇକୋର୍ଟ
■ ଭିଡିଓ ପୁନଃପ୍ରସାରଣ ପାଇଁ ନିର୍ଦ୍ଦେଶ

ମୁମ୍ବଇ,୩।୧୧(ଏଜେନ୍ସି): ମୁମ୍ବଇ ପୌରପାଳିକା (ବିଏମସି) ଦ୍ୱାରା ଅଭିନେତ୍ରୀ ଦୀଆ ମିର୍ଜାଙ୍କ ପ୍ରଦୂଷଣମୁକ୍ତ ଦୀପାବଳି ସଚେତନତା ଭିଡିଓ ହଟାଯାଇଛି । ଏହି ଘଟଣାରେ ବମ୍ବେ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି । ରାଜନେତାମାନଙ୍କ ଅବାନ୍ତର ମନ୍ତବ୍ୟକୁ କଡ଼ା ସମାଲୋଚନା କରିଛନ୍ତି । କୋର୍ଟ ନାଗରିକଙ୍କ ସମ୍ବିଧାନ ପ୍ରତି ଆସ୍ଥା ଫେରାଇ ଆଣିବା ପାଇଁ ଭିଡିଓଟିକୁ ପୁନଃ ଅପଲୋଡ୍ କରିବାକୁ ବିଏମସିକୁ ପରାମର୍ଶ ଦେଇଛନ୍ତି । ଜଷ୍ଟିସ ଗିରୀଶ କୁଲକର୍ଣ୍ଣି ଏବଂ ଜଷ୍ଟିସ ନୀଲା ଗୋଖଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ । ଖଣ୍ଡପୀଠ କହିଛନ୍ତି ଯେ, ମୁମ୍ବଇ ସହର ଭାଇଚାରା ଓ ଏକତା ଆଧାରରେ ଚାଲେ । ଏହି ଭାରସାମ୍ୟ କୌଣସି ଅବାନ୍ତର ମନ୍ତବ୍ୟ ଦ୍ୱାରା ଖରାପ ହେବା ଉଚିତ ନୁହେଁ । କୋର୍ଟ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଭାରତ ଏକ ଧର୍ମନିରପେକ୍ଷ ଦେଶ । ପରିବେଶ ପ୍ରଦୂଷଣ ସମସ୍ତଙ୍କ ସ୍ୱାସ୍ଥ୍ୟ ସହ ଜଡ଼ିତ, ଯାହା ଧର୍ମ କିମ୍ବା ଜାତି ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରଭାବିତ କରିଥାଏ । ସୂଚନାଯୋଗ୍ୟ, ବାଣ ଫୁଟାଇବା ଦ୍ୱାରା ହେଉଥିବା ବାୟୁ ଓ ଶବ୍ଦ ପ୍ରଦୂଷଣ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ବିଏମସି ଦୀଆ ମିର୍ଜା, ମାଧୁରୀ ଦୀକ୍ଷିତ, ନିଶିଗନ୍ଧା ୱାଡ୍ ଏବଂ କ୍ରିକେଟର ଅଜିଙ୍କ୍ୟ ରାହାଣେଙ୍କ ଭିଡିଓ ପ୍ରସ୍ତୁତ କରିଥିଲା । ମାତ୍ର ମୁମ୍ବଇ ବିଜେପି ସଭାପତି ଅମିତ ସାତମ୍ ଏବଂ ମେୟର ରିତୁ ତାୱଡେ ଦୀଆଙ୍କ ଅଂଶଗ୍ରହଣକୁ ନେଇ ଆପତ୍ତି ଉଠାଇଥିଲେ । ଏହାପରେ ବିଏମସି ଏହି ଭିଡିଓଟିକୁ ସୋସିଆଲ ମିଡିଆରୁ ହଟାଇ ଦେଇଥିଲା । ଅନ୍ୟପକ୍ଷରେ, ଅଭିନେତ୍ରୀ ଦୀଆ ମିର୍ଜା କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜନସ୍ୱାର୍ଥରେ ପ୍ରସ୍ତୁତ ଭିଡିଓକୁ ନେଇ ହେଉଥିବା ବିରୋଧକୁ ପ୍ରଶ୍ନ କରିଛନ୍ତି । କୋର୍ଟ ଏହି ଘଟଣାରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ ଜନସଚେତନତା ପାଇଁ ଚାଲିଥିବା ଏପରି ମହତ୍ କାର୍ଯ୍ୟରେ ଗୋଷ୍ଠୀକନ୍ଦଳ ପାଇଁ କୌଣସି ସ୍ଥାନ ନାହିଁ ।

ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ସ୍ଥଳ ଦଖଲ କରି ରଖାଯାଇପାରିବ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩।୧୧(ଏଜେନ୍ସି): ଦିଲ୍ଲୀରେ ହେଉଥିବା ବିକ୍ଷୋଭ ପ୍ରଦର୍ଶନକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଯେ, କୌଣସି ଆନ୍ଦୋଳନ ସ୍ଥଳକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦଖଲ କରି ରଖାଯାଇପାରିବ ନାହିଁ । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି । ଆନ୍ଦୋଳନ କରିବାର ଅଧିକାର ସହିତ ଅନ୍ୟ ନାଗରିକଙ୍କ ଜୀବିକା ନିର୍ବାହର ଅଧିକାର ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଅତ୍ୟନ୍ତ ଜରୁରୀ ବୋଲି ସର୍ବୋଚ୍ଚ ଅଦାଲତ ଗୁରୁତ୍ୱାରୋପ କରିଛନ୍ତି । ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ହେଉଥିବା ଆନ୍ଦୋଳନ ଯୋଗୁଁ ବ୍ୟବସାୟୀମାନଙ୍କର କୋଟି କୋଟି ଟଙ୍କାର କ୍ଷତି ହେଉଥିବା ନେଇ ବ୍ୟବସାୟୀ ସଂଗଠନ ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (ସିଟିଆଇ) ପକ୍ଷରୁ ଏକ ଆବେଦନ କରାଯାଇଥିଲା । ଏହି ମାମଲାରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର, ଦିଲ୍ଲୀ ପୁଲିସ ଏବଂ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କଠାରୁ ଜବାବ ତଲବ କରିଛନ୍ତି । ବାରମ୍ବାର ଦୋକାନ ବଜାର ବନ୍ଦ ଓ ଧରଣା ଯୋଗୁଁ ବ୍ୟବସାୟୀମାନେ ଭୀଷଣ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ନଭେମ୍ବର ୧ରେ ରାମଲୀଳା ମୈଦାନରେ ଆୟୋଜିତ ରାଲି ଯୋଗୁଁ ଦିଲ୍ଲୀ ବ୍ୟବସାୟରେ ପ୍ରାୟ ୧୧,୦୦୦ କୋଟି ଟଙ୍କାର କ୍ଷତି ଘଟିଥିବା ସିଟିଆଇ ପ୍ରକାଶ କରିଛି । ଗତ ଗୋଟିଏ ମାସ ମଧ୍ୟରେ ମୋଟ କ୍ଷତି ପ୍ରାୟ ୧୪,୦୦୦ କୋଟି ଟଙ୍କାରେ ପହଞ୍ଚିଛି ବୋଲି ସଂଗଠନ ଦାବି କରିଛି । ଶୁଣାଣି ବେଳେ ଖଣ୍ଡପୀଠ ନିଜ ମନ୍ତବ୍ୟରେ କହିଛନ୍ତି ଯେ, "ସମସ୍ତଙ୍କର ପ୍ରତିବାଦ କରିବାର ଅଧିକାର ରହିଛି, ମାତ୍ର ନିର୍ଦ୍ଦିଷ୍ଟ ସମୟ ଓ ସୀମା ଭିତରେ ହିଁ ଆନ୍ଦୋଳନ କରାଯିବା ଉଚିତ । ଅନ୍ୟ ନାଗରିକ, ଚାଷୀ ଓ ସାମ୍ବାଦିକମାନଙ୍କର ମଧ୍ୟ ନିଜର ଦାବି ଉପସ୍ଥାପନ କରିବାର ସୁଯୋଗ ରହିବା ଦରକାର' । ଆନ୍ଦୋଳନ ପାଇଁ ଅନୁମତି ଦେବା ସମୟରେ ଏହାର ସର୍ତ୍ତାବଳୀ ସ୍ପଷ୍ଟ ଭାବେ ନିର୍ଦ୍ଧାରିତ ହେବା ଆବଶ୍ୟକ ବୋଲି କୋର୍ଟ ସୂଚାଇଛନ୍ତି । ଅନ୍ୟପଟେ, ଆନ୍ଦୋଳନ ସମୟରେ ମହିଳା ସାମ୍ବାଦିକମାନଙ୍କ ଉପରେ ହୋଇଥିବା ଆକ୍ରମଣ ଅଭିଯୋଗର ଶୁଣାଣି ନଭେମ୍ବର ୨୩ ତାରିଖରେ ପୃଥକ୍ ଭାବେ କରାଯିବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ।



ଦିଲ୍ଲୀ ପୁଲିସ ମୁଖ୍ୟାଳୟ ସାମନାରେ ପୁଲିସର ବିକ୍ଷୋଭ: ଏସିପି ନିଲମ୍ବିତ

ନୂଆଦିଲ୍ଲୀ,୩।୧୧(ଏଜେନ୍ସି): ଦିଲ୍ଲୀ ପୁଲିସ ମୁଖ୍ୟାଳୟ ବାହାରେ ପୁଲିସ କର୍ମଚାରୀଙ୍କ ନୋଟିସ-ବିହୀନ ବିକ୍ଷୋଭର ନେତୃତ୍ୱ ନେଉଛନ୍ତି ପୁଲିସ ଆୟୁକ୍ତ (ଏସିପି) ମାନସଭୀ ବଶିଷ୍ଠ । ସେଥିପାଇଁ ମଙ୍ଗଳବାର ତାଙ୍କୁ ନିଲମ୍ବିତ କରାଯାଇଛି । ସୋମବାର ପ୍ରାୟ ୧୫୦ ଜଣ ଦିଲ୍ଲୀ ପୁଲିସ କର୍ମଚାରୀ ମୁଖ୍ୟାଳୟ ଆଗରେ ଏକତ୍ରିତ ହୋଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଏବଂ ଅଫିସରଙ୍କ ବଦଳି ବିରୋଧରେ ପ୍ରତିବାଦ କରିଥିଲେ । ଅକ୍ଟୋବର ୨୩ରେ ଦିଲ୍ଲୀର ଶାହଦରା ପୁଲିସ ଷ୍ଟେସନରେ ପୁଲିସ ଏବଂ ଓକିଲମାନଙ୍କ ମଧ୍ୟରେ ହୋଇଥିବା ସଂଘର୍ଷ ଏହି ଆନ୍ଦୋଳନର ମୂଳ କାରଣ ରହିଥିଲା । ସଂଘର୍ଷରେ ଓକିଲ ଲଲିତ ବଂଶଲ ଗୁରୁତର ଭାବେ ଆହାତ ହୋଇଥିଲେ । ଓକିଲମାନଙ୍କ ବିରୋଧ ଏବଂ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆରମ୍ଭ ହୋଇଥିବା ଧର୍ମଘଟକୁ ଶାନ୍ତ କରିବା ପାଇଁ ପୁଲିସ ପ୍ରଶାସନ ଏସିପି ବଶିଷ୍ଠ ଏବଂ ଶାହଦରା ଥାନା ଅଧିକାରୀ (ଏସଏଚଓ) ଇନ୍ସପେକ୍ଟର ଅରୁଣ କୁମାରଙ୍କୁ ଅନ୍ୟତ୍ର ବଦଳି କରିଥିଲା । ଏହି ବଦଳି ଆଦେଶକୁ ବିରୋଧ କରି ପୁଲିସ କର୍ମଚାରୀମାନେ "ପୋଷାକର ଅପମାନ ସହିବୁ ନାହିଁ' ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେମାନେ ନିଜର ଦୁଇ ଅଫିସରଙ୍କୁ ପୁନଃ ପଦବୀରେ ଅବସ୍ଥାପିତ କରିବା ଏବଂ ଗୁଣ୍ଡାଗିରି କରୁଥିବା ଆଇନଜୀବୀମାନଙ୍କ ବିରୋଧରେ ଏଫଆଇଆର ରୁଜୁ କରିବା ପାଇଁ ପୁଲିସ କମିସନର ଅନୁରାଗ କୁମାରଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ କରିଥିଲେ । ଏହା ପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଏସିପି ବଶିଷ୍ଠଙ୍କୁ ନିଲମ୍ବନ କରାଯାଇଛି ।



ଓମାନରେ ଭାରତୀୟ ଜାହାଜ ଉପରେ ଆକ୍ରମଣ: ନାବିକ ମୃତ

ନୂଆଦିଲ୍ଲୀ,୩।୧୧(ଏଜେନ୍ସି): ଓମାନ ଉପକୂଳ ସମୁଦ୍ରପଥରେ ୧୪ ଜଣ ଭାରତୀୟ ନାବିକଙ୍କୁ ନେଇ ଯାଉଥିବା ଭାରତୀୟ ପତାକାଧାରୀ ପଣ୍ୟବାହୀ ଜାହାଜ ଏମଏସଭି ଅଲ କୁସୁଫି ଉପରେ ଆକ୍ରମଣ ହୋଇଛି । ଆକ୍ରମଣରେ ଗୁଜରାଟର ନାବିକ ଗନ୍ଧାର ନାହିମ ଅଜିଜଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୧୩ ଜଣ ନାବିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ସୂଚନା ଅନୁଯାୟୀ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଅଲ ହାମରିୟା ବନ୍ଦରରୁ ଗୁଜରାଟର ପୋରବନ୍ଦର ଅଭିମୁଖେ ଯାତ୍ରା କରୁଥିବା ସମୟରେ ଜାହାଜଟି ସୋମବାର ଏହି ଆକ୍ରମଣର ଶିକାର ହୋଇଥିଲା । ଆକ୍ରମଣ ପରେ ଓମାନ କୋଷ୍ଟଗାର୍ଡ ତୁରନ୍ତ ପଦକ୍ଷେପ ନେଇଥିଲେ । ସେମାନେ ୧୩ ଜଣ ଭାରତୀୟ ନାବିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ତେବେ ଗୁରୁତର ଆହତ ହୋଇ ଗୁଜରାଟର ନାବିକ ଗନ୍ଧାର ନାହିମ ଅଜିଜ ପ୍ରାଣ ହରାଇଥିଲେ । ଏହି ଘଟଣାରେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ଓମାନରେ ଥିବା ଭାରତୀୟ ଦୂତାବାସ ଏବଂ ମନ୍ତ୍ରଣାଳୟ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଅଛନ୍ତି । ଉଦ୍ଧାର ନାବିକଙ୍କୁ ସହାୟତା ଯୋଗାଇବା ସହ ମୃତଦେହ ପ୍ରତ୍ୟାବର୍ତ୍ତନ ପାଇଁ କାର୍ଯ୍ୟ କରୁଛନ୍ତି । ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏହି ଆକ୍ରମଣକୁ କଡ଼ା ନିନ୍ଦା କରିବା ସହ ଅନ୍ତର୍ଜାତୀୟ ଜଳପଥରେ ବାଣିଜ୍ୟିକ ଜାହାଜ ଏବଂ ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣ ବନ୍ଦ କରିବାକୁ ଦାବି କରିଛି ।



ଥମୁନି 'ବିଦେଶୀ-ସମ୍ପର୍କ' ନିଆଁ

■ ରାହୁଲ ଭାରତ-ବିରୋଧୀ ଶକ୍ତିଙ୍କ ଏଜେଣ୍ଡା ଚଳାଇଛନ୍ତି: ରିଜିଜୁ
■ ବିତର୍କ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ପୁଣି ରାହୁଲଙ୍କ ଆହ୍ୱାନ

ନୂଆଦିଲ୍ଲୀ,୩।୧୧(ଏଜେନ୍ସି): ବିଦେଶୀ ଶକ୍ତି ସହ ସଂପର୍କକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ମୁହାଁମୁହିଁ ହୋଇଥିବା ବେଳେ ଏହାକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି । ଏହି ପ୍ରସଙ୍ଗରେ ଖୋଲା ବିତର୍କ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ରାହୁଲଙ୍କ ଆହ୍ୱାନକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁ । ରାହୁଲଙ୍କୁ ଏଥିପାଇଁ ସମାଲୋଚନା କରି ସେ କହିଛନ୍ତି ଯେ ରାହୁଲଙ୍କ ବକ୍ତବ୍ୟ "ମୌଳବାଦୀମାନେ ଧର୍ମନିରପେକ୍ଷତା ବିଷୟରେ କହିବା, ବିଚ୍ଛିନ୍ନତାବାଦୀମାନେ ଭାରତୀୟ ପତାକା ଧରିବା ଏବଂ ଅରାଜକତାବାଦୀମାନେ ସମ୍ବିଧାନ ବହି ଦେଖାଇବା ସହ ସମାନ' । ଭାରତର ଶତ୍ରୁମାନଙ୍କ ଉଦ୍ଦେଶ୍ୟକୁ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତି ଅନ୍ୟମାନଙ୍କ ଉପରେ ବିଦେଶୀ ସମର୍ଥନର ଅଭିଯୋଗ ଆଣିବା ହାସ୍ୟାସ୍ପଦ ବୋଲି ସେ କହିଛନ୍ତି । ଏହାସହିତ ବିତର୍କ ଆହ୍ୱାନ ପ୍ରସଙ୍ଗରେ ମଧ୍ୟ ରିଜିଜୁ କଟାକ୍ଷ କରିଛନ୍ତି । ସେ କହିଛନ୍ତି ଯେ, ଉଚ୍ଚସ୍ତରୀୟ ବିତର୍କ କେବଳ ପରିପକ୍ୱ ବ୍ୟକ୍ତିମାନଙ୍କ ମଧ୍ୟରେ ହୋଇଥାଏ ।

ଅନ୍ୟପକ୍ଷରେ, ନିଜର ଆହ୍ୱାନର ୨୪ ଘଣ୍ଟା ବିତିଯିବା ପରେ, ରାହୁଲ ଗାନ୍ଧୀ ଏକ୍ସରେ ଏକ ଭିଡିଓ ଜାରି କରି ବିତର୍କ ପାଇଁ ପୁଣି ଆହ୍ୱାନକୁ ଦୋହରାଇଛନ୍ତି । ଏଥିରେ ସେ ପ୍ରଧାନମନ୍ତ୍ରୀଙ୍କୁ ଆହ୍ୱାନର ୨୪ ଘଣ୍ଟା ବିତିଯିବା କଥା ସ୍ମରଣ କରାଇଛନ୍ତି । ସେ କହିଛନ୍ତି ଯେ ବିରୋଧୀ ଦଳକୁ ଦେଶବିରୋଧୀ ବୋଲି କହୁଥିବାରୁ ଏ ସଂପର୍କରେ ଯେକୌଣସି ସ୍ଥାନ ବା ମଞ୍ଚରେ ଏବଂ ଯେକୌଣସି ସମୟରେ ବିତର୍କ ପାଇଁ ସେ ପ୍ରସ୍ତୁତ ଅଛନ୍ତି । ଏହାପରେ କିଏ ଦେଶବିରୋଧୀ, କାହାର ବିଦେଶୀ ଶକ୍ତି ସହ ସମ୍ପର୍କ ଅଛି ଏବଂ ସେହି ସମ୍ପର୍କର ସ୍ୱରୂପ କ'ଣ ଜଣାପଡ଼ିବ ବୋଲି ସେ କହିଛନ୍ତି । ଏଥିରେ ରାହୁଲ ପ୍ରସ୍ତାବ ଦେଇଛନ୍ତି ଯେ ଦେଶର ଯୁବବର୍ଗ ଓ ଗଣମାଧ୍ୟମ ସମ୍ମୁଖରେ ଦୁଇ ନେତା ଟେବୁଲର ଦୁଇ ପାଖରେ ବସି ଆଲୋଚନା କରିବେ । ବିତର୍କରେ ମୋଦୀ ନିଜ ପସନ୍ଦର ବିଚାରପତି ବାଛନ୍ତୁ । ଏପରିକି ଆରଏସଏସ ପ୍ରମୁଖ ମୋହନ ଭାଗବତଙ୍କୁ ମଧ୍ୟ ବିଚାରପତି ଭାବେ ନିଯୁକ୍ତ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି । ଏହି ବିତର୍କରେ ଦେଶର ଆର୍ଥିକ ବ୍ୟବସ୍ଥା, ଆମେରିକା ଚୁକ୍ତି, ଅଦାନୀ ମାମଲା ଏବଂ ଜେଫ୍ରି ଏପଷ୍ଟାଇନ ସମ୍ପର୍କିତ ପ୍ରଶ୍ନ ଉଠାଯିବ ବୋଲି ରାହୁଲ କହିଛନ୍ତି । ଏହାକୁ ନେଇ କଂଗ୍ରେସ ନେତାମାନେ ରାହୁଲଙ୍କୁ ସମର୍ଥନ କରିଥିବା ବେଳେ ବିଜେପି ନେତାମାନେ ରାହୁଲଙ୍କର ସମାଲୋଚନା କରିଛନ୍ତି ।



ବେଙ୍ଗାଲୁରୁରେ ଇଣ୍ଡିଆ ମେଣ୍ଟର ରାଲି ୫ରେ

ବେଙ୍ଗାଲୁରୁ,୩।୧୧(ଏଜେନ୍ସି): ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ଭୂମିକାକୁ ବିରୋଧ କରି ଆସନ୍ତା ନଭେମ୍ବର ୫ରେ ବେଙ୍ଗାଲୁରୁର ଫ୍ରିଡମ୍ ପାର୍କଠାରେ ବିରୋଧୀ ଇଣ୍ଡିଆ ମେଣ୍ଟ ପକ୍ଷରୁ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯିବ । ଗଣତନ୍ତ୍ରକୁ ଦୁର୍ବଳ କରିବା ପାଇଁ ବିଜେପି ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକର ଅପବ୍ୟବହାର କରୁଥିବା ଅଭିଯୋଗ କରି ମେଣ୍ଟର ନେତାମାନେ ମଙ୍ଗଳବାର ଏହି ଘୋଷଣା କରିଛନ୍ତି । ଏହି ଆନ୍ଦୋଳନ ସାରା ଦେଶରେ ଏସ୍‌ଆଇଆର୍ କାର୍ଯ୍ୟକ୍ରମ ବିରୋଧରେ ବିରୋଧୀ ଦଳଗୁଡ଼ିକର ବ୍ୟାପକ ସଂଗ୍ରାମର ଏକ ପ୍ରମୁଖ ଅଂଶ ବୋଲି କୁହାଯାଇଛି । ଏନେଇ କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ କମିଟି (କେପିସିସି) କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀରେ ରାଜ୍ୟ କଂଗ୍ରେସ ନେତା ବିକେ. ହରିପ୍ରସାଦ କହିଛନ୍ତି ଯେ, ନଭେମ୍ବର ୧ରେ ଦିଲ୍ଲୀର ରାମଲୀଳା ମୈଦାନରେ ଅନୁଷ୍ଠିତ ପ୍ରତିବାଦର ପରବର୍ତ୍ତୀ କାର୍ଯ୍ୟକ୍ରମ ଭାବେ ବେଙ୍ଗାଲୁରୁରେ ଏହି ବିକ୍ଷୋଭ ଆୟୋଜିତ ହେଉଛି । ଇଣ୍ଡିଆ ମେଣ୍ଟ ନେତାମାନେ ଏହି ବିରୋଧକୁ ଦେଶବ୍ୟାପୀ ତୃଣମୂଳ ସ୍ତର, ଅର୍ଥାତ୍ ଜିଲ୍ଲା, ତାଲୁକ ଓ ବ୍ଲକ ସ୍ତରକୁ ନେବାକୁ ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ପଦବୀରୁ ଇସ୍ତଫା ନଦେବା ପର୍ଯ୍ୟନ୍ତ ଏହି ସଂଗ୍ରାମ ଜାରି ରହିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଇଣ୍ଡିଆ ମେଣ୍ଟର ମୁଖ୍ୟ ଦାବିସମୂହକୁ ସାମ୍ବାଦିକ ସମ୍ମିଳନୀରେ ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ କେ. ପ୍ରକାଶ ଉପସ୍ଥାପନ କରିଥିଲେ ।

ଆନ୍ଧ୍ରରେ 'ମୁରାସୁ' ତାଣ୍ଡବ
ଭାଙ୍ଗିଲା ହଜାର ହଜାର ଗଛ, ଖୁଣ୍ଟି

ଅମରାବତୀ,୩।୧୧(ଏଜେନ୍ସି): ଆନ୍ଧ୍ରପ୍ରଦେଶର ଦକ୍ଷିଣ ଉପକୂଳରେ ସାମୁଦ୍ରିକ ଝଡ଼ 'ମୁରାସୁ' ସ୍ଥଳଭାଗ ଛୁଇଁଛି । ଏହାପରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁସାରେ, ମଙ୍ଗଳବାର ଭୋର ସମୟରେ ନେଲୋର ଓ ନରସାପୁର ମଧ୍ୟରେ ଅଙ୍ଗୋଲ ନିକଟରେ ଘଣ୍ଟାପ୍ରତି ୧୦୦ ରୁ ୧୧୦ କିଲୋମିଟର ବେଗରେ ପବନ ବହିବା ସହ ଏହା ସ୍ଥଳଭାଗ ଅତିକ୍ରମ କରିଥିଲା । ଏହି ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ସହ ହଜାର ହଜାର ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଛି । ତଳିଆ ଅଞ୍ଚଳଗୁଡ଼ିକ ଜଳମଗ୍ନ ହୋଇଛି ଏବଂ ବିଦ୍ୟୁତ୍ ସରବରାହ ଓ ଯାତାୟାତ ବାଧାପ୍ରାପ୍ତ ହୋଇଛି । ପ୍ରକାଶମ୍ ଓ ପଲନାଡୁ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ପଲନାଡୁରୁ ପ୍ରାୟ ୧୫୦ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ଥଇଥାନ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି । ବାତ୍ୟା ମୁରାସୁରେ ୫ଟି ରାଜ୍ୟରେ ୧.୭୫ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ଉଦ୍ଧାର କାର୍ଯ୍ୟ ପାଇଁ ଏନଡିଆରଏଫର ୩୮ଟି ଟିମ୍ ନିୟୋଜିତ କରାଯାଇଛି । ସେଥିମଧ୍ୟରୁ ୧୪ଟି ଟିମ୍ କେବଳ ଆନ୍ଧ୍ରପ୍ରଦେଶରେ କାର୍ଯ୍ୟରତ ଅଛନ୍ତି । ପ୍ରାୟ ୧୭୧ଟି ରିଲିଫ୍ କେନ୍ଦ୍ର ପ୍ରତିଷ୍ଠା କରାଯାଇ ୧୦,୦୦୦ରୁ ଅଧିକ ଲୋକଙ୍କୁ ଆଶ୍ରୟ ଦିଆଯାଇଛି । ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ମୁରାସୁ କ୍ରମଶଃ ଦୁର୍ବଳ ହୋଇ ମଧ୍ୟରାତ୍ରି ସୁଦ୍ଧା ଗଭୀର ଅବପାତରେ ପରିଣତ ହେବ । ତେବେ ବର୍ତ୍ତମାନ ସୁଦ୍ଧା କୌଣସି ମୃତାହତର ଖବର ମିଳିନାହିଁ ।



ଦୁଇଟି ହେଲିକପ୍ଟର ଧକ୍କା, ଜଣେ ଭାରତୀୟଙ୍କ ମୃତ୍ୟୁ

କାଠମାଣ୍ଡୁ,୩।୧୧(ଏଜେନ୍ସି): ନେପାଳର ଏଭରେଷ୍ଟ ଅଞ୍ଚଳସ୍ଥିତ ସୋଲୁଖୁମ୍ବୁ ଜିଲ୍ଲାର ଫେରିଚେ ହେଲିପ୍ୟାଡ୍‌ରେ ମଙ୍ଗଳବାର ସକାଳେ ଦୁଇଟି ହେଲିକପ୍ଟର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏହି ଦୁର୍ଘଟଣାରେ ଜଣେ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଭାରତୀୟ ବଂଶୋଦ୍ଭବ ନ୍ୟୁଜିଲ୍ୟାଣ୍ଡ ନାଗରିକ ଏବଂ ଦୁଇଜଣ ପାଇଲଟ ଆହତ ହୋଇଛନ୍ତି । ମୃତ ଭାରତୀୟ ପର୍ଯ୍ୟଟକଙ୍କ ନାମ ବସନ୍ତ କୁମାର ବଲରାମରାମାଡୁ ବୋଲି ଜଣାପଡ଼ିଛି । ଆହତ ନ୍ୟୁଜିଲ୍ୟାଣ୍ଡ ନାଗରିକ ଶୈଳେଶ କୃଷ୍ଣ ପଟେଲଙ୍କୁ ଉଦ୍ଧାର କରାଯାଇ କାଠମାଣ୍ଡୁର ମେଡିସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଉଭୟ ହେଲିକପ୍ଟରର ଆହତ ପାଇଲଟମାନଙ୍କୁ ମଧ୍ୟ ଚିକିତ୍ସା ପାଇଁ କାଠମାଣ୍ଡୁକୁ ଏୟାରଲିଫ୍ଟ କରାଯାଇଛି । ସୂଚନା ଅନୁସାରେ, ଫିସଟେଲ ଏୟାର ଓ ଏୟାର ଡାଇନାଷ୍ଟିର ଦୁଇଟି ହେଲିକପ୍ଟର ବିପରୀତ ଦିଗରୁ ଆସି ହେଲିପ୍ୟାଡର ଗୋଟିଏ ସ୍ଥାନରେ ଅବତରଣ କରିବାକୁ ଚେଷ୍ଟା କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ହେଲିପ୍ୟାଡ୍ ଉପରେ ବରଫ ଜମି ରହିବା ଏହି ଦୁର୍ଘଟଣାର କାରଣ ହୋଇଥାଇପାରେ ବୋଲି ପ୍ରାଥମିକ ଅନୁମାନ କରାଯାଉଛି । ମାତ୍ର ସଠିକ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ପୁଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

ଇରାନର କେଶମ ଦ୍ୱୀପ ଉପରେ ଆମେରିକାର ଗୁପ୍ତ ଆକ୍ରମଣ

ୱାସିଂଟନ/ତେହେରାନ୍,୩।୧୧(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ଜାରି ରହିଥିବା ବେଳେ, ଆମେରିକୀୟ ସେନା ଇରାନର କେଶମ ଦ୍ୱୀପ ଉପରେ ଏକ ଗୁପ୍ତ ସାମରିକ ଆକ୍ରମଣ କରିଥିବା ନେଇ ୱାଲ ଷ୍ଟ୍ରିଟ ଜର୍ନାଲ ରିପୋର୍ଟ ପ୍ରକାଶ କରିଛି । ଅନ୍ୟପଟେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତେହେରାନ୍ ସହ ଏକ ସମାଧାନ ଚୁକ୍ତି ହୋଇପାରେ ବୋଲି ସଙ୍କେତ ଦେବା ସହ ଆଗାମୀ ଦିନରେ ବ୍ୟାପକ ସାମରିକ କାର୍ଯ୍ୟାନୁଷ୍ଠାନର ସମ୍ଭାବନାକୁ ଏଡ଼ାଇ ଦେଇଛନ୍ତି ।

ୱାଲ ଷ୍ଟ୍ରିଟ ଜର୍ନାଲର ରିପୋର୍ଟ ଅନୁଯାୟୀ, ଗତ କିଛି ସପ୍ତାହ ମଧ୍ୟରେ ୱାସିଂଟନ ଦ୍ୱାରା ହୋଇଥିବା ସୀମିତ ସାମରିକ ଆକ୍ରମଣର ଅଂଶସ୍ୱରୂପ ସୋମବାର କେଶମ ଦ୍ୱୀପରେ ଏହି ଆକ୍ରମଣ କରାଯାଇଥିଲା । ଆମେରିକୀୟ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ଯେ, ଆମେରିକା ପୁଣି ଥରେ ବ୍ୟାପକ ସାମରିକ ଅଭିଯାନ ଆରମ୍ଭ କରିବାକୁ ଚାହୁଁନାହିଁ । ସେଥିପାଇଁ ଏହି ସୀମିତ ସ୍ତରର ଆକ୍ରମଣକୁ ଗୋପନୀୟ ରଖାଯାଇଥିଲା । ଆକ୍ରମଣ ପୂର୍ବରୁ ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲ୍‌ରେ ଲେଖିଥିଲେ ଯେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ପ୍ରାୟ ୧୦ ଡଲାର କମିଛି । ଇରାନ ଯଥାଶୀଘ୍ର ଏକ ଚୁକ୍ତି ଚାହୁଁଛି ବୋଲି ମଧ୍ୟ ସେ ଦାବି କରିଥିଲେ । ଏହା ସହିତ ମଙ୍ଗଳବାର ହେବାକୁ ଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପରେ ଇରାନ ବିରୋଧରେ ନୂତନ ସାମରିକ କାର୍ଯ୍ୟାନୁଷ୍ଠାନ ନେଇ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ଟ୍ରମ୍ପ ନାସ୍ତି ବାଣୀ ଶୁଣାଇଛନ୍ତି । ଇରାନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ହର୍ମୁଜ ପ୍ରଣାଳୀ ନିକଟସ୍ଥ କେଶମ ଦ୍ୱୀପରେ କେତେକ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିଲା । ଅପରପକ୍ଷରେ, ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡସ କୋର୍ପସ (ଆଇଆରଜିସି) ନୌସେନା ଦାବି କରିଛି ଯେ ସେମାନେ ହର୍ମୁଜ ପ୍ରଣାଳୀର ପଶ୍ଚିମ ଭାଗରେ ଆମେରିକାର ଏକ ଏମ୍‌କ୍ୟୁଏମ୍-୧୭୦ ଗୁପ୍ତଚର ଡ୍ରୋନ୍‌କୁ ନିଜ ଅକ୍ତିଆରକୁ ନେଇଛନ୍ତି ।

କଟକଣା ଯୋଗୁଁ ଦିଲ୍ଲୀ-ଗୁରୁଗ୍ରାମ ସୀମାରେ ଅଟକିଛି ହଜାର ହଜାର ଗାଡ଼ି

ପ୍ରଦୂଷଣରେ ଦିଲ୍ଲୀକୁ ପଛରେ ପକାଇଲା ଗାଜିଆବାଦ

ନୂଆଦିଲ୍ଲୀ,୩।୧୧(ଏଜେନ୍ସି): ଏନସିଆର ଦିଲ୍ଲୀରେ ବାୟୁ ପ୍ରଦୂଷଣ ସ୍ଥିତି ଅତ୍ୟନ୍ତ ଗୁରୁତର ରୂପ ଧାରଣ କରିଛି । ମଙ୍ଗଳବାର ସକାଳେ ଗାଜିଆବାଦର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୫୧୬ ରେ ପହଞ୍ଚିଛି । ଏହା ରାଜଧାନୀ ଦିଲ୍ଲୀର ଏକ୍ୟୁଆଇ (୪୫୬) ଠାରୁ ଯଥେଷ୍ଟ ଅଧିକ । ଗାଜିଆବାଦ ଏବଂ ସମଗ୍ର ଏନସିଆରରେ ଯାନବାହନ ନିର୍ଗମନ, ଶିଳ୍ପାଞ୍ଚଳ ଗତିବିଧି, ନିର୍ମାଣ କାର୍ଯ୍ୟ, ରାସ୍ତାଘାଟର ଧୂଳି ଏବଂ ଆବର୍ଜନା ପୋଡ଼ି ଯୋଗୁଁ ବାୟୁ ବିଷାକ୍ତ ହେବାରେ ଲାଗିଛି । ପଡ଼ୋଶୀ ପଞ୍ଜାବ ଏବଂ ପାକିସ୍ତାନର କୃଷି କ୍ଷେତ୍ରରେ ନଡ଼ା ପୋଡ଼ାଯିବା ଫଳରେ ସୃଷ୍ଟ ଧୂଆଁ, ଉତ୍ତର-ପଶ୍ଚିମ ବାୟୁ ପ୍ରବାହ ଦ୍ୱାରା ଏହି ଅଞ୍ଚଳକୁ ଆସି ପ୍ରଦୂଷଣକୁ ଆହୁରି ବୃଦ୍ଧି କରିଛି । ତାପମାତ୍ରା ହ୍ରାସ, ଧୀର ପବନ ଏବଂ କୌଣସି ସକ୍ରିୟ ପଶ୍ଚିମା ଝଡ଼ର ଅଭାବ ହେତୁ ବିଷାକ୍ତ କଣିକାଗୁଡ଼ିକ ଭୂପୃଷ୍ଠ ନିକଟରେ ଜମା ହୋଇ ରହୁଛନ୍ତି । ଆଗାମୀ ଦୀପାବଳି ପର୍ବ ପୂର୍ବରୁ ବାଣଫୁଟା ଏବଂ ଗାଡ଼ିମୋଟର ଚଳାଚଳ ବୃଦ୍ଧି ହେତୁ ସ୍ଥିତି ଆହୁରି ବିଗିଡ଼ିବା ନେଇ ଆଶଙ୍କା କରାଯାଉଛି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍) ସମଗ୍ର ଏନସିଆରରେ ଗ୍ରେଡେଡ୍ ରେସପୋନ୍ସ ଆକ୍ସନ୍ ପ୍ଲାନ୍ (ଜିଆର୍‌ଏପି) ର ଦ୍ୱିତୀୟ ପର୍ଯ୍ୟାୟ ଲାଗୁ କରିଛନ୍ତି । ତଥାପି, ପ୍ରତିକୂଳ ପାଣିପାଗ ହେତୁ ଆଗାମୀ କିଛି ଦିନ ଯାଏଁ ଏହି ବିଷାକ୍ତ ବାୟୁରୁ ନିସ୍ତାର ମିଳିବା ନେଇ କୌଣସି ଆଶ୍ୱାସନା ଦେଖାଯାଉନାହିଁ । ପ୍ରଦୂଷଣକୁ ରୋକିବା ପାଇଁ ଦିଲ୍ଲୀ ପ୍ରଶାସନ ପକ୍ଷରୁ ଏହି କଟକଣା ପରେ ପ୍ରଥମ ଦିନରେ ଦିଲ୍ଲୀ-ଗୁରୁଗ୍ରାମ, ନୋଏଡା ଓ ଗାଜିଆବାଦ ସୀମାରେ ଭୟଙ୍କର ଯାନବାହନ ଜାମ୍ ଦେଖିବାକୁ ମିଳିଛି । ଗାଡ଼ି ଯାଞ୍ଚ ଯୋଗୁଁ ରାସ୍ତା ଉପରେ କିଲୋମିଟରେ କିଲୋମିଟର ପର୍ଯ୍ୟନ୍ତ ହଜାର ହଜାର ଗାଡ଼ିର ଲମ୍ବା ଲାଇନ ଲାଗିରହିଛି । ଯାତ୍ରୀ ଏବଂ ଦୈନିକ ଯାତାୟାତ କରୁଥିବା ଲୋକେ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଫସି ରହି ଅତିଷ୍ଠ ହୋଇପଡ଼ିଛନ୍ତି । ଅନ୍ୟପଟେ, ଦିଲ୍ଲୀ ଟ୍ରାଫିକ ପୋଲିସ ପକ୍ଷରୁ ଅମାନିଆଙ୍କ ବିରୋଧରେ ୪୩୩ରୁ ଅଧିକ ଚାଲାଣ କଟାଯାଇ ମୋଟା ଅଙ୍କର ଜରିମାନା ଆଦାୟ କରାଯାଇଛି । ବିଏସ୍-୬ ମାନକ ପୂରଣ କରୁନଥିବା ପ୍ରାୟ ୬୦୯ଟି ବାହାର ରାଜ୍ୟର ଗାଡ଼ିକୁ ଦିଲ୍ଲୀ ସୀମାରୁ ଫେରାଇ ଦିଆଯାଇଛି ଏବଂ ୭୬ଟି ବ୍ୟବସାୟିକ ଗାଡ଼ିର ପରମିଟ୍ ବାତିଲ ପ୍ରକ୍ରିୟା ଆରମ୍ଭ ହୋଇଛି ।



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-130 ♦WEDNESDAY ♦4 NOVEMBER 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୧୩୦ ♦ବୁଧବାର ♦୪ ନଭେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦



ପ୍ରେମାଙ୍କ ବିଶ୍ୱରେକର୍ଡ

▶ପୃଷ୍ଠା ଖେଳ ଦେଖନ୍ତୁ...

କୋଟିଆର ଉତ୍ତେଜନା

ଓଡ଼ିଶା ବ୍ୟାରିକେଡ୍ ଭାଙ୍ଗିଲା ଆନ୍ଧ୍ର

■ ଜୟପୁର/ପଟାଙ୍ଗି, ୩।୧୧ (ସମିସ): ଓଡ଼ିଶାର କୋଟିଆ ଗ୍ରାମପୁଞ୍ଚରେ ଆନ୍ଧ୍ରର ପଞ୍ଚାୟତ ନିର୍ବାଚନକୁ ନେଇ ଉତ୍ତେଜନା ଲାଗି ରହିଛି। ଗତକାଲି ଓଡ଼ିଶା ପୁଲିସ ଆନ୍ଧ୍ରର ଚାଉଳ ଗାଡ଼ିକୁ ଅଟକାଇ ଫେରାଇ ଦେବା ପରେ ଆନ୍ଧ୍ର ସୀମାନ୍ତ ନେରେଡିୱାଲସାରେ

ନେରେଡିୱାଲସାରେ ଓଡ଼ିଶା-ଆନ୍ଧ୍ର ପୁଲିସ ହାତାହାତି

୫ ଓ ୬ ତାରିଖରେ ନିର୍ବାଚନ, ସୀମାନ୍ତ ଜଗିବ ବିଜେଡି

୧୫ ପ୍ଲାଟୁନ୍ ପୁଲିସ, ୪ ଡିଏସ୍‌ପି, ୧୦ ଇନ୍ସପେକ୍ଟର ମୁତୟନ

ଓଡ଼ିଶାର ବ୍ୟାରିକେଟ୍‌କୁ ଆଜି ଆନ୍ଧ୍ରପ୍ରଦେଶର ପୁଲିସ, ପ୍ରଶାସନ ବଳପୂର୍ବକ ଭାଙ୍ଗି ଦେଇଛନ୍ତି। ଏହା ପରେ ଉଭୟ ରାଜ୍ୟର ପୁଲିସ ଓ ପ୍ରଶାସନିକ ଅଧିକାରୀ ମୁହାଁମୁହିଁ ହୋଇଛନ୍ତି। ଓଡିଶା ବିରୋଧରେ ଆନ୍ଧ୍ର ପ୍ରଦେଶ ଗ୍ରାମବାସୀ ସ୍ଲୋଗାନ ଦେଇଥିବାବେଳେ କୋଟିଆ ଗ୍ରାମପୁଞ୍ଚର କିଛି ଆଦିବାସୀ ମଧ୍ୟ ଆନ୍ଧ୍ର



ବିରୋଧୀ ସ୍ଲୋଗାନ ଦେଇଥିବା ଦେଖାଯାଇଛି। କୋଟିଆ ପାଇଁ ନିଯୁକ୍ତ ନୋଡାଲ ଅଧିକାରୀ ତଥା କୋରାପୁଟ ଉପଜିଲ୍ଲାପାଳ ଫାବି ରସିଦ ଏବଂ ଅନ୍ୟାନ୍ୟ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଜୋରଜବରଦସ୍ତ ଅନୁପ୍ରବେଶ କରୁଥିବା ଆନ୍ଧ୍ରପ୍ରଦେଶର ଉଚ୍ଚ ପୁଲିସ ଅଧିକାରୀ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ଆନ୍ଧ୍ର ଅଧିକାରୀ ମାନେ ଯୁକ୍ତିତର୍କ କରିବାରୁ କଥା କଟାକଟି ହୋଇଛି।

ଘଟଣାକୁ ନେଇ ସୀମାନ୍ତ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଥିବା ବେଳେ ଆନ୍ଧ୍ରର ଅନୁପ୍ରବେଶ ଓଡିଶା ସରକାରଙ୍କ ପାଇଁ ଖୋଲା ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଏହା ପରେ କୋଟିଆରେ ୧୫ ପ୍ଲାଟୁନ ପୁଲିସ ସହିତ ୪ଜଣ ଡିଏସପି, ୧୦ ଜଣ ଇନସପେକ୍ଟର, ୨୦ଜଣ ଏସ୍‌ଆଇ ଏବଂ ଏଏସଆଇ ଅଧିକାରୀଙ୍କୁ ମୁତୟନ କରାଯାଇଛି। ▶ପୃଷ୍ଠା-୭

ଏକାଠି ହେବେ ସବୁ ରାଜନୈତିକ ଦଳ: ମନ୍ତ୍ରୀ


■ ଭୁବନେଶ୍ୱର, ୩।୧୧ (ସମିସ): ଆସନ୍ତା ୫ ତାରିଖରେ କୋଟିଆରେ ଆନ୍ଧ୍ର ନିର୍ବାଚନ କରାଇବାକୁ ଯୋଜନା କରିଛି। ଏହା ପୂର୍ବରୁ କୋଟିଆରେ ସ୍ଥିତି ଉଦ୍‌ବେଗ ଜନକ ହେଉଛି। ଦୁଇ ରାଜ୍ୟର ପୁଲିସ୍ ଓ ପ୍ରଶାସନିକ ଅଧିକାରୀ ହାତାହାତି ସ୍ଥିତି ପର୍ଯ୍ୟନ୍ତ ପଛାଉ ନାହାନ୍ତି। ମଙ୍ଗଳବାର ମଧ୍ୟ କୋଟିଆରେ ଏପରି ସ୍ଥିତି ସୃଷ୍ଟି ହୋଇଛି। ତେବେ ଏଭଳି ସ୍ଥିତିକୁ ପ୍ରତିରୋଧ କରିବା ପାଇଁ ରାଜ୍ୟ ସରକାର ନୂଆ ଯୋଜନା କରିଛନ୍ତି। ନିର୍ବାଚନ ଦିନ ସବୁ ଦଳର ନେତା ଏକାଠି ହୋଇ ▶ପୃଷ୍ଠା-୭

ଭୋଟ୍ ଦିନ କୋଟିଆରେ ରହିବେ ଲୋକପ୍ରତିନିଧି

ପରମାଣୁ ଭୟ

ଦେଶବାସୀଙ୍କୁ ସତର୍କ କରାଇଲା ଇରାନ

■ ତେହେରାନ୍, ୩।୧୧ (ଏଜେନ୍ସି): ଆମେରିକାରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଲାଗି ଆଜି ମତଦାନ ଚାଲିଥିବା ବେଳେ ଗତକାଲି ରାତିରେ ଇରାନର ଏକ ଦ୍ୱୀପ ଉପରେ ଆକ୍ରମଣ କରିଛି ଆମେରିକା। ଏଥିରେ ବିଶେଷ କ୍ଷତି ହୋଇନଥିଲେ ମଧ୍ୟ ନିର୍ବାଚନ ପରେ ଇରାନ ଉପରେ ବଡ଼ ଧରଣର ଆକ୍ରମଣ ଲାଗି ଆମେରିକା ଯୋଜନା କରୁଥିବାର ଖବର ମିଳିଛି। ଆକ୍ରମଣ ବେଳେ ଇରାନର ପରମାଣୁ କେନ୍ଦ୍ରକୁ ଟାର୍ଗେଟ କରିପାରେ ଆମେରିକା। ଏହାକୁ ଦୃଷ୍ଟିରେ ରଖି ଇରାନ ଦେଶବାସୀଙ୍କୁ ସତର୍କ କରାଇବା ସହିତ ଜୀବନ ରକ୍ଷା ପାଇଁ ଗାଇଡଲାଇନ୍ସ ଜାରି କରିଛି।



ଏନେଇ ଇରାନର ସରକାରୀ ସମ୍ବାଦ ସଂସ୍ଥା ଆଇଆର୍‌ଏନ୍‌ଏ ୮ ମିନିଟର ଭିଡିଓ ଜାରି କରିଛି। ନିର୍ଦ୍ଦେଶାବଳୀରେ ପାରମାଣୁ ବିସ୍ଫୋରଣ, ବିକିରଣ ଏବଂ ଆଣବିକ ବିପଦରୁ କିପରି ନିଜକୁ ରକ୍ଷା କରିହେବ, ସେ ନେଇ ବିସ୍ତୃତ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଇରାନର ଇସଫାହାନ ପ୍ରଦେଶର ଜରୁରୀକାଳୀନ ସେବା ସଂସ୍ଥା ଏବଂ ରେଡ୍ କ୍ରେସେଣ୍ଟ ସୋସାଇଟି ପକ୍ଷରୁ ନାଗରିକମାନଙ୍କ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ସାବଧାନତା ଜାରି କରାଯାଇଛି। ଜନସାଧାରଣଙ୍କୁ ପରମାଣୁ ଆକ୍ରମଣ ପ୍ରଭାବରୁ ବର୍ତ୍ତିବା ପାଇଁ ଘର ଭିତରେ ରହିବାକୁ କୁହାଯାଇଛି। ଆକ୍ରମଣ ସମୟରେ କୌଣସି ସୁଦୃଢ଼ ପକ୍କା ଘରର ବେସମେଣ୍ଟ କିମ୍ବା ଝରକାଠାରୁ ଦୂରରେ ଥିବା ମଝି ରୁମ୍‌ରେ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି। ସେହିପରି ବାହାରର ବିକିରଣଯୁକ୍ତ ବାୟୁ ଯେପରି ଭିତରକୁ ନଆସେ, ସେଥିପାଇଁ କବାଟ-ଝରକା ବନ୍ଦ ରଖିବା ସହ ଏ.ସି. ଏବଂ ଭେଣ୍ଟିଲେସନ୍ ସିଷ୍ଟମ୍ ସମ୍ପୂର୍ଣ୍ଣ ବନ୍ଦ କରିବାକୁ କୁହାଯାଇଛି। ଆକ୍ରମଣ ପରେ ଅତି କମରେ ୨୪ ଘଣ୍ଟା ପର୍ଯ୍ୟନ୍ତ ଘର କିମ୍ବା ଆଶ୍ରୟସ୍ଥଳୀ ଭିତରେ ରହିବାକୁ କୁହାଯାଇଛି। ▶ପୃଷ୍ଠା-୭

ଚାନ୍ଦିପୁରରେ କ୍ଷେପଣାସ୍ତ୍ର ପରୀକ୍ଷଣ

■ ବାଲେଶ୍ୱର, ୩।୧୧ (ସମିସ): ବାଲେଶ୍ୱର ଜିଲ୍ଲା ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ରୁ ଆଜି ଏକ କ୍ଷେପଣାସ୍ତ୍ରର ସଫଳ ଉଡ୍‌କ୍ଷେପଣ କରାଯାଇଛି। କେନ୍ଦ୍ରର ଲଞ୍ଚ କମ୍ପ୍ଲେକ୍ସ-

ସୁରକ୍ଷା ଦୃଷ୍ଟିରୁ ୬ ଗ୍ରାମର ୨୫୨୪ ଲୋକ ସ୍ଥାନାନ୍ତର

୩ରୁ ସକାଳ ୧୧ଟା ୧୯ ମିନିଟ୍‌ରେ ଏହି ପରୀକ୍ଷଣ ସଫଳତାର ସହ ସମ୍ପନ୍ନ ହୋଇଛି। ଏହାକୁ ନେଇ ପ୍ରତିରକ୍ଷା ଗବେଷଣା କ୍ଷେତ୍ରରେ ଆଉ ଏକ ସଫଳତା ଯୋଡ଼ି ହୋଇଛି। ଆସନ୍ତା କାଲି ଅର୍ଥାତ ବୁଧବାର ମଧ୍ୟ ଏହାର ଆଉ ଏକ ପରୀକ୍ଷଣ କରାଯିବ ବୋଲି ଜଣା ଯାଇଛି। ଅନ୍ୟପକ୍ଷରେ, ପରୀକ୍ଷଣକୁ ଦୃଷ୍ଟିରେ ରଖି ସୁରକ୍ଷା ଦୃଷ୍ଟିକୋଣରୁ ଆଜି ▶ପୃଷ୍ଠା-୭



ସବୁଜ ଶକ୍ତିରୁ ୧୧,୬୪୨ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ଲକ୍ଷ୍ୟ

୧୮ ଏମ୍‌ଓୟୁ ସ୍ୱାକ୍ଷରିତ, ୧.୨୭ ଲକ୍ଷ କୋଟି ନିବେଶ ଆଶା

■ ଭୁବନେଶ୍ୱର, ୩।୧୧ (ସମିସ): ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଓଡ଼ିଶାକୁ ମିଳିଛି ବଡ଼ ନିବେଶ ପ୍ରସ୍ତାବ। ନୂଆଦିଲ୍ଲୀର ଭାରତ

ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଆଜିର ଦିନଟି ଏକ ଐତିହାସିକ କ୍ଷଣ: ମୁଖ୍ୟମନ୍ତ୍ରୀ

ମଣ୍ଡପମ୍‌ଠାରେ ଆୟୋଜିତ 'ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ ଓ ପ୍ରଦର୍ଶନୀ-୨୦୨୬'ରେ ରାଜ୍ୟ ସରକାର ୧୮ଟି କମ୍ପାନି ସହ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। ଏହାଦ୍ୱାରା ରାଜ୍ୟକୁ ପ୍ରାୟ ୧,୨୭,୫୫୭ କୋଟି ଟଙ୍କାର



ନିବେଶ ଆସିବା ସହ ୧୧,୬୪୨ ମେଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ସୃଷ୍ଟି ହେବ ବୋଲି କୁହାଯାଉଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି, ଆଜି ଓଡ଼ିଶାର ସ୍ୱଚ୍ଛ ଶକ୍ତି କ୍ଷେତ୍ର ▶ପୃଷ୍ଠା-୭

ଜାନୁଆରୀ ୧୦ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା

■ ଭୁବନେଶ୍ୱର, ୩।୧୧ (ସମିସ): ଆସନ୍ତା ଜାନୁଆରୀ ୧୦ରୁ ରାଜ୍ୟରେ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ। ଜାନୁଆରୀ ୧୦ରୁ ୨୪ ତାରିଖ ଯାଏଁ ନାଗରିକମାନେ ଅନଲାଇନ ଜନଗଣନା ପୋର୍ଟାଲ ମାଧ୍ୟମରେ ନିଜ ତଥ୍ୟ ନିଜେ ପ୍ରଦାନ ଭରିପାରିବେ। ଏହାପରେ ଗଣନାକାରୀମାନେ ଜାନୁଆରୀ ୨୫ ରୁ ଫେବ୍ରୁଆରୀ ୨୮ ଯାଏଁ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଘର ଗଣନା ହୋଇଥିବା ବେଳେ ଏବେ ଦ୍ୱିତୀୟ ପର୍ଯ୍ୟାୟରେ ଲୋକଙ୍କ ତଥ୍ୟ ସଂଗ୍ରହ କରାଯିବ। ରାଜ୍ୟ ଜନଗଣନା ନିର୍ଦ୍ଦେଶକ ନିଖିଲ ପଓନ କଲ୍ୟାଣଙ୍କ ଅନୁଯାୟୀ ଡିସେମ୍ବର ସୁଦ୍ଧା ସମସ୍ତ ତାଲିମ ପ୍ରକ୍ରିୟା ଶେଷ ହେବା ପରେ ଗଣନାକାରୀମାନେ ଘରକୁ ଘର ବୁଲି ଲୋକଙ୍କ ତଥ୍ୟ ସଂଗ୍ରହ କରିବେ। ▶ପୃଷ୍ଠା-୭

ଦୀପାବଳିରେ କଅଁଳ ଶୀତ

■ ଭୁବନେଶ୍ୱର, ୩।୧୧ (ସମିସ): ଆନ୍ଧ୍ର ଉପକୂଳରେ ମାଡ଼ ହେବା ପରେ ବାତ୍ୟା 'ମୁରାସୁ'ର ଗତି ଧୀମା ହୋଇଯାଇଛି। ଭୀଷଣ ବାତ୍ୟା ଭାବେ ଏହା ସ୍ଥଳଭାଗ ଅତିକ୍ରମ କରିଥିଲେ ମଧ୍ୟ ଏବେ ଏହା ଦୁର୍ବଳ ହୋଇ ବାତ୍ୟାରେ ପରିଣତ ହୋଇଛି। ଗତ ୬ ଘଣ୍ଟା ହେବ ଘଣ୍ଟା ପ୍ରତି ବାତ୍ୟା ୭ କିମି ବେଗରେ ଗତି କରୁଥିବାରୁ ଏହା ବିଶେଷ ଆଗକୁ ବଢ଼ିପାରି ନାହିଁ। ଫଳସ୍ୱରୂପ ଓଡ଼ିଶାର ଅନେକ ସ୍ଥାନରେ ପାଗ କୋହଲା ରହିଛି। ପରବର୍ତ୍ତୀ ସମୟରେ ବାତ୍ୟା 'ମୁରାସୁ' ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରିବା ସହ ଆହୁରି ଦୁର୍ବଳ ହେବାର ସମ୍ଭାବନା ରହିଛି।

ରାଜ୍ୟର କାଁ ଭାଁ ସ୍ଥାନକୁ ଛାଡ଼ି ଦେଲେ ବାକି ସବୁ ସ୍ଥାନରେ ପାଗ କେବଳ କୋହଲା ରହିଛି। ଗୁରୁବାରଠାରୁ ବର୍ଷାର ପରିମାଣହ୍ରାସ ପାଇବ। ୬,୭ ଓ ୮ ତାରିଖରେ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ରହିଛି। ସେହିପରି ଦିନର ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବନାହିଁ। ଆଗାମୀ ଦୁଇ ଦିନ ମଧ୍ୟରେ ଦିନର ତାପମାତ୍ରା ୧ରୁ ୨ ଡିଗ୍ରୀ ବୃଦ୍ଧି ▶ପୃଷ୍ଠା-୭

ସୁଶାନ୍ତ ନାଥଙ୍କ ଅଡୁଆ ବଢ଼ିଲା

ବାଲେଶ୍ୱରରେ ଏତଲା ଦେଲେ ପୂର୍ବ ଜେଲର୍

■ ବାଲେଶ୍ୱର, ୩।୧୧ (ସମିସ): ତତ୍କାଳୀନ ଜେଲ୍ ଡିଜି ସୁଶାନ୍ତ ନାଥଙ୍କ ବିରୁଦ୍ଧରେ ଆଉ ଏକ ସଙ୍ଗୀନ ଅଭିଯୋଗ ହୋଇଛି। ବାଲେଶ୍ୱର ଜିଲ୍ଲା କାରାଗାରର ନିଲମ୍ବିତ ଜେଲର ପ୍ରଦୀପ୍ତ କୁମାର ମହାଳିକ ଗତ ନଭେମ୍ବର ୨ରେ ଜେଲ ବିଭାଗର ତତ୍କାଳୀନ ଡିଜି ସୁଶାନ୍ତ ନାଥଙ୍କ ବିରୁଦ୍ଧରେ ରାଜ୍ୟ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଚାରି ପୃଷ୍ଠାର ଏହି ଅଭିଯୋଗପତ୍ରରେ ସେ ନିଜ ନିଲମ୍ବନକୁ ବେଆଇନ, ଉଦ୍ଦେଶ୍ୟମୂଳକ ଓ ପ୍ରତିଶୋଧମୂଳକ ବୋଲି ଦର୍ଶାଇବା ସହ ଘଟଣାର ତଦନ୍ତ ଦାବି କରିଛନ୍ତି।

ଜଣେ କଏଦୀଙ୍କୁ ବ୍ରାଉନ ସୁଗର ମାମଲାରେ ଫସାଇବାକୁ ପକାଉଥିଲେ ଚାପ

ରାଜି ନ ହେବାରୁ ନିଲମ୍ବନ କରାଯାଇଛି



ଅଭିଯୋଗ ଅନୁଯାୟୀ, ପ୍ରଦୀପ୍ତ ମହାଳିକ ୧୬ ଜୁନ୍ ୨୦୨୫ରୁ ବାଲେଶ୍ୱର ଜିଲ୍ଲା କାରାଗାରରେ କାରାପାଳ ଭାବେ କାର୍ଯ୍ୟ କରୁଥିଲେ। ଗତ ୮ ଅକ୍ଟୋବର ୨୦୨୬ ଅପରାହ୍ନ ପ୍ରାୟ ୨ଟା ୩୫ ମିନିଟ୍ ସମୟରେ ଡିଜି ସୁଶାନ୍ତ ନାଥ ତାଙ୍କୁ ହ୍ୱାଟ୍ସଆପ୍ କଲ୍ କରି ସେହିଦିନ ସନ୍ଧ୍ୟା ସୁଦ୍ଧା ଭୁବନେଶ୍ୱରରେ ଦେଖା କରିବାକୁ କହିଥିଲେ। ସେଦିନ ଓଡ଼ିଶା ବନ୍ଦ ଥିବାରୁ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିବା କଥା ସେ ଜଣାଇଥିଲେ ମଧ୍ୟ ତାଙ୍କୁ ଟ୍ରେନ୍‌ରେ ଆସିବାକୁ କୁହାଯାଇଥିଲା। ଫଳରେ ସେ ବିବେକ ଏକ୍ସପ୍ରେସ୍‌ରେ ଯାତ୍ରା କରି ରାତି ପ୍ରାୟ ୧୦ଟା ୩୦ରେ ଭୁବନେଶ୍ୱର ରେଳ ଷ୍ଟେସନରେ ପହଞ୍ଚିଥିଲେ। ସେଠାରେ ଭୁବନେଶ୍ୱର ଜେଲ୍ ଅଧୀକ୍ଷକ ସର୍ବେଶ୍ୱର ସାହୁ ▶ପୃଷ୍ଠା-୭



ଓଲଟ ପାଲଟ



କାର୍ତ୍ତିକ ମାସରେ ଶ୍ରୀକ୍ଷେତ୍ର ଧାମକୁ
ଛୁଟିଲେ ହବିଷିଆଳି
ଠାକୁରଙ୍କ ପାଖେ ଶୁଭ ମନାସିଲେ
ଧୂପ ଦୀପ ମାନ ଜାଳି
ପକାଇଣ ହୁଳ ହୁଳି
ଶ୍ରୀକ୍ଷେତ୍ର ହେଲା ଗହଳି
ରହିବାକୁ କେତେ ଜାଗା ପାଇଲେନି
ଓଲଟି ଶୁଣିଲେ ଗାଳି
ବ୍ୟବହାର ପଶୁ ଭଳି
ଗଣ୍ଡିଲି ଫୋପାଡ଼ି ଘଉଡ଼ାଇ ଦେଲେ
ପାଇପିରେ ପାଣି ଢାଳି
ଶୁଭୁଛି କାନ୍ଦ ବୋବାଳି

- ଯାଯାବର

ଋଷିକୁଲ୍ୟାର ରାଗ: ମୁହାଣ ଦୁଇଭାଗ

ବନ୍ୟା ବଦଳାଇଦେଲା ଋଷିକୁଲ୍ୟାର ଗତିପଥ

■ ବ୍ରହ୍ମପୁର, ୩।୧୧ (କ୍ଷୀରସିନ୍ଧୁ ମହାନ୍ତି): ଋଷିକୁଲ୍ୟା ରଷିଛି। ବନ୍ୟାର ବିଭୀଷିକାରେ ଗଞ୍ଜାମର ଜନଜୀବନ ଉଜୁଡ଼ିଯାଇଛି। ଏପଟେ ବଦଳିଯାଇଛି ନଦୀର ଗତିପଥ ଓ ମୁହାଣର ଠିକଣା। ବର୍ଷ ବର୍ଷ ଧରି ଯେଉଁ ପୁରୁଣା ମୁହାଣ ଦେଇ ଋଷିକୁଲ୍ୟା ବଙ୍ଗୋପସାଗରରେ ମିଶୁଥିଲା, ଏବେ ସେହି ପଥ ବଦଳରେ ନୂଆ ଜଳପଥ ଖୋଜିଛି ନଦୀ। ବନ୍ୟାଜଳର ପ୍ରଖର ସ୍ରୋତ ପୁରୁଣାବନ୍ଧ ଗ୍ରାମ ନିକଟ ଗଙ୍ଗାଦେବୀ ମନ୍ଦିର ସମ୍ମୁଖରୁ ନୂଆ ମୁହାଣ ସୃଷ୍ଟି କରି ଗୋଖରକୁଦା ନିକଟରେ ସମୁଦ୍ର ସହ ମିଶିଥିବା ସ୍ଥାନୀୟ ଅଧିବାସୀ କହିଛନ୍ତି। ପ୍ରାୟ ଏକ କିଲୋମିଟର ଯାଏଁ ନୂଆ ଜଳପଥ ସମ୍ପ୍ରସାରିତ ହୋଇଥିବାରୁ ବନ୍ୟାଜଳ ନିଷ୍କାସନରେ ଏହା ସହାୟକ



ହୋଇଛି। ଫଳରେ ଗଞ୍ଜାମ ବ୍ଲକର ଅନେକ ଗ୍ରାମ ସମ୍ଭାବ୍ୟ ବଡ଼ ବିପଦରୁ ରକ୍ଷା ପାଇଥିବା କୁହାଯାଉଛି। ତେବେ ନଦୀର ଏହି ନୂଆ ଠିକଣା ଭବିଷ୍ୟତରେ ପରିବେଶ, ଜୈବ ବିବିଧତା ଓ ଉପକୂଳବର୍ତ୍ତୀ ଜନଜୀବନ ପାଇଁ କି ପ୍ରଭାବ ପକାଇବ, ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ପୂର୍ବରୁ ଋଷିକୁଲ୍ୟା ନଦୀ ପୁରୁଣାପୋଡ଼ମ୍‌ପେଟା ନିକଟରେ ସମୁଦ୍ରରେ ମିଶୁଥିଲା। ଏହା ଥିଲା ନଦୀର ପାରମ୍ପରିକ ମୁହାଣ। ହେଲେ ବିଗତ ▶ପୃଷ୍ଠା-୭

ସକାଳ
THE SAKALA

ଦେଢ଼ବର୍ଷ ହେଲା ନିର୍ମାଣ; ଶୌଚାଳୟରେ ଝୁଲୁଛି ତାଲା

ଚମ୍ପୁଆ, ୩।୧୧(ସମିସ)

ଜନସାଧାରଣଙ୍କ ସୁବିଧା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ସର୍ବସାଧାରଣ ଶୌଚାଳୟ ଦେଢ଼ ବର୍ଷ ଧରି ଅଚଳ। ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଏହାର ଦ୍ୱାର ଖୋଲିନାହିଁ। ଚମ୍ପୁଆ ଯୋଡ଼ା ରୋଡ୍‌ସ୍ଥିତ ନେହେରୁ ଷ୍ଟାଡିୟମ୍ ପରିସରରେ ଥିବା ଏହି ଶୌଚାଳୟରେ ତାଲା ଝୁଲୁଥିବା ଘଟଣା ଚମ୍ପୁଆ ଏନ୍‌ଏସିର କାର୍ଯ୍ୟଦକ୍ଷତା ଓ ପ୍ରଶାସନିକ ତତ୍ପରତାକୁ ନେଇ ପ୍ରଶ୍ନ ଉଠାଇଛି।

ସୂଚନା ଅନୁଯାୟୀ, ଶୌଚାଳୟ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟ ଅଟକଳ କରାଯାଇଥିଲା। ମାତ୍ର ନିର୍ମାଣ ପରେ ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥା ହୋଇନଥିବାରୁ ଦୀର୍ଘ ଦିନ ଧରି ଏହା ବନ୍ଦ ପଡ଼ିରହିଛି। ଲୋକଙ୍କ ଟିକସ ଅର୍ଥରେ ନିର୍ମିତ ଏହି ମୌଳିକ ସୁବିଧା ଯଦି ଲୋକଙ୍କ କାମରେ ନଲାଗେ, ତେବେ ଏଭଳି ନିର୍ମାଣର ଉଦ୍ଦେଶ୍ୟ କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ନେହେରୁ ଷ୍ଟାଡିୟମ୍?ରେ ନିୟମିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହେଉଥିବାରୁ ଖେଳାଳି, କ୍ରୀଡ଼ା କର୍ମକର୍ତ୍ତା ଓ ଦର୍ଶକଙ୍କ ପାଇଁ ଶୌଚାଳୟର ଆବଶ୍ୟକତା ରହିଛି। କିନ୍ତୁ ଏହା ବନ୍ଦ ରହିବା ଯୋଗୁଁ ଲୋକେ ଅସୁବିଧାରେ ପଡୁଥିବା ବେଳେ ଷ୍ଟାଡିୟମ୍ ପରିସରରେ ଖୋଲାଖୋଲି ପରିସ୍ରା କରୁଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳୁଛି। ଏହା ପରିବେଶର



୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ; କାମରେ ଲାଗୁନି
ଏନ୍‌ଏସିର ଅବହେଳାକୁ ନେଇ ଉଠିଲା ପ୍ରଶ୍ନ

ସ୍ୱଚ୍ଛତା ଓ ଜନସ୍ୱାସ୍ଥ୍ୟ ପ୍ରତି ଗୁରୁତର ପ୍ରଶ୍ନ ସୃଷ୍ଟି କରିଛି। ନିକଟରେ ଏହି ଷ୍ଟାଡିୟମ୍‌ରେ ମର୍ଣ୍ଣିଂ କ୍ଲବ୍ ଆନୁକୂଲ୍ୟରେ ତିନିଦିନ ଧରି ଷଷ୍ଠ ଚନ୍ଦ୍ରଶେଖର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ପ୍ରତିଦିନ ହଜାର ହଜାର କ୍ରୀଡ଼ାପ୍ରେମୀ ଷ୍ଟାଡିୟମ୍‌ରେ ଏକତ୍ରିତ ହୋଇ ଖେଳ ଉପଭୋଗ କରିଥିଲେ। ଏତେ ବଡ଼ କ୍ରୀଡ଼ା ଆୟୋଜନ ସମୟରେ ମଧ୍ୟ ଶୌଚାଳୟରେ ତାଲା ଝୁଲୁଥିବାରୁ ଦର୍ଶକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହାକୁ ନେଇ ଏନ୍‌ଏସିର ପୂର୍ବ ପ୍ରସ୍ତୁତି ଓ ନାଗରିକ ସୁବିଧା ପ୍ରତି ଗୁରୁତ୍ୱକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଏନ୍‌ଏସିର ସାନିଟେସନ୍ ଅଧିକାରୀ ଏମ୍‌ଡି ସାହାବାଜଙ୍କୁ ପଚାରିବାରୁ, କାଉନସିଲ୍ ବୈଠକରେ ପ୍ରସ୍ତାବ ଗୃହୀତ ହୋଇ ନଥିବାରୁ କୌଣସି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ପରିଚାଳନା ଦାୟିତ୍ୱ ଦିଆଯାଇ ନଥିବା ସେ କହିଥିଲେ। ଶୌଚାଳୟକୁ ଦେୟମୁକ୍ତ ରଖାଯିବ କି ଦେୟଯୁକ୍ତ କରାଯିବ, ସେନେଇ ମଧ୍ୟ ନିଷ୍ପତ୍ତି ହୋଇନଥିଲା। ତେବେ ପରବର୍ତ୍ତୀ କାଉନସିଲ୍ ବୈଠକରେ ଏହାକୁ ଏସ୍‌ଏଚ୍‌ଜି ଗୋଷ୍ଠୀ ମାଧ୍ୟମରେ ଦେୟମୁକ୍ତ ଭାବେ ପରିଚାଳନା କରିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ଏବେ ଏହାର ପରିଚାଳନା ଦାୟିତ୍ୱ ଏସ୍‌ଏଚ୍‌ଜି ଗୋଷ୍ଠୀକୁ ଦିଆଯିବ ବୋଲି ସାନିଟେସନ୍ ଅଧିକାରୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ, ଟୁର୍ଣ୍ଣାମେଣ୍ଟର ଆୟୋଜକ ସଭାପତି ରଶ୍ମିରଞ୍ଜନ ବେହେରା ଓ ସମ୍ପାଦକ ଅମିତାଭ ପ୍ରଧାନ ଶୌଚାଳୟ ଖୋଲାଯାଇ ନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ହଜାର ହଜାର ଦର୍ଶକଙ୍କ ସମାଗମ ହେଉଥିବା ଷ୍ଟାଡିୟମ୍‌ରେ ଏଭଳି ମୌଳିକ ସୁବିଧା ଅଚଳ ରହିବା ଦୁଃଖଦ ବୋଲି ସେମାନେ କହିଛନ୍ତି। ଦେଢ଼ ବର୍ଷ ଧରି ଶୌଚାଳୟ ବନ୍ଦ ରହିବା ପରେ ଏବେ ପରିଚାଳନା ନେଇ ନିଷ୍ପତ୍ତି ହେବା ଏନ୍‌ଏସିର ପ୍ରଶାସନିକ ତତ୍ପରତାକୁ ନେଇ ସନ୍ଦେହ ସୃଷ୍ଟି କରିଛି। ନିର୍ମାଣ ପୂର୍ବରୁ ପରିଚାଳନା ବ୍ୟବସ୍ଥା କାହିଁକି ସୁନିଶ୍ଚିତ କରାଯାଇ ନଥିଲା ଏବଂ ନିର୍ମାଣ ଶେଷ ପରେ ଏହାକୁ ଦୀର୍ଘଦିନ ତାଲା ପକାଇ ରଖିବା ପାଇଁ କିଏ ଦାୟୀ, ତାହା ଏବେ ଚମ୍ପୁଆବାସୀଙ୍କ ମୁଖ୍ୟ ପ୍ରଶ୍ନ। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଜନସାଧାରଣଙ୍କ ସୁବିଧା କେବେ ବାସ୍ତବରେ ଲୋକଙ୍କ କାମରେ ଲାଗିବ, ତାହାକୁ ନେଇ ଅପେକ୍ଷା ରହିଛି।

ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ; ବର୍ତ୍ତିଲେ ୫୦ ଯାତ୍ରୀ

ତେଲକୋଇ, ୩।୧୧(ସମିସ): ଆଗଚକା ଫାଟି ଯାତ୍ରୀବାହୀ ଦୁର୍ଗାମାଧବ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ଗୁରୁତର ହୋଇଥିବା ବେଳେ ୧୩ରୁ ଅଧିକ ଯାତ୍ରୀ ଆହତ ତେଲକୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। କାଳିଆହତାରୁ କେନ୍ଦୁଝର ଦୁର୍ଗାମାଧବ ବସ୍‌ଟି ୫୦ରୁ ଅଧିକ ଯାତ୍ରୀଙ୍କୁ ନେଇ ଯାଉଥିଲା। ଯାତ୍ରୀମାନେ ଅଳ୍ପକେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା କୁହାଯାଉଛି। ଦେଉଳଡିହା ଛକ ନିକଟରେ ବସ୍ ଆଗଚକା ଫାଟି ଯିବାରୁ ଭାରସାମ୍ୟ ହରାଇ ବସଟି ରାସ୍ତାକଡ଼ରେ ଥିବା ଗଛରେ ପିଟି ହୋଇଯାଇଥିଲା। ଗୁରୁତର ଜଣକ କୃଷ୍ଣପୁର ଗ୍ରାମର ବାଳି ପାତ୍ର (୬୫) ବୋଲି ଜଣାପଡ଼ିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଜଣେ ଗୁରୁତର



ଧାନବିଲରୁ ୧୦ ଫୁଟ୍‌ର ଅଜଗର ଉଦ୍ଧାର

ତୁରୁମୁଙ୍ଗା, ୩।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ମଲ୍ଲିପଶି ବିଟ୍ ଅନ୍ତର୍ଗତ ବଡ଼ଜାମୁପଶି ଗ୍ରାମ ନିକଟସ୍ଥ ଏକ ଧାନ ବିଲରୁ ରବିବାର ପ୍ରାୟ ୧୦ ଫୁଟ୍ ଲମ୍ବର ଏକ ବିଶାଳ ଅଜଗର ଉଦ୍ଧାର କରାଯାଇଛି। ପରେ ଏହାକୁ ଅଟେଇ ସଂରକ୍ଷିତ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଛି। ରବିବାର ଅପରାହ୍ନରେ ଜଣେ ସ୍ଥାନୀୟ ଚାଷୀ ଧାନ ଫସଲ ଦେଖିବାକୁ ବିଲକୁ ଯାଇଥିବାବେଳେ ଅଜଗରଟିକୁ ଦେଖି ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ବନ ବିଭାଗ ପକ୍ଷରୁ ସାପ ଧରାଳି ଅଜଗରଟିକୁ ଉଦ୍ଧାର କରି ନିକଟସ୍ଥ ଅଟେଇ ସଂରକ୍ଷିତ ଜଙ୍ଗଲରେ ଛାଡ଼ିଥିବା ପାଟଣା ରେଞ୍ଜର ଆର୍ତ୍ତତ୍ରାଣ ମିର୍ଦ୍ଧା କହିଛନ୍ତି।

ମାଦଳ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ତୁରୁମୁଙ୍ଗା, ୩।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟଠାରେ ଆସନ୍ତା ନଭେମ୍ବର ୧୫ କୁଡୁମି ସାଂସ୍କୃତିକ ସମାଜ ପକ୍ଷରୁ ଏକ ବିଶାଳ ମାଦଳ ଶୋଭାଯାତ୍ରା ନେଇ ପାଟଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏକ ପ୍ରସ୍ତୁତି ବୈଠକ କରୁଣାକର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସମୟରେ ମାଦଳ ଏକ ସୁମଧୁର ଓ ଶ୍ରୁତିମଧୁର ବାଦ୍ୟ ଧୀରେ ଧୀରେ ଲୋପ ପାଇଯାଉଛି। ଏହି ବିଲୁପ୍ତପ୍ରାୟ ବାଦ୍ୟକୁ କେବଳ କୁଡୁମି ସମାଜ ବଞ୍ଚାଇ ରଖିଆସୁଥିବା ବେଳେ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ କୁଡୁମି ସାଂସ୍କୃତିକ ସମାଜ ମାଦଳ ଶୋଭାଯାତ୍ରା କରାଯିବା ପାଇଁ ଏକ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଭାବେ କରୁଣାକର ମହାନ୍ତ, ଉପସଭାପତି ଭାବେ କ୍ଷେତ୍ରବାସୀ ମହାନ୍ତ, ସମ୍ପାଦକ ଭାବେ ପ୍ରଫୁଲ୍ଲ ମହାନ୍ତ, ସହସମ୍ପାଦକ ଭାବେ କ୍ଷେତ୍ରମୋହନ ମହାନ୍ତ, କୋଷାଧ୍ୟକ୍ଷ ଭାବେ ସୁକାନ୍ତ ମହାନ୍ତ ଓ ସଦସ୍ୟ ଭାବେ ଭରତଚନ୍ଦ୍ର ମହାନ୍ତ, ଖଗେଶ୍ୱର ମହାନ୍ତ ଓ ନରେନ୍ଦ୍ର ମହାନ୍ତ ପ୍ରମୁଖଙ୍କୁ ଚୟନ କରାଯାଇଛି। ଉକ୍ତ ମାଦଳ ଶୋଭାଯାତ୍ରାରେ ଶତାଧିକ ମାଦଳ, ଢୋଲକ, ନାଗରା ସହିତ ବିଭିନ୍ନ କଳାକାର ଯୋଗ ଦେବେ ବୋଲି କମିଟି ପକ୍ଷରୁ କୁହାଯାଇଛି।

ଚାରିନାଳିଆରେ କଙ୍କଡ଼ା ହାଟ; ମହିଳାଙ୍କୁ ରୋଜଗାର

ଆନନ୍ଦପୁର, ୩।୧୧ (ସମିସ): ଶୀତ ଦିନ ଆସିଲେ ବଢୁଛି ଦେଶୀ କଙ୍କଡ଼ାର ଚାହିଦା। ଏହାକୁ ନେଇ ଆନନ୍ଦପୁର-ଭଦ୍ରକ ୫୩ ନମ୍ବର ରାଜ୍ୟ ରାଜପଥର ଚାରିନାଳିଆଠାରେ ଜମୁଛି ଦେଶୀ କଙ୍କଡ଼ା ହାଟ। ଏଠାରେ ଗ୍ରାହକମାନେ କମ୍ ମୂଲ୍ୟରେ ତାଜା ଦେଶୀ କଙ୍କଡ଼ା କିଣିବାର ସୁଯୋଗ ପାଉଥିବା ବେଳେ ଏହି ବ୍ୟବସାୟ ଅନେକ ମହିଳାଙ୍କ ପାଇଁ ରୋଜଗାରର ମାଧ୍ୟମ ପାଲଟିଛି। ଚାରିନାଳିଆ ନିକଟରେ ରହିଛି ଆନନ୍ଦପୁର ବ୍ଲକ୍‌ର ମୋଚିନ୍ଦା ପଞ୍ଚାୟତ ଅନ୍ତର୍ଗତ ସରଦାପୁର ଗ୍ରାମ। ଏହି ଗ୍ରାମରେ ପ୍ରାୟ ୨୦୦ ପରିବାର ବସବାସ କରୁଥିବା ବେଳେ ଅଧିକାଂଶ ପରିବାର ଶ୍ରମଜୀବୀ। ଗ୍ରାମର ଅନେକ ଲୋକ ମାଛ ଓ କଙ୍କଡ଼ା ଧରି ପରିବାର ପ୍ରତିପୋଷଣ କରିଥାନ୍ତି। ବିଶେଷ କରି ପ୍ରାୟ ୫୦ରୁ ଅଧିକ ମହିଳା କଙ୍କଡ଼ା ଧରି ନିଜର ଜୀବିକା ନିର୍ବାହ କରୁଛନ୍ତି। ଏହି ମହିଳାମାନେ ପ୍ରତିଦିନ ସକାଳୁ ଘରୁ ବାହାରି ନିକଟସ୍ଥ ପାଟ ଓ ବିଲକୁ କଙ୍କଡ଼ା ଧରିବା ପାଇଁ ଯାଇଥାନ୍ତି। ପରେ ଧରିଥିବା କଙ୍କଡ଼ାକୁ ଚାରିନାଳିଆ ରାସ୍ତା କଡରେ ବିକ୍ରି କରି ଟଙ୍କା ରୋଜଗାର କରନ୍ତି। ଆଜି ୧୦୦ ଟଙ୍କାରେ ୧୫ରୁ ୨୦ଟି କଙ୍କଡା ବିକ୍ରି ହେଉଥିବାବେଳେ ଗ୍ରାହକ ମାନେ ଭିଡ଼ ଲଗାଇ ଘରକୁ ନେଇ ଯାଉଥିବା ଦେଖିବାକୁ ମିଳିଥିଲା। ବର୍ଷରେ ଥରେ ଦୁଇଥର ଏହି କଙ୍କଡା ଖାଇବାର ସୁଯୋଗ ମିଳିଥାଏ ବୋଲି ଫକୀରପୁରର ପ୍ରଦୀପ ସାହୁ କହିଛନ୍ତି। ଏହି ରୋଜଗାର ଦ୍ୱାରା ସେମାନେ ନିଜ ପରିବାରର ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ସହ ଆର୍ଥିକ ସ୍ୱାବଲମ୍ବୀ ହେବାରେ ସହାୟତା ପାଉଛନ୍ତି। ଗୋଟିଏ ପଟେ ଗ୍ରାହକଙ୍କୁ କମ୍ ମୂଲ୍ୟରେ ଦେଶୀ କଙ୍କଡ଼ା ମିଳୁଥିବା ବେଳେ ଅନ୍ୟପଟେ ଏହି ହାଟ ଗ୍ରାମାଞ୍ଚଳର ମହିଳାଙ୍କ ଜୀବିକାକୁ ସୁଦୃଢ଼ କରିବାରେ ସହାୟକ ହେଉଛି। ତେଣୁ ଚାରିନାଳିଆର ଏହି କଙ୍କଡ଼ା ହାଟ ସ୍ଥାନୀୟ ଅଞ୍ଚଳରେ ଗୁରୁତ୍ୱ ବହନ କରୁଛି।

▶▶ କ୍ରେନ୍‌ରେ ଗାଡ଼ି ଟଣା ବେଳେ ଦୁର୍ଘଟଣା

ଦୁଇ ଯାନ ମଝିରେ ଚାପି ହେଲା କାର୍

ଯୋଡ଼ା, ୩।୧୧(ସମିସ): ଜାତୀୟ ରାଜପଥରେ ଅଚଳ ଗାଡ଼ିକୁ କ୍ରେନ୍ ସାହାଯ୍ୟରେ ଟାଣି ନେବା ସମୟରେ ଘଟିଛି ଏକ ଦୁର୍ଘଟଣା। କେନ୍ଦୁଝର ଜିଲ୍ଲାର ୫୨୦ ନମ୍ବର ଜାତୀୟ ରାଜପଥର ଭଦ୍ରାସାହି ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି। ଦୁର୍ଘଟଣାରେ ଏକ କାର୍ ଦୁଇଟି ଯାନ ମଧ୍ୟରେ ଚାପି ହୋଇ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ କାର୍‌ରେ ଥିବା ଯାତ୍ରୀମାନେ ଅଳ୍ପକେ ଏକ ବଡ଼ ଅଘଟଣରୁ ବର୍ତ୍ତିଯାଇଛନ୍ତି।

ଅଳ୍ପକେ ବର୍ତ୍ତିଲେ କାର୍‌ରେ ଥିବା ଯାତ୍ରୀ

ସୂଚନା ଅନୁଯାୟୀ, ରାଜପଥରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏକ ଗାଡ଼ି ଅଚଳ ହୋଇ ପଡ଼ିଥିଲା। ଉକ୍ତ ଗାଡ଼ିକୁ କ୍ରେନ୍ ସାହାଯ୍ୟରେ ସ୍ଥାନାନ୍ତର କରାଯାଉଥିବା ବେଳେ ଏକ କାର୍ ସେଠାରେ ପହଞ୍ଚି ଧକ୍କା ହୋଇଥିଲା। ଫଳରେ କାର୍‌ଟି ଦୁଇଟି ଗାଡ଼ି ମଝିରେ ଫସି ଯାଇଥିଲା। ଏହି ଧକ୍କାରେ କାର୍‌ର ଉଭୟ ପାର୍ଶ୍ୱ ଚେପା ହୋଇଯିବା ସହ ଗାଡ଼ିର ବିଭିନ୍ନ ଅଂଶ ଭାଙ୍ଗି ଗୁରୁତର କ୍ଷତି ହୋଇଥିଲା। ଦୁର୍ଘଟଣା ପରେ କାର୍‌ର ଅବସ୍ଥା ଦେଖି ଘଟଣାସ୍ଥଳରେ ଥିବା ଲୋକମାନେ ଆଶ୍ଚର୍ଯ୍ୟଚକିତ ହୋଇପଡ଼ିଥିଲେ। ଏହି ଘଟଣା ରାଜପଥରେ ଅଚଳ ଯାନବାହନକୁ ହଟାଇବା ସମୟରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥାର ଗୁରୁତ୍ୱକୁ ପୁଣିଥରେ ଉଜାଗର କରିଛି। ଭଦ୍ରାସାହି ନିକଟରେ ଘଟିଥିବା ଏହି ଦୁର୍ଘଟଣା ରାଜପଥରେ ସୁରକ୍ଷା ଓ ସତର୍କତାର ଅଭାବକୁ ପୁଣିଥରେ ପଦାରେ ପକାଇଛି।

ଯୋଡ଼ା ମହିଳା ମହାବିଦ୍ୟାଳୟରେ ଭିଜିଲାନ୍ସ ସପ୍ତାହ ଓ ନିଶାମୁକ୍ତି ସଚେତନତା



ଯୋଡ଼ା, ୩।୧୧(ସମିସ): ଯୋଡ଼ା ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଭିଜିଲାନ୍ସ ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି କରିବା ସହ ଲାଞ୍ଚ ନେବା ଓ ଦେବାକୁ ବିରୋଧ କରିବା ପାଇଁ ଛାତ୍ରୀମାନଙ୍କୁ ଶପଥ ପାଠ କରାଯାଇଥିଲା।। କଲେଜ ଅଧ୍ୟକ୍ଷ ପ୍ରଦୀପ ବେହେରା ଛାତ୍ରୀମାନଙ୍କୁ ଶପଥ ପାଠ କରାଇବା ସହ ସମାଜରୁ ଦୁର୍ନୀତିର ମୂଳୋତ୍ପାଟନ କରିବା ଦିଗରେ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ସଚେତନତା ସଭାରେ ଦୁର୍ନୀତିମୁକ୍ତ ସମାଜ ଗଠନରେ ଯୁବପିଢ଼ିଙ୍କ ଭୂମିକା ଉପରେ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ଛାତ୍ରୀମାନଙ୍କ ନିଶାମୁକ୍ତି ସଚେତନତା ରାଲି। ଛାତ୍ରୀମାନେ ରାଲିରେ ସାମିଲ ହୋଇ ସ୍ଥାନୀୟ ବନେଇକଳା ଅଞ୍ଚଳରେ ରାସ୍ତା ପରିକ୍ରମା କରିଥିଲେ। ଏହା ମାଧ୍ୟମରେ ନିଶା ସେବନର କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ସହ ନିଶାମୁକ୍ତ ସମାଜ ଗଠନର ବାର୍ତ୍ତା ପ୍ରଚାର କରାଯାଇଥିଲା। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର +୩ କାର୍ଯ୍ୟକ୍ରମ ଅଧିକାରୀ ଜଗମୋହନ ଝଙ୍କାର ଏବଂ +୨ କାର୍ଯ୍ୟକ୍ରମ ଅଧିକାରିଣୀ ଶୁଚିସ୍ମିତା ସିଂ ପରିଚାଳନା କରିଥିଲେ। ଭିଜିଲାନ୍ସ ସପ୍ତାହ ପାଳନ ମାଧ୍ୟମରେ ଛାତ୍ରୀମାନଙ୍କ ମଧ୍ୟରେ ନୈତିକତା, ସଚ୍ଚୋଟତା ଓ ସାମାଜିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରସାର କରାଯାଇଥିଲା।

ଓଡ଼ିଶା ଜନତା କଂଗ୍ରେସର ଜନସମାବେଶ



କେନ୍ଦୁଝର, ୩।୧୧(ସମିସ): କେନ୍ଦୁଝର ଜିଲ୍ଲାରେ ଓଡ଼ିଶା ଜନତା କଂଗ୍ରେସର ବିଶାଳ ଜନସମାବେଶରେ ସରକାରଙ୍କୁ ଟାର୍ଗେଟ୍ କଲେ ରାଜ୍ୟ ସଭାପତି ମହମ୍ମଦ ମୋକିମ। ପୁରୁଣା ବଜାରସ୍ଥିତ ଜଗନ୍ନାଥ ମନ୍ଦିର ନିକଟରୁ ବାହାରିଥିବା ଏହି ଶୋଭାଯାତ୍ରା ମ୍ୟୁନିସିପାଲିଟି ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ମୋକିମ ଚାଷୀ, ଗରିବ ଖଟିଖିଆ ଏବଂ ସାଧାରଣ ଲୋକଙ୍କ ସମସ୍ୟାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଥିଲେ। ଓଡ଼ିଶାର ୫୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ ହୋଇଥିବାବେଳେ ଚାଷୀମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ହୋଇ ପାରୁନାହିଁ। ଖଣିଜ ସମ୍ପଦରେ ଭରପୂର କେନ୍ଦୁଝର ଜିଲ୍ଲାରେ ଆଜି ମଧ୍ୟ କୁପୋଷଣ ଏକ ଗୁରୁତର ସମସ୍ୟା ହୋଇ ରହିଛି। ଜିଲ୍ଲାର ପ୍ରାୟ ୩୧ ପ୍ରତିଶତ ଶିଶୁ ଉପଯୁକ୍ତ ଓଜନ ହାସଲ କରିପାରୁନାହାନ୍ତି ବୋଲି ସେ ଅଭିଯୋଗ କରିଥିଲେ। ଏକ ଧନୀ ଜିଲ୍ଲାରେ ଲୋକଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଡ଼ କରିବା କଷ୍ଟକର ହେବା ଦୁର୍ଭାଗ୍ୟଜନକ ବୋଲି ସେ ମତ ରଖିଥିଲେ। ଅନ୍ୟପକ୍ଷରେ ହରିଚନ୍ଦନପୁର, ତେଲକୋଇ, ବାଂଶପାଳ ଏବଂ ଚମ୍ପୁଆ ବ୍ଲକର ଅନେକ ଅଞ୍ଚଳରେ ଲୋକେ ଏବେ ମଧ୍ୟ ଉନ୍ନତ ଗମନାଗମନ ସୁବିଧାରୁ ବଞ୍ଚିତ ଥିବା ସହ କେତେକ ଗ୍ରାମରେ ପାନୀୟ ଜଳର ଘୋର ସଙ୍କଟ ରହିଥିବା ନେଇ ସେ ଅଭିଯୋଗ କରିଥିଲେ। ଏଥିସହ କେନ୍ଦୁଝର ଜିଲ୍ଲାରେ ବାଲି ଚୋରା ଚାଲାଣକୁ ନେଇ ମଧ୍ୟ ରାଜ୍ୟ ସଭାପତି ଉଦ୍‌ବେଗ ପ୍ରକାଶ କରିଥିଲେ। ଚାଷୀ, ଗରିବ ଓ ସାଧାରଣ ଜନତାଙ୍କ ସମସ୍ୟାର ସମାଧାନ ସହ ଓଡ଼ିଶାର ପ୍ରାୟ ୫୦ ପ୍ରତିଶତ କୃଷିନିର୍ଭର ଲୋକଙ୍କ ସ୍ୱାର୍ଥ ପାଇଁ ତାଙ୍କ ଦଳ କାର୍ଯ୍ୟ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ଜନସମାବେଶରେ ଦଳୀୟ କର୍ମୀ ଓ ସମର୍ଥକଙ୍କ ଉପସ୍ଥିତିରେ କେନ୍ଦୁଝରର ବିଭିନ୍ନ ଜନସମସ୍ୟା ଉପସ୍ଥାପିତ ହୋଇଥିଲା।

ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଧନୁର୍ବିଦ୍ୟା ଓ ବାଳିକା ଫୁଟବଲ୍ ପ୍ରତିଯୋଗିତା



କେନ୍ଦୁଝର, ୩।୧୧(ସମିସ): କେନ୍ଦୁଝର ସହରସ୍ଥିତ ଧରଣୀଧର କ୍ରୀଡ଼ା ପରିସର, ଶଙ୍କରପୁରଠାରେ ୭୦ତମ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଧନୁର୍ବିଦ୍ୟା (ଆର୍ଚେରୀ) ଓ ବାଳିକା ଫୁଟବଲ୍ ପ୍ରତିଯୋଗିତାରେ ଜିଲ୍ଲାର ୧୩ଟି ବ୍ଲକରୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଉଦ୍‌ଘାଟନୀ ସମାରୋହରେ କେନ୍ଦୁଝରର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ମୁଖ୍ୟଅତିଥି ଭାବେ ଖେଳାଳିମାନେ ଆଗାମୀ ଦିନରେ ଜିଲ୍ଲା ତଥା ରାଜ୍ୟର ଗୌରବ ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ତମ ପ୍ରଦର୍ଶନ ପାଇଁ ପ୍ରେରଣା ଦେଇଥିଲେ। ୧୭ ବର୍ଷରୁ କମ୍ ବାଳିକା ଫୁଟବଲ ପ୍ରତିଯୋଗିତାରେ ଯୋଡ଼ା ବ୍ଲକ ଚାମ୍ପିଅନ୍ ଏବଂ ଝୁମ୍ପୁରା ଦଳ ରନର୍ସଅପ୍ ହୋଇଛନ୍ତି। ପ୍ରତିଯୋଗିତାକୁ ଶୃଙ୍ଖଳିତ ଓ ସୁଚାରୁରୂପେ ପରିଚାଳନା କରିବା ପାଇଁ ୨୦ ଜଣ ଅଫିସିଆଲ୍‌ଙ୍କୁ ନିଯୁକ୍ତ କରାଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଖେଳାଳିମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଥିବା ବେଳେ ପ୍ରତିଯୋଗିତାକୁ ନେଇ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଛି। ଜିଲ୍ଲା କ୍ରୀଡ଼ା ସମ୍ପାଦକ ପ୍ରଦୀପ ବାରିକ ଧନ୍ୟବାଦ ଦେଇଥିଲେ।



ବ୍ଲକ୍‌ସ୍ତରୀୟ ପ୍ରତିଭା ଅନ୍ୱେଷଣ ଶିଶୁ ମହୋତ୍ସବ 'ସୁରଭି'



ବାଲିବନ୍ଧ, ୩।୧୧(ସମିସ): ଝୁମ୍ପୁରା ବ୍ଲକ ମୁଖ୍ୟାଳୟଠାରେ ଥିବା ଝୁମ୍ପୁରା ସରକାରୀ ଉଚ୍ଚବିଦ୍ୟାଳୟରେ ସୋମବାର ଗୋଷ୍ଠୀ ଶିକ୍ଷାଧିକାରୀ ଭଗବାନ ମିଶ୍ରଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ପ୍ରତିଭା ଅନ୍ୱେଷଣ ଶିଶୁ ମହୋତ୍ସବ ସୁରଭି-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଝୁମ୍ପୁରା ବ୍ଲକ ପ୍ରତିନିଧି ମହେନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଝୁମ୍ପୁରା ଥାନାଧିକାରିଣୀ ସମବାରୀ ହାଁସଦା, ସମ୍ମାନିତ ଅତିଥି ଭାବେ ଝୁମ୍ପୁରା ସରପଞ୍ଚ ରେବତୀ ବିରୁଆ, ଝୁମ୍ପୁରା ବ୍ଲକ ସାଂସଦ ପ୍ରତିନିଧି ପଞ୍ଚାନନ ସାହୁ, ଅବସରପ୍ରାପ୍ତ ଏବିଇଓ ବିଜୟାନନ୍ଦ ବେହେରା, ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶଚନ୍ଦ୍ର ମହାନ୍ତ, ଝୁମ୍ପୁରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜେନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏବିଓ/ବିଆରସିସି ନବକିଶୋର ସାମଲ ସ୍ୱାଗତ ଅଭିଭାଷଣ ରଖିଥିଲେ। ବଡଡୁମୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଜୟ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଝୁମ୍ପୁରା ବ୍ଲକର ୧୨ଟି କ୍ଲଷ୍ଟରର ୩ ଶହ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୩ଟି ବର୍ଗରେ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ପ୍ରଥମସ୍ଥାନ ହାସଲ କରିଥିବା କୃତୀ ଛାତ୍ରଛାତ୍ରୀ ଆସନ୍ତା ୫ ତାରିଖ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ନେଇ ବିଇଓ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ତନ୍ମୟ କୁମାର ଗିରି, ଦାଶରଥି ଗିରି, ଶୁକଦେବ ମହାନ୍ତଙ୍କ ସମେତ ସମସ୍ତ ସିଆରସିସି, ବରିଷ୍ଠ ଶିକ୍ଷକ ପ୍ରମୁଖ ସହଯୋଗ କରିଥିଲେ।

ତେଲକୋଇ: ତେଲକୋଇ ଦୋବଲାପାଳ ଉଚ୍ଚ ବିଦ୍ୟାଳୟରେ ସୋମବାର ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତାରେ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ଶିବନାରାୟଣପୁର ଗୋଡ଼ାର ଛାତ୍ରଛାତ୍ରୀମାନେ ମୋଟ ୬ଟି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ସୁରଭି ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ରଚନା ପ୍ରତିଯୋଗିତାରେ ଗାୟତ୍ରୀ ସାହୁ, ସୃଜନଶୀଳ ଲିଖନରେ ନବମ ଶ୍ରେଣୀର ଛାତ୍ରୀ ସୁଚିତା, ବକ୍ତୃତାରେ ନବମ ଶ୍ରେଣୀର ଛାତ୍ରୀ ପ୍ରଜ୍ୟନୀ ମହାନ୍ତ, ପ୍ରଧାନମନ୍ତ୍ରୀ ପୋଷଣ ଶିଳ୍ପକଳା ପ୍ରତିଯୋଗିତାରେ ପ୍ରିୟଦର୍ଶିନୀ ମହାନ୍ତ, ଦିବ୍ୟାଙ୍ଗ ସଙ୍ଗୀତ ପ୍ରତିଯୋଗିତାରେ ଅଞ୍ଜନା ଦେହୁରୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଦଳଗତ ନୃତ୍ୟରେ ବିଦ୍ୟାଳୟର ଛାତ୍ରୀମାନେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କୁଆଁର ସିଂ ମୁଣ୍ଡା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।



ଆନନ୍ଦପୁର ସୁରଭି କାର୍ଯ୍ୟକ୍ରମ କେବଳ ଭାଷଣ ସର୍ବସ୍ୱ

ସନ୍ଧ୍ୟାରେ ଫେରୁଥିବା ବିଦ୍ୟାର୍ଥୀ ଅସୁରକ୍ଷିତ

ଆନନ୍ଦପୁର, ୩।୧୧(ସମିସ): ଆନନ୍ଦପୁର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପିଏମ୍‌ଶ୍ରୀ ଝାଡ଼େଶ୍ୱର ଉଚ୍ଚବିଦ୍ୟାଳୟଠାରେ ଦିନ ୧୧.୩୦ ମିନିଟରେ ଆରମ୍ଭ ହୋଇଥିଲା। ଅତିଥିଙ୍କୁ ଅପେକ୍ଷା କରି କାର୍ଯ୍ୟକ୍ରମ ବିଳମ୍ବରେ ଆରମ୍ଭ ହେଉଥିବାବେଳେ ମଞ୍ଚରେ ଭାଷଣ ଯୋଗୁଁ ଛାତ୍ରଛାତ୍ରୀଙ୍କ ପ୍ରତିଯୋଗିତା କାର୍ଯ୍ୟକ୍ରମ ବିଳମ୍ବ ହୋଇଥିବା ଅଭିଯୋଗ ହୋଇଛି। ଛାତ୍ରଛାତ୍ରୀଙ୍କ ସହିତ ଆସିଥିବା ଅଭିଭାବକ ଓ କେତେକ ଶିକ୍ଷକ ଏପରି ଅଯଥା ବିଳମ୍ବ ପାଇଁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆନନ୍ଦପୁର ବ୍ଲକ୍ ଶିକ୍ଷାଧିକାରୀ ହରିହର ଦଳେଇଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ଉପଜିଲ୍ଲାପାଳ ନୀଳମାଧବ ସୁନା, କେନ୍ଦୁଝର ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଆନନ୍ଦପୁର ପୁଲିସ୍ ଅଧିକାରୀ କମଳ କୁମାର ପଣ୍ଡା, ଡକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ହେମେନ୍ଦ୍ରନାଥ ମହାନ୍ତିଙ୍କ ସମେତ ୧୦ ଜଣଙ୍କ ଭାଷଣ ଦିବା ୧୨-୫୦ ମିନିଟରେ ଶେଷ ହୋଇଥିଲା। ଫଳରେ କାର୍ଯ୍ୟକ୍ରମ ସନ୍ଧ୍ୟା ସୁଦ୍ଧା ଶେଷ ହୋଇପାରି ନଥିଲା। ଅନେକ ଅଭିଭାବକ ଏପରି କାର୍ଯ୍ୟକଳାପ ପାଇଁ ଦୁଃଖ ପ୍ରକାଶ କରିଥିବା ବେଳେ ଦାୟିତ୍ୱରେ ଆସିଥିବା ଅନେକ ଶିକ୍ଷକ ବ୍ୟତିବ୍ୟସ୍ତ ହୋଇପଡୁଥିବା ପରିଲକ୍ଷିତ ହୋଇଥିଲା। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡକ୍ଟର ଆଲୋକ ରଣାଙ୍କ ଆବାହକତ୍ୱରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଅକ୍ଳାନ୍ତ ପରିଶ୍ରମ କରି କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ କରିଥିଲେ। ଆନନ୍ଦପୁର ବ୍ଲକ୍‌ର ୧୬ଟି କ୍ଲଷ୍ଟରରୁ ବିଭିନ୍ନ ବର୍ଗରେ ୩୩ଟି ପ୍ରତିଯୋଗିତାରେ ଶତାଧିକ ଛାତ୍ରଛାତ୍ରୀ ଉଲ୍ଲାସ ମନରେ ଅଂଶଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ବିଚାରକଙ୍କ ଦ୍ୱାରା ମନୋନୀତ କରାଯାଇ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ଉତ୍ତୀର୍ଣ୍ଣ କରାଯାଇଛି। ସମ୍ପୃକ୍ତ ବ୍ଲକ୍‌ର ସିଆରସିଗଣ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ଶିକ୍ଷାଧିକାରୀଙ୍କ ସହ କର୍ମଚାରୀଗଣ ପୂର୍ଣ୍ଣ ସହଯୋଗ କରିଥିଲେ।



ରାସନ୍ ଉପଭୋକ୍ତାଙ୍କୁ ଗହମ ଯୋଗାଣ କେବେ?

ଜଳେଶ୍ୱର,୩।୧୧(ସମିସ):

ପୂର୍ବେ କଣ୍ଟ୍ରୋଲ ସାମଗ୍ରୀ ଭାବେ ଖାଉଟିଙ୍କୁ ଚାଉଳ, ଗହମ, କିରାସିନି ଏବଂ ଚିନି ଦିଆଯାଉଥିଲା। ଅଧୁନା କେବଳ ରାସନ୍ ଉପଭୋକ୍ତାଙ୍କୁ ମାଗଣ ଚାଉଳ ପ୍ରଦାନରେ ଖାଦ୍ୟ ସୁରକ୍ଷା ଯୋଜନା ସୀମିତ ରହିଛି ରଖାଯାଇଛି। ବର୍ଷା ଏବଂ ଶୀତ ଦିନରେ ହିତାଧିକାରୀଙ୍କୁ ଅତ୍ୟାବଶ୍ୟକ ଗହମ ଆବଣ୍ଟନ ହେଉନାହିଁ। ଦୀର୍ଘବର୍ଷ ଧରି କେନ୍ଦ୍ରରୁ ଓଡ଼ିଶାକୁ ଗହମ କୋଟା ଯୋଗାଣ ବନ୍ଦ ରହିଛି। ଏହା ବଦଳରେ ରାଜ୍ୟକୁ ଶତ ପ୍ରତିଶତ ଚାଉଳ କୋଟା ଆକାରରେ ମିଳୁଛି।୨୦୨୨ରୁ କଣ୍ଟ୍ରୋଲ ସାମଗ୍ରୀରେ ଗହମ ଯୋଗାଣକୁ ସାମୟିକ ଭାବେ ବନ୍ଦ କରି ଦିଆଯାଇଥିଲା। ଏହାକୁ ନେଇ ସେତେବେଳେର ରାଜ୍ୟ ରାଜନୀତି ସରଗରମ ହୋଇଥିଲା। ୨୦୨୪ରେ ନୂତନ ସରକାର ରାଜ୍ୟରେ କ୍ଷମତାସୀନ ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଗହମ ଯୋଗାଇବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖିଥିଲେ। ସେହି ଅନୁସାରେ କେନ୍ଦ୍ର ସରକାର ରାଜ୍ୟକୁ ଗହମ ଯୋଗାଣ କରିଥିବା ବେଳେ ୩ ମାସର ଗହମ ଚାହିଦା ଅନୁସାରେ ଆକଳନ ପ୍ରଦାନ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଆସିଥିବା ଗହମ ଲୋକଙ୍କୁ ପର୍ଯ୍ୟାପ୍ତ ପରିମାଣରେ ନ ଦେଇ ଗୋଦାମରେ ଗଚ୍ଛିତ ରଖାଯାଇଥିଲା। ପ୍ରତି ବଦଳରେ ହିତାଧିକାରୀଙ୍କୁ ସେହି ପରିମାଣରେ ଚାଉଳ ଯୋଗାଇ ଦିଆଯାଇଥିଲା। ଖରା ଦିନିଆ ଗହମ ନେବାରେ ଖାଉଟିଙ୍କ ଅନିଚ୍ଛା କାରଣରୁ ହଜାର ହଜାର କୁଣ୍ଟାଲ ଗହମ ଗଚ୍ଛିତ ହୋଇ ନଷ୍ଟ ହେଲା। ରାସନ୍ କାର୍ଡରେ ହିତାଧିକାରୀଙ୍କୁ ଖାଦ୍ୟ ଚୟନରେ ସ୍ୱାଧୀନତା ଥିବା ବେଳେ ସେହି ଅନୁସାରେ ପ୍ରଦାନ ନ ହେବାରୁ ଖାଦ୍ୟ ସୁରକ୍ଷା ଯୋଜନା ସଫଳ ହେଉନାହିଁ। ଲୋକେ ମାଗଣା ଚାଉଳ ବିକ୍ରି କରୁଥିବା ବେଳେ ଚଢ଼ା ଦରରେ ଗହମ କିଣି ଶୋଷଣର ଶିକାର ହେଉଛନ୍ତି। ଖୋଲା ବଜାରରେ ଗହମ ଓ ଅଟାର ଦର ଲଗାତର ବଢ଼ୁଥିବାରୁ ଲୋକେ କଣ୍ଟ୍ରୋଲ ବ୍ୟବସ୍ଥାରେ ଗହମ ଖୋଜୁଛନ୍ତି। ଖୋଲା ବଜାରରେ ଗହମ କିଲୋ ୪୦ଟଙ୍କା ଛୁଇଁଥିବା ବେଳେ ଅଟା କିଲୋ ୫୦ଟଙ୍କା ଟପିଲାଣି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗହମ ଯୋଗାଣ ହେଉ ନ ଥିବାରୁ ନାମି ଦାମୀ କୋମ୍ପାନୀ, ବଜାରରେ ପ୍ରଭାବ ବିସ୍ତାର କରୁଛନ୍ତି। ସେତେ ବେଳେ ଗାଁ ଗହଳିରେ ଛୋଟ ବଡ଼ ଗହମ ପୋଷଣ ମେସିନ୍ ବସାଇବା ଦ୍ୱାରା କୁଟୀର ଶିଳ୍ପର ବେଶ୍ ବିକାଶ ହୋଇଥିଲା। କିନ୍ତୁ ଗହମ ଯୋଗାଣ ବନ୍ଦ କାରଣରୁ ରାଷ୍ଟ୍ରାୟତ କମ୍ପାନୀ ବଜାର କୁ କବଜା କରି ମୋଟା ଅଙ୍କର ଅର୍ଥ ରୋଜଗାର କରୁଛନ୍ତି। ଡାକ୍ତରଙ୍କ କହିବା ଅନୁସାରେ ଉତ୍ତର ବାଲେଶ୍ୱର ଅଞ୍ଚଳରେ ଅତ୍ୟଧିକ ମୁଢ଼ୀ,ଭାତ ଖାଇବା ଫଳରେ ମଧୁମେହ ରୋଗୀଙ୍କ ସଂଖ୍ୟା ବଢ଼ିବାକୁ ଲାଗିଛି। କାରଣ ମୁଢ଼ିରେ ଅଧିକ ଲୁଣ ଏବଂ ଚାଉଳରେ ଶ୍ୱେତସାର ଯୋଗୁଁ ଡାଇବେଟିସ ଆକ୍ରାନ୍ତ ଲୋକଙ୍କ ଆହାରରେ ଘୋର ଅସୁବିଧା ସୃଷ୍ଟି ହେଉଛି। ଲୋକେ ବଞ୍ଚିବା ପାଇଁ ବାଧହୋଇ ଚଢ଼ା ଦରରେ ଗହମ ଏବଂ ଅଟା କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଚାହିଦା ଅନୁସାରେ ବର୍ଷା ଦିନିଆ ଏବଂ ଶୀତଦିନିଆ ମାଗଣାରେ ଗହମ ଯୋଗାଇବାକୁ ସାଧାରଣରେ ଦାବି ହେଉଛି।

ବିଦ୍ୟାଳୟରେ ପିଲାଙ୍କୁ ଦିଆଯାଉଛି ପୋକରା ଚାଉଳ

● ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲେ ବିଧାୟକ



ସୋର, ୩।୧୧(ସମିସ): ସୋର ପୌରାଞ୍ଚଳ ବଡଖୁରୀ ପିଏମଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋକରା ଚାଉଳ ପିଲାଙ୍କ ମଧ୍ୟାହ୍ନ ଭୋଜନରେ ଦିଆଯାଉଛି। ଖବର ପାଇ ସୋର ବିଧାୟକ ମାଧବ ଧଡା ସ୍କୁଲରେ ପହଞ୍ଚି ଏହାକୁ ବିରୋଧ କରିଥିବା ଦେଖିବାକୁ ମିଳିଛି। ଦୀର୍ଘଦିନ ଧରି ପିଲାମାନଙ୍କୁ ଏହି ଗଚ୍ଛିତ ଥିବା ପୋକରା ଚାଉଳ ମଧ୍ୟାହ୍ନ ଭୋଜନରେ ଦିଆଯାଉ ଥିଲା। ଏ ନେଇ ଅଭିଭାବକମାନେ ଅଭିଯୋଗ କରିଥିଲେ ମଧ୍ଯ କୌଣସି ସୁଫଳ ମିଳିନଥିଲା। ଖବର ପାଇ ଆଜି ମଧ୍ୟାହ୍ନରେ ସୋର ବିଧାୟକ ମାଧବ ଧଡା ଅଚାନକ ସ୍କୁଲକୁ ଗସ୍ତ କରିଥିଲେ। ଏବଂ ପିଲାମାନଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନରେ ପୋକରା ଚାଉଳକୁ ଦେଖି କର୍ତ୍ତୃପକ୍ଷଙ୍କ ଉପରେ ଖୁବ ବର୍ଷିଥିଲେ। ଚାଉଳ ଯୋଗାଣ କାରି ସଂସ୍ଥା, ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଏଥିରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ଦାବୀ କରିଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ମହାନ୍ତି ଙ୍କୁ ପଚାରିବାରୁ ମୁଁ କିଛିଦିନ ହେବ ଆସିଛି। ମାତ୍ର ଚାଉଳ ଅଧିକ ମାତ୍ରାରେ ଗଚ୍ଛିତ ଥିବାରୁ ଉକ୍ତ ଚାଉଳକୁ ମଧ୍ୟାହ୍ନ ଭୋଜନରେ ବ୍ୟବହାର କରୁଥିବା କହିଥିଲେ।ତେବେ ପୋକରା ଚାଉଳ ଖାଇ ପିଲାଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ ଏଥିପାଇଁ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି।

ଭଡ଼ା ଘରେ କନିଷ୍ଠଯନ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ନୀଳଗିରି, ୩।୧୧ (ସମିସ): ନୀଳଗିରି ଏନ୍‌ଏସିର ଜଣେ କନିଷ୍ଠଯନ୍ତ୍ରୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତକ ହେଲେ କନିଷ୍ଠଯନ୍ତ୍ରୀ ଦେବାଶିଷ ପୃଷ୍ଟି (୫୭)। ଗତ ସେପ୍ଟେମ୍ବର ମାସରେ ସେ ନୀଳଗିରି ଏନ୍.ଏ.ସି ରେ ଯୋଗ ଦେଇଥିଲେ। ଏହା ପୂର୍ବରୁ ସେ ବାସୁଦେବପୁର ମ୍ୟୁନିସିପାଲିଟିରେ ଦୀର୍ଘ ବର୍ଷ ଧରି ରହି ଆସିଥିଲେ। ନୀଳଗିରି ଏନ୍.ଏ.ସି ରେ ଯୋଗ ଦେବା ପରେ ସେ ବରିସାହି ଗ୍ରାମରେ ଭଡ଼ା ଘରେ ରହୁଥିଲେ। ମଙ୍ଗଳବାର ଦିନ ପ୍ରାୟ ୧୦ଟା ସମୟରେ ଘରର ମାଲିକ ଡାକି ଥିବା ବେଳେ ସେ ଶୁଣି ନ ଥିଲେ। ପରେ ଘର ମାଲିକ ଏନ୍.ଏ.ସି କର୍ମଚାରୀଙ୍କୁ କହିବା ପରେ କର୍ମଚାରୀ ଡାକିବା ସହିତ ଫୋନ୍ ମଧ କରିଥିଲେ। ମାତ୍ର ଉତ୍ତର କିଛି ମିଳି ନ ଥିଲା। ଶେଷରେ କର୍ମଚାରୀ ମାନେ କବାଟ ଭାଙ୍ଗିବା ପରେ ଖଟରେ ସେ ଟଳି ପଡିଥିବାର ଦେଖିବାକୁ ପାଇଥିଲେ। ଏନେଇ ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଇଥିବା ବେଳେ ଫୋନ୍ ଉଠାଇ ନ ଥିଲେ ବୋଲି ଘର ମାଲିକ ପ୍ରକାଶ କରିଛନ୍ତି। ପରେ କର୍ମଚାରୀ ତୁରନ୍ତ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ଡାକ୍ତର ମୃତ ଘୋଷଣା କରିଥିଲେ। ନୀଳଗିରି ଏନ୍‌ଏସିର ସମସ୍ତ କର୍ମଚାରୀ, ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ଅଧ୍ୟକ୍ଷ ମହେନ୍ଦ୍ର ବେହେରା, ସମସ୍ତ କାଉନସିଲର୍, ଉପସ୍ଥିତ ଥିବାର ଦେଖିବାକୁ ମିଳିଛି। ମୃତକଙ୍କ ଘର ଭୁବନେଶ୍ୱର ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ନବୋଦୋୟ ସ୍କୁଲରେ ଚାକିରି କରିଥିବାର ଜଣା ପଡିଛି। ସଂଧ୍ୟା ପରେ ଶବ ବ୍ୟବଚ୍ଛେଦ ହେବାର ନିୟମ ନ ଥିବା ବେଳେ ଜରୁରୀ କାଳୀନ ପରିସ୍ଥିତିକୁ ଆଖି ଆଗରେ ରଖି ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ସୁରଜ ମୟୂରଙ୍କ ନିର୍ଦ୍ଦେଶ ଦେବା ପରେ ଡିଜି ଲାଇଟ୍‌ରେ ଶବ ବ୍ୟବଚ୍ଛେଦ କରାଯାଇ ମୃତ ଦେହକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିବ।

● ହୋଟେଲ ନିଉ ବୁଲବୁଲରେ ଦେହ ବ୍ୟବସାୟ ଘଟଣା

ହୋଟେଲ ମାଲିକ ଓ ଲିଜ୍‌ଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ରାଜଘାଟ, ୩।୧୧ (ସମିସ): ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥ କୁଣବଳଦାରେ ଥିବା ହୋଟେଲ ନିଉ ବୁଲବୁଲରେ ବସ୍ତା ଏସଡିପିଓ ସମର୍ଥ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଗତ ସୋମବାର ବିଳମ୍ବିତ ରାତ୍ରିରେ ଚଢ଼ଉ କରି ୩ ଯୁବତୀଙ୍କୁ ଉଦ୍ଧାର କରିବା ସହ ୫ ଗ୍ରାହକ ଓ ଜଣେ ଦଲାଲକୁ ଗିରଫ କରିଥିଲା। ମାତ୍ର ହୋଟେଲ ମାଲିକ ଓ ଲିଜଧାରୀ ଫେରାର ହେବାରେ ସଫଳ ହୋଇଥିଲା। ପୁଲିସ ବାରମ୍ବାର ଦେହଜୀବୀ, ଦଲାଲ ଏବଂ ଗ୍ରାହକଙ୍କୁ ଗିରଫ କରୁଛି, ହେଲେ ହୋଟେଲର ମାଲିକ କିମ୍ବା ଲିଜ୍ ଧାରୀଙ୍କୁ କାହିଁକି ଗିରଫ କରୁନାହିଁ ଉଠିଛି ବଡ଼ ପ୍ରଶ୍ନ। ଅଭିଯୋଗ ଅନୁସାରେ, ଏହି ହୋଟେଲରେ ଏହା ପ୍ରଥମ ଚଢ଼ଉ ନୁହେଁ। ପୂର୍ବବର୍ଷ ଏହି ଅକ୍ଟୋବର ମାସରେ ପୁଲିସ ଚଢାଉ କରି ଦୁଇ ଜଣ ଦେହଜୀବୀଙ୍କୁ ଉଦ୍ଧାର କରିବା ସହ ହୋଟେଲ ମ୍ୟାନେଜର ଓ ଜଣେ ଗ୍ରାହକଙ୍କୁ ଗିରଫ କରିଥିଲା। ବାରମ୍ବାର ଏଭଳି ବେଆଇନ କାର୍ଯ୍ୟ ପାଇଁ ଚଢାଉ ହେଉଥିଲେ ମଧ୍ୟ ପୁଲିସ ହୋଟେଲକୁ ସିଲ୍ କାହିଁକି କରୁନାହିଁ, ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଉକ୍ତ ହୋଟେଲ ମାଲିକ କାଦରାୟାଁ ଗ୍ରାମର ହୋଇଥିବା ବେଳେ ସେ ଭେଲୋରା ପଞ୍ଚାୟତ କୁଣ୍ଡୁଳି ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଲିଜ ସୂତ୍ରରେ ଦେଇଥିବା ଜଣାପଡିଛି। ଆଇନ ଅନୁସାରେ ଯେଉଁ ପରିସରରେ ଦେହ ବ୍ୟବସାୟ ଚାଲେ, ସେହି ହୋଟେଲର ମାଲିକ, ମ୍ୟାନେଜର, ଲିଜ୍ ଧାରୀ ମୁଖ୍ୟ ଅଭିଯୁକ୍ତ। ତାଙ୍କୁ ଗିରଫ ନ କରି କେବଳ ଯୁବତୀ ଓ ଗ୍ରାହକଙ୍କୁ ଧରିବା କେତେ ଦୂର ଯୁକ୍ତିଯୁକ୍ତ? ବାରମ୍ବାର ସମାନ ହୋଟେଲରେ ଏଭଳି ଘଟଣା ଘଟିଲେ ପୁଲିସ ସେହି ପରିସରକୁ ସିଲ୍ କରିପାରେ। କିନ୍ତୁ ବସ୍ତା ପୁଲିସ ଚଢ଼ଉ ପରେ ପୁଣି ହୋଟେଲ ଖୋଲା ରହୁଛି କେମିତି? ରାତି ଅଧରେ ବାହାର ଜିଲ୍ଲା ଓ ବାହାର ରାଜ୍ୟରୁ ଯୁବତୀ ଆସିବା, ଗ୍ରାହକ ଯୋଗାଡ ଏସବୁ ହୋଟେଲ କର୍ମଚାରୀ ବିନା ସମ୍ଭବ ନୁହେଁ। ସେମାନଙ୍କୁ କାହିଁକି ତଦନ୍ତ ପରିସରଭୁକ୍ତ କରାଯାଉନି? ଏଣୁ କେବଳ ଗ୍ରାହକ ଓ ଯୁବତୀଙ୍କୁ ଧରି ଲୋକ ଦେଖାଣିଆ କାର୍ଯ୍ୟାନୁଷ୍ଠାନ ନ କରି, ମୂଳ ମାଲିକ ଏବଂ ଲିଜଧାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ହୋଟେଲକୁ ସିଲ୍ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଅବସର ପରେ ବି ଫାଇଲ କାମ କରୁଛନ୍ତି ଅଧିକାରୀ

ନୀଳଗିରି, ୩।୧୧ (ସମିସ): ନୀଳଗିରି କ୍ଷୁଦ୍ର ଜଳସେଚନ ବିଭାଗରେ ଜଣେ ସହକାରୀ ଯନ୍ତ୍ରୀ ଚାକିରିରୁ ଅବସର ନେବାର ୭-୮ ମାସ ପରେ ବି ପୁରୁଣା ଫାଇଲ ହସ୍ତାନ୍ତର ନକରି ଅଫିସ ଆସି ବିଲ୍ କାମ କରୁଥିବା ଅଭିଯୋଗ ହେଉଛି। ନୀଳଗିରି କ୍ଷୁଦ୍ର ଜଳସେଚନ ଉପଖଣ୍ଡ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ନୀଳଗିରି ଠାରେ ଅବସ୍ଥିତ। ନୀଳଗିରି ଅଞ୍ଚଳରେ ଥିବା ବିଭିନ୍ନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପ୍ରଶାସନିକ ପରିଚାଳନା, ଜଳସେଚନ କାର୍ଯ୍ୟର ତଦାରଖ କରିବା ସହ ଏଥିରେ କ୍ଷୁଦ୍ର ଜଳସେଚନ ସେକ୍ସନ ୧, ସେକ୍ସନ ୨ ଓ କ୍ଷୁଦ୍ର ଜଳସେଚନ ସେକ୍ସନ ରିଷିଆ ରହିଥିବା ବେଳେ ଜଳସେଚନ ପ୍ରକଳ୍ପର ଦେଖରେଖ ପାଇଁ ଦୁଇଜଣ ଯନ୍ତ୍ରୀଙ୍କ ସହିତ ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀ ରହିଛନ୍ତି। ଚଳିତ ବର୍ଷ ଗତ ମାର୍ଚ୍ଚ ୩୧ ତାରିଖରେ ଯନ୍ତ୍ରୀ ରମେଶ ଦାସ ଅବସର ହୋଇଥିବା ବେଳେ ଏବେ ବି ପ୍ରତିଦିନ ନୀଳଗିରି ଅଫିସକୁ ଆସି କୋଠରୀରେ ବସି ଫାଇଲ ଓଲଟାଇ ବିଲ୍ କରୁଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଉକ୍ତ ଅଫିସକୁ ଯାଇ ଦେଖିବା ବେଳକୁ ସେ ଅଫିସରେ ବସି ଫାଇଲ କାମ କରୁଥିବା ଦେଖିବାକୁ ମିଳିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ସମ୍ପର୍କରେ ବାଲେଶ୍ୱର କ୍ଷୁଦ୍ର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁଶିଲ ବିଶ୍ୱାଳଙ୍କୁ ଯୋଗାଯୋଗ କରିଥିବା ବେଳେ ସେ ଫୋନ ଉଠାଇନଥିଲେ। ଏଥିପ୍ରତି ବାଲେଶ୍ୱର ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତି ଶାଖା ପକ୍ଷରୁ ଶୋଭାଯାତ୍ରା

ଖଇରା, ୩।୧୧ (ସମିସ): କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୟନ ହେବାକୁ ଥିବା ୟୁଜିସି(ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ) ନିୟମାବଳୀ-୨୬ରେ ସାଧାରଣ ବର୍ଗକୁ ଯଥେଷ୍ଟ ଉପେକ୍ଷା କରାଯାଇଛି। ସମ୍ବିଧାନର ଧାରା ୧୪ରେ ଥିବା ସମାନତାର ଅଧିକାର ଭଳି ମୌଳିକ ଅଧିକାରକୁ ଉଲ୍ଲଂଘନ କରାଯାଇଛି। ଅନୁସୂଚିତ ଜାତି, ଜନଜାତିଙ୍କୁ ସୁହାଇବା ଏବଂ ସାଧାରଣ ବର୍ଗକୁ ଅଭିଯୁକ୍ତ ଦର୍ଶାଇବା ଭଳି ବ୍ୟବସ୍ଥା ଏଥିରେ ରଖାଯାଇଥିବା ନେଇ ଅଭିଯୋଗ ହୋଇ ଆସୁଛି। ସୁପ୍ରିମକୋର୍ଟ ଏହି ଅଧିନିୟମ ଲାଗୁ ଉପରେ ମଧ କଟକଣା ମଧ୍ୟ ଲଗାଇଛନ୍ତି। ଏହି ନିୟମାବଳୀ ବା ଅଧିନିୟମ ବିରୋଧରେ ରାଜ୍ୟ ବ୍ରାହ୍ମଣ ସମିତି ନିର୍ଦ୍ଦେଶ କ୍ରମେ ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତି ଏକଜୁଟ ହୋଇ ମଙ୍ଗଳବାର ପୂର୍ବାହ୍ନରେ ପ୍ରତିବାଦ ଜଣାଇଛି। ପ୍ରଥମେ ବୁଦ୍ଧିରାମ ପାଣିଗ୍ରାହୀଙ୍କ ପୌରହିତ୍ୟରେ ବ୍ଲକ ସଭାଗୃହରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରୀ, ଖଇରା ଶାଖାର ସାଧାରଣ ସମ୍ପାଦକ ରମାକାନ୍ତ ଶତପଥି, ବରିଷ୍ଠ ସଦସ୍ୟ ମୁକ୍ତିକାନ୍ତ ଶତପଥି, ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଉକ୍ତ ନିୟମାବଳୀ ରେ ପକ୍ଷପାତିତାକୁ ନେଇ ସମାଲୋଚନା କରିଥିଲେ। ପରେ ବ୍ରାହ୍ମଣସମିତିର ଶତାଧିକ ସଦସ୍ୟ ଏକ ଶୋଭାଯାତ୍ରାରେ ବିଡିଓଙ୍କ କାର୍ଯ୍ୟାଳୟକୁ ଯିବା ସହ ଏହି ନିୟମାବଳୀ ପ୍ରତ୍ୟାହାର ବା ସଂଶୋଧନ ଦାବିରେ ବିଡିଓ ନାରାୟଣ ସାହୁଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଭିକ୍ଷାବୃତ୍ତି ଆପଣେଇବେ ୨୫୫ ଭତ୍ତା ହିତାଧିକାରୀ !



ଖଇରା, ୩।୧୧ (ସମିସ): ଅନଲାଇନ ମାଧ୍ୟମରେ ଭତ୍ତା ପ୍ରଦାନ ପାଇଁ ସରକାର ନିଷ୍ପତ୍ତି ନେବା ପରେ ବୁଢ଼ା, ବୁଢ଼ୀ, ବିଧବା ଓ ଭିନ୍ନକ୍ଷମ ମାନଙ୍କୁ ଅନେକ କଷ୍ଟ ସହିବାକୁ ପଡୁଛି। ସମଗ୍ର ଓଡିଶାରେ ଉକ୍ତ ସମସ୍ୟା ଲାଗି ରହିଥିଲେ ହେଁ ଖଇରା ବ୍ଲକରେ ଏହା ଏବେ ଉତ୍କଟ ରୂପ ଧାରଣ କଲାଣି। କିଛି ବୟସ୍କ ଲୋକ ୭ମାସ ଧରି ଭତ୍ତାରୁ ବଞ୍ଚିତ ରହିଥିବା କାରଣରୁ ଅଭାବ କଷଣକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ପରିବାର ସହ ସମ୍ପର୍କ ଠିକଠାକ ନଥିବା ଅନେକ ବୁଢ଼ୀବୁଢ଼ା ଏବେ ଭିକ୍ଷାଥାଳ ଧରି ପରଦୁଆରକୁ ଯିବାକୁ ମନସ୍ଥ କରିବା କଥା ଖୋଲାଖୋଲି କହିବା ଆରମ୍ଭ କଲେଣି। ଏଣୁ ସେମାନଙ୍କୁ ଏଭଳି ହିନ ପରମ୍ପରାରୁ ନିବୃତ୍ତ ରଖିବାକୁ ସରକାର ଯୁଦ୍ଧକାଳିନ ଭିତ୍ତିରେ ଭତ୍ତା ସହାୟତା ପ୍ରଦାନ କରିବା ଆବଶ୍ୟକ ବୋଲି ବିଭିନ୍ନ ସାମାଜିକ ସଙ୍ଗଠନ ତରଫରୁ ଦାବି କରାଯାଇଛି।

ମିଳିଥିବା ତଥ୍ୟ ଅନୁଯାୟୀ ଖଇରା ବ୍ଲକ ର ୩୭ ପଞ୍ଚାୟତରେ ଅନଲାଇନ ଜରିଆରେ ଏକାଉଣ୍ଟ ମାଧ୍ୟମରେ ଭତ୍ତା ନେଉଥିବା ହିତାଧିକାରୀଙ୍କ ମଧ୍ୟରୁ ମୋଟ ୨୫୫ଜଣ ଭତ୍ତା ପାଇ ପାରୁନାହାଁନ୍ତି। ଏଥିମଧ୍ୟରେ ୭୬ଜଣ ହିତାଧିଙ୍କର ୭ମାସର ଭତ୍ତା ବକେୟା ଥିବା ବେଳେ, ୫ଜଣଙ୍କର ୬ମାସର,୧୪ଜଣଙ୍କର ୫ମାସର, ୮ଜଣଙ୍କର ୩ମାସର ଭତ୍ତା ମିଳିନାହିଁ। ସେପଟେ ବର୍ତ୍ତମାନ ଆହୁରି ଏମିତି ୫ଶହରୁ ଉର୍ଦ୍ଧ ହିତାଧିକାରୀ ଅଛନ୍ତି ଯେଉଁମାନଙ୍କର ଅଫିସ ରେକର୍ଡରେ ଭତ୍ତା ପାଉଥିବା ଦର୍ଶାଉଥିବା ବେଳେ ଜମାଖାତାକୁ ସେ ଅର୍ଥ ଯାଉନାହିଁ। ଏଥିନେଇ ଶ୍ୟାମସୁନ୍ଦରପୁର ପଞ୍ଚାୟତର ରଙ୍ଗଲତା ନାୟକ,ବାସନ୍ତୀ ଜେନା,ଭାନୁମତି ଜେନା, ଶୁକମଣି ନାୟକ, ଅନ୍ନପୂର୍ଣ୍ଣା ନାୟକ, ଟୁନା ଦାସ ଓ ଗୌରୀ ଦତ୍ତ ସ୍ଥାନୀୟସରପଞ୍ଚ ବନିତା ପ୍ରଧାନଙ୍କ ନିକଟରେ ଅଭିଯୋଗ କରିବା ପରେ ସରପଞ୍ଚ ମଧ୍ୟ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଭଳି ଅନଲାଇନ ବିଭ୍ରାଟ ଯୋଗୁଁ ହିତାଧିକାରୀ ମାନେ ଏବେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଯଦି ଏହି ସମସ୍ୟା ଲାଗି ରହେ ତେବେ ନିଜ ଖର୍ଚ୍ଚ ଭରଣା ପାଇଁ ଭିକ୍ଷାବୃତ୍ତି କରିବେ ବୋଲି ଦୁଃଖର ସହ କହିଛନ୍ତି। ଏ ସମ୍ପର୍କରେ ବିଡିଓ ନାରାୟଣ ସାହୁଙ୍କ ପ୍ରତିକ୍ରିୟା ନେବାରେ ୧୦ତାରିଖ ପୂର୍ବରୁ ଏ ସମସ୍ୟାର ସମାଧାନ ହୋଇଯିବ ବୋଲି ବୋଲି ଆଶା କରାଯାଉଥିବା କହିଛନ୍ତି।

ଫକୀରମୋହନ ବିଶ୍ୱବିଦ୍ୟାଳୟର ତିନୋଟି ବୁଝାମଣାପତ୍ର ସ୍ୱାକ୍ଷର

ବାଲେଶ୍ୱର, ୩।୧୧(ସମିସ): ଗବେଷଣା, ନବସୃଜନ ଓ ଉଦ୍ୟୋଗିତାର ବିକାଶକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ତିନୋଟି ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଏଥିସହ ଦୁଇଜଣ ଶିଳ୍ପ ଓ ବିଶେଷଜ୍ଞଙ୍କ ସହ ପରାମର୍ଶଦାତା ଚୁକ୍ତି ମଧ୍ୟ ସ୍ୱାକ୍ଷରିତ ହୋଇଛି। ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତି ଓ ଉଦ୍ୟୋଗ ଉନ୍ନୟନ କେନ୍ଦ୍ର (ଟି.ବି.ଆଇ) ମାଧ୍ୟମରେ ଏହି ପଦକ୍ଷେପ ନିଆଯାଇଛି। ତିନିବର୍ଷ ପାଇଁ କାର୍ଯ୍ୟାଳୟ ସ୍ଥାନ ଓ ଉଦ୍ୟୋଗ ବିକାଶ ସୁବିଧା ଯୋଗାଇଦେବା ନିମନ୍ତେ କ୍ରପ୍‌ଜୋନ୍ ଇନୋଭେଟିଭ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏହାର ପ୍ରତିଷ୍ଠାତା ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଡ଼କ୍ଟର ରାମାନୁଜ ପଣ୍ଡା, ସି.ଇ ୱାର୍ଲ୍ଡ ପକ୍ଷରୁ ସତ୍ତ୍ୱାଧିକାରୀ ଜୀବନଜ୍ୟୋତି ବାଗ ଏବଂ 'ଉନ୍ନତି'-ଓଡ଼ିଶା ପକ୍ଷରୁ ସଭାପତି ଆଶିଷ କୁମାର ପାତ୍ର ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ସେହିପରି ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ ବିଶେଷଜ୍ଞ ଶ୍ରୀ ଅଭିଷେକ ମଣିଙ୍କ ସହ ଜଳ, ପରିମଳ, ଜଳବାୟୁ ସହନଶୀଳତା ଓ ଗ୍ରାମୀଣ ଜୀବିକା କ୍ଷେତ୍ରରେ ପରାମର୍ଶ ପାଇଁ ଦୁଇବର୍ଷିଆ ସ୍ୱେଚ୍ଛାସେବୀ ପରାମର୍ଶଦାତା ଭାବେ ଚୁକ୍ତି ହୋଇଛି। ଏଥିସହ ଡ଼କ୍ଟର ରାମାନୁଜ ପଣ୍ଡା କୃଷିଭିତ୍ତିକ ବ୍ୟବସାୟର ସମ୍ପ୍ରସାରଣ, ଉପଭୋକ୍ତା ସାମଗ୍ରୀର ବଜାର ପରିଚୟ ଓ ବ୍ରାଣ୍ଡ ଗଠନ କ୍ଷେତ୍ରରେ ପରାମର୍ଶ ଦେବେ। କୁଳପତି ତଥା ଟି.ବି.ଆଇ ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା, କୁଳସଚିବ ପ୍ରଫେସର ନିହାର ରଞ୍ଜନ ରାଉତ ଏବଂ ବିଶ୍ୱବିଦ୍ୟାଳୟର ଅନ୍ୟ ଅଧ୍ୟାପକମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଟି.ବି.ଆଇ ର ସଂଯୋଜକ ତଥା ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ପଙ୍କଜ କୁମାର ପାଢ଼ୀ ଏବଂ ମୁଖ୍ୟ ପରିଚାଳନା ଅଧିକାରୀ ସୁନେନ୍ଦୁ ନାୟକ ସଂଯୋଜନା କରିଥିଲେ। ଗବେଷଣାଲବ୍ଧ ଜ୍ଞାନକୁ ବ୍ୟବହାରିକ ଉତ୍ପାଦ ଓ ସେବାରେ ପରିଣତ କରିବା ସହ ପ୍ରଯୁକ୍ତିଭିତ୍ତିକ ଉଦ୍ୟୋଗ ଓ ସ୍ଥାୟୀ ନବସୃଜନକୁ ଆଗକୁ ବଢ଼ାଇବାରେ ମଧ୍ୟ ଏହା ସହାୟକ ହେବ। ଏହାଦ୍ୱାରା ଆଞ୍ଚଳିକ ସ୍ତରରେ ନୂତନ ଉଦ୍ୟୋଗ ସୃଷ୍ଟି ଓ ବିକାଶରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଅବଦାନ ଆହୁରି ବୃଦ୍ଧି ପାଇବ ବୋଲି ପ୍ରଫେସର ପଙ୍କଜ କୁମାର ପାଢ଼ୀ ମତାମତ ପ୍ରଦାନ କରିଛନ୍ତି।



ପୁଅ ମୃତ୍ୟୁର ଅନ୍ତ୍ୟେଷ୍ଟି ନ ସରୁଣୁ ମା'ଙ୍କ ବିୟୋଗ

ଜଳେଶ୍ୱର, ୩।୧୧(ସମିସ): ଭେଣ୍ଡିଆ ପୁଅର ଅକାଳ ମୃତ୍ୟୁରେ ବୁଢ଼ୀ ମାଁ ଶଯ୍ୟାଶାୟୀ ହୋଇ ବାହୁନୀ ଶେଷ ନିଶ୍ୱାସ ତ୍ୟାଗ କରିବା ରାଇବଣିଆ ଅଞ୍ଚଳରେ ଦୁଃଖଦ ଘଟଣା ଘଟିଯାଇଛି। ଜଳେଶ୍ୱର ବ୍ଲକ କଳମା ପଞ୍ଚାୟତ ପ୍ରଶାଦଶୋଳ ଗାଁରେ ଜୟରାମ ମହାନ୍ତଙ୍କ ସାନ ପୁଅ ହରମୋହନ(୩୫) ଓ ତାରାକାନ୍ତ ମହାନ୍ତ ଙ୍କ ପୁତ୍ର ଅଶ୍ୱିନୀ (୩୪) ଅକ୍ଟୋବର ୨୧ ତାରିଖରେ ସୀମାନ୍ତ ମୟୂରଭଞ୍ଜ ଜିଲ୍ଲାରେ ବାଇକ୍ ଜନିତ ଦୁର୍ଘଟଣାରେ ଶୀକାର ହୋଇଥିଲେ। ଦୁଇ ଜଣ ଗୁରୁତର ଆହତ ହୋଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ହରମୋହନଙ୍କ ମୃତ୍ୟୁ ଘଟିଥିଲା। ପୁଅର ଶୋକରେ ମା' ଗୋଲାପି (୭୩) ମ୍ରିୟମାଣ ହୋଇ ଶଯ୍ୟାଶାୟୀ ଥିଲେ। ରବିବାର ପୁଅର ଏକାଦଶାହ କ୍ରିୟା ସରିଥିବା ବେଳେ ଶୋକ ସନ୍ତପ୍ତ ପରିବାର ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ମଙ୍ଗଳବାର ଦ୍ୱିପ୍ରହର, ଦ୍ୱାଦଶ ଦିନର କର୍ମ ସରିଥିବା ବେଳେ ଅପରାହ୍ନ ରେ ମା ଗୋଲାପୀ ଙ୍କ ଶେଷ ନିଶ୍ୱାସ ତ୍ୟାଗ କରିବା ପରେ ପରିବାର ଉପରେ ଦୁଃଖର ପାହାଡ଼ ଛିଡି ପଡିଛି। ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

ନୀଳମଣି କଲେଜରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ



ବାଲେଶ୍ୱର, ୩।୧୧ (ସମିସ) : ସଦର ବ୍ଲକ ଅନ୍ତର୍ଗତ ରୂପସା ସ୍ଥିତ ନୀଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରିବା ସହ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ସରୋଜ କୁମାର ପାଣି, ଅଧ୍ୟାପିକା ପିନାକ୍ଷୀ ପଣ୍ଡା, ଇତିଶ୍ରୀ ମହାନ୍ତ ଓ ଅଧ୍ୟାପକ ଶ୍ରବଣ କୁମାର ନାୟକ ପ୍ରମୁଖ ବିଷୟ ବିଶେଷଜ୍ଞ ଭାବରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଦୁର୍ନୀତି ଏକ ସାମାଜିକ ବ୍ୟାଧି ବୋଲି ମତବ୍ୟକ୍ତ କରିବା ସହ ଯୁବପିଢ଼ୀଙ୍କୁ ଏହି ମାରିକ ବ୍ୟାଧିଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପାଳନ ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ଦୁର୍ନୀତି ନିବାରଣର ଶପଥ ପାଠ କରାଯାଇଥିଲା। ଏହି ଅବସରରେ ସ୍ୱେଚ୍ଛାସେବୀ ରିଙ୍କି ମାଇତି, ମାନସୀ ସ୍ୱାଇଁ, ରଶ୍ମିତା ବେହେରା, ଜୟସ୍ମିତା ପରିଡ଼ା, ରାଜେନ୍ଦ୍ର ଦାସ, ଦୀନେଶ କୁମାର ଜେନା, ଧନଞ୍ଜୟ ନାୟକ ଓ ବାଦଲ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଞ୍ଜିତ୍ କୁମାର ତପସ୍ୱୀ ଧନ୍ୟବାଦ ଦେଇଥିଲେ।

ପିଏମ୍ଶ୍ରୀ ମଧୁସୂଦନ ଉଚ୍ଚବିଦ୍ୟାଳୟରେ ବିଜ୍ଞାନମେଳା



ବାଲେଶ୍ୱର(ଉତ୍ତର), ୩।୧୧ (ସମିସ) : ଭୋଗରାଇ ବ୍ଲକ ଶଙ୍ଖାରୀ ପିଏମ୍ଶ୍ରୀ ମଧୁସୂଦନ ଉଚ୍ଚବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନମେଳା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁନିଲ କୁମାର ଦତ୍ତଙ୍କ ସଭାପତିତ୍ୱରେ ଉଦଯାପନୀ ଉତ୍ସବରେ ବିଚାରକ ତଥା ମୁଖ୍ୟ ଅତିଥି ଭାବେ ବ୍ଲକ ବିଜ୍ଞାନ ସଂଯୋଜକ ମହେଶ୍ୱର ଗିରି, ଉଦ୍‌ଘାଟକ ତଥା ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦତ୍ତ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଯୁଗଳ କିଶୋର ଦାସ ପ୍ରମୁଖ ଯୋଗଦେଇ ଜିଜ୍ଞାସା ଓ ପ୍ରମାଣସିଦ୍ଧ ତତ୍ତ୍ୱ ଆଧାରରେ ପରୀକ୍ଷଣ ସହ ବିଶେଷ ଜ୍ଞାନକୁ ମାନବର କଲ୍ୟାଣରେ ଲଗାଇ ପାରିଲେ ଭବିଷ୍ୟତରେ ଜଣେ ପ୍ରତିଷ୍ଠିତ ବୈଜ୍ଞାନିକ ହୋଇପାରିବ ବୋଲି କହିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମାନଙ୍କ ତତ୍ତ୍ୱାବଧାନରେ ପିଲାମାନଙ୍କ ଦ୍ୱାରା ୫୩ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ସିନିୟର ଗ୍ରୁପରୁ ୫ଟି ଓ ଜୁନିଅର ଗ୍ରୁପରୁ ୫ଟି ଶ୍ରେଷ୍ଠ ପ୍ରକଳ୍ପ ଚୟନ କରାଯାଇ ଟ୍ରଫି ସହିତ ମାନପତ୍ର ଓ ସମସ୍ତ ପ୍ରକଳ୍ପ ଅଂଶଗ୍ରହଣ କରିଥିବା ପିଲାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହାସହିତ ମେଗା କୁଇଜ ପ୍ରତିଯୋଗିତାରେ ଶ୍ରେଷ୍ଠ ୫ଜଣ ଜୁନିଅର ଓ ୫ଜଣ ସିନିଅର ଗ୍ରୁପର ପିଲାଙ୍କୁ ଟ୍ରଫି ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଧ୍ରୁବ ଚରଣ ପ୍ରଧାନ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ କରିଥିବା ବେଳେ ଶିକ୍ଷକ ଯଜ୍ଞେଶ୍ୱର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

ନଈରେ ବୃଦ୍ଧ ନିଖୋଜ

ସିମୁଳିଆ, ୩।୧୧ (ସମିସ): ନଈରେ ଶୌଚ ହେବାକୁ ଯାଇ ବୃଦ୍ଧ ନିଖୋଜ। ଗ୍ରାମବାସୀ ଓ ଦମକଳ ବାହିନୀ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରୀ। ସିମୁଳିଆ ଥାନା ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତର ମହମ୍ମଦପୁର ଗ୍ରାମର ଗୌରାଙ୍ଗ ଚନ୍ଦ୍ର ସେଠି (୭୦) ଆଜି ମଧ୍ୟାହ୍ନ ସମୟରେ କାଂସବାଂଶ ନଈରେ ଶୌଚ ହେବାକୁ ଯାଇ ପାଣିରେ ଗୋଡ଼ ଖସି ଯାଇଥିଲା। ତାଙ୍କୁ ଦେଖିଥିବା ବ୍ୟକ୍ତି ଗ୍ରାମବାସୀଙ୍କୁ ଖବର ଦେଇଥିଲେ କ୍ଷ ପରେ ଅଡା ଦମକଳ ଓ ଗ୍ରାମବାସୀ ମିଳିତ ଉଦ୍ୟମରେ ସେହି ସ୍ଥାନ ଖୋଜାଖୋଜି କରିଥିଲେ ବି ତାଙ୍କର କୌଣସି ସନ୍ଧାନ ମିଳି ପାରିନାହିଁ। ଏ ସଂକ୍ରାନ୍ତରେ ସରପଞ୍ଚ ଗଣେଶ ସାହୁଙ୍କ ଯୋଗାଯୋଗ କରିବାରୁ ଓଡ୍ରାଫଟ ଟିମ ଆସିବା ନେଇ ପ୍ରକାଶ କରିଥିଲେ।

ବାଲେଶ୍ୱର ଜିଲ୍ଲା ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍ ଏବଂ କଲର ବେଲ୍ଟ ପ୍ରମୋସନ ପରୀକ୍ଷା


ସୋର, ୩।୧୧(ସମିସ):

ବାଲେଶ୍ୱର ଜିଲ୍ଲା ତାଏକ୍ୱୋଣ୍ଡୋ ଆସୋସିଏସନ୍ ଆନୁକୂଲ୍ୟରେ ସୋରୋ ସ୍ଥିତ ହୋଟେଲ ରୟାଲ୍ସ ପରିସରରେ ବାଲେଶ୍ୱର ଜିଲ୍ଲା ତାଏକୱାଣ୍ଡୋ ଚାମ୍ପିୟନସିପ୍ ଏବଂ ଜିଲ୍ଲା ସ୍ତରୀୟ ତାଏକ୍ୱୋଣ୍ଡୋ କଲର୍ ବେଲ୍ଟ ପରୀକ୍ଷା-୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଅତିଥି ମାନଙ୍କ ଦ୍?ାରା ପ୍ରଦୀପ ପ୍ରଜ୍ୱଳନ ହୋଇଥିଲା। ତାଏକ୍ୱୋଣ୍ଡୋ କ୍ରୀଡ଼ାବିତ୍‌ଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟ ସହ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୋର ସ୍ଥିତ ଅଦ୍ୟାସା ବ୍ରାଭୋ ଟ୍ରେନିଂ ସେଣ୍ଟରର ପ୍ରତିଷ୍ଠାତା ଅଦ୍ୟାସା ଦାସ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ବିଷ୍ଣୁ ମୋହନ ପଣ୍ଡା ଯୋଗ ଦେଇ କ୍ରୀଡାର ଉପାଦେୟତା କୁ ସାମାଜିକ ସୁରକ୍ଷା ରେ ବିନିଯୋଗ କରିବା ସହ ରାଷ୍ଟ୍ର ସେବାରେ ନିଜକୁ ଉତ୍ସର୍ଗୀକୃତ କରାଇବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ତାଏକୱାଣ୍ଡୋ ଆସୋସିଏସନର ସମ୍ପାଦକ ତଥା ଲକ୍ଷେନଥ ଟିଏଫଆଇର କାର୍ଯ୍ୟକାରୀ ସଦସ୍ୟ ରବି ନାରାୟଣ ପାଣିଗ୍ରାହୀ ଯୋଗଦେଇ ତାଏକ୍ୱୋଣ୍ଡୋ କ୍ରୀଡା ର ଗୁରୁତ୍ୱ, ଉପାଦେୟତା ତଥା ଆ।ସୁରକ୍ଷା ଦିଗରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଏଥିସହିତ ଏକ ଆକର୍ଷଣୀୟ ତାଏକୱାଣ୍ଡୋ ପ୍ରଦର୍ଶନ କରାଯାଇଥିଲା। ତାଓ ର ସମ୍ପାଦକ ଶ୍ରୀ ପାଣିଗ୍ରାହୀ ଙ୍କ ଦ୍?ାରା କଲର୍ ବେଲ୍ଟ ପରୀକ୍ଷା ପରିଚାଳନା ହୋଇଥିବା ବେଳେ ୨୫ ଜଣ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଜିଲ୍ଲା ପ୍ରତିଯୋଗିତା ରେ ଶିଶୁ, ସବ୍-ଜୁନିୟର, କ୍ୟାଡେଟ୍, ଜୁନିୟର ଏବଂ ସିନିୟର ବିଭାଗରେ କ୍ୟୋରୁଗୀ ଏବଂ ପୁମସେ ପ୍ରତିଯୋଗିତାରେ ମୋଟ ୭୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଜାତୀୟ ରେଫରୀ ବିପିନ ସାମଲ, ଧନେଶ୍ୱର ଜେନା, ଶେଖ୍ ସମୀର ଏବଂ ପଦ୍ମଲୋଚନ ସିଂ କ୍ରୀଡା ପରିଚାଳନା କରିଥିଲେ। ଏହି କ୍ରୀଡା ରେ ବିଭିନ୍ନ ବିଭାଗରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିବା ଖେଳାଳିମାନେ ଭଦ୍ରକଠାରେ ଅନୁଷ୍ଠିତ ହେବାକୁ ଥିବା ୨୩ତମ ଓଡ଼ିଶା ରାଜ୍ୟ ତାଏକ୍ୱୋଣ୍ଡୋ ଚାମ୍ପିୟନସିପ୍-୨୦୨୬ରେ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ। ଉଦଯାପନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା, ସୋର ତହସିଲଦାର କୃଷ୍ଣ ଚନ୍ଦ୍ର ସିଂହ, ସୋର ଥାନା ଆଇଆଇସି ଅନୁରାଗ ମହାନ୍ତି ଏବଂ ପ୍ରାକ୍ତନ ସାମରିକ କର୍ମଚାରୀ ଭ୍ରମରବର ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ତିନିଜଣ ଅଗ୍ରଣୀ ତାଏକୱାଣ୍ଡୋ ପ୍ରବର୍ତ୍ତକ ରମେଶ ପ୍ରଧାନ, ରାଜେନ୍ଦ୍ର ମହାନ୍ତି ଏବଂ ବିନୋଦ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ରେ ସହଯୋଗ କରିଥିବା ରଶ୍ମିତା ସାହୁ, ମାନସ କୁମାର ପଣ୍ଡା, ଆଇନଜୀବୀ ବନମାଳୀ ଓଝା, ହୋଟେଲ ରୟାଲ୍ସ ମୁଖ୍ୟ ଅକ୍ଷୟ ଉପାଧ୍ୟାୟ ଏବଂ ଦେବେନ୍ଦ୍ର ପ୍ରସାଦ ଟ୍ରଷ୍ଟର ସଭାପତି ଅଞ୍ଜଳି ଦାସଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଅତିଥି ମାନଙ୍କ ଦ୍ୱାରା କ୍ରୀଡ଼ାବିତ୍ ମାନଙ୍କର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ରଞ୍ଜିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଜାତୀୟସଙ୍ଗୀତ ଗାନ କରାଯାଇଥିଲା।



ସକାଳ
THE SAKALA

ସମ୍ପାଦକୀୟ



କରୁଥିବା କାମକୁ ଭଲ ପାଇବା ହିଁ ସବୁଠାରୁ ଶ୍ରେଷ୍ଠ କାମ।
-ଷ୍ଟିଭ୍ ଜବ୍ସ

ଔଷଧ ମୂଲ୍ୟ ହ୍ରାସର ପ୍ରଭାବ

ଏକ ଜନମଙ୍ଗଳ ରାଷ୍ଟ୍ରରେ ଜନତାଙ୍କ ପାଇଁ ସ୍ୱାସ୍ଥ୍ୟସେବାକୁ ସହଜ ଓ ସୁଲଭ ମୂଲ୍ୟରେ ଉପଲବ୍ଧ କରାଇବା ସହିତ ଉନ୍ନତମାନର ନିରନ୍ତର ଚିକିତ୍ସାସେବା ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ। ସେ ଦୃଷ୍ଟିରୁ କର୍କଟ ରୋଗ ଉପଶମରେ ବ୍ୟବହୃତ ଔଷଧର ବ୍ୟବସାୟିକ ଲାଭାଂଶର ନିୟନ୍ତ୍ରଣ ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ସରକାର ନେଇଥିବା ପଦକ୍ଷେପ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଭାରତ ଭଳି ବିଶାଳ ଓ ବିବିଧତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ବଜାରରେ ଏହାକୁ କେତେ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ କରାଯାଇପାରିବ ଏବଂ ଏହାର ସୁଫଳ ରୋଗୀଙ୍କୁ କେତେ ମିଳିବ ତାହା ବଡ଼ ପ୍ରଶ୍ନ।

ସର୍ବୋଚ୍ଚ ନ୍ୟାୟାଳୟରେ କେନ୍ଦ୍ର ସରକାର ଦାଖଲ କରିଥିବା ସତ୍ୟପାଠ ଅନୁଯାୟୀ ନିର୍ଦ୍ଦିଷ୍ଟ କର୍କଟ ରୋଗର ଔଷଧଗୁଡ଼ିକ(ନନ୍‌ସେଡ୍ୟୁଲ୍‌ଡ)ରେ ବ୍ୟବସାୟିକ ଲାଭାଂଶକୁ ୩୦ ପ୍ରତିଶତ ମଧ୍ୟରେ ସୀମିତ ରଖାଯିବ। ଏଥିପାଇଁ ଏକ ବିଶେଷଜ୍ଞ କମିଟି ଗଠନ ହେବ, ଯିଏ ନିୟନ୍ତ୍ରଣ ପରିସରଭୁକ୍ତ ହେବାକୁ ଥିବା ଔଷଧଗୁଡ଼ିକୁ ଚିହ୍ନଟ କରିବ। ଏହାପରେ ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ କର୍ତ୍ତୃପକ୍ଷ(ଏନ୍‌ପିପିଏ) କମିଟିର ସୁପାରିସଗୁଡ଼ିକର ସମୀକ୍ଷା କରିବେ। ଆସନ୍ତା ୯ ତାରିଖରୁ ଏହା ଲାଗୁ ହେବା ପରେ କର୍କଟ ଚିକିତ୍ସାରେ ବ୍ୟବହୃତ ନନ୍‌ସେଡୁଲ୍ୟଡ୍ ଔଷଧର ମୂଲ୍ୟ ପ୍ରାୟ ୭୦ ପ୍ରତିଶତ ପର୍ଯ୍ୟନ୍ତ ଶସ୍ତା ହେବ ବୋଲି ଆଶା କରାଯାଉଛି। କିନ୍ତୁ ଏହି ବ୍ୟବସ୍ଥା କେବଳ କର୍କଟ ଉପଶମକାରୀ ଔଷଧ ବ୍ୟତୀତ ଅନ୍ୟ ଔଷଧ ଓ ଚିକିତ୍ସା ସାମଗ୍ରୀ କ୍ଷେତ୍ରକୁ କାହିଁକି ସମ୍ପ୍ରସାରିତ ହେବ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ପ୍ରଶ୍ନ ଉଠାଇଛନ୍ତି ତାହା ମଧ୍ୟ ବହୁଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରଶ୍ନର ବ୍ୟାପକ ସମୀକ୍ଷା ଏବଂ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ବିସ୍ତୃତ ବିଚାରବିମର୍ଶ କରିବା ଉଚିତ। କାରଣ ଖଣ୍ଡିତ ଓ ଆଂଶିକ ଆଭିମୁଖ୍ୟ ଏକ ମହତ୍ ଉଦ୍ଦେଶ୍ୟରେ ନିଆଯାଇଥିବା ନୀତିଗତ ନିଷ୍ପତ୍ତିର କାର୍ଯ୍ୟକାରିତାକୁ ଅନାବଶ୍ୟକ ଭାବେ ଜଟିଳ କରିପାରେ।

ସମାନ ଔଷଧ ବା ଚିକିତ୍ସା ସାମଗ୍ରୀର ପ୍ରୟୋଗ ଗୋଟିଏ ସହରର ଦୁଇଟି ହସ୍ପିଟାଲରେ ଭିନ୍ନ ଭିନ୍ନ ଖର୍ଚ୍ଚ ହୋଇପାରେ। ରୋଗୀଙ୍କ ଶାରୀରିକ ଅବସ୍ଥା, ଚିକିତ୍ସାର ଜଟିଳତା, ଡାକ୍ତରୀ ଦଳର ବିଶେଷଜ୍ଞତା, ଉପଲବ୍ଧ ଭିତ୍ତିଭୂମି, ସଂକ୍ରମଣ ନିୟନ୍ତ୍ରଣର ଆବଶ୍ୟକତା, ନିରୀକ୍ଷଣର ସ୍ତର ଏବଂ ଜରୁରୀକାଳୀନ ସହାୟତାର ଉପଲବ୍ଧତା ଆଦି କାରଣରୁ ସେବା ଖର୍ଚ୍ଚରେ ପାର୍ଥକ୍ୟ ରହିପାରେ। ବିଶେଷଜ୍ଞଙ୍କ ମତରେ ବହିର୍ବିଭାଗରେ ସାଧାରଣ ଭାବେ ଦିଆଯାଉଥିବା ଏକ ନିୟମିତ ଔଷଧକୁ ଡାକ୍ତରଙ୍କ ତତ୍ତ୍ୱାବଧାନରେ କରାଯାଉଥିବା ଜଟିଳ ଚିକିତ୍ସା ସହିତ ସମାନ ବୋଲି ବିଚାର କରାଯାଇପାରିବ ନାହିଁ। ଏହି ପାର୍ଥକ୍ୟ ପ୍ରତି ଦୃଷ୍ଟି ନ ଦେଲେ ଲାଭାଂଶ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ନିଆଯାଇଥିବା ପଦକ୍ଷେପ ଅଜାଣତରେ ଚିକିତ୍ସାସେବାର ପ୍ରଦାନ ଓ ଗୁଣବତ୍ତାକୁ ପ୍ରଭାବିତ କରିପାରେ ବୋଲି ମତ ପ୍ରକାଶ ପାଇଛି।

ଅପରପକ୍ଷରେ ୧୨ ଲକ୍ଷରୁ ଅଧିକ ଖୁଚୁରା ଔଷଧ ବିକ୍ରେତା ଏବଂ ବିତରକଙ୍କୁ ପ୍ରତିନିଧିତ୍ୱ କରୁଥିବା 'ଅଲ୍ ଇଣ୍ଡିଆ ଅର୍ଗାନାଇଜେସନ୍ ଅଫ୍ କେମିଷ୍ଟସ୍ ଆଣ୍ଡ ଡ୍ରଗିଷ୍ଟସ୍' ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରିଛି। ସଂଗଠନର ଯୁକ୍ତି ହେଉଛି, ଔଷଧର ଏମ୍‌ଆରପି ବା ଖୁଚୁରା ମୂଲ୍ୟ ଉତ୍ପାଦନ ସ୍ତରରେ ହିଁ ନିର୍ଦ୍ଧାରିତ ହୋଇଥାଏ। ଅନ୍ୟାନ୍ୟ ଅଧିକ ମୂଲ୍ୟର ଅତ୍ୟାବଶ୍ୟକ ଔଷଧ ପାଇଁ ମଧ୍ୟ ଏଭଳି ପ୍ରମାଣଭିତ୍ତିକ ଏବଂ ସମାନ ନୀତି ଆପଣାଇବାକୁ ସଂଗଠନ ଦାବି କରିଛି। କିନ୍ତୁ ଚିନ୍ତାର ବିଷୟ ହେଉଛି ଏଭଳି ନିୟନ୍ତ୍ରଣ ଦ୍ୱାରା ଘରୋଇ ଡାକ୍ତରଖାନାଗୁଡ଼ିକର ଆୟ ହାରାହାରି ୧% ରୁ ୩% ପର୍ଯ୍ୟନ୍ତ ହ୍ରାସ ପାଇପାରେ। ତେଣୁ ଔଷଧରୁ ହ୍ରାସ ପାଉଥିବା ଆୟକୁ ଡାକ୍ତରଖାନାଗୁଡ଼ିକ ପରାମର୍ଶ ଶୁଳ୍କ, ରୋଗ ନିର୍ଣ୍ଣୟ ପରୀକ୍ଷା, ଚିକିତ୍ସା ସାମଗ୍ରୀ, ଅସ୍ତ୍ରୋପଚାର କିମ୍ବା ମିଳିତ ଚିକିତ୍ସା ପ୍ୟାକେଜ୍‌ର ମୂଲ୍ୟ ବୃଦ୍ଧି କରି ରୋଗୀଙ୍କଠାରୁ ଭରଣା କରିବାର ଆଶଙ୍କା ରହିଛି। ତେଣୁ ସରକାର ଏହା ଉପରେ ବ୍ୟବସ୍ଥିତ ଭାବେ ନଜର ରଖିବା ଆବଶ୍ୟକ। ଏହାଦ୍ୱାରା ଔଷଧର ମୂଲ୍ୟ ହ୍ରାସରୁ ମିଳୁଥିବା ଲାଭ ପ୍ରକୃତରେ ରୋଗୀଙ୍କ ପକେଟ୍‌ରୁ ଖର୍ଚ୍ଚ ହେଉଥିବା ଅର୍ଥକୁ ହ୍ରାସ ପାରିବ। ୨୦୧୯ ମସିହାରେ ୪୨ଟି ଅଣ-ଅନୁସୂଚିତ(ନନ୍‌ସେଡ୍ୟୁଲ୍‌ଡ) କର୍କଟରୋଧୀ ଔଷଧର ବ୍ୟବସାୟିକ ଲାଭାଂଶର ଯୁକ୍ତିସଙ୍ଗତୀକରଣ ପାଇଁ ଏକ ପରୀକ୍ଷାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହାପରଠାରୁ ବିଭିନ୍ନ ଆଲୋଚନାରେ ଉତ୍ପାଦନ ଖର୍ଚ୍ଚ, କ୍ଷୁଦ୍ର ଉତ୍ପାଦନକାରୀଙ୍କ ବ୍ୟବସାୟିକ ସ୍ଥାୟିତ୍ୱ ଏବଂ ଦୁର୍ଗମ ଅଞ୍ଚଳରେ ଔଷଧ ଯୋଗାଣ ବଜାୟ ରଖିବାର ଖର୍ଚ୍ଚକୁ ନେଇ ଚିନ୍ତା ପ୍ରକାଶ ପାଇଛି। ଏହି ସମସ୍ୟାଗୁଡ଼ିକର କିଭଳି ସମାଧାନ କରାଯିବ ସେ ବିଷୟରେ ମଧ୍ୟ ବିସ୍ତୃତ ଆଲୋଚନା କରାଯିବା ଦରକାର।

ଔଷଧ ଉତ୍ପାଦନକାରୀ, ବିତରକ, ହସ୍ପିଟାଲ, ଚିକିତ୍ସକ, ବୀମା କମ୍ପାନୀ, ରୋଗୀ ସଂଗଠନ ଏବଂ ରାଜ୍ୟ ସରକାରଙ୍କ ପାଖରେ ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ଉତ୍ପାଦର କିପରି ମୂଲ୍ୟ ନିର୍ଦ୍ଧାରିତ ଓ ବ୍ୟବହୃତ ହୁଏ, ସେ ସମ୍ପର୍କରେ ଅଭିଜ୍ଞତା ରହିଛି। ସେହି ଅଭିଜ୍ଞତାକୁ ଆଧାର କରି ସରକାର ଏକ ପ୍ରଭାବଶାଳୀ ଓ ବ୍ୟବହାରିକ ନିୟାମକ ବ୍ୟବସ୍ଥା ପ୍ରସ୍ତୁତ କରିପାରିବେ। ଯେତେବେଳେ କୌଣସି ଔଷଧ ବା ଉତ୍ପାଦ ଯୋଗାଣ ଶୃଙ୍ଖଳାରେ ପ୍ରବେଶ କରିବା ସମୟର ମୂଲ୍ୟ ଏବଂ ଶେଷରେ ରୋଗୀଙ୍କୁ ଦେବାକୁ ପଡୁଥିବା ମୂଲ୍ୟ ମଧ୍ୟରେ ଥିବା ପାର୍ଥକ୍ୟକୁ ଯୁକ୍ତିସଙ୍ଗତ ବୋଲି ପ୍ରମାଣ କରିବା କଷ୍ଟକର ହୋଇପଡ଼େ, ସେତେବେଳେ ସରକାର ଜଣେ ନିରବ ଦର୍ଶକ ହୋଇ ରହିପାରିବେ ନାହିଁ। ଅନ୍ୟାୟସଙ୍ଗତ ଲାଭାଂଶକୁ ନିୟନ୍ତ୍ରଣ କରିବା ସହିତ ଚିକିତ୍ସାର ପରିବେଶ, ଭିତ୍ତିଭୂମି, ସୁରକ୍ଷା ଆବଶ୍ୟକତା, ଭୌଗୋଳିକ ଅବସ୍ଥିତି ନିର୍ବିଶେଷରେ ଉନ୍ନତମାନର ଚିକିତ୍ସାସେବା ଖର୍ଚ୍ଚ କିଭଳି ସମାନ ରହିପାରିବ ସେ ସମ୍ପର୍କରେ ମଧ୍ୟ ନୀତି ନିର୍ଦ୍ଧାରଣ କରିବା ଉଚିତ।

ଆନ୍ଦୋଳନରେ ଗଣତନ୍ତ୍ର ସୁରକ୍ଷାର ପ୍ରତିଧ୍ୱନି

ଡ ପଦ୍ମଲୋଚନ ରାଉତ

ଚାରିଆଡ଼େ ଅସନ୍ତୋଷ, ବିଦ୍ରୋହ, ରାଲି ଓ ଆନ୍ଦୋଳନର ସ୍ୱର ଶୁଭୁଛି। ଏହି ସ୍ୱର ନିଜର ମୌଳିକ ଅଧିକାରକୁ ସୁରକ୍ଷିତ ରଖିବା ଏବଂ ଗଣତନ୍ତ୍ରର ମର୍ଯ୍ୟାଦା ବଜାୟ ରଖିବା ପାଇଁ ଉଠୁଥିବା ଜନସାଧାରଣଙ୍କର ସ୍ୱର। ଜଣେ ନାଗରିକର ଆଙ୍ଗୁଠିରେ ଲାଗିଥିବା କାଳି କେବଳ ଏକ ଚିହ୍ନ ନୁହେଁ; ଏହା ତା'ର ସ୍ୱାଧୀନତା, ଆତ୍ମସମ୍ମାନ ଓ ଗଣତାନ୍ତ୍ରିକ ଅଧିକାରର ପ୍ରତୀକ। କିନ୍ତୁ ଆଜି ତା'ର ଭୋଟ ପସନ୍ଦ ଉପରେ ସନ୍ଦେହ ସୃଷ୍ଟି ହେଉଛି। ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠୁଛି। ଯଦି ଜଣେ ନାଗରିକ ନିଜ ନାମ ଭୋଟର ତାଲିକାରେ ନ ପାଇ ମତଦାନରୁ ବଞ୍ଚିତ ହେଉଛି ତେବେ ଏହା କେବଳ ଜଣେ ବ୍ୟକ୍ତିର ସମସ୍ୟା ନୁହେଁ, ବରଂ ଗଣତନ୍ତ୍ରର ବିଶ୍ୱସନୀୟତା ଉପରେ ଏକ ଗମ୍ଭୀର ପ୍ରଶ୍ନବାଚୀ।

ନିର୍ବାଚନ କେବଳ କ୍ଷମତା ହାସଲର ଏକ ମାଧ୍ୟମ ନୁହେଁ; ଏହା ଜନସାଧାରଣଙ୍କର ଆସ୍ଥା ଓ ରାଷ୍ଟ୍ରର ଭବିଷ୍ୟତ ସହ ଜଡ଼ିତ ଏକ ପବିତ୍ର ଗଣତାନ୍ତ୍ରିକ ପ୍ରକ୍ରିୟା। ତେଣୁ ଆଜି ନିର୍ବାଚନ ବ୍ୟବସ୍ଥାରେ ଯେଉଁ ପକ୍ଷପାତିତା, ଅନିୟମିତତା ଓ ସରକାରୀ କଳର ଅପବ୍ୟବହାରର ଅଭିଯୋଗ ଉଠୁଛି, ତାହାର ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ। ଭୋଟର ତାଲିକାରୁ ନାମ ବାଦ ପଡ଼ିବାର ପ୍ରତ୍ୟେକ ଘଟଣାରେ ନାଗରିକଙ୍କୁ ନିଜର ଅଧିକାର ସୁରକ୍ଷା କରିବାର ସୁଯୋଗ ମିଳିବା ଉଚିତ୍। ଆଜି ଦେଶର ରାଜନୈତିକ ପରିବେଶରେ ଆଉ ଏକ ଗମ୍ଭୀର ଅଭିଯୋଗ ଉଠିଛି। ଶାସକ ଦଳ ବିରୋଧୀ ସାଂସଦ ଓ ବିଧାୟକମାନଙ୍କୁ ଧମକ କିମ୍ବା ପ୍ରଲୋଭନ ଦେଇ ନିଜ ପକ୍ଷକୁ ଆଣିବାରେ ସମର୍ଥ ହେଉଛି। ଏହା ଜନମତର ସମ୍ମାନ ଓ ନୈତିକ ରାଜନୀତିର ପ୍ରଶ୍ନ। ଜନସାଧାରଣ ଯେଉଁ ପ୍ରତିନିଧିଙ୍କୁ ନିଜର ଆଶା, ବିଶ୍ୱାସ ଓ ଭବିଷ୍ୟତର ପ୍ରତୀକ ଭାବେ ନିର୍ବାଚିତ କରନ୍ତି, ସେହି ପ୍ରତିନିଧି ଯଦି ନିଜର ନୈତିକ ଦାୟିତ୍ୱକୁ ଭୁଲିଯାଏ, ତେବେ ଜନତାଙ୍କ ବିଶ୍ୱାସର ମୂଲ୍ୟ କ'ଣ? ବିଦେଶୀ ପାଣ୍ଠି, ରାଜନୈତିକ ଅର୍ଥର ଉତ୍ସ ଏବଂ ସରକାରୀ ଖର୍ଚ୍ଚର ସ୍ୱଚ୍ଛତା ନେଇ ଉଠୁଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ମଧ୍ୟ ଶାସକଙ୍କ ଦାୟିତ୍ୱ। ଦେଶବାସୀଙ୍କୁ ଅନ୍ଧାରରେ ରଖି କୌଣସି ଶାସନ ବ୍ୟବସ୍ଥା ଦୀର୍ଘଦିନ ଧରି ଜନବିଶ୍ୱାସ ବଜାୟ ରଖିପାରିବ ନାହିଁ। ପ୍ରତ୍ୟେକ ସରକାରୀ ନିଷ୍ପତ୍ତିରେ ସ୍ୱଚ୍ଛତା, ସାର୍ବଜନୀନ କାର୍ଯ୍ୟରେ ଉତ୍ତରଦାୟିତ୍ୱ ଏବଂ ପ୍ରତ୍ୟେକ ନେତୃତ୍ୱରେ ନୈତିକତା ରହିବା ଦରକାର। ମିଥ୍ୟା ପ୍ରତିଶ୍ରୁତି ଓ ଆକର୍ଷଣୀୟ ଭାଷଣରେ ଜନତାଙ୍କୁ କେତେଦିନ ପର୍ଯ୍ୟନ୍ତ ଭୁଲାଇ ରଖାଯାଇପାରିବ? ପ୍ରତିଶ୍ରୁତିରେ ବେକାର ଯୁବକଙ୍କ ଭବିଷ୍ୟତ ଗଢ଼ିଉଠେ ନାହିଁ।

ସାମ୍ବିଧାନିକ ବ୍ୟବସ୍ଥା ଦେଶର ନାଗରିକଙ୍କ ଅଧିକାର, ନ୍ୟାୟ ଓ ସ୍ୱାଧୀନତାର ସୁରକ୍ଷା ପାଇଁ ଗଠିତ। ତେଣୁ ସମ୍ପ୍ରତି ସାମ୍ବିଧାନିକ ସଂସ୍ଥାଗୁଡ଼ିକର ନିରପେକ୍ଷତା ନେଇ ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଠୁଛି। ସେହି ସନ୍ଦେହକୁ ଦୂର କରିବା ଅତ୍ୟନ୍ତ ଆବଶ୍ୟକ। ଯେଉଁଠାରେ କ୍ଷମତା ନ୍ୟାୟଠାରୁ ବଡ଼ ହୋଇଯାଏ, ସେଠାରେ ଗଣତନ୍ତ୍ର ଦୁର୍ବଳ ହୁଏ। ଯେଉଁଠାରେ ଆଇନଠାରୁ ବ୍ୟକ୍ତି ବଡ଼ ହୋଇଯାଏ, ସେଠାରେ ସମ୍ବିଧାନର ଆତ୍ମା ଆହତ ଏବଂ ଗଣତନ୍ତ୍ର ବିପନ୍ନ ହୁଏ। ଦେଶ ଅରାଜକତା ଓ ଏକଛତ୍ରବାଦ ଆଡ଼କୁ ଅଗ୍ରସର ହୁଏ। ଆଜି ଦେଶର ଗଣମାଧ୍ୟମ ଆଗରେ ଆତ୍ମସମୀକ୍ଷାର ଆହ୍ୱାନ ଦେଖାଦେଇଛି। କେତେକ ଗଣମାଧ୍ୟମ ସଂସ୍ଥା ନିଜର ବ୍ୟବସାୟିକ ସ୍ୱାର୍ଥ, ଆର୍ଥିକ ନିର୍ଭରଶୀଳତା କିମ୍ବା ରାଜନୈତିକ ଚାପ ଯୋଗୁଁ ଜନସାଧାରଣଙ୍କ ପ୍ରକୃତ ସମସ୍ୟାକୁ ଅଣଦେଖା କରୁଛନ୍ତି ଏବଂ ଉଦ୍ଦେଶ୍ୟମୂଳକ ଭାବେ ଶାସକର ସ୍ତୁତି ଗାନ କରୁଛନ୍ତି। ଏହା ଗଣତନ୍ତ୍ର ପାଇଁ ଦୁର୍ଭାଗ୍ୟଜନକ ପରିସ୍ଥିତି ସୃଷ୍ଟି କରୁଛି। କିନ୍ତୁ ସମସ୍ତ ଗଣମାଧ୍ୟମ ସଂସ୍ଥା ଏକାଭଳି ନୁହନ୍ତି ଏବଂ ପ୍ରତ୍ୟେକ ସମାଲୋଚନାକୁ ମିଥ୍ୟା ବୋଲି କହି ଏଡ଼ାଇ ଦେଇ ହେବ ନାହିଁ। ସତ୍ୟର ସନ୍ଧାନ, ପ୍ରମାଣର ଯାଞ୍ଚ ଓ ନିର୍ଭୀକ ପ୍ରଶ୍ନ ହିଁ ସାମ୍ବାଦିକତାର ପ୍ରକୃତ ଧର୍ମ। ଯେଉଁ ଗଣମାଧ୍ୟମ ନିର୍ଭୟରେ ସତ୍ୟ ପ୍ରକାଶ କରେ ସେ ଦେଶର ପ୍ରକୃତ ବନ୍ଧୁ। ଯେଉଁଠାରେ ସତ୍ୟକୁ ଚାପି ଦିଆଯାଏ, ସେଠାରେ ମିଥ୍ୟା ନିଜର ସାମ୍ରାଜ୍ୟ ବିସ୍ତାର କରିବାକୁ ଆରମ୍ଭ କରେ।

ଆଜି ଯୁବସମାଜ ଆଖିରେ ଯେଉଁ ଅସନ୍ତୋଷର ନିଆଁ ଜଳୁଛି, ତାହାକୁ କେବଳ ଆଇନଶୃଙ୍ଖଳାର ସମସ୍ୟା ବୋଲି ଦେଖିଲେ ଚଳିବ ନାହିଁ। ସେହି ନିଆଁ ଭିତରେ ରହିଛି ଅପୂରଣୀୟ ସ୍ୱପ୍ନ, ଅବହେଳିତ ଆକାଂକ୍ଷା, ଅଧିକାର ପାଇଁ ସଂଘର୍ଷ ଏବଂ ନ୍ୟାୟ ପାଇବାର ଆକୁଳ ଆହ୍ୱାନ। ଯୁବକମାନେ ଯେତେବେଳେ ନିଜ ଭବିଷ୍ୟତ ପାଇଁ ରାସ୍ତାକୁ ଓହ୍ଲାନ୍ତି, ସେତେବେଳେ ଶାସକଙ୍କ କର୍ତ୍ତବ୍ୟ ହେଉଛି ସେମାନଙ୍କ କଥା ଶୁଣିବା, ସେମାନଙ୍କ ପ୍ରଶ୍ନର ଉତ୍ତର ଦେବା ଏବଂ ସେମାନଙ୍କ ଅଭିଯୋଗର ନିରପେକ୍ଷ ତଦନ୍ତ କରିବା। ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କୁ ଅପରାଧୀ କିମ୍ବା ଆତଙ୍କବାଦୀଙ୍କ ସହ ସମାନ କରି ଦେଖିବା ଗଣତାନ୍ତ୍ରିକ ଚେତନା ପାଇଁ ବିପଜ୍ଜନକ। ଆଇନର ଶାସନ ନିଶ୍ଚିତ ହେବା ଦରକାର, କିନ୍ତୁ ଆଇନର ଆଳରେ ନାଗରିକଙ୍କ ନ୍ୟାୟସଙ୍ଗତ ସ୍ୱରକୁ ଦମନ କରାଯିବା ଉଚିତ ନୁହେଁ। ଇତିହାସ ସାକ୍ଷୀ ଅଛି, ଜନସାଧାରଣଙ୍କ ସ୍ୱରକୁ ବଳପ୍ରୟୋଗରେ ଦୀର୍ଘଦିନ ଧରି ନିରବ କରି ରଖାଯାଇପାରେ ନାହିଁ। ଯେଉଁଠାରେ ଅନ୍ୟାୟ ରହିଛି, ସେଠାରେ ପ୍ରତିବାଦ ଜନ୍ମ ନେବ; ଯେଉଁଠାରେ ଅଧିକାର ଛଡ଼ାଇ ନିଆଯାଏ, ସେଠାରେ ନ୍ୟାୟର ଦାବି ଅଧିକ ଶକ୍ତିଶାଳୀ ହେବ।

ଆଜି ଦେଶ ଭିତରେ ଓ ବିଦେଶରେ ଭାରତର ଗଣତାନ୍ତ୍ରିକ ପରିସ୍ଥିତିକୁ ନେଇ ଯେଉଁ ଆଲୋଚନା ଓ ସମାଲୋଚନା ଶୁଣିବାକୁ ମିଳୁଛି, ଆନ୍ଦୋଳନ ଜାରି ରହିଛି, ତାହାକୁ କେବଳ ଅପପ୍ରଚାର ବୋଲି କହି ଏଡ଼ାଇ ଦେବା ଠିକ୍ ନୁହେଁ। ଆଲୋଚନାର ଉତ୍ତର ଯୁକ୍ତିରେ ଦିଆଯାଉ, ଅଭିଯୋଗର ଉତ୍ତର ପ୍ରମାଣରେ ଦିଆଯାଉ ଏବଂ ସନ୍ଦେହର ଉତ୍ତର ସ୍ୱଚ୍ଛତାରେ ଦିଆଯାଉ। ଏହା ହିଁ ଏକ ଦାୟିତ୍ୱବାନ ନିର୍ବାଚିତ ଶାସକର ପରିଚୟ। ଦେଶର ମର୍ଯ୍ୟାଦା ରକ୍ଷା କରିବାର ଅର୍ଥ ଶାସକଙ୍କ ପ୍ରତ୍ୟେକ କାର୍ଯ୍ୟକୁ ସମର୍ଥନ କରିବା ନୁହେଁ; ବରଂ ଦେଶର ସାମ୍ବିଧାନିକ ମୂଲ୍ୟବୋଧକୁ ସୁରକ୍ଷିତ ରଖିବା। ତେଣୁ ଆଜିର ସଂଗ୍ରାମର ଆହ୍ୱାନ ହେଉଛି ରାଜନୈତିକ ଅନ୍ଧଭକ୍ତିରୁ ମୁକ୍ତି, ଦୁର୍ନୀତିରୁ ମୁକ୍ତି, ମିଥ୍ୟା ପ୍ରଚାରରୁ ମୁକ୍ତି ଏବଂ ନିଜ ଅଧିକାର ପ୍ରତି ଉଦାସୀନତାରୁ ମୁକ୍ତି। ଏହା କୌଣସି ବ୍ୟକ୍ତିବିଶେଷଙ୍କ ବିରୋଧରେ ଘୃଣାର ଆହ୍ୱାନ ନୁହେଁ; ଏହା ଏକ ନ୍ୟାୟପୂର୍ଣ୍ଣ, ସ୍ୱଚ୍ଛ ଓ ଉତ୍ତରଦାୟୀ ଭାରତ ଗଢ଼ିବାର ସଂକଳ୍ପ। ନିଜର ରାଜନୈତିକ ମତ ଯାହା ହେଉନା କାହିଁକି ସତ୍ୟ, ନ୍ୟାୟ ଓ ସମ୍ବିଧାନର ପକ୍ଷରେ ଠିଆ ହେବା ଉଚିତ। ଯୁବସମାଜର ନ୍ୟାୟସଙ୍ଗତ ଦାବିକୁ ଶୁଣିବା ଏବଂ ସେମାନଙ୍କ ସହ ଆଲୋଚନା କରି ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନକୁ ସମର୍ଥନ କରିବା ଉଚିତ।

ଗଣତନ୍ତ୍ର କେବଳ ସଂସଦ ଭବନରେ ନୁହେଁ, ଏହା ପ୍ରତ୍ୟେକ ନାଗରିକଙ୍କ ହୃଦୟରେ ବଞ୍ଚିଥାଏ। ସମ୍ବିଧାନ କେବଳ ଏକ ପୁସ୍ତକ ନୁହେଁ, ଏହା ଆମର ଅଧିକାର, କର୍ତ୍ତବ୍ୟ ଓ ଜାତୀୟ ଜୀବନର ଆଧାର। ଭୋଟ କେବଳ ଏକ ବଟନ୍ ଦବାଇବା କାର୍ଯ୍ୟ ନୁହେଁ, ଏହା ଦେଶର ଭବିଷ୍ୟତ ନିର୍ଦ୍ଧାରଣ କରିବାର ଶକ୍ତି। ତ୍ରିରଙ୍ଗା କେବଳ ଏକ ପତାକା ନୁହେଁ, ଏହା ଆମର ଆତ୍ମସମ୍ମାନ, ଇତିହାସ ଓ ସାମୂହିକ ସ୍ୱପ୍ନ। ଦେଶର ସ୍ୱାର୍ଥ ହିଁ ଆମର ସର୍ବୋଚ୍ଚ ଆଦର୍ଶ। ଅନ୍ୟାୟର ବିରୋଧୀମାନେ ଶାସକଙ୍କ ଶତ୍ରୁ ନୁହନ୍ତି। ସମ୍ବିଧାନ, ଗଣତନ୍ତ୍ର ଓ ଜନସାଧାରଣଙ୍କ ଅଧିକାରର ପ୍ରହରୀମାନେ ଦେଶର ବିରୋଧୀ ନୁହନ୍ତି। ଯେଉଁ ଶାସନ ଜନତାଙ୍କ ପ୍ରଶ୍ନକୁ ସମ୍ମାନ କରେ, ତାହା ଶକ୍ତିଶାଳୀ ହୁଏ; ଯେଉଁ ଶାସନ ପ୍ରଶ୍ନକୁ ଭୟ କରେ, ତାହା ନିଜର ଦୁର୍ବଳତାକୁ ପ୍ରକାଶ କରେ। ତେଣୁ ସ୍ୱଷ୍ଟ ଶାସନରେ ସ୍ୱଚ୍ଛତା ରହୁ, ନିର୍ବାଚନରେ ନିରପେକ୍ଷତା ରହୁ, ନ୍ୟାୟାଳୟରେ ସ୍ୱାଧୀନତା ରହୁ, ଗଣମାଧ୍ୟମରେ ନିର୍ଭୀକତା ରହୁ ଏବଂ ନାଗରିକଙ୍କ ଜୀବନରେ ସମ୍ମାନ ରହୁ।

ପ୍ରଥମେ ରାଷ୍ଟ୍ର, ତା'ପରେ କ୍ଷମତା! ପ୍ରଥମେ ସମ୍ବିଧାନ, ତା'ପରେ ସିଂହାସନ! ପ୍ରଥମେ ଜନତାଙ୍କ ଅଧିକାର, ତା'ପରେ ରାଜନୈତିକ ସ୍ୱାର୍ଥ। ପ୍ରଥମେ ସତ୍ୟ ଓ ନ୍ୟାୟ, ତା' ପରେ ଶାସକଙ୍କ କ୍ଷମତା। ଏ କଥା ଜଣାଇବାକୁ ହେବ। ପୁଣି କହିବାକୁ ହେବ - ଆମେ ଅନ୍ୟାୟକୁ ସ୍ୱୀକାର କରିବୁ ନାହିଁ। ଗଣତନ୍ତ୍ରର ମୂଲ୍ୟବୋଧକୁ ଭୁଲିବୁ ନାହିଁ। ଆମର ସ୍ୱର ହେବ ନ୍ୟାୟର ସ୍ୱର, ଆମର ପଦକ୍ଷେପ ହେବ ସମ୍ବିଧାନର ପଥରେ ଏବଂ ଆମର ଶପଥ ହେବ ଏକ ସ୍ୱଚ୍ଛ, ସ୍ୱାଧୀନ, ସମାନତାପୂର୍ଣ୍ଣ ଓ ନ୍ୟାୟଭିତ୍ତିକ ଭାରତ ଗଢ଼ିବାର।

ଜୟ ସମ୍ବିଧାନ! ଜୟ ଗଣତନ୍ତ୍ର! ଜୟ ତ୍ରିରଙ୍ଗା! ଜୟ ଭାରତ!

(ଆସୋସିଏଟ୍ ପ୍ରଫେସର)
ଅରୁଣାଚଳ ପ୍ରଦେଶ, ମୋ: ୯୭୬୮୦୯୧୩୦୦

ଦୀପାବଳି ପୂର୍ବରୁ ଦେବାଳିଆ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଦରମା ଯେଉଁଠି ଥିଲା ସେଇଠି ରହିଛି। କିନ୍ତୁ ବୃଦ୍ଧି ପାଉଥିବା ଦରଦାମ ରୋଷେଇଘରଠାରୁ ଆରମ୍ଭ କରି ବଜାର ପର୍ଯ୍ୟନ୍ତ ଗଣିତକୁ ବିଗାଡ଼ି ଦେଇଛି। ପର୍ବପର୍ବାଣି ଥିବାରୁ କିଣାବିକା ହେବ ନିଶ୍ଚୟ। ଏଥିପାଇଁ ଋଣ ନେବାକୁ ହେବ କିମ୍ବା ସାଙ୍ଗସାଥୀଙ୍କଠାରୁ ଧାରଉଧାର କିମ୍ବା କ୍ରେଡିଟ୍ କାର୍ଡର ସାହାଯ୍ୟ ନେବାକୁ ହେବ। ବାସ୍ତବରେ ପର୍ବ ପାଳନ ସମୟରେ ସାଧାରଣ ଲୋକଙ୍କ ପକେଟ ଖାଲି ହୋଇଯାଉଛି। ପେଟ୍ରୋଲ ଓ ଡିଜେଲର ବର୍ଦ୍ଧିତ ମୂଲ୍ୟ ସମସ୍ତ ମୌଳିକ ଜିନିଷକୁ ମହଙ୍ଗା କରିଦେଇଛି। ଏଥର ଦଶହରା ପରି ଦୀପାବଳିର ଉଲ୍ଲାସ ତ ପ୍ରଚୁର ରହିବ, କିନ୍ତୁ ପରେ ଗଭୀର ହୋଇଉଠୁଥିବା ଆର୍ଥିକ ସଙ୍କଟ ପ୍ରତ୍ୟେକ ମଧ୍ୟବିତ୍ତ ପରିବାରର ନିଦ ହଜାଇ ଦେବାକୁ ପ୍ରସ୍ତୁତ ଅଛି।

ପର୍ବପର୍ବାଣି ଛାଡ଼ନ୍ତୁ, ଆଜି ମଧ୍ୟବିତ୍ତ ପରିବାର ସମ୍ମୁଖରେ ସବୁଠାରୁ ବଡ଼ ସଙ୍କଟ ହେଉଛି ମୌଳିକ ଆବଶ୍ୟକତାଗୁଡ଼ିକୁ ପୂରଣ କରିବା। ଗତ କିଛିଦିନ ଭିତରେ ପେଟ୍ରୋଲ ଓ ଡିଜେଲ ଦରରେ ଯେଉଁ ବୃଦ୍ଧି ଘଟିଛି, ତାହା ପ୍ରତ୍ୟେକ ଜିନିଷର ହିସାବକୁ ବିଗାଡ଼ି ଦେଇଛି। ଯେତେବେଳେ ଜାଳେଣି ମହଙ୍ଗା ହୁଏ, ସେତେବେଳେ ପ୍ରତ୍ୟେକ ଛୋଟବଡ଼ ଜିନିଷ, ତାହା ପନିପରିବା ହେଉ କି ଡାଲି, ପୋଷାକ କିମ୍ବା ସାଜସଜ୍ଜା ସାମଗ୍ରୀ, ସବୁକିଛି ମହଙ୍ଗା ହୋଇଯାଏ। ଏହାର ସିଧାସଳଖ ପ୍ରଭାବ ଖୁଚୁରା ବଜାର ଉପରେ ପଡ଼େ ଏବଂ ଦରଦାମ ରକେଟ୍ ଗତିରେ ଉପରକୁ ଉଠିଥାଏ। ଗୃହିଣୀମାନେ ବୁଝିପାରନ୍ତି ନାହିଁ ଯେ ସୀମିତ ବଜେଟରେ ଘରଟି କିପରି ଚଳିବ? ସାଧାରଣ କର୍ମଚାରୀଙ୍କ ବେତନ ଯେଉଁ ହାରରେ ବୃଦ୍ଧି ଘଟୁଛି ତାହା ମହଙ୍ଗା ହାର ତୁଳନାରେ କମ୍। ଏପରିସ୍ଥିତିରେ ଅଧିକାଂଶ ପରିବାରର ମାସିକ ଆୟ ସଞ୍ଚୟ ପୂର୍ବରୁ ହିଁ ଶେଷ ହୋଇଯାଉଛି।

ପ୍ରଶ୍ନ ଉଠେ ଯେତେବେଳେ ଦୈନନ୍ଦିନ ଜୀବନ ଚଳାଇବା କଷ୍ଟକର, ପର୍ବରେ ଖର୍ଚ୍ଚ କରିବା ପାଇଁ ଟଙ୍କା କେଉଁଠୁ ଆସିବ? ଏହି ସମୟରେ ବଜାର ବିଭିନ୍ନ ପ୍ରଲୋଭନକାରୀ ଯୋଜନାରେ ଭର୍ତ୍ତି ହୋଇ ଗ୍ରାହକମାନଙ୍କୁ ଆକର୍ଷିତ କରେ। ଯେପରିକି 'ବର୍ତ୍ତମାନ କିଣନ୍ତୁ ପରେ ପୈଠ କରନ୍ତୁ', 'ନୋ କଷ୍ଟ ଇଏମଆଇ', 'ବିପୁଳ ରିହାତି' ଇତ୍ୟାଦି। ସାଧାରଣ ଲୋକ ଏହି ବିଜ୍ଞାପନଗୁଡ଼ିକର ଫାଶରେ ସହଜରେ ପଡ଼ିଯାଆନ୍ତି। ଏହିଠାରୁ ହିଁ ଋଣ ଜାଲରେ ଫସିବାର ପ୍ରକ୍ରିୟା ଆରମ୍ଭ ହୋଇଥାଏ। ନୂତନ ପୋଷାକ, ଏଲଇଡି ଟିଭି, ମହଙ୍ଗା ସ୍ମାର୍ଟଫୋନ୍ ଏବଂ ସୁନା ଅଳଙ୍କାର କଣିବା ବର୍ତ୍ତମାନ ସହଜ ହୋଇଯାଇଛି। କାରଣ ଲୋକମାନେ ତୁରନ୍ତ ଟଙ୍କା ଦେବା ବଦଳରେ କିସ୍ତିର ସାହାଯ୍ୟ ନେଉଛନ୍ତି। କିନ୍ତୁ ଏହି କିସ୍ତିଗୁଡ଼ିକ ବେଶ୍ ଭାରୀ ପଡ଼ିଥାଏ। ବିଜ୍ଞାପନ ଚକ୍କରରେ ପଡ଼ି ଅନେକ ସମୟରେ ଲୋକମାନେ ଆୟଠାରୁ ଅଧିକ ଖର୍ଚ୍ଚ କରନ୍ତି। ଲୋକମାନେ ଭୁଲିଯାଆନ୍ତି ଯେ କ୍ରେଡିଟ୍ କାର୍ଡ କିମ୍ବା ବ୍ୟକ୍ତିଗତ ଋଣ ଉପରେ ଲାଗୁଥିବା ସୁଧ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇପାରେ। ଯେଉଁ ଟଙ୍କା ଆସନ୍ତା କିଛି ମାସର ରାସନ, ପିଲାମାନଙ୍କର ଫି' କିମ୍ବା ଜରୁରିକାଳୀନ ପରିସ୍ଥିତି ପାଇଁ ରହିବା ଉଚିତ୍ ଥିଲା, ତାହା ବିଲ୍ ପୈଠ କରିବାରେ ଚାଲିଯାଏ। ଗୋଟିଏ ଋଣ ପୈଠ କରିବା ପାଇଁ ଆଉ ଏକ ଋଣ ନେବାର ଏହି ଅଭ୍ୟାସ ପରିବାରଗୁଡ଼ିକୁ ଋଣର ଚକ୍ରବ୍ୟୂହ ମଧ୍ୟକୁ ଠେଲି ଦେଇଥାଏ।

ସାଧାରଣ ଲୋକଙ୍କ ପାଖରେ କ'ଣ ପ୍ରକୃତରେ ଅନ୍ୟ କୌଣସି ଉପାୟ ନାହିଁ? ଏହି ପ୍ରଶ୍ନ ପ୍ରତ୍ୟେକ ସେହି ବ୍ୟକ୍ତିଙ୍କ ମନରେ ଆସିଥାଏ, ଯିଏ ଏହି ବ୍ୟବସ୍ଥା ସହିତ ସଂଘର୍ଷ କରୁଛନ୍ତି। ସାଧାରଣତଃ ଲୋକମାନେ ପର୍ବ ଆସିବା ପୂର୍ବରୁ କୌଣସି ଆର୍ଥିକ ଯୋଜନା ପ୍ରସ୍ତୁତ କରନ୍ତି ନାହିଁ। ଯେତେବେଳେ ବିଜ୍ଞାପନର ଆକର୍ଷଣ ଆସେ, ସେତେବେଳେ ବିନା ଚିନ୍ତାଭାବନାରେ ଖର୍ଚ୍ଚ କରିଦିଅନ୍ତି। ଏହା ଏକ ବାସ୍ତବତା ଯେ ମହଙ୍ଗା ଓ ଆୟର ଏହି ବ୍ୟବଧାନ ରାତାରାତି ଶେଷ ହୁଏ ନାହିଁ। ପରିସଂଖ୍ୟାନଗୁଡ଼ିକ ଚିତ୍କାର କରି ଏହା କହୁଛନ୍ତି। ସମଗ୍ର ବିଶ୍ୱରେ ମହଙ୍ଗା ହାର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଫଳରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକୁ ଋଣ ମହଙ୍ଗା କରିବାକୁ ପଡୁଛି। ଆମେରିକା ପରି ବିକଶିତ ଦେଶ ମଧ୍ୟ ସଂଘର୍ଷ କରୁଛି। ରିଜର୍ଭ ବ୍ୟାଙ୍କ ସୁଧ ହାର ବଢ଼ାଇବା ପାଇଁ ବାଧ୍ୟ ହୋଇଛି। ଉତ୍ସବର ଠିକ୍ ପୂର୍ବରୁ ସୁଧ ହାର ବଢ଼ିବା ଦ୍ୱାରା ବିଭିନ୍ନ ପ୍ରକାରର ଋଣ ମହଙ୍ଗା ହୋଇଯାଇଛି। ଗୃହ ଋଣ, କାର୍ ଋଣ ଓ ବ୍ୟକ୍ତିଗତ ଋଣ ନେଇଥିବା କୋଟିକୋଟି ମଧ୍ୟବିତ୍ତ ପରିବାରର ଇଏମଆଇ ବୃଦ୍ଧି ପାଇଛି। ପୂର୍ବରୁ ହିଁ ମହଙ୍ଗାର ମାଡ଼ ସହି ଆସୁଥିବା ସାଧାରଣ ଲୋକଙ୍କୁ ଆଗାମୀ ଦିନରେ ଋଣର ବର୍ଦ୍ଧିତ କିସ୍ତିଗୁଡ଼ିକ ଆହୁରି ଅଧିକ ହଇରାଣ କରିବ।

ଖୁଚୁରା ମୁଦ୍ରାସ୍ଫୀତି ହାର ୨ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଯାଇଛି। ଦଶହରା ଠିକ୍ ପୂର୍ବରୁ ଏହି ଦୁଇଟି ତଥ୍ୟ ସାମ୍ନାକୁ ଆସିଛି। ସେପ୍ଟେମ୍ବର ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇ ୫.୫୪ ପ୍ରତିଶତ ହୋଇଛି। ଅଗଷ୍ଟରେ ଏହା ୪.୮୨ ପ୍ରତିଶତ ଥିଲା। ଖାଦ୍ୟସାମଗ୍ରୀଗୁଡ଼ିକ ଦ୍ରୁତଗତିରେ ମହଙ୍ଗା ହୋଇଚାଲିଛି। ବିଶେଷକରି ପନିପରିବା, ଡାଲି ଓ ଦୈନନ୍ଦିନ ଆବଶ୍ୟକତାର ଅନ୍ୟାନ୍ୟ ଜିନିଷ ମହଙ୍ଗା ହେବା କାରଣରୁ ସାଧାରଣ ଲୋକଙ୍କ ଥାଳି ଉପରେ ସିଧାସଳଖ ପ୍ରଭାବ ପଡ଼ିଛି। ପିଆଜ, ଚିନି ଓ ଖାଦ୍ୟ ତେଲର ମୂଲ୍ୟରେ ବର୍ଷକ ଭିତରେ ବଡ଼ଧରଣର ବୃଦ୍ଧି ଘଟିଛି। ମହଙ୍ଗାର ଏହି ସ୍ତର ସୂଚାଉଛି ଯେ ଆଗାମୀ ଦିନରେ କମ୍ପାନିଗୁଡ଼ିକର ଉତ୍ପାଦନ ଖର୍ଚ୍ଚ ବଢ଼ିବା କାରଣରୁ ବଜାରରେ ସାମଗ୍ରୀଗୁଡ଼ିକ ଆହୁରି ଅଧିକ ମହଙ୍ଗା ହୋଇଯିବ, ଯାହାର ସିଧାସଳଖ ବୋଝ ସାଧାରଣ ଜନତାଙ୍କୁ ହିଁ ବହନ କରିବାକୁ ପଡ଼ିବ। ଅର୍ଥାତ୍ ପର୍ବପର୍ବାଣି ମଧ୍ୟରେ ସାଧାରଣ ଲୋକଙ୍କ ଉପରେ ଚାରିଆଡ଼ୁ ମହଙ୍ଗାର ମାଡ଼ ପଡ଼ିବାକୁ ଯାଉଛି।

ପର୍ବପର୍ବାଣି ପ୍ରତିବର୍ଷ ଆସିଥାଏ। ଆଗାମୀ ବର୍ଷ ମଧ୍ୟ ଆସିବ। ତେଣୁ ଋଣ କରି ନିଜକୁ ଆର୍ଥିକ ସଙ୍କଟରେ ପକାନ୍ତୁ ନାହିଁ। ବଜାରକୁ ଯିବା ପୂର୍ବରୁ ହିଁ ସ୍ଥିର କରିନିଅନ୍ତୁ ଯେ ଏଥର ଆପଣ ମୋଟ କେତେ ଟଙ୍କା ଖର୍ଚ୍ଚ କରିବେ? ସେହି ସୀମାଠାରୁ ଗୋଟିଏ ଟଙ୍କା ମଧ୍ୟ ଅଧିକ ଖର୍ଚ୍ଚ କରନ୍ତୁ ନାହିଁ। କ୍ରେଡିଟ୍ କାର୍ଡର ବ୍ୟବହାରରୁ ଦୂରେଇ ରୁହନ୍ତୁ। କାରଣ ଏହାଦ୍ୱାରା ଖର୍ଚ୍ଚ ହେଉଥିବାର ଅନୁଭୂତି ତୁରନ୍ତ ଜଣାପଡ଼େ ନାହିଁ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

ଜଗନ୍ନାଥ ଭକ୍ତ ନନ୍ଦନନ୍ଦନ ଶ୍ରୀକୃଷ୍ଣ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଦିନେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ପଚାରିଲେ - 'ବାସୁଦେବ! ଆପଣ ତ ଲୀଳାପୁରୁଷ ପୁରୁଷୋତ୍ତମ। ବାଲ୍ୟକାଳରୁ ଆଜିପର୍ଯ୍ୟନ୍ତ ଅନେକ ଅଲୌକିକ ଲୀଳା ପ୍ରଦର୍ଶନ କରିଛନ୍ତି। ମୋ ମନରେ ସ୍ୱତଃ ପ୍ରଶ୍ନ ଆସେ ଯେ ଏପରି ଜଣେ ଲୀଳା ପୁରୁଷୋତ୍ତମ ମାନବାବତାର ନେବା ପୂର୍ବରୁ କେଉଁଠି ଓ କିପରି ଥିଲେ।' ଉତ୍ତରରେ ଶ୍ରୀକୃଷ୍ଣ କହିଲେ - 'ସଖା ଅର୍ଜୁନ! ମାତା ଦେବକୀଙ୍କ ଗର୍ଭସ୍ଥ ହେବା ପୂର୍ବରୁ ମୁଁ ଏକ ନିରାକାର, ନିର୍ବିକଳ୍ପ, ଅନାଦି ଓ ଅନନ୍ତ ସ୍ୱରୂପର ଅଂଶ ରୂପେ ଗୁପ୍ତ ଏକାନ୍ତ ପୁରୀରେ ବାସ କରୁଥିଲି। (ଅଣ ଅକ୍ଷର ନିରାକାରେ, ବୁଦ୍‌ବୁଦ୍ ପ୍ରାୟ ମୁଁ ଶୂନ୍ୟରେ / ହେତୁ ଆସନ ଦୃଢ଼େ ଧରି, ମୁଁ ଥିଲି ଏକାନ୍ତେ ସେ ପୁରୀ / ତହିଁ ମୋ ସୃଷ୍ଟି ଇଚ୍ଛା ହେଲା, ମୋ ଦେହୁ ପ୍ରକୃତି ଜନ୍ମିଲା)।

ଶ୍ରୀକୃଷ୍ଣ ଜନ୍ମ ଆଗରୁ ଯେଉଁ ଏକାନ୍ତ ପୁରୀର କଥା କହିଲେ, ସେ ପୁରୀ ବିଷୟରେ ଅଧିକ ଜାଣିବା ପାଇଁ ଅର୍ଜୁନଙ୍କ ମନରେ କୌତୂହଳ ଜାତ ହେଲା। କୃଷ୍ଣ କହିଲେ - 'ସଖା! ଏହି ତତ୍ତ୍ୱ ମୁଁ ଥରେ ରାଧାଙ୍କ ଆଗରେ ବର୍ଣ୍ଣନା କରିଥିଲି। ତୁମେ ମୋର ପରମ ଆତ୍ମୀୟ ହୋଇଥିବାରୁ ମୁଁ ତୁମକୁ ନେଇ ସେହି ପରମପବିତ୍ର କ୍ଷେତ୍ର ଦର୍ଶନ କରାଇବି। (ସେ କଳ୍ପବୃକ୍ଷର ମୂଳରେ, ଅନନ୍ତ ଫଣାର ମଧ୍ୟରେ / ବିଜୟ ଜଗନ୍ନାଥ ଅଙ୍ଗେ, ରାଧା ଅଛନ୍ତି ଦକ୍ଷ ଭାଗେ / ଦର୍ଶନ କରାଇବା ନେଇ, ଯେମନ୍ତେ ବୋଲି ଭାବଗ୍ରାହୀ)।' ତା'ପରେ ଶ୍ରୀକୃଷ୍ଣ ଗରୁଡ଼ଙ୍କୁ ସ୍ମରଣ କଲେ ଏବଂ ଗରୁଡ଼ ପହଞ୍ଚିବା ପରେ ଅର୍ଜୁନଙ୍କ ସହ ତାଙ୍କ ଉପରେ ବିଜେ କରି ଶ୍ରୀକ୍ଷେତ୍ରକୁ ଚାଲିଗଲେ।

ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ କୃଷ୍ଣ ଓ ଅର୍ଜୁନ ସାଧାରଣ ଭକ୍ତ ପରି ମହୋଦଧିରେ ସ୍ନାନ କରି ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିରରେ ପ୍ରବେଶ କଲେ। ଶ୍ରୀକୃଷ୍ଣ ପ୍ରଥମେ ବେଢ଼ା ପରିକ୍ରମା କରି ବେଢ଼ାରେ ବିଜେ କରିଥିବା ଠାକୁରମାନଙ୍କୁ ଅର୍ଜୁନଙ୍କୁ ଦର୍ଶନ କରାଇଲେ - 'ଯେ ଯେ ଅଛନ୍ତି ସିଂହଦ୍ୱାର, ବିଷ୍ଣୁଙ୍କ ଦ୍ୱାରପାଳ ଯେହି / ଜୟ ବିଜୟ ଏ ବୋଲାନ୍ତି, ଗୁପତେ ସିଂହ ହୋଇଛନ୍ତି / ବାଇଶି ପାବଚ୍ଛ ନିର୍ମାଣ, ବାଇଶି ଗୋଟି ବିଷ୍ଣୁଗଣ / ବେନି ପାରୁଶେ ତାହାଁ ବୀର, ଅଛନ୍ତି ବ୍ରହ୍ମା ଇନ୍ଦ୍ର ହର / ଅନା ରୋଷୁଅ ଘର ପ୍ରତି, ଯେଠାରେ ଲକ୍ଷ୍ମୀ ଅଧିପତି / ଅମୃତ ମଣୋହି ରାନ୍ଧନ୍ତି, ପରଶେ ଭୀଷ୍ମକ ଦୁହିତୀ / ଦେଖ ଏ ବଟ ଆୟତନ, ଦେବ ନାଶନ ଯେହା ନାମ / ବଟ ମଂଗଳା ଦେଖ ଦୂତୀ, ସଂଗେ ତା' ସଖୀଗଣ ହେତି / ମୁକତ ମଣ୍ଡପ ଯେ ଦେଖ, ବୈକୁଣ୍ଠେ ବିଷ୍ଣୁର ବୈଠକ / ତଳେ ତା' ରୋହିଣୀର କୁଣ୍ଡ, କାରୁଣ୍ୟ ଜଳ ଯେଥି ରୁଣ୍ଡ / ବିମଳା ଲକ୍ଷ୍ମୀଙ୍କର ସ୍ଥାନ, ଯେହି ସେ ବିଷ୍ଣୁଙ୍କ ଭୁବନ / ଆବର ଦେଖ ସୁନା କୂପ, ପାତାଳ ଗଂଗା ଯେ ସ୍ୱରୂପ / ଦେଖ ଏ ସ୍ନାହାନ ମଣ୍ଡପ, ଯେହି ସେ ଯୋଗ ପୀଠ ରୂପ / ଦେଖ ଏ ରତ୍ନ ସିଂହାସନ, କୋଟିଯେ ବ୍ରହ୍ମା ବିଷ୍ଣୁମାନ / କୋଟିୟେ ଶାଳଗ୍ରାମ ରୂପ, ଅଛନ୍ତି ସିଂହାସନେ ଗୋପ୍ୟ / ଡାହାଣେ ବଳଭଦ୍ର ରୂପ, ଯେହି ସେ ବିରାଟ ସ୍ୱରୂପ / ଅନନ୍ତ ଅଙ୍ଗ ଏ ପ୍ରଚ୍ଛନ୍ନ, ଓଁ କାର ହ୍ଲୀ ଅଙ୍ଗ ଜନମ / ବାମେ ଶ୍ରୀଜଗନ୍ନାଥ ସେହି, କ୍ଲିଁ ଅଙ୍ଗରେ ବିଜେ ସେହି / ମକାରୁ ପରମ ଶରୀର, ଯାର ମାୟାରେ ଏ ସଂସାର / କୈବଲ୍ୟ ମୁକ୍ତିଦାତା ଯେହି, ଯେ ପୁଣ ମୋର ନିତ୍ୟ ଦେହୀ / ମଧ୍ୟେ ସୁଭଦ୍ରା ବ୍ରହ୍ମ ରୂପ, ରାଧାଙ୍କ ଅଙ୍ଗ ତହିଁ ଗୋପ୍ୟ / ଅକାରୁ ବ୍ରହ୍ମରୂପ ହୋଇ, ସକାରୁ ରାଧା ଅଙ୍ଗ ହୋଇ / ପାରୁଶେ ସୁଦର୍ଶନ ଯତି, ସେ ମହାଶୂନ୍ୟ ବ୍ରହ୍ମଜ୍ୟୋତି / ନାହିଁ ଯାହାର ପାଦ ପାଣି, ଶୀର ନାସିକା କର୍ଣ୍ଣ ପୁଣି / ଅମନ ମନ ଭିନ୍ନ ନାହିଁ, ସେ ସଦାନନ୍ଦ ରୂପ ଯେହି / ଯେ ରୂପେ ଚାରି ପରକାର, ଚତୁର୍ଥ ରୂପ ଏ ବିଚାର / ପରମ ବଇକୁଣ୍ଠ ଏହି. କ୍ଷେତ୍ରମାନଙ୍କ ରାଜା କହି / ଯେହି ସେ ଗୋଲକ ଭୁବନ, ଅର୍ଜୁନ ଶୁଣ ମୋ ବଚନ / ଦେଖ ଏ ନିତ୍ୟ ନୀଳାଚଳ, ସକଳ ତୀର୍ଥଙ୍କର ଆଳ / ଗୋପ ମଥୁରା ବୃନ୍ଦାବନ, ଦ୍ୱାରିକା ଆଦି ଯେତେ ସ୍ଥାନ / ସକଳ ଯେହି ସ୍ଥାନେ ପାଇ, ଆବର କାଶୀ ମଧ୍ୟ ହୋଇ / କୋଟିୟେ ତୀର୍ଥ ଯେ କ୍ଷେତ୍ରରେ, ମହିମା କହିଲେ ନ ସରେ / ଯେ କ୍ଷେତ୍ର ମୁକ୍ତି ସ୍ଥାନ କହି, ପୃଥୀ ବୈକୁଣ୍ଠ ଯେ ବୋଲାଇ / ଯେବେ ପୃଥୀରେ ଦୁଷ୍ଟ ହୋନ୍ତି, ଦେବତା ବ୍ରାହ୍ମଣେ କଷନ୍ତି, ଧର୍ମ ନ ସ୍ଥାପୀ ଦୁଷ୍ଟ ଦେହୀ, ପୃଥୀ ନ ପାରେ ଭାର ସହି / ତେବେ ସକଳ ଦେବମାନେ, ଗୁହାରୀ କରନ୍ତି ଏ ସ୍ଥାନେ / ବ୍ରହ୍ମା ବଚନେ ହେତୁ କରି, ଯେଥୁଁ ମୁଁ ଜାତ ଦେହ ଧରି / ସେ ଦୁଷ୍ଟଗଣ ସଂହାରିଣ, ଆସଇ ନିତ୍ୟ ସ୍ଥାନେ ପୁଣ।'

ଏଠାରେ ଶ୍ରୀକୃଷ୍ଣ ନିଜେ ସ୍ୱୀକାର କରିଛନ୍ତି ଯେ ବ୍ରହ୍ମାଙ୍କ ଅନୁରୋଧ କ୍ରମେ ଦୁଷ୍ଟ ସଂହାର କରି ଧର୍ମ ସଂସ୍ଥାପନ ପାଇଁ ସେ ଜଗନ୍ନାଥଙ୍କ ଅଙ୍ଗରୁ ଜାତ ହୋଇଥିଲେ ଏବଂ ଲୀଳା ସମାପ୍ତି ପରେ ତାଙ୍କଠାରେ ଲୀନ ହେବେ।

(ଆଧାର: ପ୍ରେମଭକ୍ତି ବ୍ରହ୍ମ ଗୀତା - ଯଶୋବନ୍ତ ଦାସ।)

ମୋ: ୯୯୦୦୦୮୩୪୩୩

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଅବଶିଷ୍ଟାଂଶ

ଓଡ଼ିଶା ବ୍ୟାରିକେଡ୍...

ଖବର ପାଇ କୋରାପୁଟ ବିଧାୟକ ରଘୁରାମ ମାଛ, କଂଗ୍ରେସ ନେତା ତଥା ପୂର୍ବତନ କୋରାପୁଟ ସାଂସଦ ଜୟରାମ ପାଙ୍ଗି ଏବଂ ଅନ୍ୟାନ୍ୟ ନେତା ଘଟଣାସ୍ଥଳରେ ପହଞ୍ଚିଛନ୍ତି। ବିଜେଡି ପକ୍ଷରୁ ଆସନ୍ତା ୫ ଓ ୬ ତାରିଖ ବ୍ୟାରିକେଟ ନିକଟରେ ଗ୍ରାମବାସୀଙ୍କୁ ନେଇ ଆନ୍ଧ୍ର ପ୍ରଦେଶ ପୁଲିସ, ପ୍ରଶାସନ ଏବଂ ରାଜନୈତିକ ଦଳର ପ୍ରବେଶକୁ ବିରୋଧ କରାଯିବ ବୋଲି ପୂର୍ବତନ ନବରଙ୍ଗପୁର ସାଂସଦ ପ୍ରଦୀପ ମାଝି କହିଛନ୍ତି।

ସୂଚନା ଅନୁସାରେ ଆସନ୍ତା ୫ ଓ ୬ ତାରିଖରେ ଆନ୍ଧ୍ର ପକ୍ଷରୁ ଏହି ନିର୍ବାଚନ ଅନୁଷ୍ଠିତ ନେଇ ତାରିଖ ଧାର୍ଯ୍ୟ ହୋଇଛି। ନିର୍ବାଚନ ବାହାନାରେ ଆନ୍ଧ୍ରପ୍ରଦେଶର ପ୍ରଶାସନ, ପୁଲିସ ଏବଂ ରାଜନୈତିକ ଦଳର ନେତା ଓ କର୍ମୀ ମାନେ ବାରମ୍ବାର ଗ୍ରାମରେ ପ୍ରବେଶ କରୁଛନ୍ତି। ତେଣୁ ଓଡ଼ିଶାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ବୁଦ୍ଧିଜୀବୀମାନଙ୍କ ପ୍ରବଳ ବିରୋଧ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇ ନେରେଡ଼ିୱାଲସା ଠାରେ ରାଜ୍ୟର ପ୍ରବେଶ ପଥରେ ବ୍ୟାରିକେଟ ନିର୍ମାଣ ହୋଇଥିଲା। କୋଟିଆରେ ଫୌଜଧାରୀ ମାମଲା ବିଏନଏସ ଧାରା ୧୬୩ ଲାଗୁ କରାଯାଇଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ଯେପରି ଅବନତି ନ ହୁଏ, ସେଥିପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏବେ ଓଡ଼ିଶା-ଆନ୍ଧ୍ର ସୀମାନ୍ତର ତିନୋଟି ପ୍ରମୁଖ ସ୍ଥାନରେ ପୁଲିସ ବ୍ୟାରିକେଟ ଲଗାଯାଇ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଇଛି। ସନ୍ଦେହଜନକ ଯାତାୟାତ ଉପରେ ନଜର ରଖାଯାଉଥିବା ବେଳେ ଆନ୍ଧ୍ର ପକ୍ଷରୁ କୋଟିଆ ଅଞ୍ଚଳକୁ ଆସୁଥିବା ବ୍ୟକ୍ତି ଓ ଯାନବାହନ ଉପରେ ମଧ୍ୟ ନଜର ରଖାଯାଉଛି। କୋଟିଆରେ ଆନ୍ଧ୍ରର ନିର୍ବାଚନକୁ ନେଇ ସମସ୍ତ ପ୍ରମୁଖ ରାଜନୈତିକ ଦଳ ଏକାଠି ହୋଇ ଏକ ସର୍ବଦଳୀୟ କମିଟି ଗଠନ କରାଯାଇଛି। ଏହି କମିଟିର ସଦସ୍ୟମାନେ ସୀମାନ୍ତ ଅଞ୍ଚଳରେ ନଜର ରଖିବା ସହ ଆନ୍ଧ୍ର ପକ୍ଷରୁ ହେଉଥିବା ଗତିବିଧି ସମ୍ପର୍କରେ ତଥ୍ୟ ସଂଗ୍ରହ ଗ୍ରହଣ କରୁଛନ୍ତି। କୋଟିଆ ଗ୍ରାମପଞ୍ଚର ନୋଡାଲ ଅଧିକାରୀ ତଥା ଉପଜିଲ୍ଲାପାଳ ଫାବି ରସିଦ ବିଭିନ୍ନ ସୀମାନ୍ତ ଗ୍ରାମକୁ ଗସ୍ତ କରି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ଏକାଠି ହେବେ ସବୁ...

କୋଟିଆ ଜଗିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ସର୍ବଦଳୀୟ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଛି ବୋଲି ମଙ୍ଗଳବାର ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ମନ୍ତ୍ରୀଙ୍କ ସୂଚନା ଅନୁସାରେ ବର୍ତ୍ତମାନ ୮ ପ୍ଲାଟୁନ ପୁଲିସ କୋଟିଆରେ ନିୟୋଜିତ ଅଛନ୍ତି। ଚେକ ପୋଷ୍ଟ କରି ଓଡ଼ିଶା ପୋଲିସ ସୀମା ଜଗିଛି। ସେହିପରି ଆନ୍ଧ୍ରପ୍ରଦେଶ ଚାଉଳ ଟ୍ରକକୁ ଓଡ଼ିଶା ସରକାରଙ୍କ ପ୍ରତିନିଧି ଫେରାଇ ଦେଇଛନ୍ତି। କୋଟିଆବାସୀ ନିର୍ବାଚନକୁ ବିରୋଧ କରୁଛନ୍ତି। କୋରାପୁଟରେ ସମସ୍ତ ରାଜନୈତିକ ଦଳ ଗୋଟିଏ ମଞ୍ଚରେ ଏକାଠି ହୋଇ ବିରୋଧ କରୁଛନ୍ତି। ସ୍ଥାନୀୟ ଲୋକ, ରାଜନୈତିକ ଦଳ, ସାମାଜିକ ସଂଗଠନ ନିର୍ବାଚନ ଦିନ କୋଟିଆରେ ଏକାଠି ହେବେ। ନିର୍ବାଚନକୁ ପଣ୍ଡ କରିବେ। ଓଡିଶା ସରକାରଙ୍କ ବରିଷ୍ଠ ଅଧିକାରୀ ମାନେ ମଧ୍ୟ ଅଛନ୍ତି। ବାତ୍ୟା ବେଳେ ଓଡିଶା ସରକାରଙ୍କ ପ୍ରଶାସନ କୋଟିଆ ସହିତ ଥିଲା। ଏହାକୁ ଲୋକେ ମଧ୍ୟ ଅନୁଭବ କରିଛନ୍ତି। ଆନ୍ଧ୍ରପ୍ରଦେଶରୁ ଯେଉଁ ଚାଉଳ ଗାଡି ଆସିଥିଲା ତାକୁ ଲୋକେ ଫେରାଇ ଦେଇଛନ୍ତି। ଚଳିତ ବର୍ଷ କୋଟିଆ ବାହାରେ ତଥା ଆନ୍ଧ୍ର ଭିତରେ ପୋଲିଙ୍ଗ ବୁଥ କରିଛନ୍ତି। ଆମ ପ୍ରଶାସନ ପୁରା ପ୍ରସ୍ତୁତ ଅଛୁ। ତତ୍କାଳୀନ ସରକାର ୧୯୬୮ ମସିହାରେ ସୁପ୍ରିମକୋର୍ଟ ଯାଇଥିଲେ। ୨୦୧୦ ରେ ଓଡିଶା କୋର୍ଟରେ ହାରିଲା। ୨୦୨୧ରେ ଆନ୍ଧ୍ରପ୍ରଦେଶ କୋର୍ଟ ନିର୍ଦ୍ଦେଶ ଅବମାନନା ନେଇ ସୁପ୍ରିମକୋର୍ଟ ଯାଇଥିଲେ ବିଜେଡି ସରକାର। ଏବେ ବିଜେପି ସରକାର ଆଉ ଗୋଟିଏ ଅଦାଲତ ଅବମାନନା ପିଟିସନ ଦାଖଲ କରିଛି। ଆନ୍ଧ୍ରପ୍ରଦେଶର ମୁଖ୍ୟ ଶାସନ ସଚିବ, ସ୍ଥାନୀୟ ଜିଲ୍ଲାପାଳ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ସୁପ୍ରିମକୋର୍ଟରେ ମାମଲା ହୋଇଛି। ଆନ୍ଧ୍ରପ୍ରଦେଶର ଏପ୍ରକାର ଉଦ୍ୟମ ସାମ୍ବିଧାନିକ ସଙ୍କଟ ସ୍ଥିତି ସୃଷ୍ଟି କରିଛି। ଓଡିଶା ସରକାର ଆଇନଗତ ଲଢେଇରେ ଆଗକୁ ବଢ଼ିବାକୁ ଆଇନଜୀବୀଙ୍କ ପରାମର୍ଶ ନେଉଛୁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

ଦେଶବାସୀଙ୍କୁ ସତର୍କ...

ଏହି ସମୟରେ କେବଳ ପ୍ୟାକେଟ୍ ଖାଦ୍ୟ ଏବଂ ବୋତଲ ପାଣି ବ୍ୟବହାର କରିବା ସହ ଗାଡ଼ି ଭିତରେ ଆଶ୍ରୟ ନନେବାକୁ ଚେତାବନୀ ଦିଆଯାଇଛି। ଯଦି କୌଣସି ବ୍ୟକ୍ତି ବିସ୍ଫୋରଣ ସମୟରେ ବାହାରେ ଥାଆନ୍ତି, ତେବେ ବିସ୍ଫୋରଣର ତୀବ୍ର ଆଲୋକ ଆଡ଼କୁ ସିଧାସଳଖ ନଚାହିଁ ତୁରନ୍ତ ତଳେ ଶୋଇପଡ଼ି ମୁଣ୍ଡ ଓ ମୁହଁକୁ ଢାଙ୍କିବାକୁ କୁହାଯାଇଛି।

ଇରାନର ଅଧିକାରୀମାନେ ଚେତାବନୀ ଦେଇଛନ୍ତି ଯେ ବିକିରଣଯୁକ୍ତ ଧୂଳିକଣା ବାୟୁମଣ୍ଡଳ ଦେଇ ବିସ୍ଫୋରଣ ସ୍ଥଳଠାରୁ ବହୁ ଦୂରକୁ ବ୍ୟାପିପାରେ। ବିକିରଣ ଧୂଳି ସଂସ୍ପର୍ଶରେ ଆସିଥିଲେ ପୋଷାକ କାଢ଼ି ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ସିଲ୍ କରିବା ଏବଂ ଉଷୁମ ପାଣି ଓ ସାବୁନରେ ଗାଧୋଇବାକୁ କୁହାଯାଇଛି। ଡାକ୍ତରୀ ପରାମର୍ଶ ବିନା ଆୟୋଡିନ୍ ବଟିକା ନଖାଇବାକୁ ଚେତାବନୀ ଦିଆଯାଇଛି। ବୈଦ୍ୟୁତିକ ଉପକରଣ ଖରାପ ହେବାର ସମ୍ଭାବନା ଥିବାରୁ ସରକାରୀ ସୂଚନା ପାଇଁ ବ୍ୟାଟେରୀ ଚାଳିତ ରେଡିଓ ବ୍ୟବହାର କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଇରାନର ଆଣବିକ କେନ୍ଦ୍ର ଉପରେ ଆକ୍ରମଣ ପାଇଁ ଚାପ ପକାଉଥିବା ରିପୋର୍ଟ ପ୍ରକାଶ ପାଇଛି। ତେବେ ଟ୍ରମ୍ପ ଆକ୍ରମଣ ପାଇଁ ପ୍ରସ୍ତୁତ ଥିବାବେଳେ ଆଣବିକ ଅସ୍ତ୍ର ବ୍ୟବହାରକୁ ସ୍ପଷ୍ଟ ଭାବେ ବାରଣ କରିଛନ୍ତି।

ଚାନ୍ଦିପୁରରେ କ୍ଷେପଣାସ୍ତ୍ର...

ସକାଳ ୬ଟାରୁ ଲଞ୍ଚ କମ୍ପ୍ଲେକ୍ସର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଜନସାଧାରଣଙ୍କ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଶାସନ ପକ୍ଷରୁ ୧ରୁ ୨ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳର ତୁଣ୍ଡୁରାପାହି, କୁଶୁମୁଳିପାହି ଓ ଖଡୁପାହି ସମେତ ୬ଟି ଗ୍ରାମର ପ୍ରାୟ ୨୫୨୪ ଲୋକଙ୍କୁ ସୁରକ୍ଷିତ ଭାବେ ନିକଟସ୍ଥ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକରେ ନିର୍ମିତ ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତର କରାଯାଇଥିଲା। ଶିବିର ଗୁଡ଼ିକରେ ଲୋକଙ୍କ ରହିବା, ଖାଦ୍ୟ ଓ ପାନୀୟ ଜଳର ସମସ୍ତ ବ୍ୟବସ୍ଥା କରାଯିବା ସହ ସ୍ୱାସ୍ଥ୍ୟସେବା ପାଇଁ ମେଡିକାଲ୍ ଟିମ୍ ନିୟୋଜିତ ହୋଇଥିଲେ। ଏଥିସହ ଡିଆରଡିଓ ପକ୍ଷରୁ ସ୍ଥାନାନ୍ତର ପରିବାରଗୁଡ଼ିକୁ ନିର୍ଦ୍ଧାରିତ ଆର୍ଥିକ ସହାୟତା ପ୍ରଦାନ ସହ ଶିବିରର ସମସ୍ତ ଖର୍ଚ୍ଚ ବହନ କରାଯାଇଛି। କ୍ଷେପଣାସ୍ତ୍ର ପରୀକ୍ଷଣକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଏବଂ ସ୍ଥାନାନ୍ତର ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଡିଆରଡିଓର ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ସ୍ଥାନାନ୍ତରିତ ଲୋକମାନେ ଅସ୍ଥାୟୀ ଶିବିରରେ ରହିବେ। ବିଶେଷ କରି ଆଜି ପ୍ରଥମ ଦିନର ପରୀକ୍ଷଣ ପରେ ବିସ୍ଥାପିତ ହେଇଥିବା ଲୋକଙ୍କୁ ଘରକୁ ପଠାଇ ଦିଆଯାଇଛି। ଆସନ୍ତା କାଲି ଅର୍ଥାତ ବୁଧବାର ଏହାର ଦ୍ୱିତୀୟ ଥର ପରୀକ୍ଷଣ ହେବାକୁ ଥିବା ବେଳେ କାଲି ସକାଳେ ପୁଣି ସେମାନଙ୍କୁ ଅସ୍ଥାୟୀ ଶିବିରକୁ ଅଣାଯିବ ବୋଲି ଜଣାଯାଇଛି।

୧୮ ଏମ୍‌ଓୟୁ ସ୍ୱାକ୍ଷରିତ...

ପାଇଁ ଐତିହାସିକ ଦିନ। ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ହେବା ସହ ଦେଶର ଶକ୍ତି ରୂପାନ୍ତରଣରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏଥିସହିତ ୨୦୪୭ ସୁଦ୍ଧା ରାଜ୍ୟର ମୋଟ ସ୍ଥାପିତ ବିଦ୍ୟୁତ୍ ଉତ୍ପାଦନ କ୍ଷମତାର ୭୪ ପ୍ରତିଶତ ଅଣଜୀବାଶ୍ମ ଉତ୍ସରୁ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଶିଳ୍ପ କ୍ଷେତ୍ରର ଅନ୍ତତଃ ୩୩ ପ୍ରତିଶତ ବିଦ୍ୟୁତ୍ ଆବଶ୍ୟକତା ସୁଲଭ ଦରରେ ସ୍ୱଚ୍ଛ ଶକ୍ତି ମାଧ୍ୟମରେ ପୂରଣ କରିବାକୁ ମଧ୍ୟ ଯୋଜନା ରହିଛି। ୨୦୩୬ ସୁଦ୍ଧା ରାଜ୍ୟରେ ୭ ହଜାର ମେଗାୱାଟ୍ ଫ୍ଲୋଟିଂ ସୋଲାର ଏବଂ ୨୦୪୭ ସୁଦ୍ଧା ୨୬ ହଜାର ମେଗାୱାଟ୍ ପମ୍ପଡ୍ ଷ୍ଟୋରେଜ୍ ଓ ୧ ହଜାର ମେଗାୱାଟ୍ ପବନ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରହିଛି। ଏହି ନିବେଶ ଓଡ଼ିଶାକୁ ଦେଶର ଅଗ୍ରଣୀ ସ୍ୱଚ୍ଛ ଶକ୍ତି କେନ୍ଦ୍ର ଭାବେ ଗଢ଼ିତୋଳିବାରେ ସହାୟକ ହେବ।

ସମ୍ମିଳନୀରେ କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଭାରତର ସ୍ୱଚ୍ଛ ଶକ୍ତି ରୂପାନ୍ତରଣରେ ଓଡ଼ିଶାର ଭୂମିକାକୁ ପ୍ରଶଂସା କରିଥିଲେ। ରାଜ୍ୟର ପ୍ରାକୃତିକ ସମ୍ପଦ, ଶିଳ୍ପ ଭିତ୍ତିଭୂମି ଓ ବନ୍ଦର ସୁବିଧା ଅକ୍ଷୟ ଶକ୍ତି ନିବେଶ ପାଇଁ ଅନୁକୂଳ ବୋଲି ସେ କହିଥିଲେ। ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦରକୁ ଆଧାର କରି ସ୍ୱଚ୍ଛ ଶକ୍ତି ଓ ଗ୍ରୀନ୍ ହାଇଡ୍ରୋରାଜେ୍ ଉତ୍ପାଦନ ଏବଂ ରପ୍ତାନିରେ ନୂଆ ସମ୍ଭାବନା ସୃଷ୍ଟି ହେବ। କେନ୍ଦ୍ର ମନ୍ତ୍ରଣାଳୟର ସଚିବ ସନ୍ତୋଷ କୁମାର ଷଡ଼ଙ୍ଗୀଙ୍କ ସୂଚନା ଅନୁଯାୟୀ ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨ ଅନୁସାରେ ୨୦୩୦ ସୁଦ୍ଧା ୧୦.୯୬ ଗିଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ରହିଛି। ୨୦୨୬ ସେପ୍ଟେମ୍ବର ୩୦ ସୁଦ୍ଧା ରାଜ୍ୟରେ ୩,୬୪୧.୨୩ ମେଗାୱାଟ୍ ଅକ୍ଷୟ ଶକ୍ତି କ୍ଷମତା ସ୍ଥାପିତ ହୋଇଛି। ଏହି ଅବସରରେ ରାଜ୍ୟର ପାୱାର ଟ୍ରାନ୍ସମିସନ୍ ନେଟୱର୍କ ସମ୍ପ୍ରସାରଣ ପାଇଁ ୧୫,୯୪୮ କୋଟି ଟଙ୍କାର ବ୍ୟବସ୍ଥା ଏବଂ 'ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା' ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ 'ଓଡ଼ିଶା ପାଭିଲିୟନ୍' ଓ 'ନେଟ୍ ଜିରୋ ପାଭିଲିୟନ୍' ଉଦ୍‌ଘାଟନ କରିଥିଲେ। ଗ୍ରୀନ୍‌କୋ, ଆଦାନୀ ପୋର୍ଟସ୍, ଆଭାଡା ଗ୍ରୁପ୍, ଏଭରେନ୍, ଏକମେ ଗ୍ରୁପ୍ ଓ ବ୍ରୁକ୍‌ଫିଲ୍ଡ ରିନ୍ୟୁଏବଲ୍ସ ଭଳି ଦେଶୀ ଓ ବିଦେଶୀ କମ୍ପାନି ଏଥିରେ ଭାଗ ନେଇଛନ୍ତି।

ଜାନୁଆରୀ ୧୦ ତାରିଖରୁ...

ଏହି ପର୍ଯ୍ୟାୟରେ ଗଣନାକାରୀ ଲୋକଙ୍କୁ ମୋଟ ୪୦ଟି ପ୍ରଶ୍ନ ପଚାରିବେ। ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାରର ତଥ୍ୟ ସହ ଜାତି ବାବଦରେ ଏହି ପ୍ରଶ୍ନଗୁଡ଼ିକର ସମ୍ମିଳିତ ହେବ।

ଦେଶ ସ୍ୱାଧୀନତା ପୂର୍ବରୁ ଶେଷଥର ପାଇଁ ୧୯୩୧ ମସିହାରେ ଜାତି ଜନଗଣନା ହୋଇଥିଲା। ଏହାପରେ ଗତ ୨୦୧୬ ମସିହାରେ ଜାତି ଜନଗଣନା ହୋଇଥିଲେ ହେଁ ଏହାର ଫଳ ପ୍ରକାଶ ପାଇନଥିଲା। ତେଣୁ ଚଳିତ ଜନଗଣନାରେ ଜାତି ଜନଗଣନା ଗୁରୁତ୍ୱ ବହନ କରୁଛି। ତେବେ ଜାତି ସମ୍ବନ୍ଧୀୟ ତଥ୍ୟ ପ୍ରଦାନ, ବ୍ୟକ୍ତିବିଶେଷଙ୍କ ପାଇଁ ନିଜସ୍ୱ ସ୍ୱାଧୀନତାର ବିଷୟ ରହିବ। ଯେଉଁମାନେ ନିଜର ଜାତି ସମ୍ବନ୍ଧୀୟ ତଥ୍ୟ ଦେବାକୁ ଚାହିଁବେ ନାହିଁ, ସେମାନଙ୍କୁ ତଥ୍ୟ ପ୍ରଦାନ ପାଇଁ ବାଧ୍ୟ କରାଯିବ ନାହିଁ। ସୂଚନାଯୋଗ୍ୟ ଯେ ଜନଗଣନା ଦେଶର ଜନସଂଖ୍ୟା, ପରିବାର ଓ ଜନସାଂଖ୍ୟିକ ସ୍ଥିତି ସମ୍ପର୍କିତ ତଥ୍ୟ ହାସଲ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ ପ୍ରକ୍ରିୟା। ସରକାରୀ ସୂଚନା ଅନୁସାରେ, ଏହା ଡିଜିଟାଲ୍ ମାଧ୍ୟମ ଓ ନିର୍ଦ୍ଦିଷ୍ଟ ମୋବାଇଲ୍ ଆପ୍ଲିକେସନ୍‌ର ସହାୟତାରେ ପରିଚାଳିତ ହେବ। ଏଥିସହିତ ଜନଗଣନା ପରିଚାଳନା ଓ ତଦାରଖ ପାଇଁ ସେନସସ୍ ମ୍ୟାନେଜମେଣ୍ଟ ଆଣ୍ଡ ମନିଟରିଂ ସିଷ୍ଟମର ବ୍ୟବହାର କରାଯିବ।

ଦୀପାବଳିରେ କଅଁଳ...

ପାଇବ ଓ ଉପକୂଳ ଜିଲ୍ଲା ଗୁଡ଼ିକରେ ରାତିର ତାପମାତ୍ରା ସ୍ୱାଭାବିକ ଠାରୁ ୨ରୁ ୫ ଡିଗ୍ରୀ କମ୍ ରହିବ। ଯାହା ଫଳରେ ଥଣ୍ଡା କିଛିଅଂଶରେ ବଢ଼ିବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ଗଞ୍ଜାମ ଜିଲ୍ଲାର ପାତ୍ରପୁର ଠାରେ ସର୍ବାଧିକ ୪୩ ମିଲିମିଟର ବର୍ଷା ରେକର୍ଡ ହୋଇଛି। ବାତ୍ୟା 'ମୁରାସୁ' ଭୋର ପ୍ରାୟ ୩ଟା ୩୦ରୁ ୫ଟା ୩୦ ମଧ୍ୟରେ ନେଲୋର ଓ ନରସାପୁର ମଧ୍ୟବର୍ତ୍ତୀ ଅଞ୍ଚଳରେ ସ୍ଥଳଭାଗ ଅତିକ୍ରମ କରିଛି। ସ୍ଥଳଭାଗ ଛୁଇଁବା ସମୟରେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ କିଲୋମିଟର ରହିଥିବା ବେଳେ ଝଟକା ପବନର ବେଗ ୧୨୦ କିଲୋମିଟର ପର୍ଯ୍ୟନ୍ତ ରହିଥିଲା। ସ୍ଥଳଭାଗ ଅତିକ୍ରମ ପରେ ଏହା କ୍ରମଶଃ ଦୁର୍ବଳ ହେବାରେ ଲାଗିଛି।

ବାଲେଶ୍ୱରରେ ଏତଲା...

ତାଙ୍କୁ ଭେଟିଥିଲେ। ଆଲୋଚନା ସମୟରେ ବାଲେଶ୍ୱର ଜିଲ୍ଲା କାରାଗାରରେ ଥିବା ବିଚାରାଧୀନ ବନ୍ଦୀ ରାଜୀବ ଲୋଚନ ଦାସଙ୍କ ପକେଟ୍‌ରେ ବ୍ରାଉନସୁଗାର ରଖି ତଲାସି ସମୟରେ ଜବତ ଦର୍ଶାଇବା ସହ ତାଙ୍କ ନାମରେ ପୁଲିସରେ ମାମଲା ରୁଜୁ କରିବା ଯୋଜନା ଥିବା କୁହାଯାଇଥିଲା ବୋଲି ପ୍ରଦୀପ୍ତ ଅଭିଯୋଗ କରିଛନ୍ତି। ପରଦିନ ଅର୍ଥାତ୍ ୯ ଅକ୍ଟୋବରରେ ତାଙ୍କୁ ତତ୍କାଳୀନ ଜେଲ ଡିଜି ସୁଶାନ୍ତ ନାଥଙ୍କ ସରକାରୀ କ୍ୱାର୍ଟର୍ସକୁ ନିଆଯାଇଥିଲା। ସେଠାରେ ମଧ୍ୟ ଏହି କାର୍ଯ୍ୟ କରିବାକୁ ତାଙ୍କୁ ଚାପ ପକାଯାଇଥିବା ସେ ଲିଖିତ ଭାବେ ଦର୍ଶାଇଛନ୍ତି। ଏପରିକି ଏହି କାର୍ଯ୍ୟ କରିଦେଲେ ଆବଶ୍ୟକ ଅର୍ଥ ଦିଆଯିବା ସହ ପୁରସ୍କାର ଓ ପଦୋନ୍ନତି ମିଳିବ ବୋଲି ପ୍ରଲୋଭନ ଦିଆଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏହି କାମ ପାଇଁ ଗୃହ ବିଭାଗର ଚାପ ରହିଥିବା ଡିଜି କହିଥିବା ମଧ୍ୟ ସେ ଦାବି କରିଛନ୍ତି। ଅଭିଯୋଗ ପତ୍ରରେ ପ୍ରଜ୍ଞା ପ୍ରକାଶ ନାୟକ ନାମକ ଜଣେ ବ୍ୟକ୍ତିଙ୍କ ନିର୍ଦ୍ଦେଶରେ ଏହି ଚାପ ପ୍ରୟୋଗ ହୋଇଥିବା ସନ୍ଦେହ ମଧ୍ୟ ପ୍ରକାଶ କରାଯାଇଛି। ତେବେ ଜଣେ ବିଚାରାଧୀନ ବନ୍ଦୀଙ୍କ ବିରୋଧରେ ମିଥ୍ୟା ନିଶାଦ୍ରବ୍ୟ ମାମଲା ସୃଷ୍ଟି କରିବା ଭଳି କାର୍ଯ୍ୟରେ ସହଯୋଗ କରିବାକୁ ପ୍ରଦୀପ୍ତ ମନା କରିଦେଇଥିବା ନିଜ ଅଭିଯୋଗପତ୍ରରେ କହିଛନ୍ତି। ଏହାପରେ ଘଟଣାର ମୋଡ଼ ବଦଳିଥିବା ସେ ଦର୍ଶାଇଛନ୍ତି। ଉକ୍ତ ଘଟଣା ପରେ ସେ ମାନସିକ ଓ ଶାରୀରିକ ଭାବେ ଅସୁସ୍ଥ ହୋଇପଡ଼ିଥିଲେ। ୧୦ ଅକ୍ଟୋବରରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଡାକ୍ତରୀ ପରାମର୍ଶ ନେଇଥିବା ବେଳେ ପରେ ବାଲେଶ୍ୱର ଫେରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ୧୨ ଅକ୍ଟୋବର ପର୍ଯ୍ୟନ୍ତ ଚିକିତ୍ସାଧୀନ ରହିବା ସମ୍ପର୍କରେ ଇମେଲ୍ ଯୋଗେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିବା ସେ ଉଲ୍ଲେଖ କରିଛନ୍ତି। ମାତ୍ର ଏହାର ପରଦିନ, ଅର୍ଥାତ୍ ୧୩ ଅକ୍ଟୋବର ୨୦୨୬ରେ ତାଙ୍କୁ ନିଲମ୍ବିତ କରାଯାଇଥିଲା। ଏହି ନିଲମ୍ବନକୁ ସେ ନିଜ ବିରୋଧରେ ଆକ୍ରୋଶମୂଳକ ଓ ଉଦ୍ଦେଶ୍ୟପ୍ରଣୋଦିତ ପଦକ୍ଷେପ ବୋଲି ଦର୍ଶାଇଛନ୍ତି। ପ୍ରଦୀପ୍ତ ମହାଲିକ ନିଜ ନିଲମ୍ବନ ଆଦେଶ ପ୍ରତ୍ୟାହାର କରି ପୁନର୍ବାର କାର୍ଯ୍ୟରେ ଅବସ୍ଥାପିତ କରିବା ସହ ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଏବେ ଏହି ଅଭିଯୋଗ ଉପରେ ରାଜ୍ୟ ଗୃହ ବିଭାଗ ଓ କାରାଗାର ପ୍ରଶାସନ କି ପଦକ୍ଷେପ ନେଉଛନ୍ତି, ତାହା ଗୁରୁତ୍ୱ ବହନ କରୁଛି।

ଋଷିକୁଲ୍ୟାର ରାଗ...

ବନ୍ୟା ସମୟରେ ପ୍ରବଳ ଜଳପ୍ରବାହ ନଦୀର ଗତିପଥକୁ ବଦଳାଇ ଦେଇଛି। ପୁରୁଣାବନ୍ଧ ଗ୍ରାମ ନିକଟସ୍ଥ ଗଙ୍ଗାଦେବୀ ମନ୍ଦିର ସମ୍ମୁଖରୁ ଏକ ନୂଆ ଜଳପଥ ସୃଷ୍ଟି ହୋଇ ଗୋଖରକୁଦା ଗ୍ରାମ ପର୍ଯ୍ୟନ୍ତ ଲମ୍ବିଛି। ଏହି ପଥ ଦେଇ ନଦୀଜଳ ସିଧାସଳଖ ସମୁଦ୍ରରେ ମିଶୁଛି। ବନ୍ୟା ସମୟରେ ପ୍ରଖର ସ୍ରୋତ ଯୋଗୁଁ ଏହି ମୁହାଣର ପରିସର ଆହୁରି ବୃଦ୍ଧି ପାଇଛି। ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ନୂଆ ଜଳପଥ ସମ୍ପ୍ରସାରିତ ହୋଇଥିବାରୁ ଅଧିକ ପରିମାଣର ବନ୍ୟାଜଳ ସମୁଦ୍ରକୁ ନିଷ୍କାସିତ ହେବାର ସୁଯୋଗ ସୃଷ୍ଟି ହୋଇଛି। ଚଳିତ ବନ୍ୟାରେ ଗଞ୍ଜାମ ଜିଲ୍ଲାର ଅନେକ ବ୍ଲକ ଗୁରୁତର ପ୍ରଭାବିତ ହୋଇଥିଲେ। ବିଶେଷକରି ନଦୀ ଅବବାହିକା ଓ ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରି ଜନଜୀବନକୁ ଅସ୍ତବ୍ୟସ୍ତ କରିଥିଲା। ଏଭଳି ସ୍ଥିତିରେ ନୂଆ ମୁହାଣ ସୃଷ୍ଟି ଗଞ୍ଜାମ ଜିଲ୍ଲା ପାଇଁ ଫଳପ୍ରଦ ନା ବିପଦ ସେନେଇ ଗବେଷକଙ୍କୁ ଗବେଷଣା କରିବାକୁ ବାଧ କରିଛି। ଅନ୍ୟପକ୍ଷରେ ପୁରୁଣା ମୁହାଣକୁ ମୁହଁ ମୋଡ଼ି ଋଷିକୂଲ୍ୟା ନୂଆ ଠିକଣା କାହିଁକି ବାଛିଲା ତାହାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଏହା ପଛରେ ପ୍ରାକୃତିକ ଭୌଗୋଳିକ ପରିବର୍ତ୍ତନ ରହିଛି ନା ଦୀର୍ଘଦିନର ରକ୍ଷଣାବେକ୍ଷଣ ଅଭାବ ଏଥିପାଇଁ ଦାୟୀ, ତାହାର ଅନୁଧ୍ୟାନ ଜରୁରୀ ହୋଇପଡ଼ିଛି। ନଦୀ ମୁହାଣରେ ପଟୁମାଟି ଜମା, ବାଲିଚର ସୃଷ୍ଟି ଓ ସମୁଦ୍ର ଜୁଆର ଗତି ପ୍ରକୃତି ମଧ୍ୟ ଏଭଳି ପରିବର୍ତ୍ତନର କାରଣ ହୋଇପାରେ। ତେଣୁ କେବଳ ବନ୍ୟାଜଳ ନିଷ୍କାସନର ଦୃଷ୍ଟିକୋଣରୁ ନୁହେଁ, ନଦୀର ସ୍ୱାଭାବିକ ପ୍ରବାହ ଓ ଉପକୂଳର ପରିବେଶଗତ ସନ୍ତୁଳନକୁ ନେଇ ମଧ୍ୟ ଅଧ୍ୟୟନ ଆବଶ୍ୟକ ବୋଲି ପରିବେଶପ୍ରେମୀମାନେ ମତ ଦେଉଛନ୍ତି। ଋଷିକୂଲ୍ୟା ମୁହାଣ କେବଳ ଏକ ଜଳ ନିଷ୍କାସନ ପଥ ନୁହେଁ, ଏହା ଜୈବ ବିବିଧତାର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର। ନୂଆ ମୁହାଣ ଓ ଏହାର ଆଖପାଖ ଅଞ୍ଚଳ ଆଗାମୀ ଦିନରେ ବିଦେଶାଗତ ପକ୍ଷୀଙ୍କ ପାଇଁ ଏକ ଉପଯୁକ୍ତ ଆବାସସ୍ଥଳୀ ହୋଇପାରେ ବୋଲି ଆଶା କରାଯାଉଛି। ସେହିପରି ବିଶ୍ୱପ୍ରସିଦ୍ଧ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ଓ ପ୍ରଜନନ ପାଇଁ ମଧ୍ୟ ଏହି ଅଞ୍ଚଳ ଉପଯୋଗୀ ହୋଇପାରିବାର ସମ୍ଭାବନା ରହିଛି। ତେବେ ଏଥିପାଇଁ ନୂଆ ମୁହାଣର ବାଲୁକାଶଯ୍ୟା, ଜଳପ୍ରବାହ ଓ ଉପକୂଳୀୟ ପରିବେଶର ବୈଜ୍ଞାନିକ ଅନୁଧ୍ୟାନ ଆବଶ୍ୟକ। ପ୍ରକାଶଯୋଗ୍ୟ ଯେ, ଋଷିକୂଲ୍ୟା ନଦୀର ଉତ୍ପତ୍ତି ଗଞ୍ଜାମ-କନ୍ଧମାଳ ସୀମାନ୍ତରେ ଥିବା ଋଷିମାଳ ପର୍ବତମାଳାରୁ। ଦୀର୍ଘ ଜଳପ୍ରବାହ ପଥରେ ଏଥିରେ ଅନେକ ଉପନଦୀ ଓ ଜଳଧାରା ମିଶି ଏହାକୁ ଶକ୍ତିଶାଳୀ ନଦୀର ରୂପ ଦେଇଛନ୍ତି। ଗାଜଲବାଡ଼ି ପଞ୍ଚାୟତର ପିପଳପଙ୍କା ନିକଟରେ ଓଡ଼ାଙ୍ଗି ନଦୀ ଋଷିକୂଲ୍ୟାରେ ମିଶିଥାଏ। ସୋରଡ଼ା ଅଞ୍ଚଳରେ ପଦ୍ମା ଓ ଜରଉ ନଦୀର ଜଳ ଏଥିରେ ପ୍ରବାହିତ ହୁଏ। ଆସିକା ନିକଟରେ ବଡ଼ନଦୀ ଋଷିକୂଲ୍ୟାରେ ମିଶିବା ସହ ବାଘୁଆ, ଧନେଇ, ଡହ, ଦଦରା ଓ ଲଣ୍ଡେଇ ଭଳି ଜଳଧାରାର ପାଣି ବଡ଼ନଦୀକୁ ସମୃଦ୍ଧ କରିଥାଏ। ପରବର୍ତ୍ତୀ ସମୟରେ ହିଞ୍ଜିଳିକାଟୁ ନିକଟରେ ଘୋଡ଼ାହାଡ଼ ନଦୀର ଜଳ ଏଥିରେ ମିଶି ଶେଷରେ ଗଞ୍ଜାମ ଉପକୂଳ ନିକଟରେ ବଙ୍ଗୋପସାଗରରେ ପଡ଼ିଥାଏ। ଏବେ ବନ୍ୟା ପରେ ଋଷିକୂଲ୍ୟାର ନୂଆ ଗତିପଥ ଏକ ନୂଆ ଭୌଗୋଳିକ ଅଧ୍ୟାୟ ସୃଷ୍ଟି କରିଛି। ଏହା ଗଞ୍ଜାମ ପାଇଁ ଆଶ୍ୱସ୍ତିର ନୂଆ ଦ୍ୱାର ଖୋଲିବ ନା ଭବିଷ୍ୟତରେ ଆଉ ଏକ ପରିବେଶଗତ ଆହ୍ୱାନ ସୃଷ୍ଟି କରିବ, ତାହା ସମୟ କହିବ। ତେବେ ନଦୀର ଏହି ପରିବର୍ତ୍ତନକୁ ଗୁରୁତର ସହ ନେଇ ଜଳସମ୍ପଦ ବିଭାଗ ଓ ପରିବେଶ ବିଶେଷଜ୍ଞଙ୍କ ଦ୍ୱାରା ଅନୁଧ୍ୟାନ କରାଯିବା ଏବେ ଜରୁରୀ ହୋଇପଡ଼ିଛି।

AFFIDAVIT

By virtue of an affidavit before the Executive Magistrate, Umarkot, dated 30.10.2026, I, Hari Harijan, S/o- Gija Harijan, resident of Dadiaguda, Umarkot, declare that the name of my minor son, ABHIYA HARIJAN, has been changed to ABHAY HARIJAN. Henceforth, from today my minor son ABHIYA HARJAN (old name) shall be known as **ABHAY HARIJAN** (new name) for all purposes.

Sd/- Hari Harijan

ପଶ୍ଚିମ ରେଳବାଇ-ରତଲାମ

ଇ-ଟେଣ୍ଡରିଂ ବିଜ୍ଞପ୍ତି

ଡିଭିଜନାଲ୍ ରେଲୱେ ମ୍ୟାନେଜର (ଇଲେକ୍ଟ୍ରିକାଲ୍/ପାୱାର), ରତଲାମଙ୍କ ଦ୍ୱାରା www.ireps.gov.in ୱେବସାଇଟ୍ ମାଧ୍ୟମରେ ଇ-ଟେଣ୍ଡରିଂ ଦ୍ୱାରା "ଓପନ୍ ଟେଣ୍ଡର" ଆହ୍ୱାନ କରାଯାଇଛି। କ୍ରମିକ ନଂ. ୧, ଇ-ଟେଣ୍ଡର ନଂ.: EL-2025-26-263। କାର୍ଯ୍ୟର ନାମ: ରତଲାମ ଡିଭିଜନ୍‌ର ରତଲାମ ଏବଂ ଇନ୍ଦୋର ଷ୍ଟେସନ୍‌ରେ ରତଲାମ ଷ୍ଟେସନ୍‌ର ପ୍ଲାଟଫର୍ମ ନଂ. ୦୪ ଏବଂ ୦୭ରେ ୦୬ଟି ଏସ୍କାଲେଟର୍ ଏବଂ ଇନ୍ଦୋର ଷ୍ଟେସନ୍‌ର PF-05/06 ର ସର୍କୁଲେଟିଂ ଏରିଆରେ ୦୧ଟି ଏସ୍କାଲେଟର୍ ସ୍ଥାପନ (ଇଲେକ୍ଟ୍ରିକାଲ୍ + ସିଭିଲ୍)। ଆନୁମାନିକ ମୂଲ୍ୟ: ଟ. ୯,୯୨,୭୯,୧୩୨.୧୯/-। ଜମା କରିବାକୁ ଥିବା ବଇନା ରାଶି: ଟ. ୧୯,୮୫,୬୦୦/-। କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ। କ୍ରମିକ ନଂ. ୨, ଇ-ଟେଣ୍ଡର ନଂ.: EL-2026-27-18। କାର୍ଯ୍ୟର ନାମ: (୧) ରତଲାମ ଷ୍ଟେସନ୍‌ର ପ୍ରସ୍ତାବିତ P F - 0 8 ରେ Quick Coach Watering System ବ୍ୟବସ୍ଥା ପାଇଁ ଇଲେକ୍ଟ୍ରିକାଲ୍ କାର୍ଯ୍ୟ। (୨) ଉଜ୍ଜୟିନୀ ଷ୍ଟେସନ୍‌ର PF-07 ଏବଂ PF-08ରେ Quick Coach Watering System ବ୍ୟବସ୍ଥା ପାଇଁ ଇଲେକ୍ଟ୍ରିକାଲ୍ କାର୍ଯ୍ୟ। ଆନୁମାନିକ ମୂଲ୍ୟ: ଟ. ୪୬,୯୬,୦୭୯.୩୯/-। ଜମା କରିବାକୁ ଥିବା ବଇନା ରାଶି: ଟ. ୯୩,୯୦୦/-। କାର୍ଯ୍ୟ ସମାପ୍ତି ଅବଧି: ୬ ମାସ। କ୍ରମିକ ନଂ. ୧ ଓ ୨ ପାଇଁ ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୩୦.୧୦.୨୦୨୬ ଏବଂ ଟେଣ୍ଡର ଖୋଲିବା ତାରିଖ: ୨୪.୧୧.୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ନିୟମ ଓ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ। ଟେଣ୍ଡର ଫର୍ମର ମୂଲ୍ୟ ନିଲ୍ (NIL)।

SNP-317

Like us on: facebook.com/WesternRly

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIV BBS2026030, ତା. 25.08.2026 ରିଖ ର

ଶୁଦ୍ଧିପତ୍ର-03

ଉପରେ ଉଲ୍ଲିଖିତ ଟେଣ୍ଡର ବିଜ୍ଞପ୍ତି ରେ ନିମ୍ନଲିଖିତ ରୂପାନ୍ତରଣ କରାଯାଇଅଛି। ଦୟାକରି ଧ୍ୟାନ ଦିଅନ୍ତୁ।

ବିବରଣୀ	ପ୍ରକାଶିତ ଅନୁଯାୟୀ (ଶୁଦ୍ଧିପତ୍ର ସଂ 02)	ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ	17.11.206, 1200 ଘଟିକା	04.12.2026, 1700 ଘଟିକା

ଶୁଦ୍ଧିପତ୍ର ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ପାଇଁ ଇଚ୍ଛୁକ ଟେଣ୍ଡର ଦାତାମାନେ ଦୟାକରି www.ireps.gov.in ଅବଲୋକନ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-238/CJ/26-27

Notice (above 18 years of age)

By virtue of an affidavit sworn before Executive Magistrate, Udala, Mayurbhanj , dated 29-10-2026 I, Jaba Marndi, Address At- Nabakishorepur, Po - Silaghati, Ps - Khunta, Dist- Mayurbhanj, PIN-757019, Odisha declare that I have changed my name from Jabamani Marndi to Jaba Marndi. Henceforth, I shall be known as **Jaba Marndi** for all purposes.

(Jaba Marndi)

OFFICE OF THE PRINCIPAL

DADHIBAMAN DEGREE COLLEGE, TURUMUNGA

AT/PO: TURUMUNGA, DIST: KEONJHAR, PIN-758046

E-MAIL ID: dadhibamandegree1@gmail.com, Phone No: 06766-238128

Walk-in-Interview

A Walk-in-Interview for the post of Lecturer (Management) in Economics having 55% marks at P.G. Level may attend the interview with their Bio-Data and all testimonials (Original & Xerox) on dated: **08.11.2026 (Sunday) at 11.00 AM.** at the College Office.

The decision of the authority is final giving the appointment and also he has the rights to reject or reschedule or postpone the interview without any notice or reason thereof.

Sd/-
Principal-cum-Secretary
Dadhibaman Degree College, Turumunga
Dist-Keonjhar, Pin-758046

13001/2353/2627

e-mail ID – eephctcii@gmail.com
sephdctc521@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER,
P. H. DIVISION, KATAKA

e-procurement Notice for Bid Identification No. SEPH-DIVISION, KAT- 35 of 2026-27

1.	Name of the work	:- 06 Nos of P.H. work
2.	Estimated cost	:- Rs. 10.49 Lakh to 63.70 Lakhs
3.	Period of completion	:- 1 Month to 3 Months
4.	Date & time of availability of bid document in the portal	:- 09.11.2026 from 11.00 A.M to 20.11.2026 upto 5.00 P.M
5.	Last date & time of seeking clarification	:- 13.11.2026 upto 5.00 P.M
6.	Last date / time of receipt of bids in the portal	:- 20.11.2026 upto 5.00 P.M
7.	Date & time of opening of bids	:- 21.11.2026 at 11.00 A.M
8.	Name and address of the officer inviting bid	:- The Superintending Engineer, P.H. Division, Kataka-753004, Odisha. Ph. (0671) 2441063, Email: eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in

Sd/-
Superintending Engineer
P.H. Division, Kataka

OIPR-13001/13225/1/26-27/0014

OFFICE OF THE DIVISIONAL FOREST OFFICER, KORAPUT

e mail id-dfo.koraput@odisha.gov.in 8001/442/2627

CORRIGENDUM

SHORT TENDER CALL NOTICE (OFFLINE)

With reference to Bid Identification No. **DFO KPT-2026/(1F)/02**, published on **22.10.2026**, it is hereby informed that the last date for receipt of bids through the portal has been extended up to **07.11.2026**. The bids will be opened on **09.11.2026** at **11:00 A.M.**

All other terms and conditions of the original tender notice shall remain **unaltered**.

Sd/-
Divisional Forest Officer,
Koraput Forest Division.

OIPR-8001/8067/1/26-27/0010

GOVERNMENT OF ODISHA 25001/1442/2627
OFFICE OF THE SUPERINTENDING ENGINEER,
RURAL WORKS DIVISION-II, MALKANGIRI
E-mail: ruralworksdivisioniimalkangiri@yahoo.in

INVITATION FOR BIDS (SHORT NOTICE)

"E" PROCUREMENT NOTICE NO. RWDSE_MKG_II_ONLINE_05/2026-27

1.	Name of the work	:- Building works in the District of Malkangiri for the year-2026-27
2.	Total No of work	:- 31 Number of Building Work
3.	Estimated Cost	:- Rs. 1.69 Lakhs to Rs. 10.17 Lakhs.
4.	Period of Completion	:- As Specified in the Annexure
5.	Class of Contractor	:- As Specified in the Annexure
6.	Cost of Tender Paper	:- Cost of tender is to be remitted ONLINE as specified in column-6 of the Annexure
7.	Details Projects	:- As Specified in the Annexure

Other details as follows :-

a)	Procurement Officer	:- Superintending Engineer, Rural Works Division-II, Malkangiri
b)	Availability of Tender Online	:- 06.11.2026 at 11.00 AM to 17.11.2026 up to 5.30 PM
c)	Last date & time of seeking of Tender clarification	:- 16.11.2026 up to 5.00 PM
d)	Technical Bid Opening	:- 18.11.2026 at 11.00 AM
e)	Decision to conduct Lottery	:- If required to decide the agency, transparent Lottery shall be conducted on date 30.11.2026 at 11.00 AM in Office Chamber of the undersigned.

Further details can be seen from the Govt. website www.tendersorissa.gov.in

Executive Engineer,
Rural Works Division-II,
Malkangiri

OIPR-25001/25079/1/26-27/0005

OFFICE OF THE DIVISIONAL FOREST OFFICER: KATAKA FOREST DIVISION
GHATAKULA: NUAPADA: MADHUPATANA: KATAKA-753010.
Off. Tel. – 06712957611 Control Room Tel: 06712340343 Toll Free No. 18003457473
E-mail ID :- dfocuttack2023@gmail.com

Tender Notice No-10 /1F – Dated 02.11.2026 8001/439/2627

SHORT TENDER CALL NOTICE

Divisional Forest Officer, Kataka Forest Division invites sealed tenders from reputed intending Manufacturing Firms/Dealers/Suppliers having valid GSTIN and PAN Registration No. procurement of **Diesel Generator (DG Set)** for Kataka Forest Division. The Tender documents can be obtained by paying **Rs.2,000/-** towards cost of tender paper from the office of the undersigned in any working days from **04.11.2026**. The last date of receipt of Tender documents is **10.11.2026 at 05.00 P.M.** in the office of the undersigned through Speed Post / Regd. Post / Courier and in no case it will be accepted beyond 05.00 PM. The Tender will be opened in the on **11.11.2026 at 12.00 Noon.** The authority reserves the right to cancel or reject any or all quotations without assigning any reason thereof. Any legal dispute in future is subject to jurisdiction of Kataka only. The undersigned reserves the right to accept or reject any or all the tenders without assigning any reason thereof.

Purpose of the Tender	Procurement of Diesel Generator (DG Set) for Kataka Forest Division
Date & time of availability of the bid document	04.11.2026 to 10.11.2026
Last Date Submission of Bids	10.11.2026 till – 05.00 PM
The Date of Opening of Tenders	11.11.2026 AT 12.00 – NOON

Divisional Forest Officer,
Kataka Forest Division

OIPR-8001/8025/1/26-27/0008

AFFIDAVIT

By virtue of an affidavit CF NO.133 sworn before The Executive Magistrate, Bhubaneswar, dated: 02/11/2026, I, Samayana Rout, resident of at- Mudugal, P.O- Namaro, Astaranga, Dist- Puri, Odisha, Pin-752109, declare that I have changed my name from Nirupama Rout to Samayana Rout. Henceforth, I shall be known as **Samayana Rout** for all purposes.

Samayana Rout

AFFIDAVIT

By virtue of an affidavit sworn before the Executive Magistrate, Puri, dated 03.11.2026, I, SURYAKANTI SAHOO, of Samangara Nua Sahi, PO- Baliguali P.S.Penthakata Marine, Dist. Puri, Odisha 752002, declare that I have changed my name from SURYAKANT BEHERA to SURYAKANTI SAHOO, Henceforth, I shall be known as **SURYAKANTI SAHOO** for all purposes.

SURYAKANTI SAHOO

AFFIDAVIT

By virtue of an affidavit before the Executive Magistrate, Bhadrak dated 23.10.2026, I, Smt. Rasmita Barik, Edadei, Barapada, Bhadrak, declare that the correct name of my daughter is PRAGYAN BARIK as per her Birth Certificate, whereas her name has been mistakenly recorded as PRAGAYA BARIK in her Aadhaar Card. Henceforth, she shall be known as **PRAGYAN BARIK** for all purposes.

AFFIDAVIT

I, **SANJE TEMPA** son of **MEFAM TENZIN** aged about **69** years, residing at **H-36, C-4, JEERANGA, DIST. GAJAPATI, ODISHA-761017** declare by this affidavit No : A-5689, Dt:01.11.2026 that now onwards, my father's name shall be known as **MEFAM TENZIN** instead of **MIDHANG TENZIN** and my date of birth will be **01/02/1957** instead of **26/05/1957** for all purposes.

AFFIDAVIT

By virtue of an affidavit (C.F. No. 07, Date. 02.11.2026) sworn before the Executive Magistrate, Padampur on Dated 02.11.2026, I, **Rusava Pardia,** Address: S/o- Laxman Pardia, Vill. Kansingha, Po. Kansingha, Ps. Padampur, Dist. Baragada, Odisha - 768036 have changed my name from **"Rusuba Pardia"** to **"Rusava Pardia".** Henceforth, I shall be known as **"Rusava Pardia"** for all purposes.

Rusava Pardia

AFFIDAVIT

By virtue of an affidavit (CF No. 02, dtd- 03.11.2026) sworn before The Executive Magistrate, Padampur. I, **Bidyadhar Bag,** S/o Nityananda Bag, permanent resident of Vill- Laudidarha, PO- Laudidarha, PS- Jagdalpur, Dist- Bargarh, Odisha declare that I have changed my minor daughter's name from **Diya Bag** (old name) to **Divyanshi Bag** (new name). Henceforth, she shall be known as **Divyanshi Bag** (new name) for all purposes.

Bidyadhar Bag

AFFIDAVIT

By virtue of an affidavit (CF No. 03, dtd- 03.11.2026) sworn before The Executive Magistrate, Padampur. I, **Suman Hati** (new name), S/o Birasen Hati, permanent resident of Vill- Beheratal, PS- Buden, Dist- Bargarh, Odisha declare that I have changed my name from **Muna Hati** (old name) to **Suman Hati** (new name). Henceforth, I shall be known as **Suman Hati** (new name) for all purposes.

Suman Hati

ଶପଥପତ୍ର

ତା. ୨୪.୦୮.୨୦୨୬ରେ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଶପଥପୂର୍ବକ ଦାଖଲ କରିଥିବା ଏକ ହଲଫନାମା ମାଧ୍ୟମରେ, ମୁଁ ଶ୍ରୀମତୀ ପ୍ରତିଭା ପ୍ରଧାନ, ସ୍ୱାମୀ- ପୂର୍ଣ୍ଣଚନ୍ଦ୍ର ସାହୁ, ଠିକଣା- ଫ୍ଲାଟ ନଂ. D/207, ବୋମିଖାଲ, ବୈଷ୍ଣବ ବିହାର ଆପାର୍ଟମେଣ୍ଟ, ପୋଷ୍ଟ- ରସୁଲଗଡ଼, ଥାନା- ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଘୋଷଣା କରୁଛି ଯେ, ମୋର ପ୍ରକୃତ ଓ ସଠିକ୍ ନାମ "ପ୍ରତିଭା ପ୍ରଧାନ", ଯାହା ମୋର ଆଧାର କାର୍ଡ, ପାନ୍ କାର୍ଡ ଏବଂ ଏଚ୍.ଏସ୍.ସି. ସାର୍ଟିଫିକେଟ୍‌ରେ ଉଲ୍ଲେଖ ଅଛି। କିନ୍ତୁ ମୌଜା- କାଣ୍ଡସର, ଖାତା ନଂ. ୮୯୦/୫୪୬, ପ୍ଲଟ୍ ନଂ. ୬୨୮୯/୮୧୭୨/ ୯୬୪୮ରେ ଆର୍.ଓ.ଆର୍. (ପଟ୍ଟା)ରେ ମୋର ନାମ "ପ୍ରତିଭା ସାହୁ" ଭାବେ ରେକର୍ଡ ହୋଇଛି। "ପ୍ରତିଭା ପ୍ରଧାନ" ଏବଂ "ପ୍ରତିଭା ସାହୁ" ଏକ ଓ ଅଭିନ୍ନ ବ୍ୟକ୍ତି ବୋଲି ଘୋଷଣା କରୁଛି।

ସକାଳ
THE SAKALA

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନିକାଣ୍ଡ

ବାଲେଶ୍ୱର, ୩।୧୧(ସମିସ):



ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍) ପରିସରରେ ଘଟିଯାଇଛି ଏକ ଭୟାବହ ଅଗ୍ନିକାଣ୍ଡ। ହସ୍ପିଟାଲ୍ ପରିସରରେ ଥିବା ରେଡକ୍ରସ୍ କ୍ୟାବିନ ସମ୍ମୁଖ ଗୋଦାମ ଗୃହ (ଷ୍ଟକ୍ ରୁମ୍)ରେ ହଠାତ୍ ନିଆଁ ଲାଗିଯିବା ଫଳରେ ସମଗ୍ର ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା। ତେବେ ଅଗ୍ନିଶମ ବାହିନୀର ତୁରନ୍ତ ପଦକ୍ଷେପ ଯୋଗୁଁ ଏକ ବଡ଼ ବିପତ୍ତି ଟଳିଯାଇଛି ଏବଂ ମେଡିକାଲରେ ଥିବା ଶତାଧିକ ରୋଗୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ସୂଚନା ଅନୁଯାୟୀ, ଆଜି ହସ୍ପିଟାଲର ଉକ୍ତ ଗୋଦାମ ଗୃହରୁ ହଠାତ୍ କଳା ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଦେଖୁ ଦେଖୁ ନିଆଁ ବ୍ୟାପି ଯାଇଥିଲା। ଗୋଦାମ ଗୃହରେ ବହୁ ପରିମାଣର ଫିନାଇଲ୍, ଏସିଡ୍, କପଡ଼ା, ଏବଂ ସ୍ପିରିଟ୍ ଭଳି ଜଳନଶୀଳ ସଫେଇ ସାମଗ୍ରୀ ଗଚ୍ଛିତ ଥିବାରୁ ନିଆଁ କ୍ଷିପ୍ର ଗତିରେ ଉଗ୍ର ରୂପ ଧାରଣ କରିଥିଲା। ଭୟାବହ ଧୂଆଁ ଯୋଗୁଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଦୌଡ଼ାଧାପଡ଼ା ସୃଷ୍ଟି ହୋଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଦୀର୍ଘ ସମୟ ପରେ ନିଆଁକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରାଯାଇଛି। ପ୍ରାଥମିକ ତଦନ୍ତରୁ ବୈଦ୍ୟୁତିକ ସର୍ଟ ସର୍କିଟ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ

ଅଳ୍ପକେ ବର୍ତ୍ତିଲେ ଶତାଧିକ ରୋଗୀ, ସର୍ଟ ସର୍କିଟ୍ ସନ୍ଦେହ

କରାଯାଉଛି। ଷ୍ଟକ୍ ରୁମ୍ରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲେ ହେଁ, ସୌଭାଗ୍ୟବଶତଃ ଏଥିରେ କୌଣସି ପ୍ରାଣହାନି କିମ୍ବା କେହି ଆହତ ହୋଇନାହାନ୍ତି। ବର୍ତ୍ତମାନ ହସ୍ପିଟାଲରେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଥିବା ବେଳେ ରୋଗୀ ସେବା ସ୍ୱାଭାବିକ ରହିଛି। ମେଡିକାଲ କର୍ତ୍ତୃପକ୍ଷ ଓ ଅଗ୍ନିଶମ ବାହିନୀ ଘଟଣାର ଅଧିକ ତଦନ୍ତ ଚଳାଇଛନ୍ତି।

ମହିଳାଙ୍କୁ ପ୍ରେମ ନିବେଦନ କରି ବନ୍ଧାହେଲା ଯୁବକ

ନୀଳଗିରି, ୩।୧୧ (ସମିସ): ନୀଳଗିରି ଥାନା ଅଞ୍ଚଳରେ ଜଣେ ବିବାହିତ ମହିଳାଙ୍କୁ ବାରମ୍ବାର ପ୍ରେମନିବେଦନ କରି ବିଫଳହେବା, ପରେ ଜୋରଜବରଦସ୍ତ ଟଣାଓଟରା କରିବାସହ ଆକ୍ରମଣକରିବା ଘଟଣାରେ ଜୈନିକ ଯୁବକ ଗଛରେ ବନ୍ଧାହେବାପରେ ପୁଲିସ ଉକ୍ତ ଯୁବକକୁ ଉଦ୍ଧାରକରି ଥାନାକୁ ଆଣିଥିବା ଜଣାଯାଇଛି। ସୂଚନା ମୁତାବକ ନୀଳଗିରି ଥାନା ବେଗୁନିଆ ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ଉକ୍ତ ଥାନା ସିଙ୍ଗିର ଗ୍ରାମର ଖଗେଶ୍ୱର କର ନାମକ ଯୁବକ ଜୋରଜବରଦସ୍ତ ପ୍ରେମନିବେଦନ କରି ଟଣାଘୋଷରା କରିବା ଏବଂ ଅଶ୍ଳୀଳଭାଷାରେ ଗାଳିଗୁଲଜ କରି ଛୁରୀରେ ଆକ୍ରମଣ କରିଥିଲା। ଫଳରେ ମହିଳାଙ୍କ ବେକରେ ଗଭୀର କ୍ଷତ ହୋଇଥିବା ଜଣାଯାଇଛି। ଏହି ସମୟରେ ମହିଳାଙ୍କ ପୁଅ ଟିଉସନସାରି ଫେରୁଥିବା ବେଳେ ଏଭଳି ଅଘଟଣ ଦେଖି ନିକଟସ୍ଥ ମାମୁଁଘର ଏବଂ ସମ୍ପର୍କୀୟଙ୍କୁ ଡାକ ପକାଇଥିଲେ। ତୁରନ୍ତ ସେମାନେ ଆସି ଯୁବକ ଜଣକ କବଳରୁ ମହିଳାଙ୍କୁ ଉଦ୍ଧାରକରି ଯୁବକଙ୍କୁ ଏକ ଗଛରେ ବାନ୍ଧି ପକାଇଥିଲେ। ପରେ ୧୧୨କୁ ଖବର ଦେଲାପରେ ପୁଲିସ ଯୁବକଙ୍କୁ ଉଦ୍ଧାରକରି ଥାନାକୁ ଆଣିଛି। ଏ ନେଇ ନୀଳଗିରି ଥାନାରେ ମହିଳାଜଣକ ଲିଖିତ ଅଭିଯୋଗ କରିଥିବା ବେଳେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ପୋଲିସ ସୂତ୍ରରୁ ପ୍ରକାଶ।

ସୋର ଡାକ୍ତରଖାନାରେ ଉତ୍ତେଜନା

ସୋର, ୩।୧୧(ସମିସ): ସୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରିବାକୁ କର୍ମଚାରୀଙ୍କ ପରିବାର ଲୋକେ ଅମଙ୍ଗ ହେବାରୁ ଡାକ୍ତରଖାନାରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଗତ ରବିବାର ଦିନ ସିଂହବାହିନୀ ଗଣନାଟ୍ୟର କଳାକାର ପାରିବାରିକ କଳହରୁ ଦୌଡ଼ି ଦେଇ ଆତ୍ମହତ୍ୟା କରିଥିଲେ। ତାଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। କିନ୍ତୁ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପାଇଁ ଟଙ୍କା ମାଗିବାରୁ ଡାକ୍ତରଖାନା କର୍ମଚାରୀ ନିରଞ୍ଜନ ଗୋଛାୟତ ଏବଂ ସିଂହବାହିନୀ କଳାକାର ପିୟୁଷ ତ୍ରିପାଠୀଙ୍କ ମଧ୍ୟରେ ବଚସା ହୋଇ ଏହା ତୀବ୍ର ରୂପ ଧାରଣ କରିଥିଲା। ଫଳରେ ସୋର ଥାନା ଅଧିକାରୀ ଅନୁରାଗ ମହାନ୍ତିଙ୍କ ହସ୍ତକ୍ଷେପ ଫଳରେ ହୋଇଥିବା ଗଣ୍ଡଗୋଳ କୁ ସମାଧାନ କରାଇ ଶବ ବ୍ୟବଚ୍ଛେଦ ମଧ୍ୟ କରାଯାଇଥିଲା। ଏହାପରେ ଡାକ୍ତରଖାନା କର୍ମଚାରୀ ନିରଞ୍ଜନଙ୍କ ନାମରେ ସୋସିଆଲ ମିଡିଆରେ ନକରାତ୍ମକ ମନ୍ତବ୍ୟ ପ୍ରକାଶ ପାଇଥିଲା। ଫଳରେ ଏହାଦେଖି ପରିବାର ଲୋକେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆଜି ସୋର ଡାକ୍ତରଖାନାରେ ଏକ ଶବ ବ୍ୟବଚ୍ଛେଦ ପାଇଁ ଆସିଥିବା ବେଳେ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚି ଆମକୁ ନ୍ୟାୟ ନ ମିଳିଲା ପର୍ଯ୍ୟନ୍ତ ନିରଞ୍ଜନ ଶବ ବ୍ୟବଚ୍ଛେଦ କରିବେ ନାହିଁ ବୋଲି ଜିଦ ଧରିବାରୁ ଶବ ବ୍ୟବଚ୍ଛେଦ ହୋଇପାରିନଥିଲା। ଫଳରେ ସୋର ଥାନା ଅଧିକାରୀ ଶ୍ରୀ ମହାନ୍ତି ଏବଂ ସୋର ଡାକ୍ତରଖାନା ଅଧିକ୍ଷକ ସୌମ୍ୟ ସମ୍ବିତ ବେହେରା ତାଙ୍କ ପରିବାର ଲୋକଙ୍କୁ ବୁଝାସୁଝା କରିବା ପରେ ନିରଞ୍ଜନ ଶବ ବ୍ୟବଚ୍ଛେଦ କରିଥିଲେ।

ୟୁଜିସି ନିୟମ ବନ୍ଦ ଦାବିରେ ବ୍ରାହ୍ମଣ ସମିତିର ଦାବିପତ୍ର



ବାଲେଶ୍ୱର, ୩।୧୧ (ସମିସ): ଶିକ୍ଷା କ୍ଷେତ୍ରରେ ୟୁଜିସି ମାଧ୍ୟମରେ କେନ୍ଦ୍ର ସରକାର ପ୍ରଣୟନ କରିଥିବା ନିୟମକୁ ବନ୍ଦ କରିବା ଦାବିରେ ବାଲେଶ୍ୱର ପୌରପାଳିକା ବ୍ରାହ୍ମଣ ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଜି ସମିତିର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଏକ ଦରଖାସ୍ତ ପ୍ରଦାନ କରିଥିଲେ। ଶିକ୍ଷା କ୍ଷେତ୍ରରେ ସମସ୍ତଙ୍କ ପ୍ରତି ସମାନ ଆଭିମୁଖ୍ୟ ରହିବା ଆବଶ୍ୟକ। ଏକ ସମୃଦ୍ଧ ଓ ଆଦର୍ଶ ରାଷ୍ଟ୍ର ଗଠନ ପାଇଁ ଜାତି, ବର୍ଗ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ସହ ଶିକ୍ଷା କ୍ଷେତ୍ରରେ ସମାନ ସୁଯୋଗ ଓ ନ୍ୟାୟ ପ୍ରଦାନ କରାଯିବା ଉଚିତ ବୋଲି ସମିତି ପକ୍ଷରୁ ଦାବି କରାଯାଇଛି। ଏହି ଦାବିକୁ ନେଇ ଜଳେଶ୍ୱର ଓ ବସ୍ତା ଅଞ୍ଚଳରେ ମଧ୍ୟ ଶହ ଶହ କର୍ମୀ ଓ ବ୍ରାହ୍ମଣ ସମାଜର ସଦସ୍ୟମାନେ ଏକଜୁଟ ହୋଇ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପଠାଇଛନ୍ତି। ସେହିପରି ବାଲେଶ୍ୱର ସହରରେ ଜିଲ୍ଲାପାଳଙ୍କ ଜରିଆରେ ଏହି ଦାବି ଉପସ୍ଥାପନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବାଲେଶ୍ୱର ପୌରପାଳିକା ବ୍ରାହ୍ମଣ ସମିତିର ସଭାପତି ଡ. ଗୌର ସାଧନ ମିଶ୍ର, ସମ୍ପାଦକ ଶାନ୍ତି ସ୍ୱରୂପ ମିଶ୍ର, ଉପସଭାପତି ବିରେନ୍ଦ୍ର କୁମାର କର, କାର୍ଯ୍ୟକାରୀ ସଭାପତି ଚନ୍ଦ୍ରାଂଶୁ ବାନାର୍ଜୀ ଏବଂ ରେମୁଣା ବ୍ଲକ ବ୍ରାହ୍ମଣ ସମିତିର ସମ୍ପାଦକ ଉମେଶ ଚନ୍ଦ୍ର ଆଚାର୍ଯ୍ୟଙ୍କ ସମେତ ସମିତିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

ଭତ୍ତା ଅବ୍ୟବସ୍ଥା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ୱାର୍ଡ କାଉନସିଲର

ବାଲେଶ୍ୱର, ୩।୧୧ (ସମିସ): ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପ୍ରଦାନକୁ ନେଇ ଦେଖାଦେଇଥିବା ଅବ୍ୟବସ୍ଥା ଏବେ ଅସହାୟ ଓ ଗରିବ ହିତାଧିକାରୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଯୋଗ୍ୟତା ଥାଇ ମଧ୍ୟ ଅନେକ ବୃଦ୍ଧବୃଦ୍ଧା, ବିଧବା, ଦିବ୍ୟାଙ୍ଗ ଓ ଅବିବାହିତ ବ୍ୟକ୍ତି ଭତ୍ତାରୁ ବଞ୍ଚିତ ରହୁଥିବା ବେଳେ ଯେଉଁମାନେ ଭତ୍ତା ପାଉଛନ୍ତି, ସେମାନଙ୍କୁ ମଧ୍ୟ ନିୟମିତ ଭାବେ ଅର୍ଥ ମିଳୁନଥିବା ଅଭିଯୋଗ ଉଠିଛି। ଏଭଳି ଏକ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ନେଇ ବାଲେଶ୍ୱର ପୌରପାଳିକାର ୨୪ ନମ୍ବର ୱାର୍ଡର କାଉନସିଲର ତଥା ବିଜୁ ମହିଳା ଜନତା ଦଳର ବାଲେଶ୍ୱର ସଭାପତି ମୀନା ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଏହି ସମସ୍ୟାର ସମାଧାନ ପାଇଁ ହସ୍ତକ୍ଷେପ ଲୋଡ଼ିଛନ୍ତି। ସରକାର ଗରିବ ଓ ଅସହାୟଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ପାଇଁ ଯୋଜନା ପ୍ରଣୟନ କରୁଥିବା ସତ୍ତ୍ୱେ ତାହାର ସୁଫଳ ଯଦି ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରୁନାହିଁ, ତେବେ ଯୋଜନାର ଉଦ୍ଦେଶ୍ୟ ସାଧନ ହେବ କିପରି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏଥିସହ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ତୁରନ୍ତ ଭତ୍ତା ଯୋଜନାରେ ସାମିଲ କରିବା, ପୂର୍ବରୁ ଆବେଦନ କରି ଅପେକ୍ଷାରେ ଥିବା ବ୍ୟକ୍ତିଙ୍କ ଆବେଦନର ଦ୍ରୁତ ଯାଞ୍ଚ କରିବା, ଭତ୍ତା ପ୍ରଦାନରେ ରହିଥିବା ବିଳମ୍ବ ଦୂର କରିବା ଏବଂ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ନିୟମିତ ଭାବେ ଭତ୍ତା ମିଳିବା ସୁନିଶ୍ଚିତ କରିବାକୁ ସେ ଦାବି ଜଣାଇଛନ୍ତି। ଏ

କମ୍ୟୁନିଷ୍ଟ ପାର୍ଟିର ନୀଳଗିରି ଆଞ୍ଚଳିକ କମିଟି ବୈଠକ

ନୀଳଗିରି, ୩।୧୧ (ସମିସ): ଆଜି ପୂର୍ବାହ୍ନରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ନୀଳଗିରି ଆଞ୍ଚଳିକ କମିଟି ବୈଠକ ସାଥୀ ସତ୍ୟଜିତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ଦଳ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନିଆ ହୋଇଛି। ଅକ୍ଟୋବର ବିପ୍ଳବ ପରିପ୍ରେକ୍ଷୀରେ ଆସନ୍ତା ନଭେମ୍ବର ମାସ ସାତ ତାରିଖ ଦିନ ସକାଳେ ପାର୍ଟିର ଲାଲ ପତାକା ଉତ୍ତୋଳନ ସହିତ ପାର୍ଟୀ ସାଥୀ ମାନଙ୍କର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କୁଲଡିହା ଅଭୟାରଣ୍ୟ ସମସ୍ୟା ଉପରେ ଭିଟାମାଟି ଜୀବନ ଜୀବିକା ସୁରକ୍ଷା ମଞ୍ଚ ତରଫରୁ ପ୍ରଶାସନ ଠାରେ ଦାବି ସହିତ ଉଚ୍ଚନ୍ୟାୟାଳୟ ଓଡିଶା ପାଖରେ ଏକ ମକଦ୍ଦମା କରାଯାଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ମାନ୍ୟବର ଉଚ୍ଚନ୍ୟାୟାଳୟ ଓଡିଶା ବାଲେଶ୍ୱର ଜିଲ୍ଲାପାଳଙ୍କୁ ସୀମା ନିର୍ଦ୍ଧାରଣ ପାଇଁ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ତାହା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟ ହୋଇ ନାହିଁ। ଏଥି ପାଇଁ ସରକାରଙ୍କ ଠାରେ ଦାବି କରାଯିବ। ପ୍ରଶାସନ ତରଫରୁ ଯାଥା ଶୀଘ୍ର ପଦକ୍ଷେପ ନ ନେଲେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ନୀଳଗିରି ଉପଜିଲ୍ଲାପାଳ ଅଫିସ ସମ୍ମୁଖରେ ଅହୋରାତ୍ର ଧାରଣା ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଆଜି ର ବୈଠକରେ ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି, ନିର୍ମଳ ନାୟକ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ଜିଲ୍ଲା କମିଟି ସଭ୍ୟ ସତ୍ୟଜିତ ଦାସ, ଅମରେନ୍ଦ୍ର ନାୟକ, ମନୋରଞ୍ଜନ ସାହୁ, ଭାଗବାନ ମହାନ୍ତି, ନାରାୟଣ ଧମୁଡ଼ିହା, ଦିବାକର ବାରିକ, କାଳିଆ ପାତ୍ର, ହେମେନ୍ଦ୍ର ସେଠୀ, ମୃତ୍ୟୁଞ୍ଜୟ ନାୟକଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

ହାମ୍ବିରିଆ ଶ୍ରୀଶ୍ରୀ ନିଗମାନନ୍ଦ ସାରସ୍ୱତ ସଂଘର ବାର୍ଷିକ ଉତ୍ସବ

ବାଲେଶ୍ୱର(ଉତ୍ତର), ୩।୧୧ (ସମିସ): ଶ୍ରୀଶ୍ରୀ ଠାକୁର ନିଗମାନନ୍ଦଙ୍କ ଅହେତୁକ କୃପାବଳରୁ ହାମ୍ବିରିଆ ସାରସ୍ୱତ ସଂଘର ବାର୍ଷିକ ଉତ୍ସବ କୁମୁଦିନୀ ଜେନାଙ୍କ ବାସ ଭବନରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ସମୟରେ ଜିଲ୍ଲା ସଦସ୍ୟ ଦିଲ୍ଲୀପ କୁମାର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଅନ୍ତରଙ୍ଗ ସଭାରେ ରବୀନ୍ଦ୍ର କୁମାର ପାତ୍ର ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଆସାମ-ବଙ୍ଗୀୟ ସାରସ୍ୱତ ମଠ ହାଲି ସହରର ପୂତ ମୂର୍ତ୍ତି ମହନ୍ତ ଶ୍ରୀମଦ ସ୍ୱାମୀ ଡ଼ଃ ବ୍ରଜେଶାନନ୍ଦ ସରସ୍ୱତୀ ମହାରାଜ, ମୁଖ୍ୟବକ୍ତାଭବେ ଓଳିନ୍ଦା ଶ୍ରୀଶ୍ରୀ ନିଗମାନନ୍ଦ ଆଶ୍ରମ ର ବିଭାଗୀୟ ସଦସ୍ୟ ବିଜୟ କୁମାର ନନ୍ଦ, ଅଧକ୍ଷ ଶ୍ରୀମଦ ସ୍ୱାମୀ ଭବେଶା ନନ୍ଦ ସରସ୍ୱତୀ, ଆସାମ-ବଙ୍ଗୀୟ ସାରସ୍ୱତ ମଠ ହାଲି ସହରର ଋଷି ବିଦ୍ୟାଳୟର ଅଧ୍ୟାପକ ଶ୍ରୀମଦ ସ୍ୱାମୀ ବିଦ୍ୟାନନ୍ଦ ସରସ୍ୱତୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଦସ୍ୟ ଭବଶଙ୍କର ଦାସ ମହାପାତ୍ର, ନାରାୟଣ ଚନ୍ଦ୍ର ଦାସ, ଦିଲ୍ଲୀପ କୁମାର ପଣ୍ଡା, ଅନନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଠାକୁରଙ୍କ ଜୀବନୀ ଓ ସବିକଳ୍ପ, ନିର୍ବିକଳ୍ପ ସମାଧି ମାନବ ଜୀବନରେ ଗୁରୁ ଗ୍ରହଣର ଆବଶ୍ୟକତା, ଜୀବନର ଲକ୍ଷ୍ୟ, ମୁକ୍ତି, ମୋକ୍ଷ ଲାଭ ଇତ୍ୟାଦି ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ବିଜୟ କୁମାର ନନ୍ଦ ଅଭୟ ବାଣୀକୁ ବ୍ୟାଖ୍ୟା କରିବା ସହ ସଂଘ ଶକ୍ତିର ପ୍ରତିଷ୍ଠା, ଆଦର୍ଶ ଗୃହସ୍ଥ ଜୀବନ ଗଠନ, ସନାତନ ଧର୍ମର ପ୍ରଚାର ପ୍ରସାର ବଳରେ ଆଦର୍ଶ ସମାଜ ଗଠନ ହେବ ବୋଲି ମତବ୍ୟକ୍ତ କରିଥିଲେ। ଅପରାହ୍ନରେ ଅନୁରାଧା ପଣ୍ଡାଙ୍କ ପରିଚାଳନାରେ ପ୍ରଭାତୀ, ପ୍ରତୀକ୍ଷା, ଅର୍ଚ୍ଚନା, ମଙ୍ଗଳ ଆରତୀ ଅନୁଷ୍ଠିତ ହୋଇଥିଲାବେଳେ ପଣ୍ଡିତ ଦେବୀପ୍ରସାଦ ପଣ୍ଡା ଶ୍ରୀଶ୍ରୀ ଗୁରୁ ଗୀତାପାଠ ଓ ଶ୍ରୀମଦ ଗୀତା ପାଠ କରିଥିଲେ। ଜୟନ୍ତ ଘଡ଼ାଇ ଓ ଧୀରେନ ଜେନା ପରିଚାଳନାରେ ସହଯୋଗ କରିଥିଲେ।

● ଅନଲାଇନ୍ ମ୍ୟୁଟେସନ ବ୍ୟବସ୍ଥା ଫେଲ୍ !

ଦଲିଲ ପରେ ୪ ମାସ ହେଲା ମିଳୁନି ପଟ୍ଟା

ବାଲେଶ୍ୱର, ୩।୧୧(ସମିସ): ରାଜ୍ୟ ସରକାର ଜମି କିଣାବିକା ପରେ ତୁରନ୍ତ ଅନଲାଇନରେ ପଟ୍ଟା ମିଳିବ ବୋଲି ଡିଣ୍ଡିମ ପିଟୁଛନ୍ତି। ହେଲେ ବାସ୍ତବ ଚିତ୍ର ଓଲଟା। ସପ୍ତାହ ମଧ୍ୟରେ ପଟ୍ଟା ସଂଶୋଧନ ହେବା କଥା ଥିଲେ ବି ୪ ମାସ ବିତିଯାଇଥିଲେ ସୁଦ୍ଧା ସଂଶୋଧନ ପଟ୍ଟା ମିଳୁନାହିଁ। ଏଭଳି ଅଭିଯୋଗ ଆସିଛି ବାଲେଶ୍ୱର ଜିଲ୍ଲାରୁ। ସାରଗାଁ ମୌଜାର ଖାତିଆନ ନଂ ୫୧୮/୧୦୧୮ ର ଜମି ମଧୁସ୍ମିତା ବେହେରା ଗତ ଜୁଲାଇ ୧୭ ତାରିଖ ୨୦୨୬ରେ ରେଜିଷ୍ଟ୍ରି କରିଥିଲେ। ଆରଏସଡି ନଂ ୧୦୦୬୨୬୦୪୦୦୦ ମାଧ୍ୟମରେ ବାଲେଶ୍ୱର ସବ-ରେଜିଷ୍ଟ୍ରାର ଅଫିସରେ ଦଲିଲ ହୋଇଥିଲା। ନିୟମ ଅନୁସାରେ ଅନଲାଇନ୍ ମ୍ୟୁଟେସନ ପରେ ମାସକ ମଧ୍ୟରେ ନୂଆ ପଟ୍ଟା ଆସିବା କଥା। ହେଲେ ଭୂଲେଖ ପୋର୍ଟାଲ ଖୋଲି ଦେଖିଲା ବେଳକୁ ଏଯାଏଁ ପୁରୁଣା ପଟ୍ଟା ହିଁ ଦେଖାଉଛି। ନୂଆ ମାଲିକଙ୍କ ନାମରେ ଆରଓଆର ପ୍ରସ୍ତୁତ ହୋଇନାହିଁ। ନିୟମ କହୁଛି, ଯଦି ପଟ୍ଟା ସଂଶୋଧନରେ କୌଣସି ଆପତ୍ତି ବା ବିବାଦ ନଥାଏ, ତେବେ ଏହାକୁ ଆବେଦନ କରିବାର ୭ ଦିନ ମଧ୍ୟରେ ସମାଧାନ କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ଯଦି ଜମିକୁ ନେଇ କୌଣସି ଆପତ୍ତି ବା ବିବାଦ ଉପୁଜେ, ତେବେ ତହସିଲଦାରଙ୍କ ଦ୍ୱାରା ଏହାର ଶୁଣାଣି କରାଯାଇ ସର୍ବାଧିକ ୩୦ଟି କାର୍ଯ୍ୟ ଦିବସ ମଧ୍ୟରେ ମାମଲା ଖାରଜ କରାଯିବାର ନିୟମ ରହିଛି। ହେଲେ ଏନେଇ ବାରମ୍ବାର ବାଲେଶ୍ୱର ତହସିଲ ଅଫିସ ଦୌଡି ଦୌଡି ନୟାନ୍ତ ହେଲେଣି ଜମି ମାଲିକ। ଅନଲାଇନ ମ୍ୟୁଟେସନ ଓ ଆରଓଆର ପ୍ରେରଣରେ ଅହେତୁକ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଆଡଭୋକେଟ ପ୍ରଦୀପ୍ତ କାନୁନଗୋ। ତୁରନ୍ତ ପଟ୍ଟା ସଂଶୋଧନ କରିବାକୁ ସେ ଜିଲ୍ଲା ପ୍ରଶାସନକୁ ଦାବି କରିଛନ୍ତି।

କେ. ଏଲ୍. ଏମ୍-୧୫ ସଙ୍ଗୀତ ପ୍ରତିଯୋଗିତା



ବାଲେଶ୍ୱର, ୩।୧୧(ସମିସ): ଉଦ୍ୟୋଗ ଭବନରେ ନଭେମ୍ବର ୧ ତାରିଖ ରବିବାର କେ.ଏଲ୍.ଏମ୍-୧୫ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦିବଂଗତ କଣ୍ଠଶିଳ୍ପୀ କିଶୋର କୁମାର, ଲତା ମଙ୍ଗେସକର ଓ ମହମ୍ମଦ ରଫିଙ୍କ କାଳଜୟୀ ଗୀତକୁ ଆଧାର କରି ପ୍ରତିବର୍ଷ ଏହି ଲୋକପ୍ରିୟ ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ବିଧାୟିକା ସୁବାସିନୀ ଜେନା, ସମାଜସେବୀ ଶ୍ରଦ୍ଧାଞ୍ଜଳି ରାୟ, ରୋଟାରିଆନ ସୁବ୍ରତ କର ଏବଂ ଉଦ୍ୟୋଗପତି ଦେବେନ୍ଦ୍ର ନାଥ ରାୟ ଯୋଗ ଦେଇଥିଲେ। ବିଗତ ୧୪ ବର୍ଷ ଧରି ସୁମହନ ମ୍ୟୁଜିକ ଏହି ପ୍ରତିଯୋଗିତା ଆୟୋଜନ କରି ଲୁକ୍କାୟିତ ଯୁବ ପ୍ରତିଭାଙ୍କୁ ପ୍ରେରଣା ଯୋଗାଇ ଆସୁଥିବାରୁ ଅତିଥିବୃନ୍ଦ ଅନୁଷ୍ଠାନର ପୁରୋଧା କଣ୍ଠଶିଳ୍ପୀ ସୁଜିତ ଭୋଇଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଲୋକପ୍ରିୟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ପ୍ରମୋଦ କୁମାର ଦାସଙ୍କ ଦୁଃଖଦ ବିୟୋଗ ହେତୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ଓ ତାଙ୍କ ପ୍ରତି ସମର୍ପିତ ଏକ ମରଣୋତ୍ତର ମାନପତ୍ର ତାଙ୍କ ଜ୍ୟେଷ୍ଠ ପୁତ୍ର ସୁରଜିତ ଦାସ ଗ୍ରହଣ କରିଥିଲେ। ୨୦୨୬ କେ.ଏଲ୍.ଏମ୍-୧୫ ସଙ୍ଗୀତ ପ୍ରତିଯୋଗିତାର ସବ୍-ଜୁନିଅର, ଜୁନିଅର ଓ ସିନିଅର ବିଭାଗରେ ପ୍ରତିଯୋଗୀ କୃତିତ୍ୱ ଅର୍ଜନ କରିଛନ୍ତି। ବିଭିନ୍ନ ବିଭାଗରେ ବିଚାରକ ଭାବେ ଉଜ୍ଜ୍ୱଳ ଚାନ୍ଦ, ଅମୃତାଂଶୁ ପଟ୍ଟନାୟକ, ବାପି ରାଜ, ସୁଜିତ ଭୋଇ, ମମତା ହାଜରା, କୌଶିକ ଶତପଥୀ, ସନ୍ତୋଷ ସେନାପତି, ସାଇ ଶୁଭଙ୍କର, ସୁରଜିତ ଦାସ, ମୌସୁମୀ ଦାସ ଓ ସମରେନ୍ଦ୍ର ମହାପାତ୍ର କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ କରାଯାଇଥିଲା। ଚିତ୍ରକର ଶଶିକାନ୍ତ ଗିରିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଚିତ୍ରାଙ୍କନର ମୂଲ୍ୟାୟନ କରିଥିଲା ଓ କୃତୀ ପ୍ରତିଯୋଗୀମାନେ ମଞ୍ଚରେ ପୁରସ୍କୃତ ହୋଇଥିଲେ। ସଙ୍ଗୀତ ଶିକ୍ଷାରେ ପାରଦର୍ଶିତା ପ୍ରଦର୍ଶନ କରୁଥିବା ସୁମହନ ମ୍ୟୁଜିକର ଛାତ୍ରଛାତ୍ରୀଙ୍କୁ ମଧ୍ୟ ମଞ୍ଚରେ ମେଡାଲ ପ୍ରଦାନ କରାଯାଇଥିଲା। ସଭାକାର୍ଯ୍ୟ ସମ୍ପାଦକ ନରୋତ୍ତମ ଜେନା ସଞ୍ଚାଳନ କରିଥିବାବେଳେ ଉପ-ସଭାପତି ସମରେନ୍ଦ୍ର ମହାପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅନୁଷ୍ଠାନର ସଦସ୍ୟ ମନୋରଞ୍ଜନ, ନୀତେଶ, ଋତୁପଲ୍ଲବୀ ଓ ବୈଶାଖୀ ମଞ୍ଚ ଓ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସଦର ବ୍ଲକ କାର୍ଯ୍ୟାଳୟରେ ଚାଲିଛି ମନମାନି



ବାଲେଶ୍ୱର ସଦର, ୩।୧୧ (ସମିସ): ବାଲେଶ୍ୱର ଜିଲ୍ଲା ମୁଖ୍ୟାଳୟରେ ଥିବା ସରକାରୀ କାର୍ଯ୍ୟାଳୟର ଅବସ୍ଥା ଏବେ ଅତ୍ୟନ୍ତ ଶୋଚନୀୟ। ଅଧିକାରୀ ଓ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ସୀମା ଟପିଲାଣି। ଏହି ବ୍ଲକ କାର୍ଯ୍ୟାଳୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଅବସ୍ଥିତ, ମାତ୍ର ଏଠାରେ ସକାଳ ୧୦:୩୦ ଯାଏଁ ଚାବି ଖୋଲା ଯାଇନଥିଲା। ଏହା ପ୍ରକୃତରେ ଦୀପ ତଳ ଅନ୍ଧାର ସଦୃଶ ଘଟଣା ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ସରକାରୀ ନିୟମ ଅନୁସାରେ ସକାଳ ୧୦ଟାରେ ଅଫିସ ଖୋଲିବା କଥା। କିନ୍ତୁ ବାସ୍ତବରେ ଅଧିକାରୀ ଓ କର୍ମଚାରୀ ମାନେ ନିଜ ମନମୁଖୀ ଭାବେ ଆସୁଛନ୍ତି। ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ଅତି ଗୁରୁତ୍ୱପୂର୍ଣ୍ଣ କାମ ନେଇ ପ୍ରତିଦିନ ଶହ ଶହ ଲୋକ ବ୍ଲକ କାର୍ଯ୍ୟାଳୟକୁ ଆସୁଛନ୍ତି। ଦୂର ଦୂରାନ୍ତରୁ ଆସିଥିବା ବୃଦ୍ଧ ଲୋକେ ଘଣ୍ଟା ଘଣ୍ଟା ଧରି ବାରଣ୍ଡାରେ ବସି ଅପେକ୍ଷା କରୁଛନ୍ତି, କିନ୍ତୁ ଟେବୁଲରେ କର୍ମଚାରୀ ନାହାନ୍ତି। ସରକାର ବାୟୋମେଟ୍ରିକ ଉପସ୍ଥାନ ବାଧ୍ୟତାମୂଳକ କରିଛନ୍ତି, କିନ୍ତୁ ଏଠାରେ ତାହା କେବଳ କାଗଜ ପତ୍ରରେ ସୀମିତ ରହିଛି କି ବୋଲି ପ୍ରଶ୍ନ ଉଠୁଛି। ଜିଲ୍ଲାପାଳଙ୍କ ନାକ ତଳେ ଯଦି ଏଭଳି ଅବ୍ୟବସ୍ଥା ହେଉଛି, ତେବେ ବସ୍ତା, ବାଲିଆପାଳ, ଭୋଗରାଇ ଭଳି ଗ୍ରାମାଞ୍ଚଳ ବ୍ଲକ ଗୁଡିକର ଅବସ୍ଥା କଣ ହେଉଥିବ ତାହା ସହଜେ ଅନୁମେୟ। ଜିଲ୍ଲା ପ୍ରଶାସନ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଜନସାଧାରଣ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ବିଡିଓ ଉତ୍ତମ କୁମାର ଜେନାଙ୍କୁ ପଚାରିବାରୁ ଯାହା କଥା ଅଛି ଆସି ଦେଖା କରନ୍ତୁ ବୋଲି କହିଥିଲେ।

ବିଷ ଦେଇ ୬ଟି ଛେଳିକୁ ହତ୍ୟା ଅଭିଯୋଗ

ସିମୁଳିଆ, ୩।୧୧ (ସମିସ): ଛେଳି ପାଳନ ଥିଲା ଜୀବିକାର ଏକମାତ୍ର ଆଧାର। ସେହି ଛେଳିଙ୍କୁ ହରାଇ ଏବେ ଅସହାୟ ହୋଇପଡ଼ିଛନ୍ତି ଜଣେ ଭିନ୍ନକ୍ଷମ ବ୍ୟକ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୬ ଟି ଛେଳିଙ୍କୁ ବିଷ ଦେଇ ମାରିଦିଆଯାଇଥିବା ନେଇ ଆସିଛି ସାଂଘାତିକ ଅଭିଯୋଗ। ଏଭଳି ଏକ ଦୁଃଖଦ ଘଟଣା ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅନ୍ତର୍ଗତ ଅଣ୍ଡରାଇ ପଞ୍ଚାୟତରେ ଘଟିଥିବା ଜଣାପଡ଼ିଛି। ଅଣ୍ଡରାଇ ପଞ୍ଚାୟତର ବ୍ରଜକିଶୋର ନାୟକ ଜଣେ ଭିନ୍ନକ୍ଷମ ବ୍ୟକ୍ତି। ଶାରୀରିକ ଅକ୍ଷମତା ସତ୍ତ୍ୱେ ସେ ହାର ନ ମାନି ଛେଳି ପାଳନକୁ ନିଜର ଜୀବିକା ଭାବେ ଆପଣାଇଥିଲେ। ଛେଳି ପାଳନରୁ ମିଳୁଥିବା ଆୟରେ ନିଜ ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। ଅଭିଯୋଗ ଅନୁସାରେ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେତେକ ବ୍ୟକ୍ତି ଛେଳିମାନଙ୍କୁ ବିଷ ଦେଇଥିଲେ। ଫଳରେ ୬ଟି ଛେଳିଙ୍କର ମୃତ୍ୟୁ ହୋଇଥିବା ବ୍ରଜକିଶୋର ଅଭିଯୋଗ କରିଛନ୍ତି। ଆହୁରି ଦୁଃଖଦ ବିଷୟ ହେଉଛି, ମୃତ ଛେଳିଙ୍କ ମଧ୍ୟରୁ ୪ଟି ଗର୍ଭବତୀ ଥିବା ଜଣାପଡ଼ିଛି। ଏହି ଘଟଣା ଯୋଗୁଁ ତାଙ୍କର ବହୁ ଆର୍ଥିକ କ୍ଷତି ହେବା ସହ ଜୀବିକା ଉପରେ ଗଭୀର ପ୍ରଭାବ ପଡ଼ିଛି। ଘଟଣା ପରେ ବ୍ରଜକିଶୋର ମାନସିକ ଭାବେ ଭାଙ୍ଗିପଡ଼ିଛନ୍ତି। ଘଟଣାକୁ ନେଇ ସେ ସମ୍ପୃକ୍ତ ଥାନାରେ ଲିଖିତ ଏତଲା ଦାଏର କରିଛନ୍ତି।


କେବେ ସକ୍ରିୟ ହେବ ବାଲେଶ୍ୱର ରେଡ୍କ୍ରସ୍

● ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବଢ଼ିଲା ଚାପ

ବାଲେଶ୍ୱର, ୩।୧୧(ସମିସ): କେବେ ସକ୍ରିୟ ହେବ ବାଲେଶ୍ୱର ରେଡକ୍ରସ? ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବଢ଼ିଲା ଚାପ। କାରଣ ନିର୍ଦ୍ଦେଶକୁ ବିତିଲାଣି ଏକ ମାସ। ଅନ୍ୟପଟେ ନୂଆ କମିଟିକୁ ୩ ମାସରେ ଅନୁମୋଦନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘ ବର୍ଷର ନ୍ୟାୟିକ ଲଢ଼େଇ ପରେ ବାଲେଶ୍ୱର ଜିଲ୍ଲା ରେଡକ୍ରସ ଶାଖାକୁ ସକ୍ରିୟ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୩ ମସିହାରେ ଅସ୍ଥାୟୀ ଏବଂ ୨୦୨୪ ମସିହାରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ଜିଲ୍ଲା ରେଡକ୍ରସ ଶାଖାକୁ ତିନି ମାସ ମଧ୍ୟରେ ଅନୁମୋଦନ କରିବାକୁ ଜିଲ୍ଲା କାର୍ଯ୍ୟକାରୀ କମିଟିର ନିର୍ବାଚିତ ସଦସ୍ୟ ଅନିରୁଦ୍ଧ ଦାସଙ୍କ ଆବେଦନକୁ ଗ୍ରହଣ କରି ବିଚାରପତି ଚିତ୍ତରଞ୍ଜନ ଦାଶ ଏହି ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ମନଇଚ୍ଛା ଖର୍ଚ୍ଚ, ଆଜୀବନ ସଦସ୍ୟଙ୍କୁ ଅଣଦେଖା ଏବଂ ନିର୍ବାଚିତ କମିଟିକୁ ଦାୟିତ୍ୱ ହସ୍ତାନ୍ତର ନ କରିବା ବିରୁଦ୍ଧରେ ବାଲେଶ୍ୱର ସିଭିଲ ସୋସାଇଟି ତରଫରୁ ହାଇକୋର୍ଟରେ ଆଶ୍ରୟ ନିଆଯାଇଥିଲା। ଏହାପରେ ତତ୍କାଳୀନ ଜିଲ୍ଲାପାଳ ବୈଠକ ଡାକି କମିଟି ଗଠନ କରିଥିଲେ। କମିଟିରେ ଅନ୍ତର୍ଯ୍ୟାମୀ ପ୍ରଧାନ ଚେୟାରମ୍ୟାନ, ଲମ୍ବୋଦର ନାୟକ ଭାଇସ ଚେୟାରମ୍ୟାନ ଏବଂ ବ୍ୟାଙ୍କ ଅଧିକାରୀ ରାଜେଶ ବେହେରା କୋଷାଧକ୍ଷ ଭାବେ ଏବଂ ପାଞ୍ଚ ଜଣ ସଦସ୍ୟ/ସଦସ୍ୟା ଓ ସବ-କମିଟି ସଂଯୋଜକ ଚୟନ କରାଯାଇଥିଲା। ୨୦୨୪ ଡିସେମ୍ବରରୁ କମିଟି ଗଠନ ହୋଇ ସାରିଥିଲେ ବି ଦାୟିତ୍ୱ ହସ୍ତାନ୍ତର କରାଯାଇନଥିଲା। ରାଜ୍ୟ ଶାଖା ଅନୁମୋଦନର ବାହାନା କରି ଜିଲ୍ଲା ପ୍ରଶାସନର କେତେକ ସ୍ୱାର୍ଥାନ୍ୱେଷୀ ଅଧିକାରୀ ନିର୍ବାଚିତ କମିଟିକୁ ଅଣଦେଖା କରି ଆସୁଥିବା ଅଭିଯୋଗ ହୋଇଥିଲା। ରାଜ୍ୟ ଶାଖା ଏବଂ ଜିଲ୍ଲା ଶାଖାର ଏଭଳି ମନୋଭାବ ବିରୁଦ୍ଧରେ କମିଟିର ସଦସ୍ୟ ଅନିରୁଦ୍ଧ ଦାସ, ପ୍ରଦୀପ କୁମାର ଚାଟାର୍ଜୀ, ଲମ୍ବୋଦର ନାୟକ, ଅନ୍ତର୍ଯ୍ୟାମୀ ପ୍ରଧାନ ଓ ଅନ୍ୟମାନେ ପୁଣି ହାଇକୋର୍ଟରେ ଆଶ୍ରୟ ନେଇଥିଲେ। ଏବେ ପ୍ରଶ୍ନ ଉଠୁଛି, ଟାଳଟୁଳ ନୀତି ଅବଲମ୍ବନ କରି ଆସୁଥିବା ରାଜ୍ୟ ରେଡକ୍ରସ ଶାଖା କେବେ ନିର୍ବାଚିତ କମିଟିକୁ ଅନୁମୋଦନ କରୁଛି? ଯଦି ନିର୍ଦ୍ଧାରିତ ତିନି ମାସ ମଧ୍ୟରେ ରାଜ୍ୟ ଶାଖା ପଦକ୍ଷେପ ନ ନିଏ ଏବଂ ଜିଲ୍ଲା ପ୍ରଶାସନ ଦାୟିତ୍ୱ ହସ୍ତାନ୍ତର ନ କରେ, ତେବେ ଅଦାଲତ ଅବମାନନା ମାମଲା ସହ କ୍ଷତିପୂରଣ ପାଇଁ ହାଇକୋର୍ଟରେ ଆଶ୍ରୟ ନିଆଯିବ ବୋଲି ମାମଲା ପରିଚାଳନା କରୁଥିବା ଆଇନଜୀବୀ କହିଛନ୍ତି।

ଅବହେଳିତ ଜଗତେଶ୍ୱର ମହାଦେବ ପୀଠ

କାଳିପଦା, ୩।୧୧ (ସମିସ):



ବାଲିଆପାଳ ବ୍ଲକ ଜଗତୀପୁର ପଞ୍ଚାୟତର ଜଗତୀପୁର ଗାଁ ରେ ରହିଛି ପ୍ରାଚୀନ ଜଗତେଶ୍ୱର ମହାଦେବ ପୀଠ। ପ୍ରଶାସନ ଓ ରାଜନେତାଙ୍କ ଚରମ ଅବହେଳାରୁ ଏହି ପୀଠ ଅବହେଳିତ। ଉନ୍ନତିର ନାଁ ଧରୁ ନାହିଁ। ବାଲିଆପାଳର ଅନ ଐତିହାସିକ ଦୁର୍ଗ ଦେଉଳା କାଞ୍ଚୀ ଦୁର୍ଗର ରାଜା ମନଧାତା ଥିଲେ ଶୈବ ଭକ୍ତ। କିମ୍ବଦନ୍ତୀ ଅନୁସାରେ ସେ ହିଁ ଏହି ମନ୍ଦିତ ତୋଳାଇ ଥିଲେ। ରାଜା ପ୍ରତିଦିନ ଚାନ୍ଦମଣୀ ସୁମୁଦ୍ର ଘାଟରେ ସ୍ନାନ ସାରି ଚାନ୍ଦେଶ୍ୱର ମହାଦେବ, ଲଙ୍ଗଳେଶ୍ୱର ମହାଦେବଙ୍କୁ ଦର୍ଶନ କରିଲା ପରେ ଶେଷରେ ଜଗତେଶ୍ୱର ମହାଦେବଙ୍କୁ ଅର୍ଘ୍ୟ ଅର୍ପଣ କରି ରାଜ ନଅରକୁ ଫେରି ଆସୁଥିଲେ। ସ୍ଥାନୀୟ ଲୋକଙ୍କ କହିବା କଥା ବିଧର୍ମୀ କଳା ପାହାଡ଼ ଏହି ଭବ୍ୟ ମନ୍ଦିରକୁ ଭାଙ୍ଗି ଧ୍ୱଂସ କରିଥିଲେ। ମାତ୍ର ମନ୍ଦିରକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପାରି ନ ଥିଲେ। ଏବେ ଭଙ୍ଗା ମନ୍ଦିରରେ ମହାଦେବ ପୂଜା ପାଉଛନ୍ତି। ଭଙ୍ଗା ମନ୍ଦିରର ପାଶ୍ୱର୍ରେ ଗଦା ଗଦା ମାଙ୍କଡା ପଥର ଏବେ ଠୁଳ ହୋଇ ପଡ଼ି ରହିଛି। ବ୍ରିଟିଶ ଶାସନ କାଳରେ ଜମିଦାର ଶରତ ଚନ୍ଦ୍ର ଚକ୍ରବର୍ତ୍ତୀ ମନ୍ଦିରର ପୁନଃ ନିର୍ମାଣ ପାଇଁ ଉଦ୍ୟମ କରି ବିଫଳ ହୋଇ ଥିଲେ। ସେ ମହାଦେବଙ୍କ ପୂଜା ଅର୍ଘ୍ୟ ପାଇଁ ୧୦ ଏକର ଜମି ଓ ଆନୁସଙ୍ଗିକ ବ୍ୟବସ୍ଥା ଯୋଗାଇ ଦେଇଥିଲେ। ସେ ସବୁ ଆଜି ଜବରଦଖଲକାରୀଙ୍କ କବ୍ଜାରେ। ବୟସ୍କ ଲୋକଙ୍କ କହିବା ଅନୁସାରେ ଏଠାରେ ନିଶାର୍ଦ୍ଧରେ ଜଗତେଶ୍ୱର ମହାଦେବ ମନ୍ଦିରରୁ ବାହାରି ଚଳ ପ୍ରଚଳ କରନ୍ତି। ସେହି ସମୟରେ ଝୁଣା ଧୂପର ବାସ ଚତୁଃର୍ଦିଗକୁ ମହକି ଯାଏ। ମନ୍ଦିର ବେଢାରେ ଏକ ପ୍ରକାଣ୍ଡ ବଉଳ ଗଛ ଅଛି ଯେଉଁ ଗଛରେ ଫୁଲ ଫୁଟେ ଫଳ ଧରେ ନାହିଁ। ପୂଜକ କୃତ୍ତିବାସ ପଣ୍ଡା ହାକାଣ୍ଡ ପୋଖରୀରୁ ସ୍ନାନ ସାରି ମନ୍ଦିରକୁ ଆସୁଥିବା ବେଳେ ଗଛ ଉପରେ ଥିବା ଏକ ପକ୍ଷୀ ତାଙ୍କ ଉପରେ ମଳ ତ୍ୟାଗ କରିବାରୁ ସେ କ୍ରୋଧାନ୍ୱିତ ହୋଇ ଗଛକୁ ଅଭିଶାପ ଦେଇଥିଲେ ଫୁଲ ହେବ ଫଳ ଧରିବ ନାହିଁ। ଗଛ ମୂଳରେ ଆଠ ଆଙ୍ଗୁଳି ଚିହ୍ନ ଥିବା ବିରାଟ ମାଙ୍କଡା ପଥର ରହିଛି। ଏହାକୁ ସ୍ଥାନୀୟ ଲୋକ ଭୀମ ପାଦ ବୋଲି କହନ୍ତି। ହାକାଣ୍ଡ ପୋଖରୀ ଖୋଳା ଗଲା ବେଳେ ଶ୍ରମିକ ମାନଙ୍କ ସମୂହ ମୃତ୍ୟୁ ପରି ଅଦ୍ଭୁତ ଘଟଣା ଘଟିଥିଲା। ଚୈତ୍ର ମାସରେ ମହାଦେବଙ୍କ ଚଡକ ଯାତ୍ରା ଅନୁଷ୍ଠିତ ହୁଏ। ତାହାଛଡା ଜାଗରରେ ଅଧିକ ଭକ୍ତ ସମାବେଶ ହୋଇ ଥାଏ। ଲଙ୍ଗଳେଶ୍ୱରଠାରୁ ୫ କିମି ଦୂର ଦକ୍ଷିଣକୁ ଗଲେ ପଡେ ପଞ୍ଚୁପାଳିର ଗିରି ବଜାର। ଏହାର ପୂର୍ବ ଦିଗରେ ରହିଛି ରତାଇ ହାଟ। ରତାଇ ହାଟର ଠିକ ପରେ ପରେ ଜଗତୀପୁର ଗ୍ରାମ। ଏଠାରେ ରାସ୍ତା କଡରେ ରହିଛି ଜଗତେଶ୍ୱର ମହାଦେବ ମନ୍ଦିର। ଐତିହ୍ୟ ସମ୍ପନ୍ନ ଏହି ମନ୍ଦିରର ଉନ୍ନତି ନ ହେବା ବିଡମ୍ବନା ନୁହେଁ କି ?

‘ସକାଳ’ ପ୍ରଭାବ

ବିଦାହେଲେ ମୁଖ୍ୟାଳୟର ପ୍ରଭାବଶାଳୀ କର୍ମଚାରୀ

ବାରିପଦା, ୩।୧୧(ସମିସ):

ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବଦଳି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ସଂସ୍ଥାପନ ଶାଖା (ଏଷ୍ଟାବ୍ଲିସମେଣ୍ଟ ସେକ୍ସନ)ରେ ବର୍ଷ ବର୍ଷ ଧରି ଆସନ ଜମାଇ ବସିଥିବା ପ୍ରଭାବଶାଳୀ କର୍ମଚାରୀଙ୍କ ବିରୋଧରେ ଶେଷରେ ପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି। ସରକାରୀ ନିୟମକୁ ଜଳାଞ୍ଜଳି ଦେଇ କାର୍ଯ୍ୟମୁକ୍ତ ନ କରି ନାଟକୀୟ ଢଙ୍ଗରେ ପୁନଃ ଅବସ୍ଥାପିତ କରାଯିବା ନେଇ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନିର୍ଦ୍ଦେଶକ୍ରମେ ସଂସ୍ଥାପନ ଶାଖାରେ ୫ ବର୍ଷରୁ ଅଧିକ କାଳ କାର୍ଯ୍ୟ କରି ନିଜର ପ୍ରଭାବ ବିସ୍ତାର କରିଥିବା ୫ ଜଣ ପ୍ରଭାବଶାଳୀ କର୍ମଚାରୀଙ୍କୁ ତୁରନ୍ତ ସେଠାରୁ ବାହାର କରି ଦୂରଦୂରାନ୍ତ କାର୍ଯ୍ୟାଳୟକୁ ବଦଳି (ଡେପ୍ଲୋଏ) କରାଯାଇଛି।


ସକାଳ THE SAKALA
Mayurbhanj - 26 Sep 2026 - Page 8
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବଦଳି ନିୟମକୁ ଖୋଲା ଉଲ୍ଲଂଘନ
ଦୀର୍ଘ ବର୍ଷ ଧରି ମୁଖ୍ୟାଳୟରେ ପ୍ରଭାବଶାଳୀ କର୍ମଚାରୀ
କାର୍ଯ୍ୟ ମୁକ୍ତ ନ କରି ନାଟକୀୟ ଢଙ୍ଗରେ ପୁନଃ ଅବସ୍ଥାପିତ

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଆଦେଶନାମା (ସଂଖ୍ୟା ୩୪୯୩/ଇଏସଟିଟି, ୩୧।୧୦।୨୦୨୬) ଅନୁଯାୟୀ, ସଂସ୍ଥାପନ ଶାଖାରେ ଦୀର୍ଘ ୫ ବର୍ଷରୁ ଅଧିକ କାଳ ଧରି ରହିବା ସହ ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ନାମରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ), ରାଜ୍ୟପାଳଙ୍କ ସଚିବାଳୟ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ଆଦି ଉଚ୍ଚସ୍ତରରୁ ବିଭିନ୍ନ ସଙ୍ଗୀନ ଅଭିଯୋଗ ଆସିଥିବା ଦର୍ଶାଯାଇଛି। ପ୍ରଶାସନିକ ସ୍ୱାର୍ଥ ଦୃଷ୍ଟିରୁ ଏମାନଙ୍କୁ ତୁରନ୍ତ କାର୍ଯ୍ୟକ୍ଷେତ୍ରରୁ ହଟାଇ ନୂତନ ସ୍ଥାନରେ ନିୟୋଜିତ କରାଯାଇଛି। ଉକ୍ତ ଆଦେଶ ଅନୁଯାୟୀ ସଂସ୍ଥାପନ ଶାଖାରେ ଦୀର୍ଘ ୧୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଫାଇଲ୍ ସମ୍ଭାଳୁଥିବା ସେକ୍ସନ ଅଫିସର କପିଳାସ ବେହେରାଙ୍କୁ ଉଦଳା ତହସିଲକୁ ପଠାଯାଇଛି। ୧୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏହି ଶାଖାରେ ରହି ବଜେଟ୍ ଓ ବିଲ୍ ସିଟ୍ ମାଡ଼ି ବସିଥିବା ସେକ୍ସନ ଅଫିସର ସୁମନ୍ତ କୁମାର ନାଏକଙ୍କୁ ଗୋପବନ୍ଧୁନଗର ତହସିଲକୁ ବଦଳି କରାଯାଇଛି। ୮ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କର୍ମଚାରୀଙ୍କ ବ୍ୟକ୍ତିଗତ ଫାଇଲ୍, ବଦଳି ଓ ଅବସ୍ଥାପନା ଦାୟିତ୍ୱରେ ରହିଆସିଥିବା ବରିଷ୍ଠ ରାଜସ୍ୱ ସହାୟକ (ଏସଆରଏ) ସନ୍ତୋଷ କୁମାର ସେଠୀଙ୍କୁ ମୋରଡ଼ା ବ୍ଲକକୁ ପଠାଯାଇଛି। ସେହିଭଳି ଦୀର୍ଘ ୫ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ଏହି ଶାଖାରେ କାର୍ଯ୍ୟରତ ଥିବା ବରିଷ୍ଠ ରାଜସ୍ୱ ସହାୟକ ରାକେଶ ଦଲେଇଙ୍କୁ ବଡ଼ସାହି ତହସିଲ ଓ ବରିଷ୍ଠ ରାଜସ୍ୱ ସହାୟକ ସୋନାଲୀ ବେହେରାଙ୍କୁ ବେତନଟୀ ତହସିଲକୁ ବଦଳି କରାଯାଇଛି। ଉକ୍ତ ସମସ୍ତ ୫ ଜଣ କର୍ମଚାରୀଙ୍କୁ ଗତ ଅକ୍ଟୋବର ୩୧ ତାରିଖ ଅପରାହ୍ନରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାଧ୍ୟତାମୂଳକ ଭାବେ କାର୍ଯ୍ୟମୁକ୍ତ (ରିଲିଭ୍) କରାଯିବା ସହ ତୁରନ୍ତ ସେମାନଙ୍କୁ ନୂତନ ଅବସ୍ଥାପିତ କାର୍ଯ୍ୟାଳୟରେ ଯୋଗ ଦେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ସଂସ୍ଥାପନ ଶାଖାର ସୁପରିଚାଳନା ପାଇଁ କୁସୁମୀ ତହସିଲରୁ ଗୋପବନ୍ଧୁନଗରକୁ ବଦଳି ନିର୍ଦ୍ଦେଶ ପାଇଥିବା ସେକ୍ସନ ଅଫିସର ଉମାକାନ୍ତ ନାଏକଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଂସ୍ଥାପନ ଶାଖାକୁ ଅଣାଯାଇଛି।

- ଦୀର୍ଘବର୍ଷ ଧରି ସଂସ୍ଥାପନ ଶାଖାରେ ଜମାଇଥିଲେ ଆସ୍ଥାନ
- ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରୁ ଆସିଥିଲା ସଙ୍ଗୀନ ଅଭିଯୋଗ
- ୫ କର୍ମଚାରୀଙ୍କୁ ତୁରନ୍ତ ରିଲିଭ୍ ସହ ଜିଲ୍ଲା ମୁଖ୍ୟାଳୟରୁ ବିଦା କଲେ ଜିଲ୍ଲାପାଳ

ସରକାରୀ ନିୟମ ଅନୁସାରେ କୌଣସି ବି ସିଟ୍‌ରେ ଜଣେ କର୍ମଚାରୀ ୩ ବର୍ଷରୁ ଅଧିକ ରହିବା ମନା ଥିବାବେଳେ ଏହି ପ୍ରଭାବଶାଳୀ କର୍ମଚାରୀଙ୍କୁ ଗତ ଜୁନ୍ ମାସରେ ବଦଳି କରାଯାଇଥିଲେ ମଧ୍ୟ ରିଲିଭ୍ କରାଯାଇ ନ ଥିଲା। ପରବର୍ତ୍ତୀ ସମୟରେ ସେପ୍ଟେମ୍ବର ମାସରେ ଆରଡିସି ଚିଠିକୁ ଆଳ କରି ଏମାନଙ୍କୁ ପୁଣି ସଂସ୍ଥାପନ ଶାଖାରେ ନାଟକୀୟ ଭାବେ ଅବସ୍ଥାପିତ କରାଯିବା ଘଟଣାକୁ ନେଇ ଗଣମାଧ୍ୟମରେ ସବିଶେଷ ତଥ୍ୟ ସହ ଖବର ‘ସକାଳ’ରେ ପ୍ରକାଶ ପାଇଥିଲା। ଏପରିକି ସ୍ଥାନୀୟ ସାମାଜିକ ସଙ୍ଗଠନ ‘ମୟୂରଭଞ୍ଜ ବଞ୍ଚାଓ’ ପକ୍ଷରୁ ମଧ୍ୟ ଏହାର ନିରପେକ୍ଷ ତଦନ୍ତ ଦାବି କରାଯାଇଥିଲା। ଖବର ପ୍ରସାରଣ ଓ ଉଚ୍ଚସ୍ତରରୁ ଅଭିଯୋଗର ଚାପ ବଢ଼ିବାରୁ ଶେଷରେ ପ୍ରଶାସନ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହୋଇଛି। ଯାହା ଏବେ ଜିଲ୍ଲା ପ୍ରଶାସନିକ ମହଲରେ ଚର୍ଚ୍ଚାର ମୁଖ୍ୟ ବିଷୟ ପାଲଟିଛି।

ଚାଷୀଙ୍କ ସମସ୍ୟା ନେଇ କିଷାନ୍ କଂଗ୍ରେସର ଉଦ୍‌ବେଗ



ବାରିପଦା, ୩।୧୧(ସମିସ): ଅଦିନିଆ ବର୍ଷାରେ ଫସଲ ହାନି କ୍ଷତିପୂରଣ ପ୍ରଦାନ, ମଣ୍ଡିରେ ଚାଲିଥିବା ବେଆଇନ କଟନୀ-ଛଟନୀ ବନ୍ଦ ଓ ଚାଷୀଙ୍କୁ ସୁଲଭ ମୂଲ୍ୟରେ ସାର ଯୋଗାଣ ଦାବି ନେଇ ବାରିପଦାରେ ଓଡ଼ିଶା ପ୍ରଦେଶ କିଷାନ୍ କଂଗ୍ରେସ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ସଭାପତି ଦୀପକ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ କିଷାନ କଂଗ୍ରେସ ରାଜ୍ୟ ସଭାପତି ଅଭୟ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଜ୍ୟରେ ଚାଷୀମାନେ ଭୋଗୁଥିବା ଶୋଷଣ ଓ ଦୁର୍ଦ୍ଦଶା ସମ୍ପର୍କରେ ତୀବ୍ର ଉଦ୍‌ବେଗ ପ୍ରକାଶ କରିଥିଲେ। ତାଙ୍କ ସହ ରାଜ୍ୟ ଉପସଭାପତି କାର୍ତ୍ତିକ ଚନ୍ଦ୍ର ବରାଳ ଓ ଯାଜପୁର ଜିଲ୍ଲା ସଭାପତି କାଶୀନାଥ ସ୍ୱାଇଁ ଉପସ୍ଥିତ ରହି ଚାଷୀ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିଥିଲେ। ଏ ଅବସରରେ କଂଗ୍ରେସ ପକ୍ଷରୁ ଚାଷୀଙ୍କ ହକ୍ ପାଇଁ ଏକ ଦାବିପତ୍ର ଉପସ୍ଥାପନ କରାଯାଇଥିଲା। ୫୫ ବର୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ମାସିକ ୫,୦୦୦ ଟଙ୍କା ଲେଖାଏଁ ପେନସନ ପ୍ରଦାନ, ଚାଷୀ ଓ ତାଙ୍କ ପରିବାର ପାଇଁ ସ୍ୱାସ୍ଥ୍ୟ ବୀମା, ଚାଷ କାର୍ଯ୍ୟ ପାଇଁ ମାଗଣା ବିଜୁଳି, ଶତପ୍ରତିଶତ ଜଳସେଚନ ବ୍ୟବସ୍ଥା ଯୋଗାଇବା ପାଇଁ ଜୋରଦାର ଦାବି କରାଯାଇଥିଲା। ଏଥିସହିତ ଭାଗଚାଷୀଙ୍କୁ ଆନୁଷ୍ଠାନିକ ଚାଷୀର ମାନ୍ୟତା ପ୍ରଦାନ, ଭୂମିହୀନଙ୍କୁ ଜମି ଓ ଘରଡିହ ପଟ୍ଟା ବଣ୍ଟନ, ମନରେଗା ଅଧୀନରେ କୃଷି ଶ୍ରମିକଙ୍କୁ ବାର୍ଷିକ ୩୦୦ ଦିନର ନିଶ୍ଚିତ କାମ ଯୋଗାଣ, ଧାନ ସହାୟକ ମୂଲ୍ୟ ବୃଦ୍ଧିକୁ ଆଇନରେ ପରିଣତ କରିବା ଓ ମଣ୍ଡିରୁ ଟୋକନ୍ ବ୍ୟବସ୍ଥା ସହ କଟନୀ-ଛଟନୀ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ଦଳ ଅଡ଼ି ବସିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦା, ପୂର୍ବତନ ଜିଲ୍ଲା ସଭାପତି ନିରୋଜ ଲୋଚନ ଦାଶ, ଜିଲ୍ଲା ଉପସଭାପତି ଦୀପକ କୁମାର ଦାସ, ପୂର୍ବତନ ଜିଲ୍ଲା ଉପସଭାପତି ଅଶୋକ ଅଧିକାରୀ, ପୂର୍ବତନ ନଗର ସଭାପତି ବିଜୟ ସିଂ, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ଶୁଭସ୍ମିତା ଦାସ, ପୂର୍ବତନ ମହିଳା ସଭାପତି ସସ୍ମିତା ଘୋଷାଲ, ରାଜ୍ୟ ମହିଳା ସାଧାରଣ ସମ୍ପାଦିକା ରଞ୍ଜିତା ଯୋଶୀ, ତତ୍କାଳୀନ ଜିଲ୍ଲା ଉପ ସଭାପତି ନାରାୟଣ ପଟ୍ଟନାୟକ, ଉତ୍ତମ କୁମାର ବେହେରା, ଟାଉନ୍ କଂଗ୍ରେସ ସଭାପତି ସେକ୍ ଇକବାଲଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ଆଗାମୀ ଦିନରେ ଚାଷୀଙ୍କ ହକ୍ ପାଇଁ ଆନ୍ଦୋଳନକୁ ଆହୁରି ଜୋରଦାର କରିବାକୁ ଚେତାବନୀ ଦେଇଥିଲେ।

ରାସଗୋବିନ୍ଦପୁରରେ ନିର୍ମାଣ ହେବ ଅତ୍ୟାଧୁନିକ ବ୍ଲକ୍‌ସ୍ତରୀୟ ଷ୍ଟାଡ଼ିୟମ୍

- ୧୬.୯୮ କୋଟିଟଙ୍କାର ଅନୁମୋଦନ

ରାସଗୋବିନ୍ଦପୁର, ୩।୧୧ (ସମିସ): ରାସଗୋବିନ୍ଦପୁର ବ୍ଲକବାସୀଙ୍କ ପାଇଁ ଆସିଛି ଖୁସି ଖବର। ଦୀର୍ଘଦିନ ପ୍ରତୀକ୍ଷାର ଅନ୍ତ ଘଟାଇ ରାସଗୋବିନ୍ଦପୁରରେ ନିର୍ମାଣ ହେବ ଏକ ଅତ୍ୟାଧୁନିକ ବ୍ଲକସ୍ତରୀୟ ଷ୍ଟାଡିୟମ। ଇନ୍‌ଡୋର ହଲ୍ ସମେତ ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ପାଇଁ ୧୬ କୋଟି ୯୮ ଲକ୍ଷ ୯୧ ହଜାର ୩୦୦ ଟଙ୍କାର ବ୍ୟୟଅଟକଳକୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରଶାସନିକ ଅନୁମୋଦନ ମିଳିଛି। ଏ ସଂକ୍ରାନ୍ତରେ ଅକ୍ଟୋବର ୩୧ ତାରିଖରେ ବିଭାଗ ପକ୍ଷରୁ ଆନୁଷ୍ଠାନିକ ଚିଠି ଜାରି କରାଯାଇଛି। ବିଭାଗର ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବ ନେଲସନ ଲାକ୍ରାଙ୍କ ପକ୍ଷରୁ ଓଡ଼ିଶାର ପ୍ରଧାନ ମହାଲେଖାକାରଙ୍କୁ ଏହି ଅନୁମୋଦନ ସମ୍ପର୍କିତ ପତ୍ର ପ୍ରଦାନ କରାଯାଇଛି। ମୟୂରଭଞ୍ଜ ଆର୍ ଆଣ୍ଡ ବି ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିସ୍ତୃତ ବ୍ୟୟ ଅଟକଳ ଆଧାରରେ ଏହି ଅର୍ଥ ମଞ୍ଜୁର କରାଯାଇଛି। ଅନୁମୋଦନ ପତ୍ର ଅନୁଯାୟୀ, ମୟୂରଭଞ୍ଜ ଆର୍ ଆଣ୍ଡ ବି ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଏହି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଦାୟିତ୍ୱ ତୁଲାଇବେ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବା ସହ ପ୍ରକଳ୍ପର ଅଗ୍ରଗତି, ଖର୍ଚ୍ଚର ବିବରଣୀ ଓ କାର୍ଯ୍ୟ ସମାପ୍ତି ରିପୋର୍ଟ ନିୟମିତ ଭାବେ ବିଭାଗକୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି। ଏହି ଷ୍ଟାଡିୟମ ନିର୍ମାଣ ହେଲେ ରାସଗୋବିନ୍ଦପୁର ଅଞ୍ଚଳର କ୍ରୀଡ଼ା ଭିତ୍ତିଭୂମିରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହେବ। ବିଶେଷକରି ଇନ୍‌ଡୋର ହଲ୍ ସୁବିଧା ଉପଲବ୍ଧ ହେବା ଫଳରେ ବିଭିନ୍ନ ଇନ୍‌ଡୋର କ୍ରୀଡ଼ାର ଅଭ୍ୟାସ ଓ ପ୍ରତିଯୋଗିତା ପାଇଁ କ୍ରୀଡ଼ାବିତ୍ ଉନ୍ନତ ପରିବେଶ ପାଇପାରିବେ। ଏହାଦ୍ୱାରା ସ୍ଥାନୀୟ ଯୁବକ/ ଯୁବତୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ବୃଦ୍ଧି ସହ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ନୂତନ ସୁଯୋଗ ସୃଷ୍ଟି ହେବ। ଏହି ପ୍ରକଳ୍ପର ଅନୁମୋଦନ ପଛରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳବାସୀ ଶ୍ରେୟ ଦେଇଛନ୍ତି। ରାସଗୋବିନ୍ଦପୁର ଏନ୍‌ଏସିବାସୀଙ୍କ ସମେତ କ୍ରୀଡ଼ାପ୍ରେମୀ ଓ ବିଭିନ୍ନ ମହଲରୁ ଏହି ପଦକ୍ଷେପକୁ ସ୍ୱାଗତ କରାଯାଇଛି। ତେବେ ପ୍ରଶାସନିକ ଅନୁମୋଦନ ପରେ ଏବେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେଉଛି ଓ କେତେ ଶୀଘ୍ର ଏହା ଶେଷ ହେଉଛି, ତାହାକୁ ନେଇ ଅଞ୍ଚଳବାସୀଙ୍କ ନଜର ରହିଛି।

କୃଷ୍ଣଚନ୍ଦ୍ରପୁର ହାୟର ସେକେଣ୍ଡାରୀ ସ୍କୁଲର ୩୫ତମ ପ୍ରତିଷ୍ଠା ଦିବସ

ସମୟର ସଦୁପଯୋଗ ସହ ଚରିତ୍ରବାନ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ



ବେତନଟୀ, ୩।୧୧(ସମିସ): ବେତନଟୀ ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ହାୟର ସେକେଣ୍ଡାରୀ ସ୍କୁଲର ୩୫ତମ ପ୍ରତିଷ୍ଠା ଦିବସ ଆଜି ଶିକ୍ଷାନୁଷ୍ଠାନ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ଡ. ମନ୍ଦାକିନୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବକୁ ଅଧ୍ୟାପକ ଶେଖାବତ ଅଲ୍ଲୀ ସଂଯୋଜନା ଓ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏହି ଗ୍ରାମାଞ୍ଚଳରେ ଉଚ୍ଚଶିକ୍ଷାର ବିକାଶ ପାଇଁ ଶିକ୍ଷାନୁଷ୍ଠାନ ସ୍ଥାପନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଦିବଙ୍ଗତ ଉଦ୍ୟୋକ୍ତାଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଯୋଗେନ୍ଦ୍ର ମହାନ୍ତ ଓ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ସମ୍ପାଦକ ଠୁମ୍ପୁ ମାଝୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅଭୟ କୁମାର ସେନାପତି, ଭବେନ୍ଦ୍ର କୁମାର ଦେ, ଭୂପାଳଚନ୍ଦ୍ର ପ୍ରଧାନ ଓ ସଞ୍ଜିତ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ କହିଥିଲେ ଯେ, କେବଳ ପାଠ୍ୟପୁସ୍ତକର ଜ୍ଞାନ ଯଥେଷ୍ଟ ନୁହେଁ; ବିଦ୍ୟାର୍ଥୀ ଜୀବନରେ ସମୟର ଉଚିତ ସଦୁପଯୋଗ ସାଙ୍ଗକୁ ଉତ୍ତମ ଚରିତ୍ରବାନ ଭାବେ ନିଜକୁ ଗଢ଼ିତୋଳିବା ଜରୁରୀ। ସେମାନେ ଭବିଷ୍ୟତରେ ଦେଶର ଜଣେ ଜଣେ ଦାୟିତ୍ୱବାନ ନାଗରିକ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏ ଅବସରରେ ଅଧ୍ୟାପକ ଭୂପାଳଚନ୍ଦ୍ର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଅଧ୍ୟାପକ ଯାମିନୀକାନ୍ତ ଗିରି ଉପସ୍ଥିତ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ। ଗ୍ରାମାଞ୍ଚଳରେ ୩୫ ବର୍ଷ ଧରି ଉଚ୍ଚଶିକ୍ଷାର ଆଲୋକ ବିତରଣ କରିଆସୁଥିବା ଏହି ଅନୁଷ୍ଠାନର ଉତ୍ସର୍ଗୀକୃତ ସେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି। ଆଗାମୀ ଦିନରେ ଏହି ଶିକ୍ଷାନୁଷ୍ଠାନ ଆହୁରି ଅଗ୍ରଗତି କରି ଅଞ୍ଚଳର ଯୁବପିଢ଼ିଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବ ବୋଲି ଆଶା ପ୍ରକାଶ ପାଇଛି।

ବୁଢ଼ାବଳଙ୍ଗ ନଦୀବନ୍ଧ ମରାମତି ଓ ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



ବାରିପଦା, ୩।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଅଧୀନ ବାଘୁଆପାଳ ଗ୍ରାମ ସଂଲଗ୍ନ ବୁଢ଼ାବଳଙ୍ଗ ନଦୀରେ ଅସମ୍ପୂର୍ଣ୍ଣ ଆଡ଼ିବନ୍ଧ ନିର୍ମାଣ, ମରାମତି ଓ ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଶିଆଳୀଘାଟୀ ପଞ୍ଚାୟତର ଭଞ୍ଜବାଟୀ ଓ ବାଘୁଆପାଳ ଗ୍ରାମ ବୁଢ଼ାବଳଙ୍ଗ ନଦୀ କୂଳରେ ଅବସ୍ଥିତ। ଉକ୍ତ ଦୁଇଟି ଗ୍ରାମର ଜୀବନଜୀବିକା ଓ ଚାଷଜମି ସୁରକ୍ଷା ପାଇଁ ଆରମ୍ଭ ହୋଇଥିବା ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟ ବର୍ଷ ବର୍ଷ ଧରି ଅସମ୍ପୂର୍ଣ୍ଣ ରହିଛି। ବିଶେଷକରି ଭଞ୍ଜବାଟୀ ଗ୍ରାମ ତଳକୁ ୧୮୦୫ ମିଟର ପଥର ପ୍ୟାଚିଂ ଓ ୧୩୦୦ ମିଟର ମାଟିବନ୍ଧ କାମ ଅଧପନ୍ତରିଆ ହୋଇ ପଡ଼ିରହିଛି। ଚଳିତ ବର୍ଷ ନଦୀରେ ଆସିଥିବା ତିନିଥର ବନ୍ୟାରେ ଏକ ଘାଇ ଦେଇ ବନ୍ୟାଜଳ ପ୍ରବେଶ କରିବାରୁ ବାଘୁଆପାଳ ଗ୍ରାମ ଜଳମଗ୍ନ ହୋଇଥିଲା। ସେହିପରି କୁଆପାଳ ପଟୁ ପ୍ରତିବର୍ଷ ପ୍ରାୟ ୫୦୦ ମିଟର ନଦୀକୂଳ ଧସୁଥିବାବେଳେ ଶହ ଶହ ଏକର ଚାଷଜମି ବାଲିଚର ହୋଇଛି। ଫଳରେ ପନିପରିବା ଓ ଡାଲି ଜାତୀୟ ଫସଲ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେଉଛି। ଏହି ସମସ୍ୟା ନେଇ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ତେଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇ ନଦୀବନ୍ଧର ପଥର ପ୍ୟାଚିଂ, ମରାମତି ଓ ସୁଦୃଢ଼ୀକରଣ କାର୍ଯ୍ୟ ଶେଷ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଶିରିଶ ଚନ୍ଦ୍ର ଗିରି, ସନ୍ତୋଷ କୁମାର ପଲେଇ, ପ୍ରଫୁଲ୍ଲ ଚନ୍ଦ୍ର ପାତ୍ର, ଅକ୍ଷୟ କୁମାର ନାଏକ, ଦାଶରଥି ଗିରି, ଜଗବନ୍ଧୁ ଗିରି, ସୁଷମା ପାତ୍ରଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

ଜିଲ୍ଲା ମଙ୍ଗଳ ଅଧିକାରୀ ଭାବେ ସୁନୀଲ ତାଣ୍ଡିଙ୍କୁ ଦାୟିତ୍ୱ



ବାରିପଦା, ୩।୧୧(ସମିସ): ମୟୂରଭଞ୍ଜର ନୂତନ ଜିଲ୍ଲା ମଙ୍ଗଳ ଅଧିକାରୀ (ଡିଡବ୍ଲ୍ୟୁଓ) ଭାବେ ସୁନୀଲ ତାଣ୍ଡି ଯୋଗଦେବାକୁ ଯାଉଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲା ମଙ୍ଗଳ ଅଧିକାରୀ ସ୍ତରରେ ହୋଇଥିବା ବଦଳି ପ୍ରକ୍ରିୟାରେ ଏହି ନିଷ୍ପତ୍ତି ନିଆଯାଇଛି। ଶ୍ରୀ ତାଣ୍ଡି ପୂର୍ବରୁ କୋରାପୁଟ ଜିଲ୍ଲା ମଙ୍ଗଳ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଅନ୍ୟପକ୍ଷରେ ମୟୂରଭଞ୍ଜରେ କାର୍ଯ୍ୟରତ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକଙ୍କ ଜଗତସିଂହପୁର ଜିଲ୍ଲାକୁ ବଦଳି କରାଯାଇଛି। ଗତ ଦୁର୍ଗାପୂଜା ଛୁଟି ପରଠାରୁ ଶ୍ରୀ ମଲ୍ଲିକ ସ୍ୱାସ୍ଥ୍ୟଗତ କାରଣରୁ ଛୁଟିରେ ଥିଲେ। ଶ୍ରୀ ତାଣ୍ଡି ଖୁବ୍‌ଶୀଘ୍ର ଜିଲ୍ଲାରେ ପହଞ୍ଚି ନିଜର ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡ଼ିଛି।

- ଗୋଆ ଆନ୍ତର୍ଜାତିକ ରଗ୍‌ବୀ

ମୟୂରଭଞ୍ଜ ମହିଳା ଦଳ ରନର୍ସଅପ୍, ପୁରୁଷ ଦଳ ବାଉଲ୍ ଫାଇନାଲିଷ୍ଟ

ବାରିପଦା, ୩।୧୧(ସମିସ): ଅନ୍ତର୍ଜାତୀୟ ରଗ୍‌ବୀ ମଞ୍ଚରେ ପୁଣିଥରେ ନିଜ ଦକ୍ଷତା ପ୍ରତିପାଦନ କରିଛି ମୟୂରଭଞ୍ଜ। ଗୋଆର ବେନାଉଲିମ୍‌ସ୍ଥ ଏସ୍‌ଏଜି ଷ୍ଟାଡିୟମ୍‌ରେ ଆୟୋଜିତ ତିନିଦିନିଆ ଅନ୍ତର୍ଜାତୀୟ ରଗ୍‌ବୀ ମହୋତ୍ସବ “ଗୋଆ ୭ଏସ୍ (ସିଜିନ୍-୩)”ରେ ମୟୂରଭଞ୍ଜର ମହିଳା ଦଳ ରନର୍ସଅପ୍ ଟ୍ରଫି ହାସଲ କରିଥିବ ବେଳେ ପୁରୁଷ ଦଳ ବାଉଲ୍ ଫାଇନାଲିଷ୍ଟ ହୋଇ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କ୍ରୋକୋଡ୍ରାଇଲ୍ସ ରଗ୍‌ବୀ ଫାଉଣ୍ଡେସନ୍ ପକ୍ଷରୁ ଅକ୍ଟୋବର ୩୦ରୁ ନଭେମ୍ବର ୧ ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତାରେ ଭାରତର ୧୨ଟି, ଫିଲିପାଇନ୍ସ, ବ୍ରିଟେନ୍, ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ଆଦି ବିଦେଶର ୪ଟି ଦଳକୁ ମିଶାଇ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ମହିଳା ଏଲିଟ୍ ୭-ଏ-ସାଇଡ୍ ବର୍ଗ ସେମିଫାଇନାଲ୍‌ରେ ମୟୂରଭଞ୍ଜ ଦଳ ୩୩-୦ ପଏଣ୍ଟରେ ଡ୍ରାଗନ୍ସ ଆର୍‌ସିକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଥିଲା। ତେବେ ଫାଇନାଲ୍‌ରେ କେରଳ ଉଲ୍ଫ୍ୟାକ୍‌ଠାରୁ ୧୪-୨୧ ପଏଣ୍ଟରେ ପରାସ୍ତ ହୋଇ ଦଳ



ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲା। ସେହିପରି ପୁରୁଷ ଦଳ ଲଢ଼ୁଆ ପ୍ରଦର୍ଶନ ସହ ବାଉଲ୍ ଫାଇନାଲ୍‌ରେ ପ୍ରବେଶ କରି ହାଇଦ୍ରାବାଦର ବ୍ଲାକ୍ ଆର୍ଚର୍ସ ବିପକ୍ଷରେ କଡ଼ା ଟକ୍କର ଦେଇ ଅଳ୍ପ ବ୍ୟବଧାନରେ (୧୪-୧୭) ପରାସ୍ତ ହୋଇଥିଲା। ଉଭୟ ଦଳର ସମସ୍ତ ଖେଳାଳି ମୟୂରଭଞ୍ଜ ଜିଲ୍ଲା ରଗ୍‌ବୀ ଫୁଟବଲ୍ ସଂଘ (ଏମ୍‌ଡିଆର୍‌ଏଫ୍‌ଏ)ର ପ୍ରତିନିଧିତ୍ୱ କରିଥିଲେ। ସେମାନେ ଖୁଣ୍ଟା ବ୍ଲକ୍ ଅନ୍ତର୍ଗତ ଭୋଳାଗଡ଼ିଆ ମିନି ଷ୍ଟାଡିୟମସ୍ଥ ଆବାସିକ ପ୍ରଶିକ୍ଷଣ କେନ୍ଦ୍ରରୁ ଉନ୍ନତ ପ୍ରଶିକ୍ଷଣ ନେଉଛନ୍ତି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ସଂଘର ଆମ୍ବାସାଡର ସାନନ୍ଦ ମାରାଣ୍ଡି, ସଭାପତି ସୁନାରାମ କିସ୍କୁ, ସମ୍ପାଦକ ଜେ ସୁଶୀଲ ହେମ୍ବ୍ରମ, ମ୍ୟାନେଜର ବାବା ଧଳାରାମ ହାଁସଦା ଓ ମୁଖ୍ୟ ପ୍ରଶିକ୍ଷକ ସୁବ୍ରତ ଭୌମିକ, ସହକାରୀ ପ୍ରଶିକ୍ଷକ ଜିତେନ୍ଦ୍ର ସିଂହ ଓ ସଚିନ କଳା ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ବାଙ୍ଗିରିପୋଷି ଏନଏସିରେ ୨୧ ସଫେଇ କର୍ମଚାରୀ ନିଯୁକ୍ତ



ବାଙ୍ଗିରିପୋଷି, ୩।୧୧(ସମିସ): ନବଗଠିତ ବାଙ୍ଗିରିପୋଷି ଏନଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ) ପକ୍ଷରୁ ସହରର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ୨୧ ଜଣ ସଫେଇ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏନଏସି କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ସ୍ୱତନ୍ତ୍ର ନିଯୁକ୍ତି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟିକା ସଞ୍ଜଲୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇ ନବନିଯୁକ୍ତ କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଏ ଅବସରରେ ବିଧାୟିକା ସୁଶ୍ରୀ ମୁର୍ମୁ କହିଲେ, ସହରର ପରିମଳ ବ୍ୟବସ୍ଥାର ଉନ୍ନତି ଓ ସୁସ୍ଥ ପରିବେଶ ନିର୍ମାଣ ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ସଫେଇ କର୍ମଚାରୀ ହେଉଛନ୍ତି ସମାଜର ପ୍ରକୃତ ସ୍ୱଚ୍ଛତାର ସାରଥୀ। ସେମାନଙ୍କ ନିଷ୍ଠା ଓ ଅକ୍ଲାନ୍ତ ପରିଶ୍ରମ ବଳରେ ହିଁ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇପାରିବ। ଏଥିସହ ବାଙ୍ଗିରିପୋଷିକୁ ଏକ ସ୍ୱଚ୍ଛ ଓ ସୁନ୍ଦର ସହର ଭାବେ ଗଢ଼ିତୋଳିବା ପାଇଁ ସମସ୍ତ ନାଗରିକଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ ଏନଏସି ନିର୍ବାହୀ ଅଧିକାରୀ ତଥା ବିଡିଓ ପରମାନନ୍ଦ ଖଣ୍ଡେଇ ଉପସ୍ଥିତ ରହି ସହରର ସାମଗ୍ରିକ ବିକାଶ ଓ ପରିମଳ ସେବାକୁ ତ୍ୱରାନ୍ୱିତ କରିବା ଦିଗରେ ପ୍ରଶାସନ ସର୍ବଦା ଯତ୍ନବାନ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନଏସିର ଅନ୍ୟାନ୍ୟ କର୍ମଚାରୀ ଓ ସ୍ଥାନୀୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ବ୍ରାହ୍ମଣ ମହାସଂଘର ୟୁଜିସି ନୂତନ ନିୟମାବଳୀ ପୁନର୍ବିଚାର ଦାବି

- ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



ବାରିପଦା, ୩।୧୧(ସମିସ): ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ଉଚ୍ଚଶିକ୍ଷାନୁଷ୍ଠାନ ପାଇଁ ଜାରି ନୂତନ ନିୟମାବଳୀର ପୁନର୍ବିଚାର ଦାବି କରିଛି ଓଡ଼ିଶା ବ୍ରାହ୍ମଣ ମହାସଂଘର ମୟୂରଭଞ୍ଜ ଜିଲ୍ଲା ଶାଖା। ଏହି ନିୟମାବଳୀର କେତେକ ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କ ଅଧିକାର ଓ ସମାନତା ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ ବୋଲି ଉଦ୍‌ବେଗ ପ୍ରକାଶ କରି ମହାସଂଘ ପକ୍ଷରୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏହି ଦାବିପତ୍ର ହସ୍ତାନ୍ତର କରାଯାଇ ଜାତି, ଧର୍ମ ନିର୍ବିଶେଷରେ ସବୁ ଛାତ୍ରଛାତ୍ରୀଙ୍କୁ ସମାନ ଆଇନଗତ ସୁରକ୍ଷା ଓ ନ୍ୟାୟ ପ୍ରଦାନ ଲାଗି ଆବଶ୍ୟକୀୟ ସଂଶୋଧନ କରିବାକୁ ଦାବି ହୋଇଛି। ପ୍ରତିନିଧି ଦଳରେ ମହାସଂଘର ଜିଲ୍ଲା ସଭାପତି ଅଲେଖ ରଞ୍ଜନ ପାଠୀ, ଉପସଭାପତି କ୍ଷେତ୍ରମୋହନ ପଣ୍ଡା, ସାଧାରଣ ସମ୍ପାଦକ ଡା ଆଦିତ୍ୟ କୁମାର ପଣ୍ଡା, ମୁଖ୍ୟ ଉପଦେଷ୍ଟା ସଞ୍ଜୟ କୁମାର ଚୌଧୁରୀ, ଉପଦେଷ୍ଟା ବିପିନ ବିହାରୀ ଦାଶ, କୋଷାଧ୍ୟକ୍ଷ ଦୋଳଗୋବିନ୍ଦ ଦାଶ ଓ ରଞ୍ଜନ କୁମାର ପ୍ରହରାଜ ପ୍ରମୁଖଙ୍କ ସମେତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

ପୁଲିସ ଓ ଅବକାରୀ ବିଭାଗ ନିରବଦ୍ରଷ୍ଟା

୧୭ ନମ୍ବର ୱାର୍ଡ଼ରେ ବେଧଡ଼କ ଚାଲିଛି ଦେଶୀମଦ କାରବାର

ବାରିପଦା, ୩।୧୧(ସମିସ):

ବାରିପଦା ପୌରାଞ୍ଚଳ ୧୭ ନମ୍ବର ୱାଡର୍‌ରେ ଦୀର୍ଘଦିନ ଧରି ଚାଲିଥିବା ବେଆଇନ ଦେଶୀମଦ କାରବାର ଏବେ ଚରମ ସୀମାରେ ପହଞ୍ଚିଛି। ବାଘଡ଼ାରୋଡ, ମନ୍ତ୍ରୀ ଛକ, ଜଗଦ୍ଧାତ୍ରୀ ସିନେମା ହଲ୍ ଅଞ୍ଚଳ ଓ ଶନି ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳରୁ ବହୁ ନିଶାପ୍ରେମୀ ପ୍ରତ୍ୟେକ ଦିନ ୧୯ ନମ୍ବର ୱାଡର୍‌ସ୍ଥ ହନୁମାନ ମନ୍ଦିର ଗଳି ଦେଇ ଏହି ବେଆଇନ ମଦ ଆଡ୍ଡାକୁ ଯାତାୟାତ କରୁଛନ୍ତି। ଶୀତ, ବର୍ଷା କିମ୍ବା ଖରା କୌଣସି ପାଣିପାଗକୁ ଖାତିର ନ କରି ସକାଳ ୬ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଗଳିରେ ଅସାମାଜିକ ବ୍ୟକ୍ତି ଓ ନିଶାଗ୍ରସ୍ତଙ୍କ ଯାତାୟାତ ତୀର୍ଥଯାତ୍ରା ସଦୃଶ ଲାଗି ରହୁଛି। ଦିନରାତି ମଦୁଆଙ୍କ ଦୌରାତ୍ମ୍ୟ ଯୋଗୁଁ ସ୍ଥାନୀୟ ହନୁମାନ ମନ୍ଦିର ଗଳି ଓ ୧୯ ନମ୍ବର ୱାଡର୍‌ର ବାସିନ୍ଦା ଏବେ ଅସୁରକ୍ଷିତ ମଣୁଛନ୍ତି। ବିଶେଷକରି ମହିଳା, ଛାତ୍ରଛାତ୍ରୀ ଓ ବୟସ୍କ ବ୍ୟକ୍ତି ଘରୁ ବାହାରିବାକୁ ଭୟ କରୁଛନ୍ତି। ଏହି ଅପମିଶ୍ରିତ ବିଷାକ୍ତ ମଦ ସେବନ କରି ଅଞ୍ଚଳର ଅନେକ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ବହୁ ଲୋକ ଗୁରୁତର ରୋଗାକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଥିବା ଦେଖିବାକୁ ମିଳୁଛି।

ଅତିଷ୍ଠ ହେଲେଣି ୧୯ ନମ୍ବର ୱାର୍ଡ଼ବାସୀ

ଗତ ଏକ ଦଶନ୍ଧି ମଧ୍ୟରେ ପୁଲିସ କିମ୍ବା ଅବକାରୀ ବିଭାଗ ପକ୍ଷରୁ ଏଠାରେ କୌଣସି ଆଖିଦୃଶିଆ ଚଢ଼ଉ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଉଭୟ ବିଭାଗର କର୍ମଚାରୀ ସବୁ ଦେଖି ମଧ୍ୟ ନ ଦେଖିବା ଅଭିନୟ କରୁଥିବା ନେଇ ସ୍ଥାନୀୟ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପିସି କାରବାର ଓ ମଧୁଚନ୍ଦ୍ରିକା ଯୋଗୁଁ ମଦ ମାଫିଆ ନିର୍ଭୟରେ ଏହି ବେଆଇନ କାରବାର ଚଳାଇଥିବା ଅଭିଯୋଗ ଉଠିଛି। ପ୍ରଶାସନ ତୁରନ୍ତ ଏହି ବେଆଇନ ଦେଶୀମଦ ଭାଟି ଉପରେ ଚଢ଼ଉ କରି କାରବାର ବନ୍ଦ ନ କଲେ, ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଆନ୍ତଃଜିଲ୍ଲା ଡକାୟତି ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ୍

କୋଟିଏ ଟଙ୍କାର ଅଳଙ୍କାର ଜବତ, ୧୨ ଗିରଫ

ଖୋର୍ଦ୍ଧା, ୩।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ସମେତ ପଡ଼ୋଶୀ ନୟାଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଲଗାତାର ଚୋରି ଘଟଣା ଘଟାଇ ଆତଙ୍କ ସୃଷ୍ଟି କରିଥିବା ଏକ ଆନ୍ତଃଜିଲ୍ଲା ଚୋରି ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ୍ କରିଛି ଖୋର୍ଦ୍ଧା ଜିଲ୍ଲା ପୁଲିସ। ଏହି ଘଟଣାରେ ୧୧ ଜଣ ଅଭିଯୁକ୍ତଙ୍କ ସମେତ ଚୋରି ସାମଗ୍ରୀ ରଖିଥିବା ଜଣେ ବେପାରୀଙ୍କୁ ମିଶାଇ ମୋଟ ୧୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ କୁହୁଡି ଚୁଆଟାଙ୍ଗିର ରାଜୁ ପ୍ରଧାନ, ତୋଫାନ ସିକାରୀ (୨୨) ଓ ବାଣୀ ପ୍ରଧାନ ଓରଫ ବାଣୀ (୧୮), ବାଲୁଗାଁ ଥାନା ଦିନବନ୍ଧୁପୁର ର କାହ୍ନା ସିକାରୀ (୧୮), ବାଣପୁର ଥାନା ଜିଗିଡ଼ିପଡ଼ା ର ଗୋପାଳ ସିକାରୀ (୪୫), ନାଚୁଣି ଥାନା କରଡ଼ାପଲ୍ଲୀ ର ଅଜୟ ପ୍ରଧାନ (୨୧), ତୋଟାଗାଁ ର ସଞ୍ଜୟ ପ୍ରଧାନ (୨୩), ଗଞ୍ଜାମ ଜିଲ୍ଲା ତାରସିଂ ର ଜଳନ୍ଧର ପାତ୍ର (୪୦), ଶିବ ପାତ୍ର (୨୧), ସାଗର ପାତ୍ର (୨୨) ଏବଂ ସେମାନଙ୍କ ଠାରୁ ଚୋରି ସାମଗ୍ରୀ ରଖିଥିବା ନାଚୁଣି ଥାନା ବଡପଦରର ପ୍ରକାଶ ସାହୁ (୪୧)। ସେମାନଙ୍କଠାରୁ ପ୍ରାୟ ୫୦୦ ଗ୍ରାମ ସୁନା ଅଳଙ୍କାର ଓ ୧୧ କିଲୋଗ୍ରାମ ରୁପା ଅଳଙ୍କାର ଜବତ ହୋଇଛି। ଏହି ଗ୍ୟାଙ୍ଗ୍‌ର ଗିରଫଦାରୀ ଫଳରେ ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ୧୫ଟି ଚୋରି ମାମଲାର ସଫଳ ପର୍ଦ୍ଦାଫାସ୍ ହୋଇଛି ବୋଲି ଆଜି ଅପରାହ୍ନରେ ଜିଲ୍ଲା ପୁଲିସ୍ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପରମାର ସ୍ମିଥ୍ ପର୍ଶୋତ୍ତମ ଦାସ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁସାରେ, ଗତମାସ ୨୭ ତାରିଖ ରାତିରେ ବାଣପୁରସ୍ଥିତ ନିରଞ୍ଜନ ଜୁଏଲର୍ସର ପଛପାଖ କାନ୍ଥ ଭାଙ୍ଗି ଦୁର୍ବୃତ୍ତମାନେ ଦୋକାନରେ



ପଶିଥିଲେ। ସେଠାରୁ ୫ଲକ୍ଷ ଟଙ୍କା ନଗଦ ଅର୍ଥ, ପ୍ରାୟ ୪୦୦ ଗ୍ରାମ ସୁନା ଓ ପ୍ରାୟ ୧୩ କିଲୋଗ୍ରାମ ରୁପା ଅଳଙ୍କାର ଚୋରି କରି ନେଇଥିଲେ। ଏ ନେଇ ବାଣପୁର ଥାନାରେ ୨୮ ତାରିଖରେ ମାମଲା ରୁଜୁ ହୋଇଥିଲା। ସେହିପରି ସେପ୍ଟେମ୍ବର ୧୩ ତାରିଖ ରାତିରେ ଟାଙ୍ଗୀ ଥାନା ଅଞ୍ଚଳରେ ଅବନୀ ବରାଳଙ୍କ ଘରର ତାଲା ଭାଙ୍ଗି ସୁନା, ରୁପା ଅଳଙ୍କାର ଓ ନଗଦ ଟଙ୍କା ଚୋରି ହୋଇଥିଲା। ଏହା ବ୍ୟତୀତ ଟାଙ୍ଗୀ, ନାଚୁଣୀ, ବାଣପୁର ଓ ବାଲୁଗାଁ ସମେତ ନୟାଗଡ଼ ଜିଲ୍ଲାର ଚାନ୍ଦପୁର ଅଞ୍ଚଳରେ ମଧ୍ୟ ଏହି ଗ୍ୟାଙ୍ଗ୍ ବିଭିନ୍ନ ଚୋରି ଘଟଣା ଘଟାଇଥିବା ଜଣାପଡ଼ିଛି। ବାରମ୍ବାର ସମାନ ଧରଣର ଚୋରି ଘଟଣା ସାମ୍ନାକୁ ଆସିବା ପରେ ଜିଲ୍ଲା ପୁଲିସ ଏହାକୁ ଗୁରୁତର ସହ ଗ୍ରହଣ କରି ବିଭିନ୍ନ ଥାନା ମଧ୍ୟରେ ସମନ୍ୱୟ ରକ୍ଷା କରି ଅଭିଯାନ ଆରମ୍ଭ କରିଥିଲା।

ଏସ୍‌ପି ପରମାର ସ୍ମିତ ପର୍ଶୋତମଦାସଙ୍କ ନିର୍ଦ୍ଦେଶକ୍ରମେ ଏବଂ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ନାଚୁଣୀ ଥାନା ଅଧିକାରୀ ବିଭୂତି ଭୂଷଣ ମହାପାତ୍ର, ଟାଙ୍ଗୀ ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ, ବାଣପୁର ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା ଓ ବାଲୁଗାଁ ଥାନା ଅଧିକାରୀ ଶ୍ରଦ୍ଧା ନାୟକଙ୍କ ନେତୃତ୍ୱରେ ଟିମ୍ ଗୁଡ଼ିକ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ବିଭିନ୍ନ ଦିଗକୁ ତଦନ୍ତ ପରିସରକୁ ନେଇ ଓ ଅଭିଯୁକ୍ତଙ୍କ କାର୍ଯ୍ୟଶୈଳୀକୁ ଅନୁଧ୍ୟାନ କରି ପୁଲିସକୁ ଏହି ସଫଳତା ମିଳିଛି ବୋଲି ଏସ୍‌ପି କହିଛନ୍ତି। ଗିରଫ ଅଭିଯୁକ୍ତଙ୍କଠାରୁ ୫୦୦ ଗ୍ରାମ ସୁନା ଓ ୧୧ କିଲୋଗ୍ରାମ ରୁପା ଅଳଙ୍କାର ଉଦ୍ଧାର କରାଯାଇଛି। ତନ୍ମଧ୍ୟରେ ଜବତ ହୋଇଥିବା ସ୍ୱର୍ଣ୍ଣ ଅଳଙ୍କାର ମଧ୍ୟରେ ହାର, ଚେନ, କାନ ଫୁଲ, ଚୁଡ଼ି, ମୁଦି ରହିଛି। ସେହିପରି ରୂପା ଅଳଙ୍କାର ମଧ୍ୟରେ ପାଉଁଜି, ଝୁଁଟିଆ, ରୂପା ଥାଳିଆ, ଗ୍ଲାସ୍ ଇତ୍ୟାଦି। ଜବତ ଅଳଙ୍କାରର ମୂଲ୍ୟ କୋଟିଏରୁ ଉଦ୍ଧ୍ୱର୍ ମୂଲ୍ୟ ହେବ ବୋଲି ଏସ୍‌ପି କହିଛନ୍ତି। ଟାଙ୍ଗୀ ଥାନାର ୭ଟି, ନାଚୁଣୀ ଥାନାର ୩ଟି, ବାଣପୁର ଥାନାର ୨ଟି, ବାଲୁଗାଁ ଥାନାର ଗୋଟିଏ ଏବଂ ନୟାଗଡ ଜିଲ୍ଲାର ଚାନ୍ଦପୁର ଥାନାର ୨ଟି ମାମଲାକୁ ମିଶାଇ ମୋଟ ୧୫ଟି ଚୋରି ମାମଲା ହୋଇଥିଲା ବୋଲି ଏସ୍‌ପି କହିଛନ୍ତି। ଗିରଫ ହୋଇଥିବା ଅଭିଯୁକ୍ତ ମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାର ତିନି ଜଣ, ଖୋର୍ଦ୍ଧା ଜିଲ୍ଲାର ୮ଜଣ, ପୁରୀ ଜିଲ୍ଲାର ଜଣେ ରହିଛନ୍ତି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

ଏହିସାମ୍ବାଦିକସମ୍ମିଳନୀରେବାଲୁଗାଁଏସ୍‌ଡିପିଓସଞ୍ଜୟ କୁମାର ପଟ୍ଟନାୟକ, ନାଚୁଣୀ ଥାନା ଅଧିକାରୀ ବିଭୂତି ଭୂଷଣ ମହାପାତ୍ର, ଟାଙ୍ଗୀ ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ, ବାଣପୁର ଥାନା ଅଧିକାରୀ ଜୟପ୍ରକାଶ ପରିଡା ଓ ବାଲୁଗାଁ ଥାନା ଅଧିକାରୀ ଶ୍ରଦ୍ଧା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଅର୍ଣ୍ଣବ କ୍ଷତି

୪ ଆଇଏଏସ୍‌ଙ୍କୁ ଏସ୍‌ଆର୍‌ସି କ୍ଷମତା

ଭୁବନେଶ୍ୱର,୩।୧୧(ସମିସ): ବାତ୍ୟା 'ଅର୍ଣ୍ଣବ' ଯୋଗୁ ଲଗାଣ ବର୍ଷା ଏବଂ ଆସିଥିବା ବନ୍ୟା ପ୍ରଭାବରେ ବିଶେଷ ଭାବେ ପ୍ରଭାବିତ ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲାରେ ପୁନରୁଦ୍ଧାର କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ୩ ଟି ଜିଲ୍ଲାରେ ୪ ଆଇଏଏସ୍‌ଙ୍କୁ ନିୟୋଜିତ କରାଯାଇଥିବା ବେଳେ ସେମାନଙ୍କୁ ଅତିରିକ୍ତ ଏସ୍‌ଆର୍‌ସି କ୍ଷମତା ଦିଆଯାଇଛି। ଏହି ଅଧିକାରୀମାନେ ପ୍ରଭାବିତ ଜିଲ୍ଲାରେ କ୍ଷୟକ୍ଷତି ଆକଳନ, ପ୍ରଭାବିତ ହିତାଧିକାରୀଙ୍କ ପାଖେ କ୍ଷତିପୂରଣ ପ୍ୟାକେଜ୍ ପହଞ୍ଚାଇବା ସୁନିଶ୍ଚିତ କରିବା, ଭିତ୍ତିଭୂମି ମରାମତି ତ୍ୱରାନ୍ୱିତ କରିବା ଏବଂ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରିବା ନିମନ୍ତେ ଦାୟିତ୍ୱ ଦିଆଯାଇଛି। ଗଜପତି ଜିଲ୍ଲା ପାଇଁ ପଵନ କୁମାର, ଗଞ୍ଜାମ ଜିଲ୍ଲା ଅଜିତ କୁମାର, ତେଜସ୍ୱିନୀ ବେହେରା ଏବଂ କନ୍ଧମାଳ ଜିଲ୍ଲା ଶିବ ମାଲବ୍ୟଙ୍କୁ ଅବସ୍ଥାପିତ ହୋଇଛି।

କେନ୍ଦ୍ରୀୟ ଟିମ୍‌ର କ୍ଷୟକ୍ଷତି ଆକଳନ

ସେହିପରି ଅନୁଧ୍ୟାନ ନିମନ୍ତେ ଆସିଥିବା କେନ୍ଦ୍ରୀୟ ଟିମ୍ ମଙ୍ଗଳବାର ଗଜପତି ଜିଲ୍ଲା ଗସ୍ତ କରି କ୍ଷୟକ୍ଷତି ଆକଳନ କରୁଥିବା ବେଳେ ବୁଧବାର ଗଞ୍ଜାମ ଜିଲ୍ଲାରେ କ୍ଷୟକ୍ଷତି ଆକଳନ କରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ଏହାପରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହ ଏକ ବୈଠକ ରହିଥିବା ଜଣାପଡ଼ିଛି। ମଙ୍ଗଳବାର ରାଜସ୍ୱମନ୍ତ୍ରୀ କହିଛନ୍ତି ଯେ ବିଭିନ୍ନ ଜିଲ୍ଲାରେ ସର୍ବମୋଟ୍ ପ୍ରାୟ ୧,୭୫,୮୦୯ ଜଣ ସ୍ଥାନାନ୍ତରିତ ହୋଇଛନ୍ତି। ସମ୍ପୃକ୍ତ ଜିଲ୍ଲା ଗୁଡିକରେ ପ୍ରାୟ ୫୪ ଓଡ୍ରାଫ, ୯ ଏନ୍‌ଡିଆର୍‌ଏଫ ଏବଂ ୧୦୦ରୁ ଉର୍ଦ୍ଧ୍ୱ ଅଗ୍ନିଶମ ସେବା ବାହିନୀ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଅର୍ଣ୍ଣବ ପାଇଁ ବାସଗୃହ, ଚାଷଜମି, ବ୍ୟବସାୟ ଆଦି କ୍ଷୟକ୍ଷତି ନିମନ୍ତେ ମୁଖ୍ୟମନ୍ତ୍ରୀ ପ୍ୟାକେଜ ଘୋଷଣା କରିଛନ୍ତି। ପଞ୍ଚାୟତିରାଜ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, ଶକ୍ତି ବିଭାଗ, ଜଳସମ୍ପଦ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ଭିତ୍ତିଭୂମିର ମରାମତି ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ପ୍ରାଥମିକ କ୍ଷୟକ୍ଷତି ଆକଳନ ରିପୋର୍ଟ କରି ପଠାଇବାକୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପରେ ଚୂଡ଼ାନ୍ତ ରିପୋର୍ଟ ମଧ୍ୟ ପ୍ରସ୍ତୁତ ହୋଇ କେନ୍ଦ୍ର ନିକଟରେ ଦାଖଲ କରାଯିବ। ପ୍ରଭାବିତ ଜନସାଧାରଣଙ୍କ ସହିତ ରାଜ୍ୟସରକାର ସମ୍ପୂର୍ଣ୍ଣ ଭାବେ ଅଛନ୍ତି ଏବଂ ସେମାନଙ୍କ ପାଖେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ କରାଇବା ନିମନ୍ତେ ନିରନ୍ତର ଉଦ୍ୟମରତ ଅଛନ୍ତି ବୋଲି ସେ କହିଛନ୍ତି।

ଉଦ୍ଧାରରେ ବିଳମ୍ବ, ବଢୁଛି ବିପଦ

ବିତିଲାଣି ୬ ଦିନ, ଏବେ ବି ୧୨ ଜଣଙ୍କର ପତ୍ତା ମିଳୁନି

ବ୍ରହ୍ମପୁର/ଜି ଉଦୟଗିରି,୩।୧୧(ସମିସ): ବାତ୍ୟା "ଅର୍ଣ୍ଣବ'ର ପ୍ରକୋପ ଥମିବା ପରେ ଗଞ୍ଜାମ ଜିଲ୍ଲାରେ ସାମ୍ନାକୁ ଆସିଛି ଭୂସ୍ଖଳନର ଭୟାବହ ମାନବୀୟ ବିପର୍ଯ୍ୟୟ। ଭଞ୍ଜନଗର ବ୍ଲକ ବାଇବାଲି ପଞ୍ଚାୟତ ଅନ୍ତର୍ଗତ ଗିଡିପାବାଲିରେ ପାହାଡ଼ ଧସି ମାଟି ତଳେ ପୋତି ହୋଇଯାଇଛନ୍ତି ଅନେକ ଲୋକ। ୧୩ରୁ ଅଧିକ ଜଣ ନିଖୋଜ ଥିବାବେଳେ ଏଯାଏଁ ଦୁଇଟି ମୃତଦେହ ଉଦ୍ଧାର ହେଲାଣି। ମାଟି ତଳେ ଆଉ କେତେ ଜୀବନ ଫସି ରହିଛି, ତାହା ଅସ୍ପଷ୍ଟ। ଉଦ୍ଧାର କାର୍ଯ୍ୟରେ ଏକାଧିକ ବିଭାଗ ନିୟୋଜିତ ହୋଇଥିଲେ ମଧ୍ୟ ଆଶାନୁରୂପ ସଫଳତା ମିଳୁନଥିବାରୁ ଉଦ୍ଧାର ବ୍ୟବସ୍ଥା ଓ ପ୍ରଶାସନିକ ପ୍ରସ୍ତୁତିକୁ ନେଇ ଉଠିଛି ପ୍ରଶ୍ନ। ଏଭଳି ସ୍ଥିତିରେ ମାଟି ତଳେ ଜୀବନର ସନ୍ଧାନ କରୁଛି ଉଦ୍ଧାରକାରୀ ଦଳ। ଭୂସ୍ଖଳନ ପରଠାରୁ ନିଖୋଜଙ୍କୁ ଠାବ କରିବା ପାଇଁ ଉଦ୍ୟମ ଜାରି ରହିଛି। ଗତକାଲି ଜଣଙ୍କ ମୃତଦେହ ଚିହ୍ନଟ ହୋଇଥିବା ବେଳେ ଆଜି ଉଦ୍ଧାର କାର୍ଯ୍ୟକୁ ଅଧିକ ଜୋରଦାର



କରାଯାଇଥିଲା। ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗର ଏକାଧିକ ଟିମ୍ ଘଟଣାସ୍ଥଳରେ ନିୟୋଜିତ ହୋଇଥିଲେ। ମାଟି ଓ ପଥର ତଳେ ପୋତି ହୋଇଥିବା ଲୋକଙ୍କୁ ଠାବ କରିବା ଏବେ ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି। ଅନ୍ୟପକ୍ଷରେ ଉଦ୍ଧାର କାର୍ଯ୍ୟକୁ ଆହୁରି ବ୍ୟାପକ କରିବା ପାଇଁ ଆଜି ପ୍ରାଣୀସମ୍ପଦ ବିଭାଗକୁ ମଧ୍ୟ ସାମିଲ କରାଯାଇଛି। ଭୂସ୍ଖଳନସ୍ଥଳରେ ନିୟନ୍ତ୍ରିତ ବିସ୍ଫୋରଣ ମାଧ୍ୟମରେ ବାଧା ସୃଷ୍ଟି କରୁଥିବା ଅଂଶକୁ ହଟାଇବା ସହ ସନ୍ଧାନ ଅଭିଯାନ ଜାରି ରହିଛି। ତେବେ ଉଦ୍ଧାରକାରୀଙ୍କ ସୁରକ୍ଷା ଓ ଅବଶିଷ୍ଟ ଲୋକଙ୍କୁ ଠାବ କରିବା ଏହି ଅଭିଯାନର ପ୍ରମୁଖ ଚ୍ୟାଲେଞ୍ଜ ହୋଇଛି। ଗତକାଲି ଉଦ୍ଧାର ହୋଇଥିବା ଦ୍ୱିତୀୟ ମୃତଦେହକୁ ଆଜି ଚିହ୍ନଟ କରାଯାଇଛି। ଆସନ୍ତାକାଲି ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିବ। ମାଟି ତଳେ ପୋତି ହୋଇଥିବା ଲୋକଙ୍କୁ ଜୀବିତ ଉଦ୍ଧାର କରିବାର ଆଶା ନେଇ ଉଦ୍ଧାରକାରୀ ଦଳ ଅଭିଯାନ ଜାରି ରଖିଛନ୍ତି।

ବନ୍ୟା ମୁକାବିଲାରେ ବିଫଳ; ଏଥର ଛୁଟିବ ଦାଦନ ସୁଅ

ଭୁବନେଶ୍ୱର, ୩।୧୧ (ସମିସ): ବନ୍ୟା ପରବର୍ତ୍ତୀ ସ୍ଥିତିର ମୁକାବିଲା ଓ ପ୍ରଭାବିତଙ୍କୁ ସହାୟତା ଯୋଗାଇବାରେ ସରକାରୀ ଅବହେଳା ଯୋଗୁଁ ଗଞ୍ଜାମବାସୀଙ୍କ ଭରସା ତୁଟିବାରେ ଲାଗିଛି। ଆଗକୁ ଦାଦନ ଋତୁ ଆସୁଥିବାରୁ ସରକାର

- ସରକାରଙ୍କ ଉପରୁ ଲୋକଙ୍କ ଭରସା ତୁଟିଲାଣି: କଂଗ୍ରେସ
- ଅମଳ ହେବାକୁ ଥିବା ଫସଲର ଏମ୍‌ଏସ୍‌ପି ଆଧାରରେ କ୍ଷତିପୂରଣ ଦାବି; କେନ୍ଦ୍ରରୁ ଆସିଲେନି ଜଣେ ବି ମନ୍ତ୍ରୀ



ତୁରନ୍ତ ରୋଜଗାର ଓ କର୍ମନିଯୁକ୍ତିର ବ୍ୟବସ୍ଥା ନ କଲେ ଜିଲ୍ଲାରୁ ଦାଦନ ଶ୍ରମିକଙ୍କ ସୁଅ ଛୁଟିବ ବୋଲି କଂଗ୍ରେସ ଚେତାବନୀ ଦେଇଛି।

ମଙ୍ଗଳବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ତଥ୍ୟ ଅନୁଧ୍ୟାନକାରୀ କମିଟିର ଅଧ୍ୟକ୍ଷ ଜଗନ୍ନାଥ ପଟ୍ଟନାୟକ କହିଥିଲେ, ଚଳିତ ବନ୍ୟା ଗଞ୍ଜାମରେ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ସରକାର ପ୍ରଭାବିତଙ୍କୁ ବିଶ୍ୱାସକୁ ନେଉନାହାନ୍ତି। ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଓ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ତଥ୍ୟ ଓ ବକ୍ତବ୍ୟ ମଧ୍ୟରେ ତାଳମେଳ ରହୁନାହିଁ। କ୍ଷୟକ୍ଷତିର ସଠିକ୍ ଆକଳନ କରି ଚାଷୀ ଓ ଅନ୍ୟ ପ୍ରଭାବିତଙ୍କୁ ପର୍ଯ୍ୟାପ୍ତ ସହାୟତା ଦେବାକୁ ସେ ଦାବି କରିଥିଲେ।

ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଥିଲେ, ଖରଖରି ଓ ଋଷିକୂଲ୍ୟା ନଦୀରେ ବନ୍ୟା ଆସିବାର ପାଞ୍ଚ ଦିନ ପରେ ମଧ୍ୟ ଅନେକ ଅଞ୍ଚଳ ଜଳମଗ୍ନ ରହିଥିଲା। ଘରଗୁଡ଼ିକରେ ୪ରୁ ୫ ଫୁଟ ଉଚ୍ଚତାରେ ପାଣିର ଦାଗ ରହିଥିବା ବେଳେ ଦୁର୍ଗନ୍ଧ ଓ ଅପରିଷ୍କାର ପରିବେଶ ଯୋଗୁଁ ଲୋକେ ହନ୍ତସନ୍ତ ହେଉଛନ୍ତି। ବିଶୋଧନ ପାଇଁ ବ୍ଲିଚିଂ ପାଉଡର ପକାଇବାକୁ ମଧ୍ୟ ଆବଶ୍ୟକ କର୍ମଚାରୀ ନାହାନ୍ତି। ରିଲିଫ୍ କାର୍ଯ୍ୟରେ ସରକାରଙ୍କ ଅପେକ୍ଷା ସ୍ୱେଚ୍ଛାସେବୀ ସଂଗଠନ ଓ କଂଗ୍ରେସ ଅଧିକ ସକ୍ରିୟ ଥିବା ସେ ଅଭିଯୋଗ କରିଥିଲେ।

ବନ୍ୟାରେ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ଚାଷ ଖର୍ଚ୍ଚ ବଦଳରେ ଅମଳ ହେବାକୁ ଥିବା ଫସଲର କ୍ୱିଣ୍ଟାଲ ପିଛା ଏମ୍‌ଏସ୍‌ପି ଆଧାରରେ କ୍ଷତିପୂରଣ ଦେବାକୁ ସେ ଦାବି କରିଥିଲେ। ଫସଲ ନଷ୍ଟ ପରେ ଜଣେ ଚାଷୀଙ୍କ ଆତ୍ମହତ୍ୟା ଘଟଣା ଚାଷୀଙ୍କ ଦୁର୍ଦ୍ଦଶାକୁ ସ୍ପଷ୍ଟ କରୁଛି ବୋଲି ସେ କହିଥିଲେ। ଏଥିସହ 'ଜିରୋ କାଜୁଆଲିଟି' ଦାବି ସତ୍ତ୍ୱେ ବନ୍ୟା ଓ ଭୂସ୍ଖଳନରେ ମୃତାହତ ହୋଇଥିବା ଏବଂ କନ୍ଧମାଳରେ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ଏଭଳି ବିପତ୍ତି ସମୟରେ କେନ୍ଦ୍ରରୁ ଜଣେ ମଧ୍ୟ ମନ୍ତ୍ରୀ ପ୍ରଭାବିତ ଅଞ୍ଚଳକୁ ଆସି ନଥିବା ଦଳ ଅଭିଯୋଗ କରିଛି।

ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କ ସଂଯୋଜନାରେ ଏହି ସାମ୍ବାଦିକ ସମ୍ମିଳନୀ ହୋଇଥିଲା।

କୋଟିଆ ପ୍ରସଙ୍ଗରେ ଆମେ ରାଜ୍ୟ ସହ ଅଛୁ: ଭକ୍ତ

ଆନ୍ଧ୍ର ପୁଲିସର ଅନୁପ୍ରବେଶକୁ ନିନ୍ଦା; ସୁପ୍ରିମକୋର୍ଟଙ୍କ ସ୍ଥିତାବସ୍ଥା ନିର୍ଦ୍ଦେଶ ଲାଗୁ କରିବାକୁ ଦାବି

ଭୁବନେଶ୍ୱର, ୩।୧୧ (ସମିସ): କୋରାପୁଟ ଜିଲ୍ଲା କୋଟିଆ ପଞ୍ଚାୟତର ନେରେଡ଼ିବାଲସା ଚେକ୍‌ପୋଷ୍ଟ ନିକଟରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ପୁଲିସ ମଧ୍ୟରେ ଉପୁଜିଥିବା ମୁହାଁମୁହିଁ ସ୍ଥିତିକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ସ୍ପର୍ଶକାତର ପ୍ରସଙ୍ଗରେ କଂଗ୍ରେସ ରାଜ୍ୟବାସୀଙ୍କ ସହ ଦୃଢ଼ ଭାବେ ରହିଛି ବୋଲି ସେ କହିଛନ୍ତି। ଶ୍ରୀ ଦାସ କହିଛନ୍ତି, କୋଟିଆ କେବଳ ଏକ ଭୂଖଣ୍ଡ ନୁହେଁ, ଏହା ଓଡ଼ିଶାର ସ୍ୱାଭିମାନର ପ୍ରତୀକ। ରାଜ୍ୟର ଅସ୍ମିତା ଓ ପ୍ରଶାସନିକ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଓଡ଼ିଶା ପୁଲିସ ଓ ସ୍ଥାନୀୟ ଅଧିକାରୀମାନେ ଯେଉଁ ଦୃଢ଼ତା ପ୍ରଦର୍ଶନ କରିଛନ୍ତି, ସେଥିପାଇଁ ସେ ସେମାନଙ୍କୁ ସାଧୁବାଦ ଜଣାଇଛନ୍ତି। ଏହି ପ୍ରସଙ୍ଗରେ ଦଳମତ ନିର୍ବିଶେଷରେ ସମସ୍ତେ ଏକଜୁଟ ହେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

ଆନ୍ଧ୍ରପ୍ରଦେଶ ସରକାର ସଂଯମ ରକ୍ଷା କରିବା ସହ ଓଡ଼ିଶା ସୀମା ଭିତରକୁ ପୁଲିସ ବାହିନୀର ବେଆଇନ ଅନୁପ୍ରବେଶ ବନ୍ଦ କରନ୍ତୁ ବୋଲି ଭକ୍ତ ଦାବି କରିଛନ୍ତି। ଓଡ଼ିଶା ସୀମା ମଧ୍ୟରେ ବାରମ୍ବାର ଅନୁପ୍ରବେଶ ଓ ଜୋରଜବରଦସ୍ତ କ୍ୟାମ୍ପ ସ୍ଥାପନ ଉଦ୍ୟମକୁ ସେ ନିନ୍ଦା କରିଛନ୍ତି। ଦୁଇ ପଡ଼ୋଶୀ ରାଜ୍ୟର ପୁଲିସ ମଧ୍ୟରେ ସଂଘର୍ଷ ସୀମାନ୍ତ ଅଞ୍ଚଳର ଆଦିବାସୀଙ୍କ ମନରେ ଭୟ ଓ ଅସୁରକ୍ଷା ସୃଷ୍ଟି କରିବ ବୋଲି ସେ କହିଛନ୍ତି।

ଏହି ବିବାଦର ସମାଧାନ ଆକ୍ରୋଶ ନୁହେଁ, ଆଇନଗତ ଓ ଶାନ୍ତିପୂର୍ଣ୍ଣ ଉପାୟରେ ହେବା ଉଚିତ। ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ୨୦୦୬ ମସିହାର ଷ୍ଟାଟସ୍ କ୍ୱୋ ନିର୍ଦ୍ଦେଶକୁ କେନ୍ଦ୍ର ନିକଟରେ ଉପସ୍ଥାପନ କରିବା ସହ କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବା ସପକ୍ଷରେ ସମସ୍ତ ପ୍ରାମାଣିକ ତଥ୍ୟ ରଖି ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେଉ ବୋଲି ଭକ୍ତ ଦାବି କରିଛନ୍ତି।

ଦଣ୍ଡିତ ହେବା ପରେ କୋର୍ଟ ଭିତରୁ କଏଦୀ ଚମ୍ପଟ

- ହାଡ଼ପା ଶିବା ସମେତ ୯ ଜଣଙ୍କୁ ଆଜୀବନ କାରାଦଣ୍ଡ
- ରାୟ ପ୍ରକାଶ ପରେ କୋର୍ଟ ପରିସରରେ ଉତ୍ତେଜନା

ରାୟଗଡ଼, ୩।୧୧(ସମିସ): ଯୁବକଙ୍କୁ ଅପହରଣ, ଅପ୍ରାକୃତିକ ଯୌନ ନିର୍ଯାତନା ଓ ହତ୍ୟା ଉଦ୍ୟମ ମାମଲାରେ ରାୟଗଡ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍‌ଙ୍କ କୋର୍ଟ ହାଡ଼ପା ଶିବା ସମେତ ୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ରାୟ ପ୍ରକାଶ ପରେ କୋର୍ଟ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାର ସୁଯୋଗ ନେଇ ଜଣେ ଅପରାଧୀ କୋର୍ଟ ପରିସରରୁ ଫେରାର୍ ହୋଇ ଯାଇଥିବା ଜଣାପଡ଼ିଛି।



ମାମଲାର ବିବରଣୀ ଅନୁଯାୟୀ, ୨୦୧୯ ନଭେମ୍ବର ୧୮ ତାରିଖରେ ରାୟଗଡ଼ ଥାନା ଅନ୍ତର୍ଗତ ଲାଡ଼ା ରେଳଷ୍ଟେସନ ନିକଟରୁ ଚେନ୍ନାଇରୁ ଝାରସୁଗୁଡ଼ା ଯାଉଥିବା ଜଣେ ଯୁବକଙ୍କୁ ଅଭିଯୁକ୍ତମାନେ ଅପହରଣ କରିଥିଲେ। ଟ୍ରେନ୍‌ରେ ଯାତ୍ରା କରୁଥିବା ସମୟରେ ତାଙ୍କୁ ଗଞ୍ଜେଇ ଚାଲାଣ ଅଭିଯୋଗରେ ଫସାଇବାକୁ ଧମକ ଦେଇ ୧୦ ଲକ୍ଷ ଟଙ୍କା ଦାବି କରିଥିଲେ। ଟଙ୍କା ନଦେଲେ ଛାଡ଼ିବେ ନାହିଁ ବୋଲି ଧମକ ଦେବା ସହ ତାଙ୍କୁ ଅପହରଣ କରି ଅପ୍ରାକୃତିକ ଯୌନ ନିର୍ଯାତନା ଦେବା ଓ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୁଲିସ ଚଢ଼ଉ ସମୟରେ ଅଭିଯୁକ୍ତମାନେ ପୁଲିସ ଉପରକୁ ଗୁଳି ଚଳାଇଥିବା ଏବଂ ପୁଲିସ ପକ୍ଷରୁ ପାଲଟା ଜବାବ ଦିଆଯାଇଥିବା ମଧ୍ୟ ଜଣାପଡ଼ିଥିଲା। ତତ୍କାଳୀନ ଉପନିରୀକ୍ଷକ ରିଗାନ କିଣ୍ଡୋ ମାମଲାର ତଦନ୍ତ କରିଥିଲେ। ଦୀର୍ଘ ବିଚାର ପ୍ରକ୍ରିୟା ପରେ ୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଦୋଷୀମାନେ ହେଲେ ହାଡ଼ପା ଶିବା, ଜି. ବାଙ୍ଗାରୁ, ଶୁଣ୍ଠି ସୂରଜ, ଶୁଣ୍ଠି ପ୍ରକାଶ, ମାଝୀ ଜୋସେଫ, ଜି. ବେଣୁ, ଜି. ତେଜା, ଜି. ସୁରେନ୍ଦ୍ର ଓ ମାଝୀ ରାଜା। ୮ ଜଣଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ଏବଂ ମାଝୀ ରାଜାଙ୍କୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ। ମାମଲାରେ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ରଜତ ରଞ୍ଜନ ଖଟୁଆ ପରିଚାଳନା କରୁଥିଲେ। ମୋଟ ୩୬ ଜଣ ସାକ୍ଷୀଙ୍କ ବୟାନ ଗ୍ରହଣ କରାଯାଇଥିଲା। ଅନ୍ୟପକ୍ଷରେ ରାୟ ପ୍ରକାଶ ପରେ କୋର୍ଟ ପରିସରରେ ଉତ୍ତେଜନା ସୃଷ୍ଟି କରିଥିଲେ। ଖବର ପାଇ ରାୟଗଡ଼ ଏସ୍‌ଡିପିଓ ଗୌରହରି ସାହୁ ପୁଲିସ ଟିମ୍ ସହ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଏହି ସମୟରେ ଦୋଷୀ ସାବ୍ୟସ୍ତ ହୋଇଥିବା ଶୁଣ୍ଠି ପ୍ରକାଶ କୋର୍ଟ ପରିସରରୁ ଫେରାର ହୋଇଯାଇଥିଲେ। ତାଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ଖୋଜାଖୋଜି ଜାରି ରହିଛି। ସୂଚନା ପ୍ରକାରେ ଏହି ମାମଲାରେ ସମ୍ପୃକ୍ତ ଆସାମୀ ମାନଙ୍କ ମଧ୍ୟରୁ ଦୁଇ ଜଣ ସମ୍ବଲପୁର, ଦୁଇଜଣ ଜୟପୁର ଜେଲରେ ସଜା କାଟୁଛନ୍ତି ।

ଗଞ୍ଜାମ ବିପର୍ଯ୍ୟୟ, ବିଧାନସଭା ଷ୍ଟାଣ୍ଡିଂ କମିଟିରେ ଉଦ୍‌ବେଗ

ଜଳସମ୍ପଦ ଅଧିକାରୀଙ୍କ ସ୍ୱୀକାରୋକ୍ତି, ବଡ଼ ବର୍ଷା ନେଇ କରିପାରି ନଥିଲେ ଆକଳନ

ଭୁବନେଶ୍ୱର, ୩।୧୧ (ସମିସ): ପ୍ରବଳ ବର୍ଷା ଯୋଗୁଁ ଦକ୍ଷିଣ ଓଡ଼ିଶା, ବିଶେଷକରି ଗଞ୍ଜାମ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଏହାର ମୁକାବିଲାରେ ରାଜ୍ୟ ସରକାର ଓ ଜଳସମ୍ପଦ ବିଭାଗର ପ୍ରସ୍ତୁତିକୁ ନେଇ ପ୍ରଶ୍ନ ଉଠିଛି। ପ୍ରଶାସନିକ ଅବହେଳା ଓ ଆକଳନରେ ତ୍ରୁଟି ଯୋଗୁଁ ଗଞ୍ଜାମ ଏଭଳି ବିପର୍ଯ୍ୟୟର ସମ୍ମୁଖୀନ ହେଲା ବୋଲି ସାଧାରଣରେ ଅଭିଯୋଗ ହେଉଥିବା ବେଳେ ମଙ୍ଗଳବାର ବିଧାନସଭା ଷ୍ଟାଣ୍ଡିଂ କମିଟି-୨ର ବୈଠକରେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଗଞ୍ଜାମ ଜଳମଗ୍ନ ହେବାର କାରଣ ନେଇ ବୈଠକରେ ବିଧାୟକମାନେ ଜଳସମ୍ପଦ ବିଭାଗର ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ବିଜେଡି ବିଧାୟକ ସାରଦା ଜେନାଙ୍କ ସୂଚନା ଅନୁଯାୟୀ, ଗଞ୍ଜାମ ଓ ଗଜପତିରେ ପ୍ରବଳ ବର୍ଷା ହେବା ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ପୂର୍ବରୁ ଠିକ୍ ଆକଳନ କରିପାରି ନଥିବା ସ୍ୱୀକାର କରିଥିଲେ। ତାଙ୍କ କହିବା ଅନୁଯାୟୀ, ଗଞ୍ଜାମ ଓ ଗଜପତିର ଜଳଭଣ୍ଡାରଗୁଡ଼ିକରେ ପ୍ରାୟ ୮୦ ପ୍ରତିଶତ ଜଳ ମହଜୁଦ ଥିଲା। ତେଣୁ ଅତ୍ୟଧିକ ବର୍ଷା ଯୋଗୁଁ ଏହି ଦୁଇ ଜିଲ୍ଲାରେ ଅପ୍ରତ୍ୟାଶିତ କ୍ଷୟକ୍ଷତି ହୋଇଥିଲା। ବର୍ଷାର ପରିମାଣ ଓ ଏହାର ପ୍ରଭାବକୁ ଆକଳନ କରିବାରେ ବିଭାଗ ବିଫଳ ହୋଇଥିବାରୁ ବନ୍ୟା ପରିଚାଳନାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଶ୍ରୀ ଜେନା ଅଭିଯୋଗ କରିଛନ୍ତି।

ପଶ୍ଚିମବଙ୍ଗ ଚାଲାଣ ହେଉଥିଲା ଗଞ୍ଜେଇ

୨ କ୍ୱିଣ୍ଟାଲ ଗଞ୍ଜେଇ ସହ ୧୦ ଲକ୍ଷ ଟଙ୍କା ଜବତ, ୩ ଗିରଫ

ବାରିପଦା, ୩।୧୧ (ସମିସ): ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଗଞ୍ଜେଇ ଚାଲାଣ ଉଦ୍ୟମ ଉପରେ ରୋକ୍ ଲଗାଇ ଭଞ୍ଜପୁର ଥାନା ପୁଲିସ ଏକ ବଡ଼ ସଫଳତା ହାସଲ କରିଛି। ବାରିପଦା ସହର ଉପକଣ୍ଠ ଲକ୍ଷ୍ମୀପୋଷି ହାଟ ନିକଟ ସୁବର୍ଣ୍ଣରେଖା କେନାଲ ରାସ୍ତାରେ ପୁଲିସ ଫିଲ୍ମି ଷ୍ଟାଇଲରେ ଗୋଡ଼ାଇ ଏକ କିଆ ସେଲଟସ୍ କାରରୁ ପ୍ରାୟ ୧.୮୦ କ୍ୱିଣ୍ଟାଲ (୧୮୦ କିଲୋଗ୍ରାମ)

- ଲକ୍ଷ୍ମୀପୋଷି କେନାଲ ରାସ୍ତାରେ କାର୍‌କୁ ଗୋଡ଼ାଇ ଧରିଲା ଭଞ୍ଜପୁର ପୁଲିସ
- ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୮ ଲକ୍ଷରୁ ଉର୍ଦ୍ଧ୍ୱ

ଗଞ୍ଜେଇ ଓ ନଗଦ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୧୮ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି। ଏ ଘଟଣାରେ ସମ୍ପୃକ୍ତ ୩ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ପଶ୍ଚିମବଙ୍ଗର ଉଲୁବେଡ଼ିଆ ଥାନା ଅଞ୍ଚଳର ଶ୍ରୀକାନ୍ତ ବାଗ (୩୬), ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ସୋରିଷକୋଠା ଗ୍ରାମର ଜଗନ



ମହାଳିକ (୩୨) ଓ ବାରିପଦା ସହରର ୩ନଂ ୱାର୍ଡ ୱାଲିଗଞ୍ଜ ଅଞ୍ଚଳର ରାଜେଶ କୁମାର ପରିଡ଼ା (୩୯) ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ପଶ୍ଚିମବଙ୍ଗ ନମ୍ବର ଥିବା ଏକ କିଆ ସେଲଟସ କାର୍ ଯୋଗେ ବିପୁଳ ପରିମାଣର ଗଞ୍ଜେଇ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ନେଇ ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏହି ଆଧାରରେ ମଙ୍ଗଳବାର ପ୍ରତ୍ୟୁଷରୁ ଭଞ୍ଜପୁର ପୁଲିସ ଚାଲାଣକାରୀଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ପୁଲିସ ଚଢ଼ଉ ବିଷୟରେ ଜାଣିପାରି ମାଫିଆମାନେ ୧୮ନଂ ଜାତୀୟ ରାଜପଥ ଛାଡ଼ି ସୁବର୍ଣ୍ଣରେଖା କେନାଲ ରାସ୍ତା ଦେଇ ଦ୍ରୁତଗତିରେ ଖସିଯିବାକୁ ଉଦ୍ୟମ କରିଥିଲେ। ମାତ୍ର ପୁଲିସ ଟିମ୍ ପିଛା କରି ଲକ୍ଷ୍ମୀପୋଷିସ୍ଥ ଅନ୍ଧ, ମୂକ ଓ ବଧିର ବିଦ୍ୟାଳୟ ନିକଟରେ କାର୍‌କୁ ଅଟକାଇବାରେ ସଫଳ ହୋଇଥିଲା। ଗାଡ଼ି ଯାଞ୍ଚ ବେଳେ ସେଥିରୁ ୧୭୮ଟି ପ୍ୟାକେଟ୍‌ରେ ଥିବା ପ୍ରାୟ ୧୮୦ କେଜି ଗଞ୍ଜେଇ, ନଗଦ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା, ଚାଲାଣରେ ବ୍ୟବହୃତ କାର୍‌କୁ ଜବତ କରାଯାଇଛି। ଏ ନେଇ ପୁଲିସ ଏନ୍‌ଡିପିଏସ୍ ଆକ୍ଟ ଅନୁସାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ପଚରାଉଚରା ଜାରି ରଖିଛି। ଏହି ଗଞ୍ଜେଇ କେଉଁଠାରୁ ଅଣାଯାଇଥିଲା, ଏହା ପଛରେ ଥିବା ଅନ୍ୟ ମାଫିଆ କିଏ, ଜବତ ଟଙ୍କାର ଉତ୍ସ କ'ଣ, ସେ ଦିଗରେ ପୁଲିସ ଅଧିକ ଖୋଳତାଡ଼ ଚଳାଇଛି।

ଋଷିକୁଲ୍ୟାରେ ଭାସି ଯୁବକ ମୃତ

ଆମ୍ବୁଲାନ୍ସ ନମିଳିବାରୁ ବାଇକ୍‌ରେ ବୁହା ହେଲା ଶବ

ବ୍ରହ୍ମପୁର/ଆସିକା,୩।୧୧(ସମିସ): ଋଷିକୂଲ୍ୟା ନଦୀର ପ୍ରଖର ସ୍ରୋତ ନେଇଗଲା ଜଣେ ୨୩ ବର୍ଷୀୟ ଯୁବକଙ୍କ ଜୀବନ। ଗାଧୋଇବାକୁ ଯାଇ ନଦୀ ସ୍ରୋତରେ ଭାସିଯାଇଥିବା ଯୁବକଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଥିଲେ ମଧ୍ୟ ଜୀବନ ରକ୍ଷା ସମ୍ଭବ ହୋଇନଥିଲା। ତେବେ ଏହି ଦୁଃଖଦ ଘଟଣା ପରେ ମୃତଦେହ ପରିବହନକୁ ନେଇ ଯେଉଁ ଅବ୍ୟବସ୍ଥା ସାମ୍ନାକୁ ଆସିଛି, ତାହା

କ୍ଷତିପୂରଣ ଦାବିରେ ରାସ୍ତାରୋକ

ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷର କାରଣ ପାଲଟିଛି। ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ଗାଡ଼ି ନମିଳିବାରୁ ମୃତଦେହ ବାଇକ୍‌ରେ ବୁହାହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଉତ୍ତେଜନା, ରାସ୍ତାରୋକ ଓ ପ୍ରତିବାଦ ଦେଖାଦେଇଛି। ମୃତ ଯୁବକ ହେଉଛନ୍ତି ଆସିକା ସହରର ୨୩ ବର୍ଷୀୟ ସଞ୍ଜୟ ବେହେରା। ସୂଚନା ଅନୁସାରେ, ସଞ୍ଜୟ ଋଷିକୂଲ୍ୟା ନଦୀକୁ ଗାଧୋଇବା ପାଇଁ ଯାଇଥିବା ସମୟରେ ହଠାତ୍ ପ୍ରଖର ଜଳସ୍ରୋତରେ ଭାସିଯାଇଥିଲେ। ଅଗ୍ନିଶମ କର୍ମଚାରୀ ତାଙ୍କୁ ନଦୀରୁ ଉଦ୍ଧାର କରି ଆସିକା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି। ଏହାପରେ ମୃତଦେହକୁ କ୍ଷତିପୂରଣ ଦାବିରେ କୁମ୍ଭାର ସାହି ଛକରେ ରଖି ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଆସିକା ଉପଖଣ୍ଡ ଅଧିକାରୀ ସୌରଭ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଓ ପରିବାରବର୍ଗଙ୍କ ସହ ଆଲୋଚନା କରିଥିଲେ। ବୁଝାସୁଝା ପରେ ସେ ନିଜ ପୁଲିସ



ଗାଡ଼ିରେ ମୃତକଙ୍କ ପରିବାରବର୍ଗଙ୍କୁ ସାଙ୍ଗରେ ନେଇ ବ୍ରହ୍ମପୁର ମେଡିକାଲ ଅଭିମୁଖେ ଯାଇଥିଲେ। ସେଠାରେ ମଧ୍ୟ ଡାକ୍ତର ମୃତ୍ୟୁ ସ୍ପଷ୍ଟ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ମୃତଦେହକୁ ନେବା ପାଇଁ ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ଗାଡ଼ି ଉପଲବ୍ଧ ହୋଇନଥିଲା। ଫଳରେ ବାଧ୍ୟ ହୋଇ ବାଇକ୍‌ରେ ମୃତଦେହ ବୁହାହୋଇଥିଲା। ବିନାୟକ ବଜାର ଉପରେ ମୃତଦେହ ରଖି ଲୋକେ ପ୍ରତିବାଦ କରିବା ସହ ପ୍ରଶାସନିକ ଅବହେଳାକୁ ନେଇ ଅସନ୍ତୋଷ ଜାହିର କରିଥିଲେ।

ସକାଳ
THE SAKALA
www.sakalaepaper.com

ସମ୍ପୂର୍ଣ୍ଣା



ଆଜିର ରାଶିଫଳ

ମେଷ: ପୁରୁଣା ରୋଗ ସମସ୍ୟା ଦୂର ହେବ। ପଦୋନ୍ନତିର ଆଶଙ୍କା ଅଛି। ବ୍ୟବସାୟ ଜନିତ ଦୂରଯାତ୍ରା ଯୋଗ ରହିଛି। । ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

ବୃଷ: ଦିନଟିରେ ଚଳଚଞ୍ଚଳ ରହିବେ। ଅର୍ଥ ନିବେଶ ପାଇଁ ଅନୁକୂଳ ସମୟ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସାହାଯ୍ୟ ଓ ସହଯୋଗ ମିଳିବ।

ମିଥୁନ: ଦାମ୍ପତ୍ୟ ଜୀବନରେ ସମସ୍ୟା ଆସିବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ ବ୍ୟବସାୟ ଆରମ୍ଭ କରିବେ। ପତି-ପତ୍ନୀଙ୍କ ମଧ୍ୟରେ ମନାନ୍ତର ହେବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

କର୍କଟ: ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତ ପାଇଁ ଚିନ୍ତା କରନ୍ତୁ। ପାରିବାରିକ ଜୀବନ ସୁଖମୟ ହେବ। ଅନ୍‌ଲାଇନ୍ କାର୍ଯ୍ୟରୁ ଲାଭ ମିଳିବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

ସିଂହ: ଧୈର୍ଯ୍ୟର ରଖି କାମ କରନ୍ତୁ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

କନ୍ୟା: ଚାକିରିରେ ବଦଳି ସମ୍ଭାବନା ଅଛି। ଜମି ବିବାଦ ଦେଖା ଦେବ। ସରକାରୀ ଚାକିରିଆଙ୍କ ପାଇଁ ଭଲ ସମୟ। ଜୀବନସାଥୀଙ୍କ ସହଯୋଗ ମିଳିବ। ଅଚାନକ ଶୁଭ ଖବର ପାଇବେ।

ତୁଳା: ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଦାନଧର୍ମ କରନ୍ତୁ। ପ୍ରେମ ବ୍ୟାପାରରେ ସଫଳତା ମିଳିବ। ବ୍ୟବସାୟରେ ପରିବର୍ତ୍ତନ ଆସିବ।

ବିଛା: ନୂତନ ବ୍ୟବସାୟ ପାଇଁ ଯୋଜନା କରିବେ। ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଧାର୍ମିକ ସ୍ଥାନକୁ ଯିବାର ଯୋଜନା କରିବେ।

ଧନୁ: ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ମଧୁମୟ ହେବ। ଭାବିଚିନ୍ତି କାର୍ଯ୍ୟ କରିବା ଭଲ।

ମକର: ଅବିବାହିତଙ୍କ ବିବାହ ସ୍ଥିର ହେବ। ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ରାଜନୀତିରେ ସକ୍ରିୟ ରହିବେ। କଳା ଓ ସାହିତ୍ୟ କ୍ଷେତ୍ରରେ ରୁଚି ବଢ଼ିବ।

କୁମ୍ଭ: ଦିନଟି ମିଶ୍ର ଫଳ ପ୍ରଦାନ କରିବ। ମନ ବିଚଳିତ ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭ ଫଳ ମିଳିବ। ବ୍ୟବସାୟରେ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଦାମ୍ପତ୍ୟ ଜୀବନ ସୁଖମୟ ରହିବ।

ମୀନ: ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଅର୍ଥ ରୋଜଗାର ପାଇଁ ନୂତନ ମାର୍ଗ ଫିଟିବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

ଆଜିର ଇତିହାସ

- ୧୯୪୭ - ମେଜର ସୋମନାଥ ଶର୍ମାଙ୍କୁ ମରଣୋତ୍ତର ପରମବୀର ଚକ୍ର ପ୍ରଦାନ କରାଗଲା।
- ୧୯୫୪- ଦାର୍ଜିଲିଂରେ ହିମାଳୟ ପର୍ବତାରୋହଣ ସଂସ୍ଥାନର ସ୍ଥାପନା।
- ୨୦୦୮ - ଆମେରିକାର ରାଷ୍ଟ୍ରପତି ହେଲେ ବାରାକ୍ ଓବାମା।
- ୨୦୧୫- ପାକିସ୍ତାନର ଲାହୋରରେ ଏକ କୋଠା ଭୁଶୁଡ଼ି ୪୫ ଜଣଙ୍କ ମୃତ୍ୟୁ ଓ ପାଖାପାଖି ୧୦୦ ଜଣ ଆହତ ହୋଇଥିଲେ।

ଆଜି ଆସିଥିଲେ

ମାନବ କମ୍ପ୍ୟୁଟର
ଶକୁନ୍ତଳା ଦେବୀ



ବିଶ୍ୱପ୍ରସିଦ୍ଧ ଭାରତୀୟ ଗଣିତଜ୍ଞ ଶକୁନ୍ତଳା ଦେବୀ ନିଜର ଅସାଧାରଣ ଓ ବିସ୍ମୟକର ଗାଣିତିକ କ୍ଷମତା ପାଇଁ ସମଗ୍ର ବିଶ୍ୱରେ "ମାନବ କମ୍ପ୍ୟୁଟର" ଭାବେ ପରିଚିତ ଥିଲେ। ବିନା କୌଣସି ଆଧୁନିକ ଯନ୍ତ୍ରର ସାହାଯ୍ୟରେ ସେ ବଡ଼ ବଡ଼ ଗାଣିତିକ ହିସାବକୁ କେଇ ସେକେଣ୍ଡ ମଧ୍ୟରେ ସମାଧାନ କରିଦେଉଥିଲେ। ସେ ୧୯୨୯ ମସିହା ଆଜିର ଦିନରେ ବେଙ୍ଗାଲୁରୁର ଏକ କନ୍ନଡ଼ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମାତ୍ର ୩ ବର୍ଷ ବୟସରୁ ତାଙ୍କ ପିତା ତାଙ୍କର ଅଦ୍ଭୁତ ଗାଣିତିକ ପ୍ରତିଭା ବିଷୟରେ ଜାଣିବାକୁ ପାଇଥିଲେ। ସେ କୌଣସି ଆନୁଷ୍ଠାନିକ ଶିକ୍ଷା ପାଇ ନ ଥିଲେ ମଧ୍ୟ ସଂଖ୍ୟାଗୁଡ଼ିକ ସହ ଖେଳିବାରେ ମାହିର ଥିଲେ। ୧୯୮୦ ମସିହାରେ ଲଣ୍ଡନର ଇମ୍ପେରିଆଲ୍ କଲେଜରେ ସେ ଦୁଇଟି ୧୩ ଅଙ୍କ ବିଶିଷ୍ଟ ସଂଖ୍ୟାର ଗୁଣନ ଫଳକୁ ମାତ୍ର ୨୮ ସେକେଣ୍ଡରେ ନିର୍ଭୁଲ ଭାବେ କହି ସମସ୍ତଙ୍କୁ ଚକିତ କରିଦେଇଥିଲେ। ଏହି ରେକର୍ଡ ତାଙ୍କୁ ବିଶ୍ୱସ୍ତରରେ ପ୍ରସିଦ୍ଧି ଆଣିଦେଇଥିଲା। ୧୯୭୭ ମସିହାରେ ଆମେରିକାର ଏକ ବିଶ୍ୱବିଦ୍ୟାଳୟରେ ତାଙ୍କୁ ୨୦୧ ଅଙ୍କ ବିଶିଷ୍ଟ ଏକ ସଂଖ୍ୟାର ୨୩ତମ ମୂଳ ବାହାର କରିବାକୁ କୁହାଯାଇଥିଲା। ସେ ଏହାକୁ ମାତ୍ର ୫୦ ସେକେଣ୍ଡରେ ସମାଧାନ କରିଦେଇଥିଲେ। ସେହି ସମୟର ସବୁଠାରୁ ଦ୍ରୁତ କମ୍ପ୍ୟୁଟର 'UNIVAC 1101' କୁ ଏହି ହିସାବ ଯାଞ୍ଚ କରିବା ପାଇଁ ୬୨ ସେକେଣ୍ଡ ସମୟ ଲାଗିଥିଲା। ଗଣିତ ବ୍ୟତୀତ ସେ ଜଣେ ସଫଳ ଲେଖିକା ମଧ୍ୟ ଥିଲେ। ୨୧ ଅପ୍ରେଲ, ୨୦୧୩ରେ ୮୩ ବର୍ଷ ବୟସରେ ବେଙ୍ଗାଲୁରୁରେ ତାଙ୍କର ଦେହାନ୍ତ ହୋଇଥିଲା।


ବକ୍ସ ଅଫିସ୍ ରେକର୍ଡ ନୁହେଁ, ମନଛୁଆଁ କାହାଣୀ ଖୋଜନ୍ତି ଶ୍ରଦ୍ଧା



ବଲିଉଡ୍‌ର ପ୍ରତିଭାଶାଳୀ ଅଭିନେତ୍ରୀ ଶ୍ରଦ୍ଧା କପୁର, ସବୁବେଳେ ସଂଖ୍ୟା ଅପେକ୍ଷା ଚଳଚ୍ଚିତ୍ରର ଗୁଣବତ୍ତା ଉପରେ ଅଧିକ ବିଶ୍ୱାସ କରନ୍ତି, ସେଥିପାଇଁ ସେ ପ୍ରତି ଦୁଇ କିମ୍ବା ତିନି ବର୍ଷରେ ଗୋଟିଏ ଫିଲ୍ମ କରିବାକୁ ପସନ୍ଦ କରନ୍ତି। ଚଳିତ ବର୍ଷ ଡିସେମ୍ବରରେ ମୁକ୍ତିଲାଭ କରିବାକୁ ଥିବା ତାଙ୍କର ବହୁ ପ୍ରତୀକ୍ଷିତ ବାୟୋପିକ୍ ଫିଲ୍ମ 'ଇଠା'ର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ନିଜେ ଏହି ଖୁଲାସା କରିଛନ୍ତି। ଯେଉଁଠି କଳାକାରମାନେ ବର୍ଷକୁ ୩-୪ଟି ଫିଲ୍ମ ସାଇନ୍ କରୁଛନ୍ତି, ସେଠାରେ ଶ୍ରଦ୍ଧା ସମ୍ପୂର୍ଣ୍ଣ ଭିନ୍ନ ପନ୍ଥା ଆପଣାଇଛନ୍ତି। ଶ୍ରଦ୍ଧାଙ୍କ କହିବା ଅନୁଯାୟୀ, "ତାଙ୍କ ପାଇଁ ବକ୍ସ ଅଫିସ୍ ରେକର୍ଡ ଭାଙ୍ଗିବା କିମ୍ବା କେବଳ ଟଙ୍କା ରୋଜଗାର କରିବା ବଡ଼ କଥା ନୁହେଁ। ସେ ଏମିତି ଏକ କାହାଣୀର ଅଂଶ ହେବାକୁ ଚାହାନ୍ତି ଯାହା ଦର୍ଶକଙ୍କ ମନରେ ଦୀର୍ଘ ଦିନ ଧରି ଘର କରି ରହିବ। ଯେପର୍ଯ୍ୟନ୍ତ କାହାଣୀ ତାଙ୍କ ହୃଦୟକୁ ସ୍ପର୍ଶ ନ କରିଛି, ସେଯାବତ୍ ସେ କୌଣସି ନୂଆ ପ୍ରୋଜେକ୍ଟ ପାଇଁ ସମ୍ମତି ଦିଅନ୍ତି ନାହିଁ। ଗୋଟିଏ ଭଲ ଚଳଚ୍ଚିତ୍ର ନିର୍ମାଣ ପାଇଁ ମାସ ମାସର କଠିନ ପରିଶ୍ରମ ଏବଂ ଗଭୀର ଅନୁସନ୍ଧାନର ଆବଶ୍ୟକତା ଥାଏ। କୌଣସି ଚରିତ୍ର ସହିତ ନ୍ୟାୟ କରିବାକୁ ହେଲେ ସେଥିରେ ନିଜକୁ ସମ୍ପୂର୍ଣ୍ଣ ଭାବେ ବୁଡ଼ାଇବାକୁ ପଡ଼ିବ। ଯଦି ଜଣେ କଳାକାର ଏକାସାଙ୍ଗରେ ଅନେକ ଫିଲ୍ମର କାମ କରିବେ, ତେବେ କୌଣସି ଗୋଟିଏ ଚରିତ୍ରରେ ପୂର୍ଣ୍ଣ ସମର୍ପଣ ଦେବା ସମ୍ଭବ ହେବନାହିଁ। ଏହି କାରଣରୁ ସେ ପ୍ରତିଟି ଫିଲ୍ମ ପାଇଁ ଯଥେଷ୍ଟ ସମୟ ନିଅନ୍ତି ଏବଂ ତାଙ୍କର ଚୟନ ଅତ୍ୟନ୍ତ ସୀମିତ ତଥା ସ୍ୱତନ୍ତ୍ର ହୋଇଥାଏ।" ୨୦୨୪ ମସିହାରେ ମୁକ୍ତିଲାଭ କରିଥିବା ଶ୍ରଦ୍ଧାଙ୍କ ଅଭିନୀତ ହରର-କମେଡି ଫିଲ୍ମ 'ସ୍ତ୍ରୀ ୨' ବକ୍ସ ଅଫିସ୍‌ରେ ସଫଳତାର ସମସ୍ତ ରେକର୍ଡ ଭାଙ୍ଗିଥିଲା। ଏହି ମେଗା-ହିଟ୍ ଚଳଚ୍ଚିତ୍ର ପରେ ଶ୍ରଦ୍ଧାଙ୍କ ଲୋକପ୍ରିୟତା ଆହୁରି ଦ୍ୱିଗୁଣିତ ହୋଇଛି। ଏହି ସଫଳତା ପରେ ଶ୍ରଦ୍ଧା ଏପରି ପ୍ରୋଜେକ୍ଟଗୁଡ଼ିକୁ ବାଛୁଛନ୍ତି ଯାହା ଦର୍ଶକଙ୍କୁ ପସନ୍ଦ ଆସିବ। ଶ୍ରଦ୍ଧାଙ୍କର ଆଗାମୀ ଫିଲ୍ମ 'ଇଠା' ମହାରାଷ୍ଟ୍ରର ପ୍ରସିଦ୍ଧ ପାରମ୍ପରିକ 'ଲାବଣୀ' ନୃତ୍ୟଶିଳ୍ପୀ ତଥା ତମାସା କଳାକାର ବିଠାବାଇ ନାରାୟଣଗାଓଁକରଙ୍କ ସଂଘର୍ଷମୟ ଜୀବନୀ ଉପରେ ଆଧାରିତ। ଏହି ଚରିତ୍ର ପାଇଁ ଶ୍ରଦ୍ଧା ଦୀର୍ଘ ମାସ ଧରି ନୃତ୍ୟ ଏବଂ ମରାଠୀ ସଂସ୍କୃତିର ତାଲିମ ନେଇଛନ୍ତି। ଫିଲ୍ମରେ ତାଙ୍କ ସହ ଅଭିନେତା ରଣଦୀପ ହୁଡ୍ଡା ନଜର ଆସିବେ।

ନିର୍ବନ୍ଧ ମୁଦି ପାଇଁ ନଦୀରୁ ଖୋଜିଲେ ସୁନା

ଆମେରିକାର କଲୋରାଡୋରେ ରହୁଥିବା ଜ୍ୟାକ୍ ଭୁଲକାନି ନାମକ ଜଣେ ଯୁବକ ନିଜ ବାନ୍ଧବୀ ଜୋଆନ୍‌ଙ୍କୁ ବିବାହ ପ୍ରସ୍ତାବ ଦେବା ପାଇଁ ବଜାରରୁ ମୁଦି ନ କିଣି, ନଦୀରୁ ସୁନା ଖୋଜି ନିଜ ହାତରେ ଏକ ନିଆରା ନିର୍ବନ୍ଧ ମୁଦି ପ୍ରସ୍ତୁତ କରିଛନ୍ତି। ସେ ପ୍ରାୟ ୩ ମାସ କାଳ କଲୋରାଡୋର ବିଭିନ୍ନ ନଦୀରୁ ଧୂଳିକଣା ଭଳି ଛୋଟ ଛୋଟ ସୁନା ଖଣ୍ଡ ସଂଗ୍ରହ କରି ଏହି ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି। ସାଧାରଣତଃ ନିର୍ବନ୍ଧ ପାଇଁ ଲୋକେ ଦୋକାନକୁ ଯାଇ ବଡ଼ ବଡ଼ ବ୍ରାଣ୍ଡର ମୁଦି କିଣିଥାନ୍ତି। ମାତ୍ର ଜ୍ୟାକ୍ ନିଜେ ଏକ ମୁଦି ପ୍ରସ୍ତୁତ କରିବା ପାଇଁ ଭାବିଲେ। ଜ୍ୟାକ୍ ପୂର୍ବରୁ କଲୋରାଡୋର 'କ୍ଲିୟର କ୍ରିକ୍' ନଦୀ କୂଳରେ ସୁନା ଖୋଜିବାକୁ ଭଲ ପାଉଥିଲେ। ନଦୀର ପାଣି ଓ ବାଲିକୁ ଚାଲୁଣିରେ ଛାଣି ସେଥିରୁ ସୁନା ବାହାର କରିବା ଅତ୍ୟନ୍ତ ଧୈର୍ଯ୍ୟର କାମ। ଯେତେବେଳେ ସେ ମୁଦି ତିଆରି କରିବା କଥା ଚିନ୍ତାକଲେ ଜାଣିଥିଲେ ଯେ, ଏଥିପାଇଁ ବହୁତ ସମୟ ଲାଗିବ।




ଜ୍ୟାକ୍ ହସି ହସି କୁହନ୍ତି, "ମୁଁ ଭାବିଲି ଏଥିପାଇଁ ତ ସାରା ଜୀବନ ଲାଗିଯିବ, କିନ୍ତୁ ଏହି କଷ୍ଟକର ଆହ୍ୱାନ ହିଁ ମୋତେ ଆଗକୁ ବଢ଼ିବାକୁ ପ୍ରେରଣା ଦେଲା।" ସେ କାହାକୁ କିଛି ନ କହି ଦୀର୍ଘ ମାସ ଧରି ନଦୀ କୂଳରେ ପରିଶ୍ରମ କଲେ। ଦିନ ଦିନ ଧରି ପାଣିରେ ବୁଡ଼ି ରହିବା ପରେ ଶେଷରେ ଏକ ଛୋଟ କାଚ ବୋତଲରେ ଯେତେବେଳେ ପର୍ଯ୍ୟାପ୍ତ ପରିମାଣର ସୁନା କଣା ଜମା ହେଲା, ସେତେବେଳେ ତାଙ୍କ ଖୁସି କହିଲେ ନ ସରେ।

ସଂଗ୍ରହ କରିଥିବା ସେହି ଖାଣ୍ଟି ସୁନାକୁ ନେଇ ଜ୍ୟାକ୍ ସ୍ଥାନୀୟ ଅଞ୍ଚଳର ଜଣେ ବଣିଆଙ୍କ ପାଖକୁ ଗଲେ। ସେହି ସୁନା କଣିକାଗୁଡ଼ିକୁ ତରଳାଇ ଏକ ମୁଦିର ରୂପ ଦେବାକୁ ଅନୁରୋଧ କଲେ। ବଣିଆ ମଧ୍ୟ ଏଭଳି ଅନୁରୋଧ ଶୁଣି ଚକିତ ହୋଇଯାଇଥିଲେ, କାରଣ ସେ ନିଜ କ୍ୟାରିୟରରେ କେବେ ବି ଏଭଳି ସମ୍ପୂର୍ଣ୍ଣ ଶୁଦ୍ଧ ସୁନାରେ କାମ କରିନଥିଲେ। ଶେଷରେ ଧାତୁକୁ ତରଳାଇ ଏକ ସୁନ୍ଦର ନିର୍ବନ୍ଧ ମୁଦି ପ୍ରସ୍ତୁତ କରାଗଲା। ଜ୍ୟାକ୍ ଏହାକୁ ଏକ ସ୍ୱତନ୍ତ୍ର ଢଙ୍ଗରେ ତାଙ୍କ ବାନ୍ଧବୀ ଜୋଆନ୍‌ଙ୍କୁ ଦେବାକୁ ଚାହୁଁଥିଲେ। ସେ ଜୋଆନ୍‌ଙ୍କୁ ଧରି ଏକ ପାହାଡ଼ିଆ ଅଞ୍ଚଳକୁ ହାଇକିଂରେ ନେଇଗଲେ। ସେଠାରେ ସେ ଜୋଆନ୍‌ଙ୍କୁ ନିଜ ମୋବାଇଲ୍‌ରେ ଏକ ଭିଡିଓ ଦେଖାଇଲେ। ଭିଡିଓରେ ଜ୍ୟାକ୍ ନଦୀ କୂଳରେ ବସି ସୁନା ଖୋଜୁଥିବାର ଦୃଶ୍ୟ ଥିଲା। ଜୋଆନ୍ ପ୍ରଥମେ ବୁଝିପାରିନଥିଲେ ଯେ, ଜ୍ୟାକ୍ ତାଙ୍କୁ ଏହି ଭିଡିଓ କାହିଁକି ଦେଖାଉଛନ୍ତି। କିନ୍ତୁ ଭିଡିଓ ଅଧାରେ ଯେତେବେଳେ ଲେଖା ଆସିଲା ଯେ, ଏହି ସୁନାରେ ତାଙ୍କ ମୁଦି ତିଆରି ହୋଇଛି, ଜୋଆନ୍ ନିଜ ଆଖିର ଲୁହକୁ ରୋକି ପାରିନଥିଲେ। ଜ୍ୟାକ୍ ଏବଂ ଜୋଆନ୍ ବର୍ତ୍ତମାନ ବିବାହ ବନ୍ଧନରେ ଆବଦ୍ଧ ହୋଇସାରିଛନ୍ତି।

ସମ୍ଭାବନା



ଅଫିସ୍ ପରିବେଶ ଓ ଜେନ୍-ଜି



ଆଜିର ଜେନ୍ ଜି ଯୁବପିଢ଼ିଙ୍କ ପାଇଁ ଚାକିରି ଓ ପାରିଶ୍ରମିକ ସହିତ ଅଫିସ୍ ପରିବେଶ ବି ଗୁରୁତ୍ୱ ବହନ କରେ। ତେଣୁ ସେମାନଙ୍କ ଦୃଷ୍ଟିକୋଣରୁ ପରିବେଶ ଅନୁକୂଳ ଅଫିସ୍ କିଭଳି ହୋଇଥାଏ, ସେ ସମ୍ପର୍କରେ ଜାଣିବା।

- ଅଫିସ୍ ପରେ ଯଦି ଲଗାତାର କଲ୍, ମେସେଜ ଆସେ ଓ ତୁରନ୍ତ ଉତ୍ତର ରଖିବା ଆଶା ରଖାଯାଏ, ତେବେ ଏହା ଖରାପ ୱାର୍କ କଲଚରର ସଙ୍କେତ ହୋଇପାରେ। ଜେନ୍ ଜିଙ୍କ ପାଇଁ କାମ ଜରୁରି। ହେଲେ ଏହାର ଅର୍ଥ ନୁହେଁ ଯେ, ବ୍ୟକ୍ତିଗତ ଜୀବନର କୌଣସି ସ୍ଥାନ ନାହିଁ।
- ଛୋଟମୋଟ ଜିନିଷ ଲାଗି ବାରମ୍ବାର ଅନୁମତି ନେବା ଏବଂ କର୍ମଚାରୀଙ୍କୁ ନିଜ ଉପାୟରେ କାମ କରିବାର ସ୍ୱାଧୀନତା ନ ମିଳିବା ମଧ୍ୟ ଖରାପ ୱାର୍କକଲଚରର ସଙ୍କେତ ହୋଇପାରେ।
- ଯଦି ବୈଠକରେ ଜଣକ ମତ ଓ ବିଚାରଧାରାକୁ ନ ଶୁଣି ଖାରଜ କରି ଦିଆଯାଉଛି, ତେବେ ସେମାନଙ୍କ ଲାଗି ଅଫିସ୍ ପରିବେଶ ଅନୁକୂଳ ହୋଇ ନ ଥାଏ। ଜେନ ଜି ନୂଆ ବିଚାରଧାରା, ସୃଜନଶୀଳ ଏବଂ କାମ କରିବା ଉପାୟକୁ ଗୁରୁତ୍ୱ ଦିଅନ୍ତି।
- ଚାକିରିରେ କେବଳ ଟାସ୍କ ପୂରା କରିବା ଯଥେଷ୍ଟ ନୁହେଁ। ନୂଆ କୌଶଳ ଶିଖିବା, ଟ୍ରେନିଂ ନେବା, କ୍ୟାରିୟରରେ ଆଗକୁ ଯିବାର ସୁଯୋଗ ନ ମିଳିଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅନୁପ୍ରାଣୀତ ହୋଇ ରହିବା କଷ୍ଟକର ହୋଇପାରେ। ଜେନ୍ ଜିଙ୍କ ପାଇଁ କ୍ୟାରିୟର ଉନ୍ନତି ଓ ଲଗାତାର ନୂଆ ଶିଖିବା ଖୁବ୍ ଜରୁରି।
- ଯଦି ଅଫିସ୍‌ରେ ଚାପ କଥା କହିଲେ ଦୁର୍ବଳ ବୋଲି କୁହାଯାଉଛି, ଛୁଟି ମାଗିଲେ ବିଭିନ୍ନ କଥା ଶୁଣିବାକୁ ପଡୁଛି, ତେବେ ସେମାନଙ୍କ ମତରେ ଏହା ହେଲଦି ୱାର୍କ କଲଚର ନୁହେଁ। ଭଲ ଅଫିସ୍ ସର୍ବଦା କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟକୁ ବୁଝେ ଓ ଆବଶ୍ୟକ ପଡ଼ିଲେ ସମର୍ଥନ କରେ।
- ତେବେ ଜେନ୍ ଜି ପାଇଁ ୱାର୍କପ୍ଲେସ୍ ଫ୍ରେଣ୍ଡଲିର ଅର୍ଥ ଏହା ନୁହେଁ ଯେ ଅଫିସ୍‌ରେ କୌଣସି ନିୟମ ରହିବ ନାହିଁ। ଏହାର ଅର୍ଥ କାମ ସହିତ କର୍ମଚାରୀଙ୍କ ଆବଶ୍ୟକତା, ଚିନ୍ତାଧାରା ଓ ଉନ୍ନତିକୁ ପ୍ରାଥମିକତା ଦିଆଯିବା ଦରକାର।
- ଉତ୍ତମ ୱାର୍କପ୍ଲେସ୍ ତା'କୁ କୁହାଯାଏ, ଯେଉଁଠି କର୍ମଚାରୀ କେବଳ କାମ ପୂରା କରି ନ ଥାନ୍ତି, ବରଂ କିଛି ନୂଆ ଶିଖନ୍ତି ଏବଂ ନିଜ କାମକୁ ନେଇ ଭଲ ଅନୁଭବ କରନ୍ତି।

ଚାଟ୍‌ଫିସିଂ ଟ୍ରେଣ୍ଡ




ଏଆଇର ବଢୁଥିବା ବ୍ୟବହାର ଭିତରେ ଏକ ନୂଆ ଡେଟିଂ ଟ୍ରେଣ୍ଡ ସାମ୍ନାକୁ ଆସିଛି। ଯାହାକୁ ନେଇ ଏବେ ଖୁବ୍ ଚର୍ଚ୍ଚା ହେଉଛି। ଏହାକୁ ଚାଟ୍‌ଫିସିଂ ବୋଲି କୁହାଯାଉଛି। ଏଥିରେ ଲୋକେ ନିଜେ ମେସେଜ ଲେଖିବା ପରିବର୍ତ୍ତେ ଏଆଇ ଟୁଲ୍‌ର ସାହାଯ୍ୟ ନିଅନ୍ତି। ଏହା ଦ୍ୱାରା ଚାଟିଂ ଅଧିକ ସ୍ମାର୍ଟ ଓ ରୋମାଣ୍ଟିକ୍ ଲାଗେ। ଯୁବିପିଢ଼ି ଏହି ଟ୍ରେଣ୍ଡକୁ ବେଶି ଆପଣାଉଛନ୍ତି।

କିଛି ଯୁବପିଢ଼ି ଏମିତି ଥାନ୍ତି, ଯେଉଁମାନେ ନିଜେ ମେସେଜ ଲେଖିବାକୁ କୁଣ୍ଠା ପ୍ରକାଶ କରନ୍ତି ତ ପୁଣି ମେସେଜର ଉତ୍ତର ଦେବା ଲାଗି ଅସହଜ ଅନୁଭବ କରନ୍ତି। ଏଭଳି ଲୋକ ଏଆଇର ସାହାଯ୍ୟ ନିଅନ୍ତି ଏବଂ ଏଆଇ ମାଧ୍ୟମରେ ପାର୍ଟନରକୁ ଉତ୍ତର ଦିଅନ୍ତି। ଏଭଳି ଯୁବପିଢ଼ି ନିଜ ଚାଟ୍‌ର ସ୍କ୍ରିନସର୍ଟ ନେଇ ଏଆଇ ଟୁଲ୍‌ରେ ପକାନ୍ତି ଏବଂ ସେଠାରୁ ମିଳୁଥିବା ଉତ୍ତରର କପି ପେଷ୍ଟ କରି ସାମ୍ନାବାଲାଙ୍କୁ ପଠାନ୍ତି। ଏହାଦ୍ୱାରା ମେସେଜ ଅଧିକ ସ୍ମାର୍ଟ,ରୋମାଣ୍ଟିକ ଏବଂ ହୃଦୟ ଜିତୁଥିବା ଲାଗେ। ଅନ୍ୟପଟେ ଏହି ଡେଟିଂ ଜଣେ ବ୍ୟକ୍ତିର ପ୍ରକୃତ ପରିଚୟ ଏବଂ ତା'ର ଅନଲାଇନ ବ୍ୟକ୍ତିତ୍ୱ ମଧ୍ୟରେ ବଡ଼ ପ୍ରଭେଦ ସୃଷ୍ଟି କରିଥାଏ।

ସେହିପରି ଏହି ଡେଟିଂ ଟ୍ରେଣ୍ଡକୁ ସେପର୍ଯ୍ୟନ୍ତ ଠିକ୍ ବୋଲି କୁହାଯିବ, ଯେପର୍ଯ୍ୟନ୍ତ ଏଆଇର ସାହାଯ୍ୟ କେବଳ ନିଜ ବିଚାରଧାରାକୁ ଉନ୍ନତ ଉପାୟରେ ବ୍ୟକ୍ତ କରିବା ପାଇଁ ବ୍ୟବହାର କରାଯିବ। ଅବଶ୍ୟ କୌଣସି ମେସେଜର ଉତ୍ତମ ଉତ୍ତର ଲାଗି ତାହାକୁ ମଜାଦାର ଉପାୟରେ ପ୍ରଦାନ କରିବା ପାଇଁ ଏଆଇର ସାହାଯ୍ୟ ନେବା ବଡ଼ କଥା ନୁହେଁ। ହେଲେ ସମସ୍ୟା ସେତେବେଳେ ସୃଷ୍ଟି ହୁଏ, ଯେତେବେଳେ ଅସଲି ବ୍ୟକ୍ତିତ୍ୱ ଓ ଚାଟ୍‌ରେ ଦେଖା ଯାଉଥିବା ବ୍ୟକ୍ତିତ୍ୱଠାରୁ ଭିନ୍ନ ହୁଏ। ଅନ୍ୟପଟେ ରିଲେସନସିପ୍‌ରେ ସାମିଲ କୌଣସି ଜଣେ କିମ୍ବା ଦୁଇଜଣ ବ୍ୟକ୍ତି ନିଜ ମେସେଜକୁ ଏଆଇ ଦ୍ୱାରା ଲେଖନ୍ତି, ସେମାନେ ଏମିତି ଏକ ବ୍ୟକ୍ତିତ୍ୱକୁ ସାମ୍ନାକୁ ଆଣନ୍ତି ଯାହାକି ସମ୍ପୂର୍ଣ୍ଣ ଭାବେ ନିଜସ୍ୱ ହୋଇ ନ ଥାଏ। ଏହା ଦ୍ୱାରା ସାଇବର ଅପରାଧ ବି ବଢ଼ୁଛି। ତା'ସହ ପ୍ରତାରଣା ମାମଲା ବି ବୃଦ୍ଧି ପାଉଛି।


ବିଶେଷଜ୍ଞଙ୍କ ମତରେ, ଚାଟ୍‌ଫିସିଂକୁ ଚିହ୍ନିବାର ସରଳ ଉପାୟ ହେଉଛି ସେହି ବ୍ୟକ୍ତିଙ୍କ ସହିତ ମିଶିବା ଏବଂ ବେଶି ସମୟ ଅତିବାହିତ କରିବା। ସାମ୍ନାସାମ୍ନି କଥାବାର୍ତ୍ତାରୁ ଶୀଘ୍ର ବୁଝି ହେବ ଯେ, ଚାଟ୍‌ରେ ଦେଖାଉଥିବା ବ୍ୟକ୍ତିତ୍ୱ ଏବଂ ଅସଲରେ ନଜର ଆସୁଥିବା ବ୍ୟକ୍ତିତ୍ୱ ସମାନ କି ନାହିଁ।

ହ୍ୱାଟ୍ସଆପ୍ ଗ୍ରୁପ୍ ଚାଟ୍‌ର ନୂଆ ଫିଚର୍



ହ୍ୱାଟ୍ସଆପ୍ ବ୍ୟବହାରକାରୀଙ୍କ ପାଇଁ ଗ୍ରୁପ୍ ଚାଟ୍ ଏବେ ପୂର୍ବ ତୁଳନାରେ ଅଧିକ ସହଜ ଓ ସୁବିଧାଜନକ ହେବ। ସେଥିପାଇଁ ଚାରିଟି ନୂଆ ଫିଚର୍ ଘୋଷଣା କରାଯାଇଛି। ପୂର୍ବରୁ କୌଣସି ମେସେଜକୁ ଗ୍ରୁପ୍‌ରେ କେବଳ ୨୪ ଘଣ୍ଟା, ୭ ଦିନ କିମ୍ବା ୩୦ ଦିନ ପାଇଁ ପିନ୍ କରାଯାଉଥିଲା। ହେଲେ ଏବେ ଫରଏଭର୍ ପିନ୍ ବିକଳ୍ପ ବ୍ୟବହାରକାରୀ ବାଛିପାରିବେ। ଅନେକ ସମୟରେ କୌଣସି ସଦସ୍ୟ ଗ୍ରୁପ୍‌ରେ ଜଡ଼ିତ ଥାନ୍ତି। ତେଣୁ ପୂର୍ବରୁ କଥାବାର୍ତ୍ତା ସେ ଜାଣିପାରନ୍ତି ନାହିଁ। ନୂଆ ଫିଚର ମାଧ୍ୟମରେ ଗ୍ରୁପ୍‌ରେ ସାମିଲ ସଦସ୍ୟଙ୍କ ସହିତ ଏବର ମେସେଜ ସେୟାର୍ କରାଯାଇପାରିବ। ଅନ୍ୟପଟେ କିଛି ବିଶେଷ ଗ୍ରୁପ୍ ସଦସ୍ୟଙ୍କ ପାଇଁ ଷ୍ଟାଟର୍ସ ସେୟାର କରିବାର ସୁବିଧା ବି ମିଳିଛି। କଲେଜ ସାଙ୍ଗଙ୍କ ସହିତ କୌଣସି ଫଟୋ କିମ୍ବା ଅଫିସ୍ ଟିମ୍ ସହିତ କୌଣସି ଅପଡେଟ୍ ସେୟାର୍ କରିବାର ଥିଲେ, ସେହି ବ୍ୟକ୍ତିଙ୍କୁ ସେହି ଗ୍ରୁପ୍ ପର୍ଯ୍ୟନ୍ତ ସୀମିତ ରଖାଯାଇପାରିବ। ଅବଶ୍ୟ ସାଧାରଣ ହ୍ୱାଟ୍ସଆପ୍ ଷ୍ଟାଟର୍ସ ଭଳି ଏହି ଅପଡେଟ୍ ବି ୨୪ ଘଣ୍ଟା ପରେ ଅଦୃଶ୍ୟ ହୋଇଯିବ। ଅନେକ ଗ୍ରୁପରେ ସାମିଲ ରହୁଥିବା ବ୍ୟବହାରକାରୀଙ୍କ ପାଇଁ ପ୍ରତ୍ୟେକ ମେସେଜ ପଢ଼ିବା କଷ୍ଟକର ହୋଇପଡ଼େ। ନୂଆ ଫିଲଟର ସେହି ଗ୍ରୁପ୍ ଚାଟ୍‌କୁ ଖୋଜିବାରେ ସାହାଯ୍ୟ କରିବ, ଯେଉଁଠି ବ୍ୟବହାରକାରୀଙ୍କ ମେସେଜର ଉତ୍ତର ଆସିଥିବ। ଏହା ଦ୍ୱାରା ଜରୁରି କଥାବାର୍ତ୍ତା ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ବାରମ୍ବାର ସମ୍ପୂର୍ଣ୍ଣ ଚାଟ୍‌କୁ ସ୍କ୍ରଲ କରିବାର ଆବଶ୍ୟକତା କମ୍ ହୋଇଥାଏ।

ଫ୍ରିଲାନ୍ସିଂରୁ ଆୟ



ଆଜିକାଲି ଫ୍ରିଲାନ୍ସିଂ କାମ କରିବାକୁ ଅନେକ ଭଲପାଉଛନ୍ତି। ଏହାର ମଧ୍ୟ ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି। ଏଣୁ ଏହା ମଧ୍ୟ ଏକ ଉତ୍ତମ କ୍ୟାରିୟର ବିକଳ୍ପ ହୋଇପାରିବ। ସେହିପରି ବିଭିନ୍ନ କାମକୁ ନେଇ ଫ୍ରିଲାନ୍ସିଂ କରିବାର ସୁଯୋଗ ଅଛି।

ଏଚ୍‌ଟିଏମଏଲ୍, ସିଏସ୍‌ଏସ୍, ଜାଭା ସ୍କ୍ରିପ୍ଟ ଏବଂ ଅନ୍ୟାନ୍ୟ ପୋଗ୍ରାମିଂ ଲାଙ୍ଗୁଏଜ୍‌ରେ ଦକ୍ଷତା ଥିଲେ, ୱେବ୍ ଡେଭ୍‌ଲେପମେଣ୍ଟ ଏକ ଉତ୍ତମ ବିକଳ୍ପ ହୋଇପାରିବ। ଏଥିରେ ଫ୍ରଣ୍ଟ ଆଣ୍ଡ ଡିଜାଇନଠୁ ଆରମ୍ଭ କରି ବ୍ୟାଙ୍କ ଆଣ୍ଡ କୋଡିଂ ପର୍ଯ୍ୟନ୍ତ ସମ୍ଭାଳିବାକୁ ପଡ଼ିବ। ସେହିପରି ବାର୍ଷିକ ଆୟ ଏଥିରୁ ୩-୪ ଲକ୍ଷ ହୋଇଥାଏ।

ସୋସିଆଲ ମିଡିଆ ସ୍ପେଶାଲିଷ୍ଟ କାମ ହେଉଛି ସୋସିଆଲ ମିଡିଆ ରଣନୀତି ଯୋଜନା ପ୍ରସ୍ତୁତ କରିବା। ବ୍ରାଣ୍ଡ ସଚେତନତାକୁ ନେଇ ଆକର୍ଷଣୀୟ କଣ୍ଟେଣ୍ଟ ତିଆରି କରିବାକୁ ହୋଇଥାଏ। ଏଥିରେ କାମ କଲେ ୨-୪ ଲକ୍ଷ ଦରମା ବାର୍ଷିକ ହୋଇପାରିବ।

ଫ୍ରିଲାନ୍ସ ଗ୍ରାଫିକ୍ ଡିଜାଇନରଙ୍କ ଚାହିଦା ମଧ୍ୟ ବେଶ୍ ଅଧିକ। ଡିଜିଟାଲ ବ୍ରାଣ୍ଡିଂ ବୃଦ୍ଧି ସହିତ ସେମାନଙ୍କ ଚାହିଦା ବୃଦ୍ଧି ପାଏ। ଏଥିରୁ ରୋଜଗାର ପ୍ରାୟ ବର୍ଷକୁ ୨-୩ ଲକ୍ଷ ମଧ୍ୟରେ ହୋଇଥାଏ।

ଫ୍ରିଲାନ୍ସିଂ କଣ୍ଟେଣ୍ଟ କ୍ରିଏଟର କମ୍ପାନି ପାଇଁ ଆକର୍ଷଣୀୟ ବ୍ଲଗ୍ ପୋଷ୍ଟ, ଲେଖା ଏବଂ ମାର୍କେଟିଂ କପି ପ୍ରସ୍ତୁତ କରନ୍ତି। ଲେଖାଲେଖି ପ୍ରତି ସଉକ ଥିଲେ ଏହା ଉତ୍ତମ ବିକଳ୍ପ ହୋଇପାରିବ। ଏଥିରୁ ରୋଜଗାର ପ୍ରାୟ ୪-୬ ଲକ୍ଷ ହୋଇଥାଏ।



ଅକ୍ଲାଣ୍ଡରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଦିନିକିଆ ସିରିଜ୍ ଟ୍ରଫି ସହ ମିଚେଲ ସାଣ୍ଟନର ଓ ଶୁବମନ ଗିଲ୍

ଭାରତ-ନ୍ୟୁଜିଲାଣ୍ଡ ଦିନିକିଆ ସିରିଜ୍ ଆଜିଠାରୁ

ନଜରରେ ରହିବେ ରୋହିତ ଓ ବିରାଟ

ଅକ୍ଲାଣ୍ଡ,୩।୧୧(ଏଜେନ୍ସି)

ଅତ୍ୟଧିକ ଥଣ୍ଡା, ବାଉନ୍ସି ପିଚ୍ ଓ କୋହଲା ପବନ ମଧ୍ୟରେ ନ୍ୟୁଜିଲାଣ୍ଡ ସହ ଘରୋଇ ମାଟିରେ ଆସନ୍ତାକାଲିଠାରୁ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବ ଭାରତ। ନିକଟରେ ୫ ମ୍ୟାଚ୍ ବିଶିଷ୍ଟ ହାଇଭୋଲ୍ଟେଜ୍ ଟି-୨୦ ସିରିଜ୍ ଶେଷ ହୋଇଛି। ଏଥିରେ ଭାରତ ୩-୨ରେ ଜିତିଥିଲେ ମଧ୍ୟ ଶେଷ ଦୁଇଟି ମ୍ୟାଚ୍‌ରେ ସହଜ ପରାଜୟ ଯୋଗୁଁ ଆତ୍ମବିଶ୍ୱାସ ହରାଇଛି। କିନ୍ତୁ ଏହି ଦଳରୁ ମାତ୍ର ୪ଜଣ ଖେଳାଳି ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ଆସନ୍ତାବର୍ଷ ବା ୨୦୨୭ରେ ଦକ୍ଷିଣ ଆଫ୍ରିକାରେ ଦିନିକିଆ ବିଶ୍ୱକପ୍ ଅନୁଷ୍ଠିତ ହେବ। ଏଠିକାର ପିଚ୍ ଓ ପରିବେଶ ସହ ଦକ୍ଷିଣ ଆଫ୍ରିକା ପିଚ୍‌ର ସାମଞ୍ଜସ୍ୟ ରହିଛି। ଏଣୁ ଏହି ସିରିଜ୍ ବିଶ୍ୱକପ୍ ପ୍ରସ୍ତୁତି ଲାଗି ବେଶ ଖୋରାକ ଯୋଗାଇଛି।

ଘରୋଇ ଦଳରେ ଏକାଧିକ ପ୍ରମୁଖ ଖେଳାଳି ଆଘାତ ଜନିତ କାରଣରୁ ଅନୁପସ୍ଥିତ ରହିଛନ୍ତି। ପୂର୍ବରୁ ଓ'ରୁର୍କ, ଫୋକ୍ସ ଓ ବେନ୍ ସିୟର୍ସ ବାଦ୍ ପଡ଼ିଥିଲେ। ସିରିଜ୍ ଆରମ୍ଭ ପୂର୍ବରୁ ରାଚିନ ରବୀନ୍ଦ୍ର ଓ ମାର୍କ ଚାପ୍‌ମ୍ୟାନ୍ ଅନ୍‌ଫିଟ୍ ହୋଇ ବାଦ୍ ପଡ଼ିଛନ୍ତି। ଆଜି ଅଭ୍ୟାସବେଳେ ମ୍ୟାଟ୍ ହେନରୀଙ୍କ ସହ ଧକ୍କା ଖାଇ ଡେଭନ କନୱେ ପ୍ରଥମ ଦିନିକିଆରୁ ବାଦ୍ ପଡ଼ିଛନ୍ତି। ଅନ୍ୟପକ୍ଷରେ ବିଶ୍ୱକପ୍‌ରେ ଭାରତର ନେତୃତ୍ୱ ନେବାକୁ ଥିବା ଶୁବମନ ଗିଲ୍ ପ୍ରଥମ ୩ଟି ଦିନିକିଆରେ ଦଳର ନେତୃତ୍ୱ ନେବେ। ଟି-୨୦ ଅଧିନାୟକ ଶ୍ରେୟସ ଆୟର ଦିନିକିଆ ଦଳରେ ସାମିଲ ହୋଇଛନ୍ତି। ସବୁଠାରୁ ବଡ଼ କଥା ହେଲା ବିଶ୍ୱ କ୍ରିକେଟର ଦୁଇ ସୁପରଷ୍ଟାର ରୋହିତ ଶର୍ମା ଓ ବିରାଟ କୋହଲି



ଖେଳିବାକୁ ପ୍ରସ୍ତୁତି ଶେଷ କରିଛନ୍ତି। ଏମାନେ ଦିନିକିଆ ବିଶ୍ୱକପ୍ ଖେଳିବେ କି ନାହିଁ ଏହି ସିରିଜ୍‌ରୁ କିଛି ସୂତ୍ର ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି।

ବର୍ତ୍ତମାନ ବିଶ୍ୱରେ ଖେଳାଯାଉଥିବା ପିଚ୍ ମଧ୍ୟରେ ପର୍ଥ ପରେ ଏଠାରେ ଖେଳାଯିବାକୁ ଥିବା ପ୍ରଥମ ଦିନିକିଆ ଇଡେନ୍ ପାର୍କର ପିଚ୍‌କୁ ଦ୍ୱିତୀୟ ଦ୍ରୁତତମ ପିଚ୍ ଭାବେ ପରିଗଣିତ ହେଉଛି। କିନ୍ତୁ ଦିନିକିଆ ମ୍ୟାଚ୍ ଲାଗି ବ୍ୟବହୃତ ହେବାକୁ ଥିବା ପିଚ୍ ଉଭୟ ବ୍ୟାଟର ଓ ବୋଲରଙ୍କୁ ସୁହାଇବ। କେବଳ ଅତ୍ୟଧିକ ଥଣ୍ଡା (୧୦ରୁ ୧୪ ଡିଗ୍ରୀ) ଭାରତୀୟ ଖେଳାଳିଙ୍କୁ ଅଡୁଆରେ ପକାଇପାରେ। ଏଠାରେ ଖେଳାଯାଇଥିବା ଗତ ୪ଟି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଦଳ ବିଜୟୀ ହୋଇଛି। ଏପରିକି ଶେଷ ଦୁଇଟି ଦିନିକିଆରେ ରନ୍ ଚେଜ୍ କରିଥିବା ଦଳ ଯଥାକ୍ରମେ ୧୭୮ ଓ ୭୬ରେ ଅଲଆଉଟ ହୋଇଛି। ଏଣୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଏଠାରେ ଉଭୟ ଦଳ ପସନ୍ଦ କରିବେ। ଗିଲ୍‌ଙ୍କ ନେତୃତ୍ୱରେ ଭାରତର ବ୍ୟାଟିଂ ବେଶ ଶକ୍ତିଶାଳୀ। କିନ୍ତୁ ବୋଲିଂକୁ ନେଇ ଚିନ୍ତା ରହିଛି। ମହମ୍ମଦ୍ ସିରାଜ, ଗୁରନୁର ବ୍ରାର ଓ ଅର୍ଶଦୀପ ସିଂହଙ୍କୁ ନେଇ ଦଳ ବୋଲିଂ କରିବ। ଏଠାରେ କୁଲଦୀପ ଯାଦବଙ୍କୁ ସୁଯୋଗ ମିଳି ନ ପାରେ। ଅକ୍ଷର ପଟେଲ ଓ ନମନ ଧୀର ସ୍ପିନର ବା ଅଲରାଉଣ୍ଡର ଭାବେ ଦଳରେ ସ୍ଥାନ ପାଇବାର ସମ୍ଭାବନା ରହିଛି। ଏକମାତ୍ର ଦିନିକିଆ ଲାଗି ମନୋନୀତ ହୋଇଥିବା ନୀତୀଶ କୁମାର ରେଡ୍ଡୀ ଏହି ମ୍ୟାଚ୍‌ରେ ପେସ୍ ବୋଲିଂ ଅଲରାଉଣ୍ଡର ଭାବେ ଖେଳି ନିଜର ଦକ୍ଷତାର ପ୍ରମାଣ ଦେବେ। ସେ ଯାହା ହେଉ ସିରିଜ୍‌ଟି ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବା ନିଶ୍ଚିତ।

ନ୍ୟୁଜିଲାଣ୍ଡରେ ଟିମ୍ ଇଣ୍ଡିଆ

୪୫ ମ୍ୟାଚ୍‌ରୁ ଜିତିଛି ୧୪, ହାରିଛି ୨୬

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୧୨୩ଟି ଦିନିକିଆ ମ୍ୟାଚ୍ ଆୟୋଜିତ ହୋଇଯାଇଛି। ଏହା ମଧ୍ୟରୁ ଟିମ୍ ଇଣ୍ଡିଆ ବା ଭାରତ ୬୩ଟି ଓ ନ୍ୟୁଜିଲାଣ୍ଡ ୫୨ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚ୍ ଟାଇ ରହିଥିଲାବେଳେ ୭ଟି ମୁକାବିଲାର ଫଳାଫଳ ମିଳିପାରି ନାହିଁ। ଭାରତରେ ଖେଳାଯାଇଥିବା ୪୩ଟି ମୁକାବିଲାରୁ ଭାରତ ୩୨ଟି ଓ ନ୍ୟୁଜିଲାଣ୍ଡ ୧୦ଟି ମ୍ୟାଚ୍‌ରେ ଜିତିଛି। ନ୍ୟୁଜିଲାଣ୍ଡରେ ଖେଳାଯାଇଥିବା ୪୫ଟି ମୁକାବିଲାରୁ ଭାରତ ମାତ୍ର ୧୪ଟି ଓ ଘରୋଇ ଦଳ ୨୬ଟିରେ ବିଜୟୀ ହୋଇଛି। ନିରପେକ୍ଷ କେନ୍ଦ୍ରରେ ୩୫ଟି ମ୍ୟାଚ୍ ଖେଳାଯାଇଛି। ଏହା ମଧ୍ୟରୁ ଭାରତ ୧୭ ଓ ନ୍ୟୁଜିଲାଣ୍ଡ ୧୬ଟି ମ୍ୟାଚ୍‌ରେ ଜିତିଛି।

ଟିମ୍ ଇଣ୍ଡିଆ : ଶୁବମନ ଗିଲ୍ (ଅଧିନାୟକ), ଶ୍ରେୟସ ଆୟର (ଉପଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଲୋକେଶ ରାହୁଲ ଓ ଇଶାନ କିଶାନ (ଉଭୟ ୱିକେଟରକ୍ଷକ), ଋତୁରାଜ ଗାଏକ୍ୱାଡ୍, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ନମନ ଧୀର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ, ଗୁରନୁର ବ୍ରାର, ଆକ୍ୱିବ ନବି ଓ ଅଂଶୁଲ କାମ୍ବୋଜ।

ଟିମ୍ ନ୍ୟୁଜିଲାଣ୍ଡ: ମିଚେଲ ସାଣ୍ଟନର (ଅଧିନାୟକ), ଡେଭନ କନୱେ, ୱିଲ ୟଙ୍ଗ, ଟମ୍ ଲାଥମ ଓ ଟିମ୍ ସେଇଫର୍ଟ (ୱିକେଟରକ୍ଷକ), ହେନରୀ ନିକୋଲସ, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ମାଇକେଲ ବ୍ରେସ୍‌ୱେଲ, ଜ୍ୟାକବ ଡଫି, କାଏଲ ଜାମିସନ, ମ୍ୟାଟ ହେନରୀ, ନାଥାନ ସ୍ମିଥ୍, ମାଥ୍ୟୁ ଫିଶର ଓ ବ୍ଲେୟାର ଟିକ୍‌ନର।

ପ୍ରଥମ ଦିନିକିଆ

ଭେନ୍ୟୁ: ଇଡେନ୍ ପାର୍କ, ଅକ୍ଲାଣ୍ଡ

ଖେଳ ଆରମ୍ଭ: ସକାଳ ୭ଟା ୩୦

ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

ଲାଇଭ୍ ଷ୍ଟ୍ରିମିଂ: ସୋନି ଲାଇଭ୍

● ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ଡ୍ର

ଜୟସ୍ୱାଲ, ରାଠୋଡଙ୍କ ଅପରାଜିତ ଶତକ

ଖ୍ରୀଷ୍ଟଚର୍ଚ୍ଚ,୩।୧୧(ଏଜେନ୍ସି): ଭାରତ-ଏ' ଏବଂ ନ୍ୟୁଜିଲାଣ୍ଡ-ଏ' ମଧ୍ୟରେ ଏଠାରେ ଆଜି ଶେଷ ହୋଇଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ହାରଜିତ ବିନା ଫଇସଲାରେ ଶେଷ ହୋଇଛି। କିନ୍ତୁ କ୍ରମାଗତ ୪ଟି ଇନିଂସରେ ଯଥାକ୍ରମେ ୦, ୧୭, ୫ ଓ ୦ ରନ୍ କରିଥିବା ଓପନର ଯଶସ୍ୱୀ ଜୟସ୍ୱାଲ ଅପରାଜିତ ୧୫୫ ରନ୍ କରିବା ସହ ଫର୍ମକୁ ଫେରିବାର ସୂଚନା ଦେଇଛନ୍ତି। ତାଙ୍କ ସହ ସାଥ ଦେଇଥିବା ବିଦର୍ଭର ଯୁବ ଖେଳାଳି ଯଶ୍ ରାଠୋଡ ମଧ୍ୟ ଅପରାଜିତ ୧୦୦ ରନ୍ କରି ଅନ୍ତର୍ଜାତୀୟ ସ୍ତରରେ ତାଙ୍କ ଉପସ୍ଥିତି ଜାହିର କରିଛନ୍ତି। ଏହି ମ୍ୟାଚ୍‌ରେ ଅଧିନାୟକ ଧ୍ରୁବ ଜୁରେଲ ୧୦୫ ଓ ଦେବଦତ୍ତ ପାଡିକଲଙ୍କ ୮୦ ରନ୍ ସହାୟତାରେ ପ୍ରଥମ ଇନିଂସରେ ଭାରତ ୩୪୬ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ-ଏ' ୪୨୪ ରନ୍ କରିବା ସହ ୭୮ ରନ୍‌ର ଅଗ୍ରଣୀ ନେଇଥିଲା। ମୁକେଶ କୁମାର ୫ଟି ଓ ମହମ୍ମଦ୍ ସିରାଜ ୪ଟି ୱିକେଟ ନେଇଥିଲେ ମଧ୍ୟ ଭାରତକୁ ଇନିଂସ ଅଗ୍ରଣୀ କରାଇ ପାରି ନ ଥିଲେ। ପରେ ଜୟସ୍ୱାଲ ୧୫୫ ଓ ରାଠୋଡ ୧୦୦ ରନ୍‌ରେ ଅପରାଜିତ ରହିବା ଫଳରେ ଚତୁର୍ଥ ଦିନ ଖେଳ ଶେଷ ବେଳକୁ ଭାରତ ଦ୍ୱିତୀୟ ଇନିଂସରେ ୨ ୱିକେଟରେ ୨୮୨ ରନ୍ କରି ଖେଳକୁ ଅମୀମାଂସିତ ରଖିଥିଲା। ଦୁଇ ଦେଶ ମଧ୍ୟରେ ତୃତୀୟ ତଥା ଶେଷ ଅନ୍‌ଅଫିସିଆଲ ଟେଷ୍ଟ ନଭେମ୍ବର ୭ରୁ ଲିନକନରେ ଖେଳାଯିବ।

● ବିସିସିଆଇ ସିନିଅର ମହିଳା ଟି-୨୦ରେ ବିଶ୍ୱରେକର୍ଡ

୧୪ ବଲ୍‌ରେ ପ୍ରେମାଙ୍କ ଅର୍ଦ୍ଧଶତକ



ପୁଣେ, ୩।୧୧ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ସିନିଅର ମହିଳା ଟି-୨୦ରେ ମଙ୍ଗଳବାର ଏକ ବିଶ୍ୱରେକର୍ଡ ପାଳି ଦେଖିବାକୁ ମିଳିଛି। ହାଇଦରାବାଦ୍ ବିପକ୍ଷ ମ୍ୟାଚରେ ଉତ୍ତରାଖଣ୍ଡର ଅଲରାଉଣ୍ଡର ପ୍ରେମା ରାୱତ ୧୪ ବଲରେ ଅର୍ଦ୍ଧଶତକ ହାସଲ କରି ବିଶ୍ୱରେକର୍ଡ କରିଛନ୍ତି। ୨୪ ବର୍ଷୀୟା ପ୍ରେମା ଏହି ପାଳିରେ ୬ଟି ଚୌକା ଓ ଚାରୋଟି ଛକା ମାରିଥିଲେ। ତାଙ୍କ ଷ୍ଟ୍ରାଇକରେଟ୍ ୩୫୭.୧୪ ରହିଥିଲା। ମହିଳା ଟି-୨୦ କ୍ରିକେଟ୍ ଇତିହାସରେ ଏହା ଦ୍ରୁତତମ ଅର୍ଦ୍ଧଶତକୀୟ ପାଳି ହେବାର ବିଶ୍ୱରେକର୍ଡ ହୋଇଛି। ଏଥିପୂର୍ବରୁ କାଉଣ୍ଟି କ୍ଲବ ୟର୍କଶାୟରର ମାରିଏଭ କେଲି (୨୦୨୨), ଓଟାଗୋ ଓ ସରେ ଦଳ ପକ୍ଷରୁ ଖେଳି ଲୌରା ହାରିସ (୨୦୨୫ ଓ ୨୦୨୬) ଓ ପାକିସ୍ତାନର ଫାତିମା ସାନା (୨୦୨୬) ୧୫ଟି ଲେଖାଏ ବଲ୍‌ରେ ଅର୍ଦ୍ଧଶତକ ହାସଲ କରି ମିଳିତ ଭାବେ ରେକର୍ଡର ଅଧିକାରୀ ରହିଥିଲେ। ପ୍ରେମା ଏବେ ଏହି ୩ଜଣଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରେମାଙ୍କ ଏହି ପାଳି ବଳରେ ଉତ୍ତରାଖଣ୍ଡ ୮୯ ରନରେ ହାଇଦରାବାଦ୍‌କୁ ପରାସ୍ତ କରିଥିଲା।

ଚାରି ବର୍ଷରେ ସିନ୍ଧୁଙ୍କୁ ଶ୍ରେଷ୍ଠ ମାନ୍ୟତା



କ୍ୱାଲାଲମ୍ପୁର, ୩।୧୧ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ସଦ୍ୟପ୍ରକାଶିତ ବିଶ୍ୱ ବ୍ୟାଡ୍‌ମିଣ୍ଟନ ର୍‍ୟାଙ୍କିଂରେ ଷଷ୍ଠ ସ୍ଥାନକୁ ଉଠିଛନ୍ତି। ରବିବାର ହାଇଲୋ ଓପନ୍ ଟ୍ରଫି ଜିତିବା ପରେ ସିନ୍ଧୁ ମାନ୍ୟତାରେ ୮ମରୁ ଦୁଇଟି ସ୍ଥାନ ଉପରକୁ ଲମ୍ଫ ପ୍ରଦାନ କରିଥିଲେ। ଫଳରେ ଗତ ୪ ବର୍ଷ ମଧ୍ୟରେ ସିନ୍ଧୁଙ୍କ ଏହା ଶ୍ରେଷ୍ଠ ବିଡବ୍ଲ୍ୟୁଏଫ୍ ମାନ୍ୟତା ହୋଇଛି। ଏଥିପୂର୍ବରୁ ସିନ୍ଧୁ ୨୦୨୨ ଡିସେମ୍ବରରେ ପ୍ରକାଶିତ ର୍‍ୟାଙ୍କିଂରେ ୬ଷ୍ଠ ସ୍ଥାନରେ ରହିଥିଲେ। ୩୧ ବର୍ଷୀୟା ସିନ୍ଧୁ ଚଳିତ ବର୍ଷ ୧୭ଟି ଟୁର୍ଣ୍ଣାମେଣ୍ଟ ଖେଳିସାରି ମୋଟ୍ ୭୪,୪୨୧ ରେଟିଂ ପଏଣ୍ଟ ପାଇଛନ୍ତି। ଦକ୍ଷିଣ କୋରିଆର ଆନ୍ ସି ୟଙ୍ଗ ତାଲିକାର ଏକ ନମ୍ବର ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସରେ ଭାରତର ଲକ୍ଷ୍ୟ ସେନ ୧୪ରୁ ୧୩ତମ ସ୍ଥାନକୁ ଉଠିଛନ୍ତି। ଲକ୍ଷ୍ୟ ମଧ୍ୟ ରବିବାର ଶେଷ ହୋଇଥିବା ହାଇଲୋ ଓପନରେ ଟାଇଟଲ୍ ଜିତିଥିଲେ।

ଓମ୍କାର ମହାନ୍ତିଙ୍କୁ ୬ ୱିକେଟ

ବେଙ୍ଗଲ ୨୪୩ରେ ଅଲଆଉଟ୍





ଭୁବନେଶ୍ୱର,୩।୧୧(ସମିସ): ପେସ୍ ବୋଲର ଓମ୍କାର ମହାନ୍ତି ଓ ଅଭିଷେକ ସିଂଙ୍କ ସୁନ୍ଦର ବୋଲିଂ ବଳରେ କଲ୍ୟାଣୀରେ ମଙ୍ଗଳବାର ଆରମ୍ଭ ହୋଇଥିବା ଓଡ଼ିଶା ବିପକ୍ଷ ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ପ୍ରଥମେ ବ୍ୟାଟିଂ କରି ବେଙ୍ଗଲ ୨୪୩ ରନ୍‌ରେ ଅଲଆଉଟ ହୋଇଯାଇଛି। ଘରୋଇ ଦଳ ପକ୍ଷରୁ ଅଙ୍କିତ ଚାଟାର୍ଜୀ ଶତକ ହାସଲ କରିବା ସହ ୧୨୧ ବଲ୍‌ରୁ ୧୩ ଚୌକା ଓ ୭ ଛକା ସହ ସର୍ବାଧିକ ୧୩୬ ରନ୍ କରିଥିଲେ। ଆଦିତ୍ୟ ରୟଙ୍କ ଅପରାଜିତ ୩୪ ରନ୍ ଦ୍ୱିତୀୟ ଟପ୍ ସ୍କୋରର ହୋଇଥିଲା। ଓଡ଼ିଶାର ଓମ୍କାର ୬୬ ରନ୍‌ରେ ୬ ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା ପାଇଥିଲେ। ଅଭିଷେକ ୩ଟି ୱିକେଟ ନେଇ ଉପଯୁକ୍ତ ସହାୟତା ଯୋଗାଇଥିଲେ। ୩ଟି ମ୍ୟାଚ୍‌ରେ ୨ଟି ବିଜୟ ହାସଲ କରିଥିବା ଓଡ଼ିଶା ପ୍ରଥମ ଦିନ ଖେଳ ଶେଷ ବେଳକୁ ପ୍ରଥମ ଇନିଂସରେ ୭ ଓଭର ଖେଳି ବିନା ୱିକେଟରେ ୧୨ ରନ୍ କରିନେଇଛି।

ଜାତୀୟ ଜୁନିଅର ଉଷୁରେ ଓଡ଼ିଶାକୁ ୯ ପଦକ



ଭୁବନେଶ୍ୱର, ୩।୧୧ (ସମିସ): ଚେନ୍ନଇରେ ଶେଷ ହୋଇଥିବା ୨୫ତମ ଜାତୀୟ ଜୁନିଅର ଉଷୁ ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ ୯ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୨ଟି ରୌପ୍ୟ ଓ ୭ଟି କାଂସ୍ୟ ପଦକ ରହିଛି। ସୋନାକ୍ଷୀ ମହାନ୍ତି ଓ ସଙ୍କେତ ଭୂୟାଁ ରୌପ୍ୟ ପଦକ ଜିତିଥିଲେ। ସେହିଭଳି ସାଧନା ମାଝୀ, ଦିବ୍ୟଜ୍ୟୋତି ବେହେରା, ଆଦର୍ଶ ପ୍ରଧାନ, ଆଦିତ୍ୟ ସିଂ, ଆଦିତି ମିଶ୍ର, ଉନ୍ନତି ପ୍ରସାଦ ଓ ରମେଶ ମୁଣ୍ଡାଙ୍କୁ କାଂସ୍ୟ ପଦକ ମିଳିଛି। ଏହି ଚାମ୍ପିଅନସିପ୍‌ରେ ୬ଜଣିଆ ଅଫିସିଆଲ ସହ ମୋଟ୍ ୩୪ ଜଣିଆ ଓଡ଼ିଶା ଦଳ ଅଂଶଗ୍ରହଣ କରିଥିଲା। ପ୍ରଦ୍ୟୁମ୍ନ ବେହେରା ଓ ସୁଶାନ୍ତ ନାଏକ ଜଜ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ସଫଳତା ଲାଗି ରାଜ୍ୟ ଉଷୁ ସଂଘ ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁମୋହନ ମହାନ୍ତି, ସମ୍ପାଦକ ଯୁବରାଜ ହରିଚନ୍ଦନ ପ୍ରମୁଖ ପଦକ ବିଜୟୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଧକ୍କା ଖାଇବାର ଦିନକ ପରେ ଫୁଟବଲରଙ୍କ ପରଲୋକ

ମାଦ୍ରିଦ, ୩।୧୧ (ଏଜେନ୍ସି): ସ୍ପେନର ଦ୍ୱିତୀୟ ଡିଭିଜନ ଫୁଟବଲ୍ ଲିଗ୍‌ରେ ଏକ ବଡ଼ ଅଘଟଣ ଘଟିଛି। ମ୍ୟାଚ୍ ସମୟରେ ଗୁରୁତର ଆଘାତ ପାଇବା ପରେ ଟେନେରିଫ୍ କ୍ଲବର ୩୦ ବର୍ଷୀୟ ଷ୍ଟ୍ରାଇକର ଜେସସ୍ ମିଗୁଏଲଙ୍କ ପରଲୋକ ଘଟିଛି। ସୋମବାର 'ଏଫ୍‌ସି ଆଣ୍ଡୋରା' ବିପକ୍ଷ ମ୍ୟାଚରେ ଗୋଲକିପର ଜେସସ୍ ଓୱୋନୋଙ୍କ ସହ ଜୋରଦାର ଧକ୍କା ହେବା ଫଳରେ ମିଗୁଏଲ୍‌ଙ୍କ ମୁଣ୍ଡ ଓ ଛାତିରେ ଗୁରୁତର ଆଘାତ ଲାଗିଥିଲା। ପଡ଼ିଆରେ ଅଚେତ ଅବସ୍ଥାରେ ପଡ଼ି ରହିଥିବା ମିଗୁଏଲଙ୍କୁ ଡାକ୍ତରୀ ଦଳ ତୁରନ୍ତ ପ୍ରାଥମିକ ଚିକିତ୍ସା ଯୋଗାଇଥିଲେ।

ଓଡ଼ିଶା ରାଜ୍ୟ ବରିଷ୍ଠ ମହିଳା ଚେସ୍

ଅନିଶାଙ୍କ ସହ ୩ ଅଗ୍ରଣୀ



ଭୁବନେଶ୍ୱର, ୩।୧୧ (ସମିସ): ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଜଗତସିଂହପୁର ଜିଲ୍ଲା ଚେସ୍ ସଂଘ ଦ୍ୱାରା ଆୟୋଜିତ ଓଡ଼ିଶା ରାଜ୍ୟ ସିନିଅର ମହିଳା ଫିଡେ ଚେସ୍ ଚାମ୍ପିଅନସିପ୍‌ର ଦ୍ୱିତୀୟ ଦିବସ ଖେଳ ମଙ୍ଗଳବାର ଶେଷ ହୋଇଛି। ଚତୁର୍ଥ ରାଉଣ୍ଡ ଶେଷ ସୁଦ୍ଧା ପୁରୀର ଅନିଶା ମିଶ୍ର ଏବଂ ଖୋର୍ଦ୍ଧାର ନେନିକା ସାହୁ ଓ ଶ୍ରଦ୍ଧା ଭାଗ୍ୟ କମାନି ୪ ପଏଣ୍ଟ ସହ ମିଳିତ ଅଗ୍ରଣୀ ରହିଛନ୍ତି। ଅନିଶା ୪୫ଟି ଚାଲରେ ଗଞ୍ଜାମର ସ୍ନେହାଯୁକ୍ତ ବେହେରାଙ୍କୁ, ନୈନିକା କଡ଼ା ସଂଘର୍ଷପୂର୍ଣ୍ଣ ଲଢ଼େଇ ପରେ ୮୦ ଚାଲରେ ଶ୍ରଦ୍ଧା ସ୍ମରଣିକା ନନ୍ଦଙ୍କୁ ହରାଇଥିଲେ।

ମ୍ୟାକ୍ସୱେଲଙ୍କ ଏମ୍‌ସିଜି ଅବସୋସ

ମେଲବୋର୍ଣ୍ଣ, ୩।୧୧ (ଏଜେନ୍ସି): ଅଷ୍ଟ୍ରେଲିଆର ବିସ୍ଫୋରକ ବ୍ୟାଟର୍ ଗ୍ଲେନ ମ୍ୟାକ୍ସୱେଲ ଅନ୍ତର୍ଜାତୀୟ କ୍ରିକେଟକୁ ଅଲ୍‌ବିଦା କହିଛନ୍ତି। ୩୮ ବର୍ଷୀୟ ମ୍ୟାକ୍ସୱେଲ ଗତବର୍ଷ ଜୁନରେ ଦିନିକିଆ କ୍ରିକେଟ୍‌ରୁ ଅବସର ନେଇଥିଲେ। ଏବେ ଟି-୨୦ ସମେତ ପ୍ରଥମଶ୍ରେଣୀ ଓ ଲିଷ୍ଟ-ଏ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଛନ୍ତି। ତେବେ ପ୍ରଶଂସକମାନଙ୍କ ପାଇଁ ଭଲ ଖବର ଯେ ମ୍ୟାକ୍ସୱେଲ ଫ୍ରାଞ୍ଚାଇଜ୍‌ଭିତ୍ତିକ ଟି-୨୦ କ୍ରିକେଟ ଖେଳିବା ଜାରି ରଖିବେ। ଡିସେମ୍ବର ୧୨ରୁ ଆରମ୍ଭ ହେବାକୁ ଥିବା ବିଗ୍ ବାସ୍ ଲିଗ୍ (ବିବିଏଲ୍) ରେ ସେ ମେଲବୋର୍ଣ୍ଣ ଷ୍ଟାର୍ସ ପକ୍ଷରୁ ଖେଳିବେ ବୋଲି ନିଶ୍ଚିତ କରିଛନ୍ତି। ତେବେ ଅବସର ଘୋଷଣା ଅବସରରେ ମ୍ୟାକ୍ସୱେଲ ତାଙ୍କର ରହିଯାଇଥିବା ଏକ ବଡ଼ ଅବସୋସ ବିଷୟରେ ପ୍ରକାଶ କରିଛନ୍ତି। ମ୍ୟାକ୍ସୱେଲ ତାଙ୍କର ବିଦାୟୀ ମ୍ୟାଚ୍ ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡ (ଏମସିଜି)ରେ ଖେଳିବାକୁ ଚାହୁଁଥିଲେ ବୋଲି କହିଛନ୍ତି। "ଏମସିଜିରେ ଏକ ବିଦାୟ ମ୍ୟାଚ୍ ପାଇବା ପାଇଁ ଛୋଟ ଆଶା ଥିଲା।

କିଟ୍‌ରେ ଓଡ଼ିଶା ବିପକ୍ଷ ରଣଜୀ ଏଲିଟ୍ ମୁକାବିଲା

ଆଦିତ୍ୟ, ଅନୁକୂଳଙ୍କ ଦମ୍‌ଦାର ବ୍ୟାଟିଂ

ଭୁବନେଶ୍ୱର,୩।୧୧(ସମିସ)

ଆଦିତ୍ୟ ଚନ୍ଦ୍ରେଶ ସିଂ ଓ ଅନୁକୂଳ ରୟଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ଚାଲିଥିବା ଓଡ଼ିଶା ବିପକ୍ଷ ରଣଜୀ ଏଲିଟ ମୁକାବିଲାରେ ଝାଡଖଣ୍ଡ ଏକ ବଡ଼ ସ୍କୋର ଅଭିମୁଖେ ଅଗ୍ରସର ହୋଇଛି। ଏହି ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନରେ ଆଦିତ୍ୟଙ୍କ ଅପରାଜିତ ୯୪ ରନ୍ ଓ ଅନୁକୂଳଙ୍କ ୮୯ ରନ୍ ସହାୟତାରେ ଷ୍ଟମ୍ପ ଅପସାରଣ ବେଳକୁ ଝାଡ଼ଖଣ୍ଡ ପ୍ରଥମ ଇନିଂସରେ ୫ ୱିକେଟ ହରାଇ ୨୫୮ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଆଦିତ୍ୟଙ୍କ ସହ ୱିକେଟରକ୍ଷକ ରବିନ ମିଞ୍ଜ୍ ୧୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଗତକାଲି ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ ହୋଇଥିଲା। କିନ୍ତୁ ଝାଡ଼ଖଣ୍ଡ ଟସ୍ ହାରି ୨୫ ଓଭରରେ ୩



ୱିକେଟ ହରାଇ ୩୭ ରନ୍ କରିଥିଲାବେଳେ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ଆଜି ଦ୍ୱିତୀୟଦିନ ଖେଳରେ ଆଦିତ୍ୟ ଓ ଅଧିନାୟକ ବିରାଟ ସିଂ ଚତୁର୍ଥ ୱିକେଟରୁ ୨୨୮ ବଲ୍‌ର ସାମ୍ନା କରି ୬୩ ରନ୍ ଉଠାଇବା ସହ ଘରୋଇ ଓଡ଼ିଶା ଦଳର ବୋଲରଙ୍କୁ ନିରାଶ କରିଥିଲେ। ବିରାଟ ୧୪୩ବଲ୍‌ରୁ ୩୯ ରନ୍ କରି ଆଉଟ ହୋଇଥିଲେ। ଏହି ସମୟରେ ଆଦିତ୍ୟଙ୍କ ସହ ଅନୁକୂଳ ଯୋଗଦେଇ ବେଶ ଦୃଢ଼ତାର ସହ ବ୍ୟାଟିଂ କରିଥିଲେ। ପିଚ୍ ଶୁଷ୍କ ହୋଇଯିବା ପରେ ଏମାନେ ୫ମ ୱିକେଟ ପାର୍ଟନରସିପ୍‌ରେ ୨୮୪ ବଲ୍ ଖେଳି ୧୫୫ ରନ୍ ଉଠାଇବା ସହ ନିଜ ଦଳକୁ ଭଲ ସ୍ଥିତିରେ ପହଞ୍ଚାଇଥିଲେ। ଅନୁକୂଳ ୧୪୦ ବଲ୍ ଖେଳି ୭ ଚୌକା ଓ ୨ଛକା ସହ ୮୯ରନ୍ କରିଥିଲାବେଳେ ବାଦଲ ବିଶ୍ୱାଳ ତାଙ୍କୁ ଆଉଟ କରି ଏହି ଯୋଡି ଭାଙ୍ଗିଦେଇଥିଲେ। କିନ୍ତୁ ଶେଷଯାଏ ଆଦିତ୍ୟ ତିଷ୍ଠି ରହିବା ସହ ୨୮୩ ବଲ୍‌ର ମାରାଥନ ଇନିଂସ ଖେଳି ୮ ଚୌକା ସହ ୯୪ ରନ୍‌ରେ ଅପରାଜିତ ରହିଥିଲେ। ଝାଡଖଣ୍ଡ ଆଜି ୮୩ ଓଭର ଖେଳି ୨୨୧ ରନ କରିଥିଲାବେଳେ ମାତ୍ର ୨ ୱିକେଟ ହରାଇଛି। ଗତକାଲି ରାଜେଶ ମହାନ୍ତି ୨ଟି ୱିକେଟ ନେଇଥିଲାବେଳେ ଜଣେ ରନ୍‌ଆଉଟ ହୋଇଥିଲେ। ଆଜି ନିନାଦ ରାଠୱା ଓ ବାଦଲ ବିଶ୍ୱାଳ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

୨୩ ବର୍ଷରୁ କମ୍ ମହିଳା ଟି-୨୦

ଅଲିସ୍ୱାଙ୍କୁ ଓଡ଼ିଶାର ନେତୃତ୍ୱ

ଭୁବନେଶ୍ୱର,୩।୧୧(ସମିସ):ଟପ୍ ଅର୍ଡର ବାମହାତୀ ବ୍ୟାଟର ଅଲିସ୍ୱା ବିଶ୍ୱାଳ ଚଳିତବର୍ଷ ୨୩ ବର୍ଷରୁ କମ୍ ମହିଳା ସର୍ବଭାରତୀୟ ଟି-୨୦ କ୍ରିକେଟରେ



ଓଡ଼ିଶାର ନେତୃତ୍ୱ ନେବେ। ପୂର୍ବରୁ ତାଙ୍କର ଏହି ଫର୍ମାଟରେ ନେତୃତ୍ୱ ନେବାର ଅଭିଜ୍ଞତା ରହିଛି। ଏହି ଟୁର୍ଣ୍ଣାମେଣ୍ଟ ଲାଗି ହେଡ୍ କୋଚ୍ ସ୍ୱାଗତିକା ରଥ ଓ ଚିଫ୍ ସିଲେକ୍ଟର ରଶ୍ମିତା ମହାନ୍ତି ଏକ ୧୭ ଜଣିଆ ଦଳ ଘୋଷଣା କରିଛନ୍ତି। ରାଜକୋଟରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ୧୪ ତାରିଖରେ ହିମାଚଳ, ୧୫ରେ ଆସାମ, ୧୭ରେ ମୁମ୍ବଇ, ୧୯ରେ ଆନ୍ଧ୍ର ଓ ୨୧ରେ ତ୍ରିପୁରା ସହ ଖେଳିବ। ଏହି ଦଳର ଅଧିନାୟିକା ଅଲିସ୍ୱା ଓ ହେଡ୍ କୋଚ୍ ସ୍ୱାଗତିକା ଉଭୟ ଯାଜପୁର ଜିଲ୍ଲା କ୍ରିକେଟ ସଂଘର ପ୍ରତିନିଧିତ୍ୱ କରୁଛନ୍ତି।

ଘୋଷିତ ଦଳ: ଅଲିସ୍ୱା ବିଶ୍ୱାଳ (ଅଧିନାୟିକା), ଅନନ୍ୟା ମିଶ୍ର, ଆଞ୍ଜେଲ ରାଜ ଓ ଦିବ୍ୟା ରାଉତରାୟ, ଅଙ୍କିତା ଗିରି, ଜ୍ୟୋତି କୁମାରୀ ପ୍ରସାଦ, କାଳାଂଶି ଧିତ୍ୟ, ଲକ୍ଷ୍ମୀ ଯାଦବ, ପ୍ରିୟଙ୍କରୀ ମୁଦୁଲି, ଏସ୍‌ବି ଲରେନ୍ସ, ସାଇ କ୍ରିପା, ଶାରଦା ମହାନନ୍ଦ, ଶ୍ରେୟା ପ୍ରିୟଦର୍ଶିନୀ, ସୁଚିସ୍ମିତା ପଣ୍ଡା, ସୁଲଗ୍ନା ନାୟକ, ତନ୍ମୟୀ ବେହେରା ଓ ମିତାଲି ଶର୍ମା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY